# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ମେ ୧୨/୨୦୨୧ (୧୨ ପୃଷ୍ଠା) | Sambalpur, Wednesday, May 12/2021 | ★★

୧୭ଶ ଭାଗ ୧୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ସୋନୁ ହୁଅନ୍ତୁ ପ୍ରଧାନମନ୍ତ୍ରୀ**

କରୋନା ସମୟରେ ଲୋକଙ୍କୁ ଅବିରତ ସାହାଯ୍ୟ କରୁଥିବା ଅଭିନେତା ସୋନୁ ସୁଦଙ୍କୁ ଦେଶର ପ୍ରଧାନମନ୍ତ୍ରୀ କରାଯାଉ ବୋଲି କହିଛନ୍ତି ଅଭିନେତ୍ରୀ ରାକ୍ଷୀ ସାୱନ୍ତ। ୧୦

୧୨ **ଅଧିନାୟକ ଦୌଡ଼ରେ ଧାୱନ**

ଜୁଲାଇରେ ଶ୍ରୀଲଙ୍କା ବିପକ୍ଷ ହ୍ୱାଇଟ-ବଲ୍ କ୍ରିକେଟ ଟୁର୍ ପାଇଁ ଅଧିନାୟକ ଦୌଡ଼ରେ ଶିଖର ଧାୱନ ରହିଛନ୍ତି।






# ଦାହ କରିପାରୁ ନାହାନ୍ତି

## ଗଙ୍ଗାରେ ଭାସୁଛି ଶତାଧିକ ମୃତଦେହ

- ବିହାର ପରେ ଉତ୍ତରପ୍ରଦେଶରେ ଆତଙ୍କ
- ସରକାରୀ ବିଫଳତାକୁ ପଦାରେ ପକାଇଛି ସୋସିଆଲ ମିଡିଆ

ନୂଆଦିଲ୍ଲୀ/ପାଟନା,୧୧।୫

ଯେତେ ଲୁଚାଇଲେ ବି ଲୁଚୁନାହିଁ ସତ। ହସ୍ପିଟାଲରେ ଅକ୍ସିଜେନ ଓ ଅନ୍ୟ ଜରୁରୀ ସେବା ନ ପାଇ କରୋନା ରୋଗୀ ମରୁଛନ୍ତି। ଶ୍ମଶାନରେ ଶବ ଦାହ କରିବାକୁ ବି ଜାଗା ନାହିଁ। ମୃତଦେହ ସତ୍କାର କରି କରି ଥକିପଡ଼ିଲେଣି। ତେଣୁ ଏବେ ସେଗୁଡ଼ିକୁ ନଈକୁ ଫିଙ୍ଗିଦେଉଛନ୍ତି। ଏଥିଯୋଗୁ ଗଙ୍ଗାରେ ଭାସୁଛି ଶତାଧିକ କରୋନା ସଂକ୍ରମିତଙ୍କ ମୃତଦେହ। ବିହାରର ବକ୍ସାର ଜିଲା ଗଙ୍ଗାନଦୀ କୂଳରେ ଶତାଧିକ ମୃତଦେହ ଭାସିବାର ଦିନକ ପରେ ଅନୁରୂପ ଦୃଶ୍ୟ ଦେଖିବାକୁ ମିଳିଛି ଉତ୍ତରପ୍ରଦେଶ(ୟୁପି)ର ଗାଜିପୁର ଗଙ୍ଗାଘାଟରେ। ଲଗାତର ଦ୍ୱିତୀୟ ଦିନ ଧରି ଏଭଳି ଦୃଶ୍ୟ ସମଗ୍ର ଉତ୍ତର ଭାରତରେ ଆତଙ୍କ ଖେଳାଇ ଦେଇଛି। ବିଶେଷକରି ସ୍ୱାସ୍ଥ୍ୟସେବା ଅପହଞ୍ଚ ଗ୍ରାମାଞ୍ଚଳରେ ଚିକିତ୍ସା ସୁବିଧା ନ ପାଇ ରୋଗୀ ପ୍ରାଣ ହରାଉଥିବାବେଳେ ମୃତ୍ୟୁସଂଖ୍ୟା ଲୁଚାଇବା ପାଇଁ ଏହା ଏକ ବିଧିବଦ୍ଧ ଚକ୍ରାନ୍ତ ବୋଲି କୁହାଯାଉଛି।

ବିହାରର ବକ୍ସାର ଜିଲା ଚଉସା ଗ୍ରାମସ୍ଥିତ ଏକ ଶ୍ମଶାନ ଘାଟ ନିକଟରେ ସୋମବାର ବହୁ ସଂଖ୍ୟକ ପଚାଶଢ଼ା ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ସେଗୁଡ଼ିକ ୟୁପିରୁ ଭାସିଆସିଥିବା କୁହାଯାଇଥିଲା। ମଙ୍ଗଳବାର ଆମ୍ବୁଲାନ୍ସରେ ମୃତଦେହଗୁଡ଼ିକୁ ଆଣି ସେଠାରୁ ୫୫ କି.ମି. ଦୂର ଗାଜିପୁରସ୍ଥିତ ଗଙ୍ଗା ଘାଟରେ ଫିଙ୍ଗି ଦିଆଯାଇଛି। ଆମ୍ବୁଲାନ୍ସ ଡ୍ରାଇଭରମାନେ ମୃତଦେହ ଫିଙ୍ଗୁଥିବା ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିହାର ଓ ୟୁପି ସୀମାରେ ଥିବା ଏକ ବ୍ରିଜ୍ ତଳେ ଭାସମାନ ଶହ ଶହ ମୃତଦେହର ହୃଦୟ ବିଦାରକ ଦୃଶ୍ୟ କୋଭିଡ୍-୧୯ର ମୁକାବିଲାରେ ସରକାରଙ୍କ ଦୁର୍ବଳତାକୁ ପଦାରେ ପକାଇଛି। ରୋଗୀଙ୍କ ମୃତଦେହ ସତ୍କାର କରା ନ ଯାଇ ନଈକୁ ଫିଙ୍ଗାଯିବା ପ୍ରଶାସନର ସମ୍ବେଦନହୀନତାକୁ ଦର୍ଶାଉଛି। ବିହାରର ଭାଜପା ଏମ୍‌ପି ଜନାର୍ଦ୍ଦନ ସିଂ ସିଗ୍ରିୱାଲ କହିଛନ୍ତି, ☞ପୃଷ୍ଠା-୪

# ହତାଦର କଲେ କାର୍ଯ୍ୟାନୁଷ୍ଠାନ

## ଘରୋଇ ହସ୍ପିଟାଲକୁ ସରକାରଙ୍କ ଚେତାବନୀ

**କୋଭିଡ୍ ରୋଗୀଙ୍କ ଚିକିତ୍ସାକୁ ଗୁରୁତ୍ୱ**

**ଅଗ୍ନି ନିରାପତ୍ତା, ଅକ୍ସିଜେନ ମହଜୁଦ୍‌କୁ ୨୪ ଘଣ୍ଟା ତଦାରଖ କରିବାକୁ ନିର୍ଦ୍ଦେଶ**

ଭୁବନେଶ୍ୱର,୧୧।୫(ବ୍ୟୁରୋ)

ଘରୋଇ ହସ୍ପିଟାଲ କୋଭିଡ୍-୧୯ ରୋଗୀମାନଙ୍କୁ କିପରି ବ୍ୟବହାର କରୁଛନ୍ତି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଗାଇଡ୍‌ଲାଇନକୁ ମାନିବାକୁ ସେମାନେ ବାଧ। ଯଦି କୌଣସି କ୍ଷେତ୍ରରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହେଉଛି କିମ୍ବା ରୋଗୀଙ୍କ ଠାରୁ ନିର୍ଦ୍ଧାରିତ ଫି'ଠାରୁ ଅଧିକ ନେଉଛନ୍ତି ତେବେ ସମ୍ପୃକ୍ତ ହସ୍ପିଟାଲ ପରିଚାଳନା କର୍ତ୍ତୃପକ୍ଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ବରିଷ୍ଠ ଅଧିକାରୀ, ଜିଲାପାଳ ଓ ଏସ୍‌ପିମାନଙ୍କୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି।

ମଙ୍ଗଳବାର ବରିଷ୍ଠ ଅଧିକାରୀମାନଙ୍କୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ମାସକ ମଧ୍ୟରେ ରାଜ୍ୟର ଅନେକ ଜିଲାରେ କୋଭିଡ୍ ମହାମାରୀ ସଂକ୍ରମଣ ବଢ଼ିଚାଲିଛି। କୋଭିଡ୍ ଯୋଦ୍ଧା ଏବଂ ଲୋକମାନଙ୍କ ସହଯୋଗରେ ଆମେ ପରିସ୍ଥିତିକୁ ପରିଚାଳନା କରିବାରେ ସକ୍ଷମ ହୋଇପାରିଛୁ। କିନ୍ତୁ ଚ୍ୟାଲେଞ୍ଜ ବହୁତ ବଡ଼ ଏବଂ ଯୁଦ୍ଧ ବହୁତ ଲମ୍ବା।

ସଂକ୍ରମଣକୁ କମାଇବା ପାଇଁ ଦୁଇ ସପ୍ତାହ ଲାଗି ରାଜ୍ୟରେ ଲକ୍‌ଡାଉନ ଘୋଷଣା କରାଯାଇଛି। ଯଦିଓ ଏହା ଠିକ୍ ଭାବେ ଚାଲିଛି ତେବେ କେତେକ ସ୍ଥାନରେ ଏହାକୁ ଆହୁରି କଡ଼ାକଡ଼ି କରିବା ଦରକାର। ଦେଶର ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ହେଉଛି ଏକ ରାଜ୍ୟ ଯେଉଁଠି ଲୋକମାନଙ୍କୁ ମାଗଣାରେ ଟେଷ୍ଟିଂ କରିବା ସହ ରହିବା, ଖାଇବା, ଔଷଧ ଇତ୍ୟାଦି ☞ପୃଷ୍ଠା-୪

# ଗୋଆରେ ୨୬, ତିରୁପତିରେ ୧୩ ମୃତ

## ରୋଗୀଙ୍କୁ ମିଳୁନି କେନ୍ଦ୍ରର ଅକ୍ସିଜେନ

- ଅମ୍ଳଜାନ ନ ପାଇ ମଲେଣି ୨୦୦ରୁ ଊର୍ଦ୍ଧ୍ୱ



ପଣଜୀ/ଅମରାବତୀ,୧୧।୫

ଅକ୍ସିଜେନ ସଙ୍କଟ କେବଳ ଦିଲ୍ଲୀ କି ମୁମ୍ବାଇରେ ସୃଷ୍ଟି ହୋଇନାହିଁ, ବରଂ ସାରା ଦେଶରେ ଏହି ସମସ୍ୟା ଜଟିଳ ରୂପ ଧାରଣ କରିଛି। ଆମେ ବ୍ୟବସ୍ଥା କରୁଛୁ ବୋଲି କେନ୍ଦ୍ର ସରକାର ଯେତେ ସଫେଇ ଦେଲେ ବି ବାସ୍ତବ କ୍ଷେତ୍ରରେ ତାହା ଦେଖିବାକୁ ମିଳୁନାହିଁ। ଏପରି କି ଅକ୍ସିଜେନ ଯୋଗାଣ ସୁନିଶ୍ଚିତ କରିବା ନେଇ ରାଜ୍ୟଗୁଡ଼ିକର ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିସାରିଛନ୍ତି। ସୁପ୍ରିମକୋର୍ଟ ମଧ୍ୟ ଟାସ୍କଫୋର୍ସ ଗଠନ କରିଛନ୍ତି। ହେଲେ ଏହାର ସୁଫଳ ରାଜ୍ୟଗୁଡ଼ିକୁ ମିଳିପାରି ନାହିଁ। ଗୋଆର ଏକ ସରକାରୀ ହସ୍ପିଟାଲରେ ମାତ୍ର ୪ ଘଣ୍ଟା ମଧ୍ୟରେ ୨୬ କରୋନା ରୋଗୀ ଅମ୍ଳଜାନ ନ ପାଇ ପ୍ରାଣ ହରାଇଛନ୍ତି। ସେହିପରି ଆନ୍ଧ୍ରର ତିରୁପତି ହସ୍ପିଟାଲରେ ଅକ୍ସିଜେନ ଟ୍ୟାଙ୍କର ୪୫ ମିନିଟ ବିଳମ୍ବରେ ପହଞ୍ଚିଥିବାବେଳେ ସେଥିଏ ୧୧ ଚିକିତ୍ସାଧୀନ ସଂକ୍ରମିତଙ୍କ ମୃତ୍ୟୁ ଘଟିସାରିଥିଲା। ଏହି ସଂଖ୍ୟା ୧୩ରେ ପହଞ୍ଚିଥିବାବେଳେ ଅନ୍ୟ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି। ଏଇଟା ମାତ୍ର ଦୁଇ ଟ୍ରାଜେଡି। ଜୀବନ ରକ୍ଷାକାରୀ ଔଷଧ, ଇଞ୍ଜେକ୍ସନ ଓ ଅନ୍ୟ ଜରୁରୀ ଉପକରଣ ନ ପାଇ ସବୁବେଳେ କେଉଁଠି ନା କେଉଁଠି ଲୋକେ ପ୍ରାଣ ହରାଉଛନ୍ତି। ନାହିଁ ନାହିଁରେ ନାମକୁ ମାତ୍ର ଚାଲିଛି ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା। ଅଦ୍ୟାବଧି ୨୦୦ରୁ ଊର୍ଦ୍ଧ୍ୱ କୋଭିଡ୍ ରୋଗୀ ଅକ୍ସିଜେନ ନ ପାଇ ବିଭିନ୍ନ ହସ୍ପିଟାଲରେ ଆଖି ବୁଜିସାରିଲେଣି। ଏହା ହିଁ ବୟାନ କରୁଛି ଦେଶରେ କେତେ ନିମ୍ନକୁ ଖସିଯାଇଛି ଲିକ୍ୱିଡ୍ ମେଡିକାଲ୍ ଅକ୍ସିଜେନ(ଏଲ୍‌ଏମ୍‌ଓ)ର ଯୋଗାଣ ସ୍ତର।

ଗୋଆ ମେଡିକାଲ୍ କଲେଜ୍ ଆଣ୍ଡ ହସ୍ପିଟାଲ(ଜିଏମ୍‌ସିଏଚ୍)ରେ ମଙ୍ଗଳବାର ଅକ୍ସିଜେନ ଅଭାବରୁ ୨୬ କୋଭିଡ୍ ରୋଗୀଙ୍କ ମୃତ୍ୟୁ ଘଟିଛି। ରାତି ୨ଟାରୁ ସକାଳ ୬ଟା ମଧ୍ୟରେ ଏହି ସମସ୍ତ ରୋଗୀ ଆଖି ବୁଜିଦେଇଥିବା ଗୋଆ ସ୍ୱାସ୍ଥ୍ୟମନ୍ତ୍ରୀ ବିଶ୍ୱଜିତ୍ ରାଣେ ସ୍ୱୀକାର କରିଛନ୍ତି। କେଉଁ କାରଣରୁ ସେମାନଙ୍କ ମୃତ୍ୟୁ ଘଟିଛି ତାହା ଜାଣିବା ପାଇଁ ହାଇକୋର୍ଟଙ୍କ ଦ୍ୱାରା ତଦନ୍ତ କରାଯାଉ ବୋଲି ରାଣେ ଦାବି କରିଛନ୍ତି। ସୋମବାର ସୁଦ୍ଧା ଉକ୍ତ ☞ପୃଷ୍ଠା-୪

## ପେଟ୍ରୋଲ୨୮, ଡିଜେଲ ୩୩ ପଇସା ମହଙ୍ଗା



ନୂଆଦିଲ୍ଲୀ/ଭୁବନେଶ୍ୱର,୧୧।୫: ୨ଦିନର ବିରତି ପରେ ପୁଣି ଥରେ ତେଲ ଦର ୨ ଦିନ ହେଲା ବୃଦ୍ଧି ପାଉଛି। ମଧ୍ୟପ୍ରଦେଶ, ରାଜସ୍ଥାନ ଓ ମହାରାଷ୍ଟ୍ରର କେତେକ ସ୍ଥାନରେ ପେଟ୍ରୋଲ ମୂଲ୍ୟ ୧୦୦ଟଙ୍କା ଟପିଯାଇଛି। ସେହିଭଳି ଏହିସବୁ ରାଜ୍ୟରେ ଡିଜେଲ ଦର ମଧ୍ୟ ୯୫ ଟଙ୍କା ଉପରେ ରହିଛି। ସେହିପରି ମାଲକାନଗିରି ଜିଲାରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଗଙ୍ଗାରେ ଶବ**

## ଚନ୍ଦନଯାତ୍ରାର ହେବ ସିଧାପ୍ରସାରଣ

### ୧୪୪ ଧାରା ମଧ୍ୟରେ ପାଳନ ହେବ



ପୁରୀ ଅଫିସ,୧୧।୫

ଶ୍ରୀମନ୍ଦିର ବାହାରେ ୧୪୪ ଧାରା ମଧ୍ୟରେ ଚନ୍ଦନଯାତ୍ରା କରିବା ପାଇଁ ମଙ୍ଗଳବାର ଛତିଶାନିଯୋଗ ଭର୍ଚୁଆଲ୍ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୫ ତାରିଖ ଅକ୍ଷୟତୃତୀୟାରେ ଚନ୍ଦନଯାତ୍ରା ସହ ରଥଯାତ୍ରା ପାଇଁ ରଥକାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ପ୍ରଶାସନ ତରଫରୁ ସ୍ୱତନ୍ତ୍ର ଏସ୍‌ଓପି ଜାରି କରାଯାଇଛି। ଚନ୍ଦନଯାତ୍ରାରେ ୫୦ରୁ ୬୫ ଜଣ ସେବାୟତଙ୍କୁ ନେଇ ନୀତିକାନ୍ତି ସମ୍ପାଦିତ ହେବ। ୨୧ଦିନ ଧରି ଚାଲିବାକୁ ଥିବା ଚନ୍ଦନ ଯାତ୍ରା ଶେଷ ନ ହେବା ପର୍ଯ୍ୟନ୍ତ ନରେନ୍ଦ୍ର ପୁଷ୍କରିଣୀ ଚାରିପାଖରେ ୧୪୪ ଧାରା ବଳବତ୍ତର ରହିବ। ବୁଧବାର ସେବାୟତଙ୍କ ଆରଟି-ପିସିଆର୍ କୋଭିଡ୍ ଟେଷ୍ଟିଂ କରାଯିବ। ସଂକ୍ରମିତ ହୋଇ ନ ଥିବା ସେବାୟତଙ୍କୁ ଚନ୍ଦନଯାତ୍ରାରେ ସେବା ଯୋଗାଇବାର ସୁବିଧା ମିଳିବ। ଉକ୍ତ ସେବାୟତଙ୍କୁ ସ୍ୱତନ୍ତ୍ର ପାସ୍ ଦିଆଯିବ। ମହାପ୍ରଭୁଙ୍କର ଏହି ବାହାର ଚନ୍ଦନଯାତ୍ରାରେ ଭକ୍ତମାନେ ଉପସ୍ଥିତ ରହିପାରିବେ ନାହିଁ। ☞ପୃଷ୍ଠା-୪

## ଓଡ଼ିଶାରେ ୭ ଅକ୍ସିଜେନ ପ୍ଲାଣ୍ଟ କରିବ ଡିଆର୍‌ଡିଓ

ଭୁବନେଶ୍ୱର, ୧୧।୫(ବ୍ୟୁରୋ)

ଓଡ଼ିଶାରେ ୭ଟି ଅକ୍ସିଜେନ ପ୍ଲାଣ୍ଟ ହେବ। ଏସବୁ ପ୍ଲାଣ୍ଟ ପ୍ରତିରକ୍ଷା ଗବେଷଣା ବିକାଶ ପ୍ରତିଷ୍ଠାନ(ଡିଆର୍‌ଡିଓ) କରିବ। ବୌଦ୍ଧ, କଟକ, ଭଦ୍ରକ, ଗଜପତି, ଝାରସୁଗୁଡ଼ା, ନୟାଗଡ଼ ଓ କୋରାପୁଟରେ ଏହି ଅକ୍ସିଜେନ ପ୍ଲାଣ୍ଟ ହେବ। ସମସ୍ତ ପ୍ଲାଣ୍ଟ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇସାରିଛି। କଟକର ଆଚାର୍ଯ୍ୟ ହରିହର ରିଜିଓନାଲ କ୍ୟାନ୍‌ସର ରିସର୍ଚ୍ଚ ସେଣ୍ଟର ପରିସରରେ ଗୋଟେ ହେବାକୁ ଥିବାବେଳେ ବାକି ୬ ଜିଲାଗୁଡ଼ିକର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ହେବ। ଏନେଇ ମଙ୍ଗଳବାର ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ(ଏନ୍‌ଏଚ୍‌ଏଆଇ) ଓଡ଼ିଶା ବ୍ରାଞ୍ଚର ଚିଫ୍ ଜେନେରାଲ ମ୍ୟାନେଜର ଆର୍.ପି ପଣ୍ଡା ସୂଚନା ଦେଇଛନ୍ତି। ଅକ୍ସିଜେନ ପ୍ଲାଣ୍ଟର କେବଳ ସିଭିଲ ଓ ଇଲେକ୍ଟ୍ରିକାଲ କାର୍ଯ୍ୟ ଏନ୍‌ଏଚ୍‌ଏଆଇ କରିବ। ବୌଦ୍ଧ ଓ କଟକରେ କାମ ଆରମ୍ଭ ହୋଇସାରିଥିବା ☞ପୃଷ୍ଠା-୪

# ତାଲିମ ପଇସାରେ ବିଦେଶ ଗସ୍ତ

**ଓର୍‌ମାସରେ ବ୍ୟାପକ ହେରଫେର**

ଭୁବନେଶ୍ୱର,୧୧।୫(ଅନିଲ ଦାସ)

ଗାଁଗଣ୍ଡାରେ ରହୁଥିବା ବେକାର ଯୁବତୀଯୁବକ କାମଧନ୍ଦା ନ ପାଇ ଦାଦନ ଖଟିବାକୁ ଯାଉଛନ୍ତି। ଆଉ ଅନେକେ ଘରେ ବସି ରହୁଛନ୍ତି। ସେହି ଯୁବତୀଯୁବକଙ୍କ ହାତକୁ କାମ ଯୋଗାଇ ଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ହେଲେ ସରକାରୀ ଅଧିକାରୀଙ୍କ ବ୍ୟକ୍ତିଗତ ଲାଳସା ଯୋଜନାକୁ ଧୂଳିସାତ କରିଦେଉଛି, ଯାହାର ଏକ ଉଦାହରଣ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା(ଡିଡିୟୁ-ଜିକେୱାଇ)। ଗ୍ରାମାଞ୍ଚଳ ବେକାରୀଙ୍କୁ କୌଶଳ ତାଲିମ୍ ଯୋଗାଇ ଦିଆଯିବା ସହ ସେମାନଙ୍କୁ ମାସିକ ମଜୁରିଭିତ୍ତିକ ଠିକା କାମ ପ୍ରଦାନ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ୨୦୧୪ରେ ଏହି କର୍ମନିଯୁକ୍ତି ଯୋଜନା କରିଥିଲେ। ଏହାକୁ ରାଜ୍ୟ ଜୀବିକା ମିଶନ ଜରିଆରେ ଓଡ଼ିଶା ଗ୍ରାମୀଣ ବିକାଶ ଓ ବିପଣନ ସମିତି(ଓର୍‌ମାସ) ଦ୍ୱାରା କାର୍ଯ୍ୟକାରୀ କରାଯାଉଛି। ହେଲେ ବେକାରଙ୍କୁ ତାଲିମ ଦେବା ବାହାନାରେ ଓର୍‌ମାସର ଅଧ୍ୟକ୍ଷ, ନିର୍ବାହୀ ନିର୍ଦ୍ଦେଶକ ଘରୋଇ ସଂସ୍ଥା ସହ ମିଶି ସରକାରୀ ଅର୍ଥକୁ ହେରଫେର କରିଛନ୍ତି। ଏପରି କି ତାଲିମ ବାହାନାରେ ବିଦେଶ ଭ୍ରମଣ କରିଛନ୍ତି ବୋଲି କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି।

ରିପୋର୍ଟରୁ ଜଣାପଡ଼ିଛି ଯେ, ବେକାର ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦେବା ଏବଂ ସେମାନଙ୍କ ନିଯୁକ୍ତି ସୁନିଶ୍ଚିତ କରିବା ପାଇଁ ଓର୍‌ମାସ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଘରୋଇ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା (ପିପିଆଇଏ)କୁ ନିୟୋଜିତ କରିଥାଏ। ପିଆଇଏକୁ ନିୟୋଜିତ କରିବା ପୂର୍ବରୁ ରାଜ୍ୟ ଜୀବିକା ମିଶନ, ନାବାର୍ଡ ଦ୍ୱାରା ମାନ ନିର୍ଦ୍ଧାରଣ ହେବା ପରେ ପ୍ରକଳ୍ପ ମଞ୍ଜୁରୀ କମିଟି ଦ୍ୱାରା ଅନୁମୋଦନର ବ୍ୟବସ୍ଥା ରହିଛି। ଯେଉଁ ପିଆଇଏକୁ ☞ପୃଷ୍ଠା-୪

## ୧୬ ଜିଲାରେ ହେବ ଆର୍‌ଟି-ପିସିଆର୍ ଟେଷ୍ଟିଂ ଲାବ୍

### ୨୦କୋଟି ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧।୫(ବ୍ୟୁରୋ)

ରାଜ୍ୟର ୧୬ ଜିଲାରେ ଆର୍‌ଟି-ପିସିଆର୍ କୋଭିଡ୍-୧୯ ଟେଷ୍ଟିଂ ଲାବରେଟୋରି ହେବ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ୨୦କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଭଦ୍ରକ, ବୌଦ୍ଧ, ବରଗଡ଼, ଢେଙ୍କାନାଳ, ଗଜପତି, ଜଗତ୍‌ସିଂହପୁର, ଯାଜପୁର, କନ୍ଧମାଳ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ସୋନପୁର, ସୁନ୍ଦରଗଡ଼ ଓ ରାୟଗଡ଼ା ଜିଲାର ସଦର ମହକୁମାରେ ଗୋଟିଏ ଲେଖାଏ ଆର୍‌ଟି-ପିସିଆର୍ ଟେଷ୍ଟିଂ ଲାବରେଟୋରି ପ୍ରତିଷ୍ଠା ହେବ। କରୋନା ସଂକ୍ରମଣକୁ ରୋକିବା ଓ ତୁରନ୍ତ ଚିକିତ୍ସା ଆରମ୍ଭ କରିବାରେ ଏହା ବିଶେଷ ସହାୟକ ହେବ। ତେଣୁ ☞ପୃଷ୍ଠା-୪




## ୩ ଆତଙ୍କବାଦୀ ନିହତ

ଦକ୍ଷିଣ କଶ୍ମୀରର ଅନନ୍ତନାଗ ଜିଲାରେ ମଙ୍ଗଳବାର ଏନ୍‌କାଉଣ୍ଟରରେ ଲଶ୍କର-ଇ-ତୋଇବାର ୩ ଆତଙ୍କବାଦୀ ନିହତ ହୋଇଛନ୍ତି। କୋକେରନାଗର ଭାଇଲୁ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୂଚନା ମିଳିବା ପରେ ଯବାନମାନେ ତଲାସି ଅଭିଯାନ ଚଳାଇଥିଲେ। ଆତଙ୍କବାଦୀମାନେ ସେମାନଙ୍କ ଉପରକୁ ଗୁଳି ଚଳାଇବାରୁ ଯବାନମାନେ ଜବାବୀ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ଚଳିତ ବର୍ଷ ଉପତ୍ୟକାରେ ସେନା କାର୍ଯ୍ୟାନୁଷ୍ଠାନରେ ୪୬ ଆତଙ୍କବାଦୀ ନିହତ ହେଲେଣି।



## ସଂକ୍ଷେପରେ

### ୧୨ରୁ ୧୫ ବର୍ଷ ପିଲାଙ୍କୁ ଫାଇଜର ଟିକା ଦେବ ଆମେରିକା




**ୱାଶିଂଟନ୍, ୧୧।୫:** ଆମେରିକାରେ ପ୍ରଥମ କରି ୧୨ରୁ ୧୫ ବର୍ଷ ବୟସର ପିଲାଙ୍କ ନିମନ୍ତେ ଫାଇଜର୍-ବାୟୋଏନ୍‌ଟେକ୍ ଟିକାର ଜରୁରିକାଳୀନ ବ୍ୟବହାରକୁ ଅନୁମୋଦନ ମିଳିଛି। ଏହି ଟିକା ଦେଶରେ ୧୬ ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗର ଲୋକଙ୍କୁ ମଧ୍ୟ ଦିଆଯାଉଛି। ୧୨ରୁ ୧୫ ବର୍ଷ ବୟସର ପିଲାଙ୍କୁ ଟିକାର ପ୍ରିମିୟର୍ ଏବଂ ବୁଷ୍ଟର୍ ଡୋଜ୍ ଦିଆଯିବ। ନିକଟରେ ୨,୨୬୦ ଜଣଙ୍କ ଉପରେ ଏହି ଟିକାର ଟ୍ରାଏଲ କରାଯାଇଥିବାବେଳେ କେହି କରୋନାରେ ଆକ୍ରାନ୍ତ ହୋଇ ନ ଥିବା ଜଣାଯାଇଛି। ପିଲାମାନଙ୍କୁ କୋଭିଡ୍-୧୯ରୁ ସୁରକ୍ଷିତ ରଖିବା ଏବଂ ମହାମାରୀକୁ ଶେଷ କରି ଶୀଘ୍ର ସ୍ୱାଭାବିକ ଜୀବନ ବଞ୍ଚିବା ନିମନ୍ତେ ଏହି ନିଷ୍ପତ୍ତି ନିଆଯାଇଥିବା ଫୁଡ୍ ଆଣ୍ଡ ଡ୍ରଗ୍ ଆଡମିନିଷ୍ଟ୍ରେଶନ(ଏଫ୍‌ଡିଏ)ର ମୁଖ୍ୟ ଜାନେଟ୍ ଉଡ୍‌କକ୍ କହିଛନ୍ତି। ଫାଇଜର-ବାୟୋଏନ୍‌ଟେକ୍ ଟିକା ଏହି ଜରୁରିକାଳୀନ ବ୍ୟବହାର ନିମନ୍ତେ ସମସ୍ତ ମାନଦଣ୍ଡ ପୂରଣ କରିଥିବା ଆମେରିକା ସ୍ୱାସ୍ଥ୍ୟ ନିୟାମକ ପକ୍ଷରୁ କୁହାଯାଇଛି।

### ପପୁ ଯାଦବ ଗିରଫ

#### ସମାଲୋଚନା କଲେ ମାଞ୍ଝି



**ପାଟନା,୧୧।୫:** ଜନ ଅଧିକାର ପାର୍ଟି (ଜେଏପି) ମୁଖ୍ୟ ପପୁ ଯାଦବଙ୍କୁ ମଙ୍ଗଳବାର କୋଭିଡ୍-୧୯ ନିୟମ ଉଲ୍ଲଂଘନ ମାମଲାରେ ଗିରଫ କରାଯାଇଛି। ପାଟନା ପୋଲିସ ତାଙ୍କୁ ଘରୁ ଗାନ୍ଧୀ ମଇଦାନ ଥାନାକୁ ନେଇଛି। ଏହାକୁ ନେଇ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ୍‌ରାମ ମାଞ୍ଝି ସମାଲୋଚନା କରିବା ସହ ପପୁଙ୍କ ସମର୍ଥନରେ ବାହାରିଛନ୍ତି। କୌଣସି ଜନ ପ୍ରତିନିଧି ଦିନରାତି ଜନତାଙ୍କ ସେବା କରନ୍ତି ଏବଂ ସେଥିପାଇଁ ତାଙ୍କୁ ଗିରଫ କରାଯିବା ମାନବତା ପାଇଁ ବିପଦ। ବିନା ନ୍ୟାୟିକ ତଦନ୍ତରେ କାର୍ଯ୍ୟାନୁଷ୍ଠାନ ଗହଣ କରାଯିବା ଅନୁଚିତ ବୋଲି ମାଞ୍ଝି ଟୁଇଟ୍ କରିଛନ୍ତି।

### ସ୍କୁଲରେ ଗୁଳିକାଣ୍ଡ: ୧୧ ମୃତ

**ମସ୍କୋ, ୧୧।୫:** ରୁଷିଆର କାଜାନ ସହରରେ ଜଣେ ବନ୍ଧୁକଧାରୀ ଏକ ସ୍କୁଲରେ ମଙ୍ଗଳବାର ସକାଳେ ଗୁଳିଚାଳନା କରିଛନ୍ତି। ଏଥିରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଏହାସହ ୭ ଜଣ ଅଷ୍ଟମ ଛାତ୍ରୀଛାତ୍ର, ଜଣେ ଶିକ୍ଷକ ଓ ଅନ୍ୟ ୨୧ ଜଣ ଗୁରୁତର ହୋଇଛନ୍ତି। ଏହାର ଭିଡିଓ ଫୁଟେଜ୍ କ୍ୟାମେରାରେ କଏଦ ହୋଇଛି। ଆତତାୟୀ ଜଣକ ଗୁଳିଚାଳନା କଲାବେଳେ ପିଲାମାନେ ଏଣେତେଣେ ଦୌଡୁଥିବା ଭିଡିଓରେ ଦେଖିବାକୁ ମିଳିଛି। ୧୯ ବର୍ଷୀୟ ଆକ୍ରମଣକାରୀଙ୍କୁ ଗିରଫ କରାଯାଇଛି। ଏହାସହ କାଜାନ୍‌ରେ ଥିବା ସ୍କୁଲଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ା କରାଯାଇଥିବା ସେଠାକାର ସରକାରଙ୍କ ପକ୍ଷରୁ କୁହାଯାଇଛି।

### ଦିନକୁ ୨୦ ଲକ୍ଷ କୋଭିଡ୍ ଟେଷ୍ଟ



**ନୂଆଦିଲ୍ଲୀ, ୧୧।୫:** ଦେଶରେ ଦିନକୁ ୧୮ରୁ ୨୦ ଲକ୍ଷ ଲୋକଙ୍କ କୋଭିଡ୍ ଟେଷ୍ଟ କରାଯାଉଛି ବୋଲି ମଙ୍ଗଳବାର ଇଣ୍ଡିଆନ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ନିର୍ଦ୍ଦେଶକ ଡା. ବଲରାମ ଭାର୍ଗଭ କହିଛନ୍ତି। ମୋଟ ପଜିଟିଭ୍ ହାର ୨୧ ପ୍ରତିଶତ ରହିଛି। ତେବେ ଜାତୀୟ ହାର ତୁଳନାରେ ୪୨ ପ୍ରତିଶତ ଜିଲାରେ ସଂକ୍ରମଣ ହାର ଅଧିକ ରହୁଥିବା ସେ କହିଛନ୍ତି। ଅନେକ ଲାବୋରେଟୋରି କର୍ମଚାରୀ ସଂକ୍ରମିତ ହେବା ସତ୍ତ୍ୱେ ଅଧିକରୁ ଅଧିକ ଟେଷ୍ଟିଂ ଉପରେ ଗୁରୁତ୍ୱ ଦିଆଯାଉଛି। ମେ ୭ ସୁଦ୍ଧା ୩୦ କୋଟିରୁ ଊର୍ଦ୍ଧ୍ୱ ନମୁନା ପରୀକ୍ଷା କରାଯାଇଥିବା ସେ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

# ବିଶ୍ୱକୁ ବିପଦ ଭାରତ ଭାରିଆଣ୍ଟ

## ଉଦ୍‌ବେଗ ପ୍ରକାଶ କଲା ଡବ୍ଲ୍ୟୁଏଚ୍‌ଓ

**ନୂଆଦିଲ୍ଲୀ, ୧୧।୫**

ଭାରତରେ ଗତବର୍ଷ ଅକ୍ଟୋବରରେ ଦେଖାଦେଇଥିବା କରୋନା ଭାରିଆଣ୍ଟ ବି.୧.୬୧୭ ସାରା ବିଶ୍ୱ ପାଇଁ ଚିନ୍ତାଜନକ ବୋଲି କହିଛି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ)। ଏହି ମ୍ୟୁଟାଣ୍ଟ ଅନ୍ୟ ଭାରିଆଣ୍ଟ ତୁଳନାରେ ଅଧିକ ସଂକ୍ରାମକ। ୩୦ରୁ ଅଧିକ ଦେଶରେ ଏହି ଭାରିଆଣ୍ଟ ବ୍ୟାପିସାରିଥିବା ଡବ୍ଲ୍ୟୁଏଚ୍‌ଓ କହିଛି। ଏହାଦ୍ୱାରା ଜଣେ ସହଜରେ ସଂକ୍ରମିତ ହେବା, ରୋଗୀର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିବା, ଏହି ମ୍ୟୁଟାଣ୍ଟ ଆଣ୍ଟିବଡି ଦ୍ୱାରା ସହଜରେ ନ୍ୟୁଟ୍ରାଲାଇଜେଶନ ହୋଇ ନ ପାରିବା ସହ ଚିକିତ୍ସା ତଥା ଟିକାର ପ୍ରଭାବ କମ୍ ରହିବାର ଅଧିକ ଆଶଙ୍କା ରହୁଛି। ପୂର୍ବରୁ ବ୍ରିଟେନ, ଦକ୍ଷିଣ ଆଫ୍ରିକା ଓ ବ୍ରାଜିଲ ଭାରିଏଣ୍ଟକୁ ନେଇ ମଧ୍ୟ ଡବ୍ଲ୍ୟୁଏଚ୍‌ଓ ଚିନ୍ତା ବ୍ୟକ୍ତ କରିଥିଲା। ଭାରତରେ ସ୍ଥିତି ଭୟଙ୍କର କରିବା ପଛରେ ଏହି ମ୍ୟୁଟାଣ୍ଟ ଦାୟୀ କି ନା ତାହା ଜାଣିବା ପାଇଁ ଅଧ୍ୟୟନ ଜାରି ରହିଛି। ତେବେ ଏବେ ସୁଦ୍ଧା ମିଳିଥିବା ତଥ୍ୟ ଆଧାରରେ କୋଭିଡ୍ ଟିକା ଏହି ଭାରିଆଣ୍ଟରେ ସଂକ୍ରମିତ ହୋଇଥିବା ବ୍ୟକ୍ତିଙ୍କ ନିମନ୍ତେ ପ୍ରଭାବୀ ବୋଲି ଡବ୍ଲ୍ୟୁଏଚ୍‌ଓ କହିଛି। ପ୍ରକାଶ ଯେ, ଏହା ପୂର୍ବରୁ ବ୍ରିଟେନ, ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକାର କୋଭିଡ୍-୧୯ ଭାରିଆଣ୍ଟକୁ ବିପଜ୍ଜନକ ବୋଲି ଡବ୍ଲ୍ୟୁଏଚ୍‌ଓ କହିସାରିଛି।




## ନୂଆ କରୋନା ମାମଲାର ଜିଲାୱାରି ମ୍ୟାପ

**୨୦୨୧ ମେ ୯ ସୁଦ୍ଧା**




## ରେଡ୍ ଜୋନ୍‌ରେ ୭୦% ଜିଲା

**ନୂଆଦିଲ୍ଲୀ, ୧୧।୫**

ଜାତୀୟ ସଂକ୍ରମଣ ହାର ଅପେକ୍ଷା ଏବେ ଚିନ୍ତା ବଢ଼ାଇଛି ଜିଲାସ୍ତରରେ ସକ୍ରିୟ ମାମଲା ବୃଦ୍ଧି। ଗ୍ରୀନ୍‌ରୁ ଏବେ ରେଡ୍ ଜୋନ୍‌ରେ ପରିଣତ ହେବାରେ ଲାଗିଛି ଭାରତର ଜିଲା ମାନଚିତ୍ର। ୨ ମାସ ତଳେ ମ୍ୟାପିଂରେ ଥିବା ୭୩୮ ଜିଲା ମଧ୍ୟରୁ ୫୯୯ ଜିଲାରେ ଦୈନିକ ସଂକ୍ରମଣ ୧୦ ତଳେ ରହୁଥିବାରୁ ସେଗୁଡ଼ିକ ଗ୍ରୀନ୍ ଜୋନ୍‌ରେ ରହିଥିଲା। ଦୈନିକ ଶହେ ସଂକ୍ରମଣ ୩୩ ଜିଲାରୁ ଆସୁଥିଲାବେଳେ ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ସହର ଅନ୍ତର୍ଗତ। କିନ୍ତୁ ଦ୍ୱିତୀୟ ଲହରରେ ଚିତ୍ର ବଦଳି ଯାଇଛି। ମାତ୍ର ୨ ମାସରେ ୭୦ ପ୍ରତିଶତ ଜିଲା ଗ୍ରୀନ୍‌ରୁ ଏବେ ରେଡ୍ ଜୋନ୍‌ରେ ପରିଣତ ହୋଇଛି। ମେ ୯ ସୁଦ୍ଧା ମ୍ୟାପିଂ କରାଯାଇଥିବା ୭୩୫ ଜିଲା ମଧ୍ୟରୁ ୫୦୧ ବା ପ୍ରାୟ ୬୮ ପ୍ରତିଶତ ଜିଲା ରେଡ୍ ଜୋନରେ ପରିଣତ ହୋଇଛି। ଏଠାରୁ ଏବେ ଦୈନିକ ଶତାଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ମାତ୍ର ୭୫ ଜିଲାରେ ଦିନକୁ ୧୦ ପଜିଟିଭ୍ କେସ୍ ଆସୁଥିବା ତଥ୍ୟରୁ ଜଣାପଡ଼ିଛି। ୧୫୯ ଜିଲାରେ ଦୈନିକ ୧୦ରୁ ଶହେରୁ ସଂକ୍ରମିତ ଚିହ୍ନଟ ହେଉଛନ୍ତି।

## ୩.୨୯ ଲକ୍ଷକୁ ଖସିଲା ସଂକ୍ରମଣ

**ନୂଆଦିଲ୍ଲୀ, ୧୧।୫**

### ଦିନକରେ ୩,୮୭୬ ମୃତ

ଭାରତରେ କିଛି ଦିନ ହେଲା ଲଗାତର ଉପରମୁହାଁ ଥିବା କରୋନାର ଦୈନିକ ସଂକ୍ରମଣ ସାମାନ୍ୟ ହ୍ରାସ ହୋଇଛି। ଗତ ୨୪ ଘଣ୍ଟାରେ ନୂଆ ୩,୨୯,୯୪୨ ଜଣ ସଂକ୍ରମିତ ହୋଇଥିବାବେଳେ ଦିନକରେ ୩,୮୭୬ ଜଣଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨, ୨୯,୯୨,୫୧୭ରେ ପହଞ୍ଚିଛି। ସେହିପରି ମୃତକଙ୍କ ସଂଖ୍ୟା ୨,୪୯,୯୯୨କୁ ବୃଦ୍ଧି ପାଇଥିବା ମଙ୍ଗଳବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କର୍ଣ୍ଣାଟକରେ ସର୍ବାଧିକ ୫୯୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏହା ତଳକୁ ମହାରାଷ୍ଟ୍ରରେ ୫୪୯, ଦିଲ୍ଲୀରେ ୩୧୯, ଉତ୍ତରପ୍ରଦେଶରେ ୨୭୮, ତାମିଲନାଡୁରେ ୨୩୨, ପଞ୍ଜାବର ୧୯୮ ଆକ୍ରାନ୍ତଙ୍କ ଜୀବନ ଯାଇଛି। ସକ୍ରିୟ ମାମଲା ୩୭,୧୫,୨୨୧କୁ ହ୍ରାସ ପାଇଥିବାବେଳେ ମୋଟ ସୁସ୍ଥ ହାର ୮୨.୭୫ ପ୍ରତିଶତ ରହିଛି। ଗତ ଅଗଷ୍ଟ ୭ରେ ଦେଶରେ ମୋଟ ମାମଲା ୨୦ ଲକ୍ଷ ଟପିଥିଲା। ଅଗଷ୍ଟ ୨୩ରେ ୩୦ ଲକ୍ଷ, ସେପ୍ଟେମ୍ବର ୫ରେ ୪୦ ଲକ୍ଷ ଏବଂ ସେପ୍ଟେମ୍ବର ୧୬ରେ ୫୦ ଲକ୍ଷ ଟପିଥିଲା। ପରେ ଦ୍ରୁତ ଗତିରେ ଡିସେମ୍ବର ୧୯ରେ ମୋଟ ମାମଲା ୧ କୋଟି ଏବଂ ମେ ୪ରେ ୨ କୋଟି ଟପି ରେକର୍ଡ କରିଥିଲା।



## ଭାରତକୁ ଟୁଇଟର ଦେଲା ୧୧୦ କୋଟି

**ୱାଶିଂଟନ୍, ୧୧।୫**


ଟୁଇଟର ସିଇଓ ଜ୍ୟାକ୍ ପାଟ୍ରିକ୍ ଡୋର୍‌ସେ

କରୋନା ମୁକାବିଲାରେ ଭାରତକୁ ସହାୟତା କରିବାକୁ ୧୫ ମିଲିୟନ ଆମେରିକୀୟ ଡଲାର(ପ୍ରାୟ ୧୧୦,୨୨,୧୭,୨୫୦ ଟଙ୍କା) ଦାନ କରିଛି ମାଇକ୍ରୋବ୍ଲଗିଂ ସାଇଟ୍ ଟୁଇଟର। ଏ ନେଇ ଟୁଇଟର ସିଇଓ ଜ୍ୟାକ୍ ପାଟ୍ରିକ୍ ଡୋର୍‌ସେ ସୋମବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ୩ ବେସରକାରୀ ସଂସ୍ଥା କେୟାର, ଆସୋସିଏଶନ୍ ଫର୍ ଇଣ୍ଡିଆସ୍ ଡେଭଲପମେଣ୍ଟ (ଏଡ୍ ଇଣ୍ଡିଆ) ଏବଂ ସେବା ଇଣ୍ଟରନ୍ୟାଶନାଲ ୟୁଏସ୍‌ଏକୁ ଏହି ଟଙ୍କା ପ୍ରଦାନ କରିଥିବା ସେ କହିଛନ୍ତି। କେୟାରକୁ ୭୩.୪୪ କୋଟି ଏବଂ ଏଡ୍ ଇଣ୍ଡିଆ ଓ ସେବା ଇଣ୍ଟରନ୍ୟାଶନାଲ ୟୁଏସ୍‌ଏକୁ ୧୮.୩୬ କୋଟି ଲେଖାଏଁ ସହାୟତା ଦେଇଛି ଟୁଇଟର। ସାନ୍ ଫ୍ରାନ୍ସିସ୍କୋରେ ଥିବା ହିନ୍ଦୁ ସଙ୍ଗଠନ ସେବା ଇଣ୍ଟରନ୍ୟାଶନାଲ ଏହି ଅର୍ଥକୁ ଭାରତରେ କୋଭିଡ୍ ମୁକାବିଲା ନିମନ୍ତେ ଆବଶ୍ୟକ ଭେଣ୍ଟିଲେଟର, ବେଡ୍ ସହ ଅନ୍ୟାନ୍ୟ ଚିକିତ୍ସା ଉପକରଣ ବିଭିନ୍ନ ହସ୍ପିଟାଲକୁ ପ୍ରଦାନ କରାଯିବ ବୋଲି ଏକ ବିବୃତିରେ କହିଛି। ସେହିପରି ଅତ୍ୟାବଶ୍ୟକ ମେଡିକାଲ ଉପକରଣ, ଅକ୍ସିଜେନ, ସ୍ୱାସ୍ଥ୍ୟକର୍ମୀଙ୍କ ନିମନ୍ତେ ପିପିଇ କିଟ୍, ଦୁର୍ବଳ ବର୍ଗର ଲୋକଙ୍କୁ ଚିକିତ୍ସା ପ୍ରଦାନ ଆଦି ସହାୟତା ଭାରତକୁ ଦିଆଯିବା ନିମନ୍ତେ ଏହି ଅର୍ଥ ଖର୍ଚ୍ଚ କରାଯିବ ବୋଲି କେୟାର ଏବଂ ଏଡ୍ ଇଣ୍ଡିଆ ପକ୍ଷରୁ କୁହାଯାଇଛି।

## ଟିକା ନେଇ ପ୍ରତି ୭ରେ ଜଣେ ହସ୍ପିଟାଲ ଷ୍ଟାଫ୍ ସଂକ୍ରମିତ

**ନୂଆଦିଲ୍ଲୀ, ୧୧।୫**

ଟିକା ନେଇସାରିବା ପରେ ହସ୍ପିଟାଲ କର୍ମଚାରୀଙ୍କ ମଧ୍ୟରୁ ପ୍ରତି ୭ ଜଣରେ ଜଣେ କରୋନାରେ ସଂକ୍ରମିତ ହେଉଛନ୍ତି। ଡାଇବେଟିସ୍ ଆଣ୍ଡ ମେଟାବଲିକ୍ ଜର୍ନାଲରେ ଏ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ଦିଲ୍ଲୀର ଏକ ଘରୋଇ ହସ୍ପିଟାଲର ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ଫର୍ଟିସ୍ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଫର୍ ଡାଇବେଟିସ୍, ମେଟାବଲିକ୍ ଡିଜିଜ୍ ଆଣ୍ଡ ଏଣ୍ଡୋକ୍ରାଇନୋଲୋଜି ପକ୍ଷରୁ ଜାନୁୟାରୀ ୧୬ରୁ ଏହି ଅଧ୍ୟୟନ କରାଯାଇଥିଲା। ହସ୍ପିଟାଲର ୧୨୩ ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରୁ ଟିକା ନେଇଥିବା ୧୧୩ ଜଣଙ୍କୁ ନିରୀକ୍ଷଣରେ ରଖାଯାଇଥିଲା। ସେମାନଙ୍କ ମଧ୍ୟରେ ୨୮ ଜଣ କୋଭାକ୍ସିନ ଏବଂ ୮୫ ଜଣ କୋଭିଶିଲ୍ଡ ଟିକା ନେଇଥିଲେ। ୧୦୭ ଜଣ ଟିକାର ଡବଲ ଡୋଜ୍ ନେଇସାରିଥିଲେ। ଅଧ୍ୟୟନରୁ ଜଣାପଡ଼ିଛି ଯେ, ଦ୍ୱିତୀୟ ଡୋଜ୍ ନେବାର ୧୪ ଦିନ ପରେ ୧୫ ଜଣ(୧୩ ପ୍ରତିଶତ)ଙ୍କଠାରେ କୋଭିଡ୍ ଲକ୍ଷଣ ଦେଖାଦେଇଥିଲା। ତାହା ୩ରୁ ୧୪ ଦିନ ପର୍ଯ୍ୟନ୍ତ ଲାଗି ରହିଥିଲା। ଅଧିକାଂଶଙ୍କଠାରେ ସାମାନ୍ୟ ଲକ୍ଷଣ ଦେଖିବାକୁ ମିଳିଥିଲା। ତେବେ କମ୍ ଲକ୍ଷଣ ଥିବା କିମ୍ବା ଆଦୌ ଲକ୍ଷଣ ନ ଥିବା ବ୍ୟକ୍ତି ମଧ୍ୟ ଅନ୍ୟକୁ ସଂକ୍ରମିତ କରିପାରିବେ, ଯାହା କି ଚିନ୍ତାର ବିଷୟ ବୋଲି ଅଧ୍ୟୟନରେ ଭାଗ ନେଇଥିବା ବିଶେଷଜ୍ଞ ଡ. ଅନୁପ ମିଶ୍ର କହିଛନ୍ତି।

## ଚାଇନା ଜନସଂଖ୍ୟା ବୃଦ୍ଧି ମନ୍ଥର

### ପ୍ରତିବର୍ଷ ବଢୁଛି ୦.୫୩ ପ୍ରତିଶତ

**ବେଜିଂ, ୧୧।୫:** ଗତ ଦଶନ୍ଧି ମଧ୍ୟରେ ଚାଇନାର ଜନସଂଖ୍ୟା ବୃଦ୍ଧି ମନ୍ଥର ହୋଇଛି। ୧୦ ବର୍ଷ ମଧ୍ୟରେ ଏହା ୭ କୋଟି ୨୦ ଲକ୍ଷ ବୃଦ୍ଧି ପାଇ ମୋଟ ଲୋକସଂଖ୍ୟା ୧୪୧ କୋଟି ଟପିଛି। ମଙ୍ଗଳବାର ଜାତୀୟ ପରିସଂଖ୍ୟାନ ବ୍ୟୁରୋ ପକ୍ଷରୁ ଏହି ଜନଗଣନା ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ମକାଓ, ହଙ୍ଗ, ତାଇୱାନ ଲୋକଙ୍କୁ ସାମିଲ କରାଯାଇନାହିଁ। ରିପୋର୍ଟ ଅନୁଯାୟୀ, ଗତ ୧୦ ବର୍ଷ ମଧ୍ୟରେ ଚାଇନାର ଜନସଂଖ୍ୟା ୫.୩୮ ପ୍ରତିଶତ ବୃଦ୍ଧି ପାଇଛି। ପ୍ରତିବର୍ଷ ହାରାହାରି ୦.୫୩ ପ୍ରତିଶତ ଲୋକସଂଖ୍ୟା ବଢୁଛି। ଜନସଂଖ୍ୟା ବୃଦ୍ଧିରେ ରୋକ୍ ଲଗାଇବାକୁ ସରକାର ୨ ସନ୍ତାନ ନିୟମ ଆଣିଥିଲେ। ସନ୍ତାନ ପ୍ରସବ କରୁଥିବା ଦମ୍ପତିଙ୍କ ସଂଖ୍ୟା ହ୍ରାସ ପାଇଛି। ଏଥିଯୋଗୁ କାର୍ଯ୍ୟରତ ଲୋକଙ୍କ ସଂଖ୍ୟା କମିବା ସହ ବୃଦ୍ଧାବୃଦ୍ଧଙ୍କ ସଂଖ୍ୟା ବଢ଼ିଛି। ଆଗକୁ ଦେଶର ଅର୍ଥନୀତି ଉପରେ ଏହା ପ୍ରଭାବ ପକାଇବାକୁ ନେଇ ଆଶଙ୍କା ଦେଖାଦେଇଛି। ଚାଇନା ଏହା ପୂର୍ବରୁ ୨୦୧୦, ୨୦୦୦, ୧୯୯୦, ୧୯୮୨, ୧୯୬୪ ଏବଂ ୧୯୫୩ରେ ଜାତୀୟ ଜନଗଣନା କରିଥିଲା।

## ତେଲଙ୍ଗାନାରେ ଲକ୍‌ଡାଉନ୍

**ହାଇଦ୍ରାବାଦ, ୧୧।୫**

କରୋନା ସଂକ୍ରମଣ ବୃଦ୍ଧିକୁ ରୋକିବାକୁ ତେଲଙ୍ଗାନାର କେ ଚନ୍ଦ୍ରଶେଖର ରାଓଙ୍କ ସରକାର ରାଜ୍ୟରେ ବୁଧବାରଠାରୁ ଲକ୍‌ଡାଉନ ଘୋଷଣା କରିଛନ୍ତି। ମେ' ୨୨ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ। ଏହି ୧୦ ଦିନ ମଧ୍ୟରେ ସକାଳ ୬ଟାରୁ ୧୦ଟା ପର୍ଯ୍ୟନ୍ତ କୋଭିଡ୍ ନିୟମ ଅନୁଯାୟୀ ସମସ୍ତ କାର୍ଯ୍ୟ ପାଇଁ ଲୋକଙ୍କୁ ସମୟ ମିଳିବ। ତେବେ ଅତ୍ୟାବଶ୍ୟକ ସେବା ଲକ୍‌ଡାଉନବେଳେ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଅଫିସ୍ ପକ୍ଷରୁ କୁହାଯାଇଛି।


ନୂଆଦିଲ୍ଲୀସ୍ଥିତ ରାମଲୀଲା ମଇଦାନରେ କରୋନା ରୋଗୀଙ୍କ ପାଇଁ ୫୦୦ ଆଇସିୟୁ ବେଡ୍ ବ୍ୟବସ୍ଥା କରାଯାଇଛି। ଡ୍ୟୁଟି କରିବାକୁ ଥିବା ସ୍ୱାସ୍ଥ୍ୟ କର୍ମୀମାନେ ନିଜ ପାଳିକୁ ଅପେକ୍ଷା କରିଛନ୍ତି।

# ଚାକିରି ନେଲା ଆଣ୍ଟିଲିଆ ମାମଲା

## ସଚିନ ୱାଜେ ବରଖାସ୍ତ

**ମୁମ୍ବାଇ,୧୧।୫**

ଆଣ୍ଟିଲିଆ ମାମଲାରେ ନିଲମ୍ବିତ ଆସିଷ୍ଟାଣ୍ଟ ପୋଲିସ ସବ୍-ଇନ୍‌ସ୍ପେକ୍ଟର ସଚିନ ୱାଜେଙ୍କୁ ମଙ୍ଗଳବାର ଚାକିରିରୁ ବରଖାସ୍ତ କରାଯାଇଛି। ମାର୍ଚ୍ଚ ୧୩ରେ ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ବାସଭବନ ଆଣ୍ଟିଲିଆ ବାହାରେ ବିସ୍ଫୋରକ ଭର୍ତ୍ତି ଏସ୍‌ୟୁଭି ମିଳିବା ଏବଂ ପରେ ଠାଣେ ବ୍ୟବସାୟୀ ମନ୍‌ସୁଖ ହିରେନ୍ ହତ୍ୟା ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ସଚିନ ୱାଜେଙ୍କୁ ଗିରଫ କରିଥିଲା। ତାଙ୍କୁ ପୋଲିସ ଚାକିରିରୁ ବରଖାସ୍ତ କରାଯାଇଥିବା ନେଇ ମୁମ୍ବାଇ ପୋଲିସ କମିଶନର ହେମନ୍ତ ନାଗ୍ରାଲେଙ୍କୁ ଜଣାଇଦିଆଯାଇଛି। ୧୯୯୦ ବ୍ୟାଚ୍ ମହାରାଷ୍ଟ୍ର କ୍ୟାଡର ଅଫିସର ସଚିନ ହିନ୍ଦୁରାଓ ୱାଜେ ଜଣେ ବିସ୍ଫୋରଣକାରୀ ଅଭିଯୁକ୍ତଙ୍କ ହାଜତ ମୃତ୍ୟୁ ମାମଲାରେ ୧୬ ବର୍ଷ ନିଲମ୍ବିତ ହୋଇଥିଲେ। ୨୦୨୦ ଜୁନ୍‌ରେ ତାଙ୍କୁ ପୁନଃ ଅବସ୍ଥାପିତ କରାଯାଇଥିଲା।



## ଦେଶମୁଖଙ୍କ ନାଁରେ ମନିଲଣ୍ଡରିଂ କେସ୍

**ମୁମ୍ବାଇ,୧୧।୫**

ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର ମନିଲଣ୍ଡରିଂ ମାମଲା ଦାଏର କରିଛି। ଦେଶମୁଖ ଅବାଞ୍ଛିତ ଅନୁଗ୍ରହ ପାଇଁ ନିଜ ପଦର ଅପବ୍ୟବହାର କରିଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କହିଛି। ଏପରି କି ସେ ମୁମ୍ବାଇ ପୋଲିସର ଅଫିସରମାନଙ୍କ ପୋଷ୍ଟିଂ ଓ ବଦଳି ପାଇଁ କ୍ଷମତାର ଦୁରୁପଯୋଗ କରିଥିବା ପୂର୍ବତନ କମିଶନର ପରମବୀର ସିଂ ଅଭିଯୋଗ ଆଣିଥିଲେ। ଗତ ମାସରେ ସିବିଆଇ ପକ୍ଷରୁ ଦାଏର ମାମଲାକୁ ଭିତ୍ତିକରି ଇଡି ପକ୍ଷରୁ ଏନ୍‌ଫୋର୍ସମେଣ୍ଟ କେସ୍ ଇନ୍‌ଫର୍ମେଶନ ରିପୋର୍ଟ (ଇସିଆଇଆର୍) ଦାଖଲ କରାଯାଇଥିଲା। ଏହା ପୂର୍ବରୁ ପୂର୍ବତନ ଆସିଷ୍ଟାଣ୍ଟ ପୋଲିସ ଇନ୍‌ସ୍ପେକ୍ଟର ସଚିନ ୱାଜେ ଗୃହମନ୍ତ୍ରୀଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଥିଲେ। ମୁମ୍ବାଇର ବାର୍ ଓ ରେଷ୍ଟୁରାଣ୍ଟଗୁଡ଼ିକରୁ ମାସକୁ ୧୦୦ କୋଟି ଟଙ୍କା ବଟି ଅସୁଲ କରି ଆଣିଦେବାକୁ ଚାପ ପକାଉଥିବା ୱାଜେଙ୍କଠାରୁ ଶୁଣି ପରମବୀ ସିଂ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ନିକଟକୁ ଲେଖିଥିବା ଚିଠିରେ ପ୍ରଘଟ କରିବା ପରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ କେନ୍ଦ୍ର ସରକାର କୋଭିଡ୍ ମହାମାରୀ ମୁକାବିଲାରେ ବିଫଳ ହୋଇଥିବାରୁ ସେଥିରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଇଡି ଜରିଆରେ ଉପରୋକ୍ତ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ କାର୍ଯ୍ୟାନୁଷ୍ଠାନ ନେଇଥିବା ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ କଂଗ୍ରେସ ଅଭିଯୋଗ ଆଣିଛନ୍ତି।



ସଚିନ ୱାଜେ ଏନ୍‌ଆଇଏ କୋର୍ଟରେ ପୂର୍ବରୁ ଏକ ଚିଠି ଦାଖଲ କରିଥିଲେ। ଅନିଲ ଦେଶମୁଖ ମହାରାଷ୍ଟ୍ରର ଗୃହମନ୍ତ୍ରୀ ଥିବାବେଳେ ମାସକୁ ୧୦୦ କୋଟି ଟଙ୍କା ଅସୁଲି ପାଇଁ ତାଙ୍କ ଉପରେ ଚାପ ପକାଉଥିବା ନେଇ ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂ ଆଣିଥିବା ଅଭିଯୋଗ ସତ ବୋଲି ଏଥିରେ ସେ ଉଲ୍ଲେଖ କରିଥିଲେ। ଏହାସହ ଶିବସେନାର ପରିବହନ ମନ୍ତ୍ରୀ ଅନିଲ ପରବଙ୍କ ବିରୋଧରେ ମଧ୍ୟ ପତ୍ରରେ ଅଭିଯୋଗ ରହିଥିଲା। ମୁମ୍ବାଇ ପୋଲିସରେ ପୁନଃ ଅବସ୍ଥାପିତ କରିବା ଲାଗି ଦେଶମୁଖ ୨ କୋଟି ଟଙ୍କା ଦାବି କରିଥିବା ୱାଜେ କହିଥିଲେ। ତେବେ ଏନ୍‌ଆଇଏ କୋର୍ଟ ଉକ୍ତ ପତ୍ରକୁ ଗ୍ରହଣ କରିନାହାନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୬,୦୦,୮୦,୦୨୬ | ୩୩,୨୪,୯୧୦ | ୧୩,୭୮,୧୬,୨୦୧ |
| ଭାରତ | ୨,୩୩,୧୧,୧୫୬ | ୨,୫୩,୬୨୦ | ୧,୯୩,୪୪,୧୩୮ |
| ଓଡ଼ିଶା | ୫,୫୪,୬୬୬ | ୨୨୧୫(+୫୩) | ୪,୫୭,୫୬୯ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### କୋଭିଡ୍‌ରେ ଆଖି ବୁଜିଲେ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍



ରାଜକିଶୋର ନାୟକ

**କଟକ ଅଫିସ,୧୧।୫:** କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ରାଜକିଶୋର ନାୟକ(୫୭)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ସେ କରୋନାରେ ଆକ୍ରାନ୍ତ ହୋଇ ଗତ କିଛି ଦିନ ହେବ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ନିଜଘର ନୟାଗଡ଼ ଜିଲାରେ। ସେ ଗତ ଏପ୍ରିଲ ୧୩ରେ ବରଗଡ଼ ଫ୍ୟାମିଲି କୋର୍ଟରୁ ବଦଳି ହୋଇ ୩୦ରେ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତର ଜଜ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପରେ ସେ କରୋନା ସଂକ୍ରମିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ।

### ୧୬ ଦିନ ଭେଣ୍ଟିଲେଟରରେ ବିରୋଧୀ ଦଳ ନେତା

■ ଡାକ୍ତରଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ



ପ୍ରଦୀପ୍ତ ନାଏକ

**ଭୁବନେଶ୍ୱର,୧୧।୫(ବ୍ୟୁରୋ):** କରୋନାରେ ସଂକ୍ରମିତ ହୋଇ ଗତ ୧୬ ଦିନ ହେବ ବିରୋଧୀ ଦଳ ନେତା ତଥା ଭାଜପାର ବରିଷ୍ଠ ନେତା ପ୍ରଦୀପ୍ତ ନାଏକ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସେପରି ଉନ୍ନତି ହେଉନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ପ୍ରଦୀପ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଏମ୍ସ ଡାକ୍ତରମାନଙ୍କ ସହ ଆଲୋଚନା କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ ନେତାଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରୁଥିବା ଏମ୍ସ ଏବଂ ଏସ୍‌ସିବି ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ବେଳେ ଡାକ୍ତରମାନେ କହିଛନ୍ତି, ପ୍ରଦୀପ୍ତ ଏବେ କୋଭିଡ୍ ନେଗେଟିଭ ଅଛନ୍ତି। ତେବେ ତାଙ୍କ ଶ୍ୱାସ ଯନ୍ତ୍ରରେ ଅଧିକ ସଂକ୍ରମଣ ହୋଇଥିବାରୁ ସେ ଭେଣ୍ଟିଲେଟରରେ ରହିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଆଡକୁ ଗତିକରୁଛି। ଶୀଘ୍ର ଆରୋଗ୍ୟ କରିବାକୁ ଯଥାସାଧ୍ୟ ଉଦ୍ୟମ ଜାରିରହିଛି । ଏମ୍ସ ନିର୍ଦ୍ଦେଶିକା ଗୀତାଞ୍ଜଳି ବଟମାନାବାନେ ବିରୋଧୀ ଦଳ ନେତାଙ୍କ ଚିକିତ୍ସା ପାଇଁ ସମସ୍ତ ସହାୟତା କରୁଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଡାକ୍ତରମାନଙ୍କର ଉଦ୍ୟମକୁ ପ୍ରଶଂସା କରିବା ସହ ବିରୋଧୀ ଦଳ ନେତାଙ୍କୁ ସବୁଠାରୁ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ପ୍ରଦୀପ୍ତଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି।



ମଙ୍ଗଳବାର ମଧ୍ୟାହ୍ନରେ ହୋଇଥିବା କାଳବୈଶାଖୀରେ କଟକ ନୂଆପଡ଼ା ବାଲିସାହିଠାରେ ଥିବା ଅସ୍ଥାୟୀ ଥଇଥାନ କ୍ୟାମ୍ପ ଭାଙ୍ଗିଯାଇଛି।

# ବାଲିସାହି ଅସ୍ଥାୟୀ କ୍ୟାମ୍ପ ଭାଙ୍ଗିଲା

## ୫ ଆହତ

**କଟକ ଅଫିସ, ୧୧।୫**

କଟକରେ କାଳବୈଶାଖୀ ତାଣ୍ଡବ ରଚିଛି। ମଙ୍ଗଳବାର ମଧ୍ୟାହ୍ନରେ ବର୍ଷା ସହ ପ୍ରବଳ ବେଗରେ ପବନ ଯୋଗୁ ସହରରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ପ୍ରାୟ ଦେଢ଼ ଘଣ୍ଟାର ତାଣ୍ଡବରେ ଗଛ, ହୋର୍ଡିଂ, ଦୋକାନ ଆଦି ଭାଙ୍ଗିପଡିଥିବାବେଳେ ନୂଆପଡା ବାଲିସାହିସ୍ଥିତ ଅସ୍ଥାୟୀ ଥଇଥାନ କ୍ୟାମ୍ପ୍ ପୂରା ଛିନ୍‌ଛତର୍ ହୋଇପଡିଛି। ଏଠାରେ ରହୁଥିବା ୬ଶହ ପରିବାରର ୩ହଜାରରୁ ଊର୍ଦ୍ଧ୍ୱ ବସ୍ତିବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବାବେଳେ ୧୩୪ ପରିବାରର ୫୪୦ ଲୋକ ବେଘର ହୋଇଯାଇଛନ୍ତି। ୨ଜଣ ମହିଳା ଓ ୨ଜଣ ଶିଶୁ ସମେତ ୫ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ପୋଲିସ୍ ଫୋର୍ସ ପହଞ୍ଚିବାରୁ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ବସ୍ତିବାସିନ୍ଦାଙ୍କ ଆକ୍ରୋଶର ଶିକାର ହୋଇଥିଲେ ପୋଲିସ। ଟେକାପଥର ଓ ବାଉଁଶ ମାଡ଼ କରିବାରୁ ଦୁଇଟି ପୋଲିସ ଗାଡ଼ି ଭାଙ୍ଗିରୁଜି ଯାଇଥିବାବେଳେ କେତେଜଣ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଥିଲେ। ପରେ ପୋଲିସ ଅଧିକାରୀମାନେ ବସ୍ତି ବାସିନ୍ଦାଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଉଚ୍ଛେଦର ଦୀର୍ଘଦିନ ପରେ ବି ବାଉଁଶ ଓ କପଡ଼ା ତଳେ ଖରାବର୍ଷାରେ ରଖାଯାଇଥିବାରୁ ପ୍ରଶାସନ ଉପରେ ପ୍ରବଳ ବର୍ଷିଥିଲେ। ପୂର୍ବ ସ୍ଥାନକୁ ଫେରାଇ ନେବାକୁ ସେମାନେ ଜିଦ୍ ଧରିଥିଲେ। ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପହଞ୍ଚି ବସ୍ତି ବୁଝାଇବାକୁ ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଏହାପରେ ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତ, ଉପଜିଲାପାଳ ପ୍ରତାପଚନ୍ଦ୍ର ବେଉରା, ତହସିଲଦାର ସସ୍ମିତ ଗଡନାୟକଙ୍କ ସମେତ ଅନ୍ୟ ଅଧିକାରୀମାନେ କାଳବୈଶାଖୀରେ କ୍ଷତିଗ୍ରସ୍ତ ପରିବାରଙ୍କୁ ବିଭିନ୍ନ ସ୍କୁଲରେ ଥଇଥାନ କରିବା ପାଇଁ ବ୍ୟବସ୍ଥା

**କଟକରେ କାଳବୈଶାଖୀ ତାଣ୍ଡବ**

- ■ ଉତ୍ତେଜନା, ପୋଲିସ ଗାଡ଼ି ଭାଙ୍ଗିଲେ ଉତ୍ୟକ୍ତ ଲୋକେ
- ■ ୬ଶହ ପରିବାରର ୩ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ
- ■ ୧୩୪ ପରିବାରର ୫୪୦ ବସ୍ତିବାସିନ୍ଦା ବେଘର
- ■ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବସିଲେ ବସ୍ତିବାସିନ୍ଦା

କରିଥିଲେ। ହେଲେ ବସ୍ତି ବାସିନ୍ଦାମାନେ ରାଜି ହୋଇ ନ ଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ବସ୍ତିବାସିନ୍ଦାମାନେ ଭଙ୍ଗା ଶିବିର ତଳୁ ନିଜ ଜିନିଷପତ୍ର ଖୋଜାଖୋଜି କରିବା ସହ ବାହାରକୁ ଆଣି ଜଗି ରହିଥିଲେ। ଖୋଲା ଆକାଶ ତଳେ ସେମିତି ପିଲାଛୁଆ ଧରି ପଡ଼ି ରହିଥିଲେ। ଘଟଣାସ୍ଥଳରେ ୧୩ ପ୍ଲାଟୁନ ଫୋର୍ସ ସହ ଉଚ୍ଚପଦସ୍ଥ ପୋଲିସ ଅଧିକାରୀ ଉପସ୍ଥିତ ରହିଥିଲେ। ସେପଟେ ବିଧାୟକ ସୌଭିକ୍ ଓ ପୂର୍ବତନ ବିଧାୟକ ପ୍ରଭାତ ଜିଲାପାଳଙ୍କୁ ଭେଟି ସ୍ଥିତି ନେଇ ଆଲୋଚନା କରୁଥିବାବେଳେ ବାହାରେ ବସ୍ତିବାସିନ୍ଦାମାନେ ଧାରଣାରେ ବସି ରହିଥିବା ଦେଖିବାକୁ ମିଳିଥିଲା।

ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ ଓ ତାଳଦଣ୍ଡା କେନାଲ ସୌନ୍ଦର୍ଯ୍ୟକରଣ ପାଇଁ ସିଏମ୍‌ସି ପକ୍ଷରୁ ବିଭିନ୍ନ ବସ୍ତିକୁ ଉଚ୍ଛେଦ କରାଯାଉଛି। କଲେଜଛକ ପିଲିଗ୍ରୀମ୍ ରୋଡ୍ ଦାସ ସାହିର ୪୦୦ ପରିବାର, ଛତ୍ରବଜାର ବେହେରା ସାହିର ୧୫୦ ପରିବାର, ରାଣୀହାଟ ଶଗଡିଆ ସାହିର ୫୦ ପରିବାରର ୩ ହଜାରରୁ ଊର୍ଦ୍ଧ୍ୱ ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ କରାଯାଇ ନୂଆପଡା ବାଲିସାହିଠାରେ ଥଇଥାନ କରାଯାଇଛି। ବାଉଁଶ ଓ କପଡ଼ାରେ ଧାଡ଼ି ଧାଡ଼ି କରି ଅସ୍ଥାୟୀ ଶିବିର ତିଆରି କରାଯାଇ ସେମାନଙ୍କୁ ରଖାଯାଇଛି। ତେବେ କାଳବୈଶାଖୀରେ ଦୁଇ ଧାଡ଼ିରେ ରହିଥିବା ଅସ୍ଥାୟୀ ଘର ସମ୍ପୂର୍ଣ୍ଣ ଭୁଶୁଡି ପଡିଥିବାବେଳେ ଅନ୍ୟସବୁ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି।

# ଆରବ ସାଗରରେ ବାତ୍ୟା

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

- ■ ଓଡ଼ିଶାରେ ପ୍ରଭାବ ନାହିଁ
- ■ ୪ ଦିନ ଯାଏ ବର୍ଷା ସମ୍ଭାବନା
- ■ ରାଜ୍ୟରେ ଝଡ଼ବର୍ଷାର ତାଣ୍ଡବ

ଆସନ୍ତା ୧୬ ତାରିଖରେ ଆରବ ସାଗରରେ ବାତ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଆସନ୍ତା ୧୪ ତାରିଖରେ ଦକ୍ଷିଣ-ପୂର୍ବ ଆରବ ସାଗରରେ ଲଘୁଚାପ ସୃଷ୍ଟି ହୋଇ ୧୫ ତାରିଖରେ ତାହା ଡିପ୍ ଡିପ୍ରେସନ୍ ଏବଂ ୧୬ ତାରିଖ ସକାଳେ ବାତ୍ୟାର ରୂପ ନେବାର ଆଶଙ୍କା ରହିଛି । ଏହା ଭୟଙ୍କର ବାତ୍ୟାରେ ପରିଣତ ହୋଇ ମେ' ୧୯ ତାରିଖରେ ସ୍ଥଳଭାଗ ଅତିକ୍ରମ କରିବା ଅନୁମାନ କରାଯାଉଛି। ଏହାର ନାଁ 'ତଉକତେ' ରଖାଯିବା ନେଇ ସୂଚନା ଦିଆଯାଇଛି । ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ବାତ୍ୟା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରିବ। ଏହାର ପ୍ରଭାବରେ ମେ' ୧୩ରୁ ୧୫ ଯାଏ ଲାକ୍ଷାଦ୍ୱୀପ, କେରଳ, କର୍ନାଟକ,ମହାରାଷ୍ଟ୍ର, ଗୋଆ, ଗୁଜରାଟରେ ପ୍ରବଳ ବର୍ଷାର ଆଶଙ୍କା ରହିଛି। ବାତ୍ୟାର ପ୍ରଭାବ ଓଡ଼ିଶା ଉପରେ କିଛି ନାହିଁ। ତେବେ ଆକାଶ ମେଘାଚ୍ଛନ୍ନ ରହିବ। ସ୍ଥଳଭାଗ ଅତିକ୍ରମ କରି ବାତ୍ୟା ଲଘୁଚାପରେ ପରିଣତ ହେବ ବୋଲି ଅନୁମାନ କରାଯାଇଛି। ଏଥିଯୋଗୁ ଓଡ଼ିଶାରେ ୧୯ କିମ୍ବା ୨୦ ତାରିଖ ବେଳକୁ ବର୍ଷା ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ତାତି ଆଉ ବଢ଼ିବ ନାହିଁ ବୋଲି ପୂର୍ବାନୁମାନ କରାଯାଇଛି।

ମଙ୍ଗଳବାର ରାଜ୍ୟର ବିଭିନ୍ନ ଜିଲାରେ ଝଡ଼ ପବନ ସହ ପ୍ରବଳ ବର୍ଷା ହୋଇଛି। କଟକ, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର ଜିଲାରେ ପ୍ରବଳ ଝଡ଼ବର୍ଷା ହୋଇଛି। କେତେକ ସ୍ଥାନରେ ଗଛ ଡାଳ ଭାଙ୍ଗିବା ସହ କଚ୍ଚାଘର ଛପର ଉଡିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱରରେ ୩୯ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱରରେ୧୬.୯, କଟକ ୨୪, ପୁରୀ ୨୯, ଅନୁଗୋଳ ୧୫, ବଲାଙ୍ଗୀର ୩୦.୨, ଟିଟିଲାଗଡ଼ ୨୩.୪, ସୋନପୁର ୩୭, ହୀରାକୁଦ ୧୯, ତାଳଚେର ୨୬, ଭବାନୀପାଟଣା ୩୦.୨, ଫୁଲବାଣୀ ୨୪.୬, ନୟାଗଡ଼ ୧୦, ବୌଦ୍ଧ ୨୨, ଛତ୍ରପୁର ୧୫, ପାରଳାଖେମୁଣ୍ଡିରେ ୧୧.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୧୪ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ବାଲେଶ୍ୱର, ଯାଜପୁର, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, ଢେଙ୍କାନାଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହୋଇପାରେ।

# ‘କରୋନାରେ ୧୦ ମାଓବାଦୀଙ୍କ ମୃତ୍ୟୁ ଘଟିଛି’

**ମାଲକାନଗିରି,୧୧।୫(ଡି.ଏନ.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡା ଜିଲାରେ ୧୦ ଜଣ ମାଓବାଦୀଙ୍କ କରୋନା ଏବଂ ଫୁଡ୍ ପଏଜନିଂ ଯୋଗୁ ମୃତ୍ୟୁ ଘଟିଥିବା ଗୋଇନ୍ଦା ରିପୋର୍ଟକୁ ଭିତ୍ତିକରି ଦାନ୍ତେୱାଡା ଏସ୍‌ପି ଅଭିଷେକ ପଲ୍ଲବ ସୂଚନା ଦେଇଛନ୍ତି।

ଖବରରୁ ଜଣାପଡ଼ିଛି, ୨୦ ଦିନ ତଳେ ବିଜାପୁର ଜିଲାର ଏକ ଆଭ୍ୟନ୍ତରୀଣ ଜଙ୍ଗଲରେ ମାଓବାଦୀ ସଙ୍ଗଠନ ପକ୍ଷରୁ ଆନ୍ଧ୍ର, ତେଲଙ୍ଗାନା, ଓଡ଼ିଶା ଓ ଛତିଶଗଡ଼ର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ଓ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ସେତେବେଳକୁ ସେମାନେ କରୋନା ସଂକ୍ରମିତ ହୋଇସାରିଥିଲେ। ଏହା ଜାଣିବା ପରେ ସେମାନେ ଚିକିତ୍ସା ହେବାକୁ ଯାଇ ନ ଥିଲେ। ଅନେକ ମାଓବାଦୀ ନିକଟସ୍ଥ ଗ୍ରାମଗୁଡିକରେ ଯାଇ ରହିଥିଲେ। ତେବେ ବସ୍ତର ଜଙ୍ଗଲରେ କରୋନାରେ ଆକ୍ରାନ୍ତ ହୋଇଥିବା ୨ଶହରୁ ଊର୍ଦ୍ଧ୍ୱ ମାଓବାଦୀଙ୍କ ମଧ୍ୟରୁ ଗତ କିଛିଦିନ ମଧ୍ୟରେ ୧୦ ଜଣଙ୍କ ମୃତ୍ୟୁ ହୋଇଛି। ଏହି ୧୦ ଜଣ ଫୁଡ୍ ପଏଜନିଂର ମଧ୍ୟ ଶିକାର ହୋଇଥିବା କୁହାଯାଉଛି। ଅନ୍ୟପକ୍ଷରେ ମାଓବାଦୀମାନେ ସୁକ୍‌ମା ଜିଲାର ଦରନାପାଲ ଓ କୋଣ୍ଟା ଅଞ୍ଚଳରୁ କରୋନା ଟିକା ସହ ଔଷଧ ଲୁଟି ନେଇଥିବା ଜଣାପଡିଛି। ମାଓବାଦୀଙ୍କ ମଧ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଏବଂ ସେମାନେ ନିକଟସ୍ଥ ଗ୍ରାମଗୁଡିକରେ ଚଳପ୍ରଚଳ କରୁଥିବା ହେତୁ ସମ୍ପୃକ୍ତ ଗ୍ରାମଗୁଡିକରେ ସଂକ୍ରମଣ ବୃଦ୍ଧି ପାଇବା ନେଇ ଆଶଙ୍କା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ନିକଟରେ ଏସ୍‌ପି ପଲ୍ଲବ କରୋନା ସଂକ୍ରମିତ ମାଓବାଦୀମାନେ ଆତ୍ମସମର୍ପଣ କଲେ ସେମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇଦେବାକୁ ଆହ୍ୱାନ ଦେଇଥିଲେ।

# ବାପପୁଅଙ୍କୁ ଆଜୀବନ କାରାଦଣ୍ଡ

**ଢେଙ୍କାନାଳ ଅଫିସ, ୧୧।୫**

ଢେଙ୍କାନାଳ ଜିଲା ବାଲିମୀ ଥାନା ଅନ୍ତର୍ଗତ ଗାଲପଡ଼ା ଗ୍ରାମରେ ୨୦୧୮ରେ ମଇଁଷି ଚରାଇବାକୁ ନେଇ ଏକ ହତ୍ୟାକାଣ୍ଡ ଘଟିଥିଲା। ଏହି ମାମଲାର ରାୟ ମଙ୍ଗଳବାର ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ଶରତ କୁମାର ଦେହୁରୀ ମାମଲାର ଅଭିଯୁକ୍ତ ଦନେଇ ବେହେରା ଓ ତାଙ୍କ ପୁଅ ଦୁଷ୍ମନ୍ତ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଉଭୟଙ୍କୁ ୫ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସରକାରଙ୍କ ପକ୍ଷରୁ ମାମଲାକୁ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ଗଣେଶ କୁମାର ବେହେରା ପରିଚାଳନା କରିଥିଲେ। ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ମେ ୧ରେ ମଇଁଷି ଚରାଇବାକୁ କେନ୍ଦ୍ର କରି ଗାଲପଡ଼ା ଗ୍ରାମର ଗୁରୁବାରିଆ ବେହେରାଙ୍କ ସହିତ ଦନେଇ ଓ ତାଙ୍କ ପୁଅ ଦୁଷ୍ମନ୍ତଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। ଘଟଣାଦିନ ନାତି ଚଗଲାଙ୍କ ସହ ଗୁରୁବାରିଆ ମଇଁଷି ଚରାଇବା ପାଇଁ ଗାଁ ପାଖ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ଦନେଇ, ଦୁଷ୍ମନ୍ତ ପହଞ୍ଚି ଅତର୍କିତ ଭାବେ ଟାଙ୍ଗିଆ ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ଚଗଲାଙ୍କଠାରୁ ସୂଚନା ପାଇ ଗୁରୁବାରିଆଙ୍କ ପୁଅ ବିଭୂତି ଘଟଣାସ୍ଥଳରେ ପହଞ୍ଚିବା ପରେ ଅଭିଯୁକ୍ତ ବାପପୁଅ ଫେରାର ହୋଇଯାଇଥିଲେ। ଗୁରୁତର ଗୁରୁବାରିଆଙ୍କୁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଉଥିବାବେଳେ ରାସ୍ତାରେ ମୃତ୍ୟୁ ହୋଇଯାଇଥିଲା। ବିଭୂତିଙ୍କ ଅଭିଯୋଗକ୍ରମେ ବାଲିମୀ ଥାନାରେ ନଂ. ୨୮/୧୮, ଦଫା ୩୦୨/୩୪ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଦନେଇ ଓ ଦୁଷ୍ମନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ୩ ଗିରଫ, ୭ ବାଇକ୍ ଜବତ

## ବାଇକ୍ ଚୋରି ର୍‍ୟାକେଟ୍ ଠାବ

**ବିନିକା,୧୧।୫(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ପୋଲିସ ମଙ୍ଗଳବାର ଏକ ବାଇକ୍ ଚୋରି ର୍‍ୟାକେଟ ଠାବ କରିଛି। ଏହି ର୍‍ୟାକେଟର ୩ଜଣଙ୍କୁ ଗିରଫ କରାଯାଇଥିବା ବେଳେ ବିଭିନ୍ନ ସ୍ଥାନରୁ ୭ ଚୋରି ବାଇକ୍ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ବିନିକା ଦୈନିକ ବଜାରର ଆକାଶ ଭୂଏ(୧୯), ବିନିକା ଖଲିଆପାଲିର ଅନୀଲ ସେଠ(୨୪) ଓ ବୌଦ୍ଧ ଜିଲା କେନମାଣ୍ଡିର ଜ୍ଞାନ ରଞ୍ଜନ ନାଇକ(୨୯)।

ପୋଲିସ ସୂଚନା ଅନୁଯାୟୀ, ଗତ ୭ତାରିଖରେ ବିନିକା ସହର ଗୌଡପଡାର ବ୍ୟବସାୟୀ ବଳଭଦ୍ର ବଡ଼େଇ(୩୩) ଦୋକାନରୁ ଫେରି ତାଙ୍କ ବାଇକ୍ (ନଂ-ଓଡି୧୭ଏଫ୍-୧୪-୪୨୬୩)କୁ ଘର ସମ୍ମୁଖରେ ରଖିଥିଲେ। ଏହି ସମୟରେ ତାଙ୍କ ବାଇକ୍ ଚୋରି ହୋଇଯାଇଥିଲା। ସେ ଏନେଇ ବିନିକା ଥାନାରେ ଅଭିଯୋଗ କରିବା ପରେ ମାମଲା(ନଂ. ୭୩/୨୧) ରୁଜୁ ହୋଇଥିଲା। ବଳଭଦ୍ର ତାଙ୍କ ଘର ପାଖରେ ଥିବା ସିସି ଟିଭି ଫୁଟେଜରୁ ଗିରଫ ଅଭିଯୁକ୍ତ ଆକାଶ ତାଙ୍କ ବାଇକକୁ ଚୋରି କରି ନେଉଥିବା ଦେଖିଥିଲେ। ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ଆକାଶଙ୍କୁ ବଳଭଦ୍ର ଚିହ୍ନି ପାରିଥିଲେ। ଅନ୍ୟପକ୍ଷରେ ଚୋରି ଦିନଠାରୁ ଆକାଶ ଘରେ ନ ଥିବାରୁ ପୋଲିସ ସନ୍ଦେହ ହୋଇଥିଲା। ଏହି ଘଟଣାରେ ପୋଲିସ ବୌଦ୍ଧର ଜ୍ଞାନରଞ୍ଜନ ସମ୍ପୃକ୍ତ ଥିବା ସୂଚନା ପାଇ ତାଙ୍କ ଘରେ ଚଢାଉ କରି ଧରିଥିଲେ। ତାଙ୍କ ବୟାନ ଅନୁସାରେ ଅନ୍ୟ ଦୁଇସ୍ଥାନରୁ ଆକାଶ ଓ ଅନୀଲ ଗିରଫ ହୋଇଥିଲେ। ଅଭିଯୁକ୍ତଙ୍କ ସୂଚନା ଅନୁସାରେ ବିଭିନ୍ନ ସ୍ଥାନରୁ ଚୋରି ୭ ବାଇକ୍ ଜବତ ହୋଇଛି। ଅଭିଯୁକ୍ତମାନଙ୍କ ନାଁରେ ପୃଥକ ମାମଲା ରୁଜୁ କରାଯାଇ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅଞ୍ଚଳରୁ ବାରମ୍ବାର ବାଇକ୍ ଚୋରି ହେବା ପୋଲିସ ପାଇଁ ମୁଣ୍ଡବ୍ୟାଥାର କାରଣ ହୋଇଥିଲା। ଏସପିଙ୍କ ତତ୍ତ୍ୱାବଧାନରେ ଏହି ଚଢାଉ କରାଯାଇଥିଲା।

# ଆଇଟିଆଇ ପକ୍ଷରୁ ଘୂର୍ଣ୍ଣାୟମାନ କାର୍ ଉଦ୍‌ଘାଟିତ



ଉଦ୍‌ଘାଟିତ ହୋଇଥିବା ଘୂର୍ଣ୍ଣାୟମାନ କାର୍।

**ବ୍ରହ୍ମପୁର ଅଫିସ୍,୧୧।୫**

ଆଇଟିଆଇ ବୈଷୟିକ ଶିକ୍ଷାନୁଷ୍ଠାନ ପକ୍ଷରୁ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଶିକ୍ଷାନୁଷ୍ଠାନ ପକ୍ଷରୁ ଭର୍ଚୁଆଲ ମାଧ୍ୟମରେ ଏକ ଘୂର୍ଣ୍ଣାୟମାନ କାର ଉଦ୍‌ଘାଟନ କରାଯାଇଥିଲା। ଏହା ୧୪୮୦ ଆର୍‌ପିଏମ୍ ବେଗ ସହିତ ୨ ଏଚ୍‌ପି ୩ ପର୍ଯ୍ୟାୟ ସ୍କ୍ୱାଲ କେଜ୍ ଇଣ୍ଡକଶନ୍ ବୈଦ୍ୟୁତିକ ମୋଟର ସାହାଯ୍ୟରେ ଚାଳିତ ହେଉଛି। କାର୍‌ଟି ୧୦ ଫୁଟ୍ ୬ ଇଞ୍ଚ ଉଚ୍ଚତାରେ ଘୂର୍ଣ୍ଣାୟମାନ ହେଉଛି। ଏହା ଭି ପୁଲି, ହେଲିକାଲ୍ ଗିଅର୍ ଓ ବିଭେଲ୍ ଗିଅର୍ ଭଳି ୫ ସ୍ତରରେ ନିଜର ବେଗ କମାଇଥାଏ ବୋଲି ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏଥିରେ ଦୁଇଟି ଟେପର୍ ରୋଲର୍ ବିୟରିଂ ଓ ଗୋଟିଏ ବଲ୍ ଥ୍ରଷ୍ଟ ବିୟରିଂ ଦ୍ୱାରା ଥ୍ରଷ୍ଟ ଲୋଡ୍ ନେବା ପାଇଁ ସମର୍ଥ ହୋଇଥାଏ। କାର୍‌ଟିକୁ ଏକ ପ୍ଲାଟ୍‌ଫର୍ମରେ ନଟ୍ ଓ ବୋଲ୍ଟ ଦ୍ୱାରା ଡ୍ରାଇଭିଂ ସାଫ୍ଟରେ ଲାଗିଥାଏ। ଏହି କାର୍ ସମେତ ବ୍ୟବହୃତ ହୋଇଥିବା ସମସ୍ତ ସାମଗ୍ରୀ ବର୍ଜ୍ୟବସ୍ତୁ ଦ୍ୱାରା ପ୍ରସ୍ତୁତ ହୋଇଥିବା ଅଧ୍ୟକ୍ଷ କହିଛନ୍ତି। ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସହଯୋଗରେ ଏହା ନିର୍ମିତ ହୋଇଛି। ଏହା ଭାରତର ଦ୍ୱିତୀୟ ଘୂର୍ଣ୍ଣାୟମାନ କାର୍ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଦେଶର ପ୍ରଥମ ଘୂର୍ଣ୍ଣାୟମାନ କାର୍ ତାମିଲନାଡୁର କୋଏମ୍ବାଟୁର୍ ଜିଡି ଟେକ୍‌ନିକାଲ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌କାର୍‌ସଂଗ୍ରହାଳୟରେ ରହିଛି।

# ୨ ଜିଲାରେ ସ୍ଥିତି ଉଦ୍‌ବେଗଜନକ

**ଭୁବନେଶ୍ୱର, ୧୧।୫(ବ୍ୟୁରୋ)**

- ■ ୪ଦିନ ଧରି କମୁଛି ସଂକ୍ରମଣ
- ■ ଦିନକରେ ୯,୭୯୩ ଚିହ୍ନଟ, ୧୮ ମୃତ୍ୟୁ
- ■ ଟିକା ନୁହେଁ, ମାସ୍କ ବଞ୍ଚାଇବ: ଡା ରାଓ



ରାଜ୍ୟରେ ୧୦ହଜାର ତଳକୁ ଖସିଲା ଦୈନିକ ସଂକ୍ରମଣ। ଗତ ୨୪ଘଣ୍ଟାରେ ୯,୭୯୩ ଚିହ୍ନଟ ହୋଇଛନ୍ତି। ଗତ ୪ଦିନ ହେବ କ୍ରମାଗତ ଭାବେ ହ୍ରାସ ପାଉଛି ଦୈନିକ ସଂକ୍ରମଣ। ଗତ ୭ତାରିଖରେ ୧୨,୨୩୮ଜଣ ଚିହ୍ନଟ ହୋଇ ସର୍ବକାଳୀନ ରେକର୍ଡ କରିଥିଲା। ଏହାପରେ ୮ତାରିଖରେ ୧୧,୮୦୭, ୯ରେ ୧୦,୬୩୫, ୧୦ରେ ୧୦,୦୩୧ ଏବଂ ୧୧ରେ ୧୦ହଜାର ତଳକୁ ଚିହ୍ନଟ ହୋଇଛନ୍ତି। ଟେଷ୍ଟିଂ କମ୍ ହେଉଥିବାରୁ ପଜିଟିଭ୍‌ଙ୍କ ସଂଖ୍ୟା କମୁଥିବା ଜଣାପଡୁଛି। ସେପଟେ ଦୈନିକ ସଂକ୍ରମଣ ହ୍ରାସ ପାଉଥିଲେ ସୁଦ୍ଧା ଖୋର୍ଦ୍ଧା ଓ ସୁନ୍ଦରଗଡ଼ ଜିଲା ସ୍ଥିତି ଉଦ୍‌ବେଗଜନକ ରହିଛି। ଏହି ଦୁଇଟି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା କମୁନାହିଁ । ଗତ ୨୪ଘଣ୍ଟାରେ ରାଜ୍ୟରେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୧,୫୧୧ଜଣ ଥିବା ବେଳେ ସୁନ୍ଦରଗଡ଼ରୁ ୧,୦୧୮ଜଣ ରହିଛନ୍ତି। ସେହିପରି କଟକରୁ ୬୪୧, ଅନୁଗୋଳରୁ ୫୨୬, ଝାରସୁଗୁଡ଼ାରୁ ୪୦୪, ନୂଆପଡ଼ାରୁ ୪୦୧, ଯାଜପୁରରୁ ୩୭୬, ସମ୍ବଲପୁରରୁ ୩୫୬, ପୁରୀରୁ ୩୫୧, ବଲାଙ୍ଗୀରରୁ ୩୪୨, ବାଲେଶ୍ୱରରୁ ୩୧୪, ନବରଙ୍ଗପୁରରୁ ୩୦୨, ଗଞ୍ଜାମରୁ ୨୭୬, ନୟାଗଡ଼ରୁ ୨୫୪, କେନ୍ଦୁଝରରୁ ୨୪୪, କଳାହାଣ୍ଡିରୁ ୨୨୪ଜଣ ଥିବାବେଳେ ବାକି ସବୁ ଜିଲାରେ ୨ଶହ ତଳକୁ ସଂକ୍ରମିତ ସଂଖ୍ୟା ରହିଛି। ବର୍ତ୍ତମାନ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୫,୫୪,୬୬୬ରେ ପହଞ୍ଚିଛି।

ଅପରପକ୍ଷେ ରାଜ୍ୟରେ ଆଉ ୧୮ଜଣଙ୍କ ଜୀବନ ନେଇଛି କରୋନା ମହାମାରୀ। ଏଥିରୁ ଅନୁଗୋଳରୁ ସର୍ବାଧିକ ୪ଜଣ ରହିଥିବାବେଳେ ଖୋର୍ଦ୍ଧାରୁ ୩, ସୁନ୍ଦରଗଡ଼, ରାୟଗଡ଼ା ଓ କଳାହାଣ୍ଡିରୁ ୨ଜଣ ଲେଖାଏ, ବୌଦ୍ଧ, ଦେବଗଡ଼, ପୁରୀ, ମାଲକାନଗିରି ଓ ଗଜପତିରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ମୃତ୍ୟୁ ସଂଖ୍ୟା ୨,୨୧୫କୁ ବୃଦ୍ଧି ପାଇଛି।

ସେପଟେ କରୋନାର ଏହି ଦ୍ୱିତୀୟ ଲହର ଟିକା ନୁହେଁ, କେବଳ ମାସ୍କ ଓ ସାମାଜିକ ଦୂରତା ହିଁ ରକ୍ଷା କରିପାରିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ତଥା କୋଭାକ୍ସିନ ପରୀକ୍ଷଣର ଓଡ଼ିଶା ମୁଖ୍ୟ ଡା. ଇ. ଭେଙ୍କଟ ରାଓ କହିଛନ୍ତି। ଓଡ଼ିଶାରେ ଯେତେବେଳେ ଟିକାକରଣ ଆରମ୍ଭ ହୋଇଥିଲା, ସେତେବେଳେ ଟିକା ପର୍ଯ୍ୟାପ୍ତ ପରିମାଣର ଉପଲବ୍ଧ ଥିଲା। କିନ୍ତୁ ଲୋକେ ଭୟରେ ଟିକା ନେବା ପାଇଁ ଆସୁ ନ ଥିଲେ। ଏତେ ଶୀଘ୍ର ଟିକା ବଜାରକୁ ଆସିଥିବାରୁ ସେ ଟେଷ୍ଟିଂ ହୋଇ ନ ଥିବ ବୋଲି ଲୋକେ ଭାବୁଥିଲେ। କିନ୍ତୁ ଏବେ ସଂକ୍ରମଣ ବଢ଼ିଯିବାରୁ ଲୋକଙ୍କ ମନରେ ଭୟ ଆସିଲା। ତେଣୁ ଟିକା ନେବା ପାଇଁ ଏବେ ଲୋକେ ତତ୍ପରତା ଦେଖାଉଛନ୍ତି। କିନ୍ତୁ ଟିକା ନେଇଗଲେ ଦ୍ୱିତୀୟ ଲହରରୁ ମୁକ୍ତି ମିଳିବ ନାହିଁ ବୋଲି ସମସ୍ତେ ଜାଣିରଖିବା ଉଚିତ। ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ବଜାୟ ରଖିବା ଉପରେ ଡା. ରାଓ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ, ଟିକାର ପ୍ରଥମ ଡୋଜ୍‌ର ମାସକ ପରେ ଦ୍ୱିତୀୟ ଡୋଜ୍ ଦିଆଯାଉଛି। ଦ୍ୱିତୀୟ ଡୋଜ୍ ନେବାର ମାସକ ପରେ ଶରୀରରେ ଆଣ୍ଟିବଡି ସୃଷ୍ଟି ହୋଇଥାଏ। ଟିକା ନେଲେ କରୋନାର ତୃତୀୟ ଓ ଚତୁର୍ଥ ଲହରରୁ ବର୍ତ୍ତି ଯାଇପାରନ୍ତି ବୋଲି ସେ କହିଛନ୍ତି। ଯଦି ଭୂତାଣୁର ଆଉ ମ୍ୟୁଟାଣ୍ଟ ନ ହୁଏ, ତେବେ ତୃତୀୟ ଲହରରୁ ଆମକୁ ରକ୍ଷା କରିବ। ତେଣୁ ଟିକା ନୁହେଁ, ମାସ୍କ ଓ ସାମାଜିକ ଦୂରତା ହିଁ ଆମକୁ ବଞ୍ଚାଇବ। ବାହାରକୁ ଆସିଲେ ଆଦୌ ମାସ୍କ ଖୋଲନ୍ତୁ ନାହିଁ ବୋଲି ଡା. ରାଓ ପରାମର୍ଶ ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆୟାଂଶୁ
ପରିବାରବର୍ଗ


ଆଲୋକ
ପରିବାରବର୍ଗ


ଗୌରିଶ
ପରିବାରବର୍ଗ


ଦିଗମ୍ବର
ପରିବାରବର୍ଗ


ଛୋଟୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଆଜିର ମନ୍ତବ୍ୟ

"ମେଡ୍ ଇନ୍ ଇଣ୍ଡିଆ ଭାକ୍ସିନ ସାରା ଦେଶରା କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କୋଭିଡ୍-୧୯କୁ ନେଇ ଲୋକଙ୍କୁ ଆତଙ୍କିତ କରାଉଛନ୍ତି।

**-ଜେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**

## ପ୍ରଥମ ପୃଷ୍ଠାରୁ...

### ଦାହ କରିପାରୁ...

କେତେଜଣ ଆମ୍ବୁଲାନ୍ସ ଡ୍ରାଇଭର ୟୁପିର ବାଲିଆ ଓ ବିହାରର ସରନ ସୀମାସ୍ଥିତ ଜୟପ୍ରଭା ସେତୁରେ ମୃତଦେହଗୁଡ଼ିକୁ ଆଣି ଫିଙ୍ଗୁଛନ୍ତି। ସେମାନଙ୍କୁ ଏଥରୁ ନିବୃତ୍ତ କରିବା ପାଇଁ ବକ୍ସାର ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଛି। ତେବେ ସ୍ଥାନୀୟ ଲୋକେ ଏଥିପାଇଁ ଦୁଇ ରାଜ୍ୟକୁ ଦାୟୀ କରିଛନ୍ତି। ଉଭୟ ବିହାର ଓ ୟୁପିର ଡ୍ରାଇଭରମାନେ ମୃତଦେହ ଆଣୁଛନ୍ତି ବୋଲି ଅରବିନ୍ଦ ସିଂ ନାମକ ଜଣେ ବ୍ୟକ୍ତି କହିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ, ସାରା ରାତି ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ କରାଯାଇଥିଲା। ସେଗୁଡ଼ିକ ଶଢ଼ିଯାଇଥିବାରୁ ମୃତକଙ୍କ ପରିଚୟ ମିଳିପାରି ନାହିଁ। ଡିଏନ୍ଏ ପରୀକ୍ଷା କରି ପରିଚୟ ସ୍ପଷ୍ଟ ପାଇଁ ଉଦ୍ୟମ ଚାଲିଛି। କାଠ ଅଭାବରୁ ମୃତଦେହଗୁଡ଼ିକୁ ଭସାଇ ଦିଆଯାଉଥିବା ନେଇ ପ୍ରଚାର ମିଛ ବୋଲି ଜିଲାପାଳ ଅମନ ସମୀର କହିଛନ୍ତି। ଗ୍ରାମାଞ୍ଚଳର ଶ୍ମଶାନଗୁଡ଼ିକରେ କୋଭିଡ୍ ପ୍ରୋଟୋକଲ ଅଭାବରୁ ସ୍ଥାନୀୟ ଲୋକେ ସଂକ୍ରମଣ ବୃଦ୍ଧି ଆଶଙ୍କାରେ ସତ୍କାର କରିବାକୁ ଭୟ କରୁଥିବା ମଧ୍ୟ କୁହାଯାଉଛି। ଏହି ଘଟଣା ଦେଶବ୍ୟାପୀ ଉଦ୍‌ବେଗ ସୃଷ୍ଟି କରିବା ପରେ ଗାଜିପୁର ଜିଲା ପ୍ରଶାସନ ତତ୍ପରତା ଦେଖାଇଛି। ମୃତଦେହ ଭାସୁଥିବା ସ୍ଥାନକୁ ଅଫିସରମାନଙ୍କୁ ପଠାଯାଇଛି। ସେମାନେ ତଦନ୍ତ କରୁଛନ୍ତି ବୋଲି ଗାଜିପୁର ଜିଲାପାଳ ଏମ୍.ପି. ସିଂ ସୂଚନା ଦେଇଛନ୍ତି।

### ଗୋଆରେ ୨୬...

ହସ୍ପିଟାଲକୁ ୧୨୦୦ ଜୁମ୍ବୋ ସିଲିଣ୍ଡର ଆବଶ୍ୟକ ଥିବାବେଳେ ମାତ୍ର ୪୦୦ ଯୋଗାଣ ହୋଇଥିଲା। ଅକ୍ସିଜେନ ଯୋଗାଣ ନିଅଣ୍ଟିଆ ହୋଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ରାଣେ କହିଥିବାବେଳେ ରୋଗୀଙ୍କ ମୃତ୍ୟୁର କାରଣ ବିଷୟକୁ ସେ ଏଡ଼ାଇଯାଇଛନ୍ତି। କହିଛନ୍ତି, ହାଇକୋର୍ଟ ଏହାର ତଦନ୍ତ କରିବା ଉଚିତ। ଏହାସହ ଜିଏମ୍‌ସିଏଚ୍‌କୁ ଅକ୍ସିଜେନ ଯୋଗାଣ ନେଇ ହସ୍ତକ୍ଷେପ ସହ ଏ ସମ୍ପର୍କିତ ଏକ ଶ୍ୱେତପତ୍ର ପ୍ରସ୍ତୁତ କରିବା ଉଚିତ। ରାଜ୍ୟ ସରକାର ଏହାର ଅନୁଧ୍ୟାନ କରିବା ପାଇଁ ୩ ସଦସ୍ୟ ବିଶିଷ୍ଟ ଟିମ୍ ଗଠନ କରିଛନ୍ତି। ଏହା ପୂର୍ବରୁ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଜିଏମ୍‌ସିଏଚ୍ ପରିଦର୍ଶନରେ ଯାଇ କହିଥିଲେ, କୋଭିଡ୍-୧୯ ୱାର୍ଡଗୁଡ଼ିକରେ ଅକ୍ସିଜେନ ଉପଲବ୍ଧତାର ବ୍ୟବଧାନ ଯୋଗୁ ରୋଗୀଙ୍କ ପାଇଁ କିଛି ସମସ୍ୟା ସୃଷ୍ଟି ହୋଇଥାଇପାରେ। ତେବେ ରାଜ୍ୟରେ ଅକ୍ସିଜେନର ଅଭାବ ନାହିଁ। ପ୍ରକାଶ ଯେ, ସୋମବାର ଗୋଆରେ ୫୦ କୋଭିଡ୍ ରୋଗୀଙ୍କ ମୃତ୍ୟୁ ଘଟିବା ସହ ମୋଟ ମୃତ୍ୟୁସଂଖ୍ୟା ୧,୭୨୯ରେ ପହଞ୍ଚିଥିଲା। ସେହିପରି ସଂକ୍ରମିତଙ୍କ ସଂଖ୍ୟା ୧,୨୧,୬୫୦ ଡେଇଁଥିଲା।

ଆନ୍ଧ୍ର ପ୍ରଦେଶର ତିରୁପତି ଏସ୍‌ଭିଆର୍ ରୁଇଆ ସରକାରୀ ହସ୍ପିଟାଲକୁ ଶ୍ରୀପେରୁମ୍ବୁଦୁରରୁ ୧୦ କେଏଲ୍ ଅକ୍ସିଜେନ ଆସିଲା ୪୫ ମିନିଟ ବିଳମ୍ବରେ। ସୋମବାର ରାତି ପ୍ରାୟ ୮ଟା ୩୦ରେ ୧୧ କୋଭିଡ୍ ରୋଗୀ ଚିକିତ୍ସାଧୀନ ରୋଗୀଙ୍କ ମୃତ୍ୟୁ ଘଟିଲା। ମଙ୍ଗଳବାର ମୃତକଙ୍କ ସଂଖ୍ୟା ୧୩ରେ ପହଞ୍ଚିଥିବାବେଳେ ଆଉ ୩ ଜଣ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି। ସେମାନଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି। ହସ୍ପିଟାଲକୁ ଚିକିତ୍ସା ପାଇଁ ଆଣିଥିବା ରୋଗୀଙ୍କ ସମ୍ପର୍କୀୟମାନେ ସେମାନଙ୍କ ମୃତଦେହ ଧରି ଫେରିଲେ। ଅକ୍ସିଜେନ୍ ଯୋଗାଣ ବାଧାପ୍ରାପ୍ତ ହେବାରୁ ୧୩ କରୋନା ରୋଗୀଙ୍କ ମୃତ୍ୟୁ ଘଟିଥିବା ଉକ୍ତ ହସ୍ପିଟାଲର ଡାକ୍ତର ହରି କ୍ରିଷ୍ଣା ସୂଚନା ଦେଇଛନ୍ତି। ସୂଚନାନୁସାରେ ୧,୦୦୦ ଶଯ୍ୟା ବିଶିଷ୍ଟ ତିରୁପତି ରୁଇଆ ହସ୍ପିଟାଲକୁ କୋଭିଡ୍-ସ୍ପେଶାଲିଟି ହସ୍ପିଟାଲରେ ପରିବର୍ତ୍ତିତ କରାଯାଇଛି। ସେଠାରେ ଅକ୍ସିଜେନ ସଙ୍କଟ ଥିବା ନେଇ ପୂର୍ବରୁ ସରକାରଙ୍କୁ ଅବଗତ କରାଯାଇଥିଲା। ଅକ୍ସିଜେନ ଯୋଗାଣ ବିଳମ୍ବ ହେବାରୁ ୪୫ ମିନିଟ ଧରି ଛଟପଟ ହୋଇ ଆଖି ବୁଜିଦେଲେ। ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ରେଡ୍ଡୀ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏହାସହ ବର୍ତ୍ତମାନ ସ୍ଥିତିରେ ରାଜ୍ୟକୁ ଦୈନିକ ୯୧୦ ଟନ୍ ଲିକୁଇଡ୍ ମେଡିକାଲ୍ ଅକ୍ସିଜେନ ଯୋଗାଇଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ଆନ୍ଧ୍ରକୁ ଏପ୍ରିଲ ୨୪ରେ ୪୮୦ ମେଟ୍ରିକ୍ ଟନ୍ ଏଲ୍‌ଏମ୍‌ଓ ଯୋଗାଇ ଦିଆଯାଉଥିବାବେଳେ ମେ ୮ରୁ ଏହାକୁ ୫୯୦ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରାଯାଇଛି।

ପ୍ରକାଶ ଯେ, ନିକଟରେ କର୍ଣ୍ଣାଟକର ଚମରାଜନଗର ଜିଲା ହସ୍ପିଟାଲରେ ଅକ୍ସିଜେନ ଅଭାବରୁ ୨୪ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଏପ୍ରିଲ ୨୪ରେ ଦିଲ୍ଲୀର ଜୟପୁର ଗୋଲ୍ଡେନ୍ ହସ୍ପିଟାଲରେ ୨୦ ରୋଗୀଙ୍କ ଜୀବନ ଯାଇଥିବାବେଳେ ଦିନକ ପୂର୍ବରୁ ସାର୍ ଗଙ୍ଗାରାମ ହସ୍ପିଟାଲରେ ମଧ୍ୟ ୨୫ ସଂକ୍ରମିତ ଚିକିତ୍ସାଧୀନ ଥାଇ ପ୍ରାଣ ହରାଇଥିଲେ। ଏସବୁ ମୃତ୍ୟୁସଂଖ୍ୟାକୁ ମିଶାଇଲେ ୨୦୦ରୁ ଊର୍ଦ୍ଧ୍ୱ ହେବ।

### ହତାଦର କଲେ...

ମାଗଣାରେ ଯୋଗାଇ ଦିଆଯାଉଛି। ରାଜ୍ୟ ସରକାର ଏଥିପାଇଁ ବହୁ ସମ୍ବଳ ଖର୍ଚ୍ଚ କରୁଛନ୍ତି। ରାଜ୍ୟବାସୀଙ୍କୁ ଉତ୍ତମ ସେବା ଯୋଗାଇବା ନେଇ ନିଶ୍ଚିତ କରିବା ଲାଗି ମୁଖ୍ୟମନ୍ତ୍ରୀ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୋ ସରକାର ଅଧୀନରେ ରୋଗୀମାନଙ୍କଠାରୁ ମତାମତ ସଂଗ୍ରହ କରାଯାଉଛି। ଆଗାମୀ ଦିନରେ ଏହା ଜାରିରହିବ। ଅଗ୍ନି ନିରାପତ୍ତା ଏବଂ ମେଡିକାଲ ଅକ୍ସିଜେନ ମହଜୁଦ ରଖିବା ଜିଲା ଟିମ୍ ପାଇଁ ପ୍ରାଥମିକତା। ଏହାକୁ ୨୪ ଘଣ୍ଟା ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଟେଷ୍ଟିଂ, ଟ୍ରେସିଂ ଏବଂ କଣ୍ଟେନମେଣ୍ଟ ପୂରାଦମରେ ଚଳାଇବା ସହ ସମ୍ବେଦନଶୀଳ ଅଞ୍ଚଳ ଉପରେ ସ୍ୱତନ୍ତ୍ର ଫୋକସ୍ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଯେଉଁ ଡାକ୍ତରମାନେ ଆଇସିୟୁ ଏବଂ ଏଚ୍‌ଡିୟୁ ପରିଚାଳନା କରୁଛନ୍ତି ସେମାନଙ୍କଠାରୁ ପ୍ରତ୍ୟକ୍ଷ ମତାମତ ସଂଗ୍ରହ କରିବାକୁ କୁହାଯାଇଛି। ଟିକାକରଣ କାର୍ଯ୍ୟକ୍ରମକୁ ପ୍ରାଥମିକତା ଦେଇ ଜୋରସୋରରେ ଚଳାଇବା ସହ ବୃଦ୍ଧାବୃଦ୍ଧ ଏବଂ ଅନ୍ୟ ସମ୍ବେଦନଶୀଳ ବର୍ଗଙ୍କ ପାଇଁ ଟିକାକରଣ କ୍ଷେତ୍ରରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅଧିକ ମାତ୍ରାରେ ଟିକା ଯୋଗାଇବାକୁ ସରକାର ଯଥାସମ୍ଭବ ଉଦ୍ୟମ କରୁଛନ୍ତି। କୋଭିଡ୍ ହସ୍ପିଟାଲଗୁଡ଼ିକରେ ହେଲ୍‌ପଲାଇନ ସୁଦୃଢ଼ କରିବା ସହ ପରିବାରବର୍ଗଙ୍କୁ ରୋଗୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଜଣାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କଠିନ ପରିସ୍ଥିତିରେ ଦୁଃସ୍ଥ ଲୋକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଜରିଆରେ ସହାୟତା କରିବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ଓ ମହାମାରୀକୁ ନିୟନ୍ତ୍ରଣ କରିବା ପାଇଁ ଟିକାକରଣ ହେଉଛି ମୁଖ୍ୟ ଅସ୍ତ୍ର। ସେ ପର୍ଯ୍ୟନ୍ତ ଆମକୁ ସତର୍କତାର ସହ ଯିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ତୃତୀୟ ଲହର ସମ୍ଭାବନା ସମ୍ପର୍କରେ ତଥ୍ୟ ସଂଗ୍ରହ ସହିତ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୁରୀରେ ରଥଯାତ୍ରା ପୂର୍ବରୁ ସମସ୍ତ ସେବାୟତ ଓ ସେମାନଙ୍କ ପରିବାରବର୍ଗଙ୍କ ସମ୍ପୂର୍ଣ୍ଣ ଟିକାକରଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ କୋଭିଡ୍ ହସ୍ପିଟାଲଗୁଡ଼ିକରେ ଚିକିତ୍ସାରେ ଉନ୍ନତି ଆଣିବା ପାଇଁ ପଦକ୍ଷେପ ନିଆଯାଇଛି। କୋଭିଡ୍ ପର୍ଯ୍ୟବେକ୍ଷକମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି। ଅକ୍ସିଜେନ ବ୍ୟବସ୍ଥାର ୨୪ ଘଣ୍ଟିଆ ତଦାରଖ କରାଯାଉଛି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ସାରା ବିଶ୍ୱର ବର୍ତ୍ତମାନ ଭାରତରେ ୫୪ ପ୍ରତିଶତ କୋଭିଡ୍ ସଂକ୍ରମଣ ରହିଛି। ଓଡ଼ିଶାରେ ଦେଶର କୋଭିଡ୍ ସଂଖ୍ୟାର ୨.୭ ପ୍ରତିଶତ ରହିଛି। ସର୍ବଭାରତୀୟ ସ୍ତରରେ ମୃତ୍ୟୁ ହାର ୧.୦୯ ଥିବା ବେଳେ ଓଡ଼ିଶାରେ ଏହା ୦.୪ ପ୍ରତିଶତ ରହିଛି। ଖୋର୍ଦ୍ଧା ଓ କଟକ ଜିଲା ବ୍ୟତୀତ ଛତିଶଗଡ଼ ସୀମାବର୍ତ୍ତୀ ଜିଲାଗୁଡ଼ିକରେ ଅଧିକ ପଜିଟିଭ କେସ୍ ରହୁଛି। ଓଡ଼ିଶାରେ ଗତ ୧୫ ଦିନ ଧରି ପଜିଟିଭ ସଂଖ୍ୟା ୨୦.୨ ପ୍ରତିଶତ ରହିଛି। ଓଡ଼ିଶାରେ ଦୈନିକ ୫୨.୯ ମେଟ୍ରିକ୍ ଟନ୍ ଅକ୍ସିଜେନ ଖର୍ଚ୍ଚ ହେଉଛି। ପୋଲିସ ମହାନିର୍ଦ୍ଦେଶକ ଅଭୟ କୋଭିଡ୍ ନିୟମ ଉଲ୍ଲଂଘନ ପାଇଁ ବର୍ତ୍ତମାନ ସୁଦ୍ଧା ୨୮ କୋଟି ୯୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିବା ନେଇ ସୂଚନା ଦେଇଥିଲେ। ବୈଠକରେ ସମ୍ବଲପୁର, ବରଗଡ଼, ପୁରୀ ଜିଲାପାଳ ଓ କଟକ,ପୁରୀ ଓ ଭୁବନେଶ୍ୱର ମହାନଗର ନିଗମ କମିଶନର କୋଭିଡ୍ ପରିଚାଳନା ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକକୁ ୫-ଟି ସଚିବ ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ।

### ଚନ୍ଦନଯାତ୍ରାର ହେବ...

ଏପରିକି ଗଣମାଧ୍ୟମ ପ୍ରତିନିଧିମାନେ ଚନ୍ଦନ ଚକଡ଼ା ଆଗକୁ ଯାଇପାରିବେ ନାହିଁ। ହେଲେ ଚନ୍ଦନଯାତ୍ରାର ସିଧା ପ୍ରସାରଣର ସୁବିଧା ଉପଲବ୍ଧ ହେବ। ଭକ୍ତମାନେ ଘରେ ରହି ସିଧା ପ୍ରସାରଣ ଦେଖିପାରିବେ।

ଜିଲାପାଳ ସମର୍ଥ ବର୍ମା କହିଛନ୍ତି ଯେ, ଚନ୍ଦନଯାତ୍ରା ଓ ରଥଯାତ୍ରା ପରିଚାଳନାକୁ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ପାଳିଆ ସେବାୟତମାନଙ୍କ ଆର୍‌ଟିପିସିଆର୍ ଟେଷ୍ଟ କରାଯିବ। ଉଭୟ ଚନ୍ଦନଯାତ୍ରା ଓ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ସେବାୟତମାନେ ଏହି ଟେଷ୍ଟିଂ କରାଇବେ। ଅନ୍ୟପକ୍ଷରେ ବିନା ଭକ୍ତରେ ଚନ୍ଦନଯାତ୍ରା ଆୟୋଜନ ହେଉଥିବା ହେତୁ ଏକ ସ୍ୱତନ୍ତ୍ର ଲାଇଭ୍ ଷ୍ଟ୍ରିମିଂ ବା ଧାରା ବିବରଣୀର ବ୍ୟବସ୍ଥା ପ୍ରଶାସନ ତରଫରୁ କରାଯାଉଛି ବୋଲି ଜିଲାପାଳ ବର୍ମା କହିଛନ୍ତି। ବୈଠକ ପରେ ରଥଖଳା ଓ ନରେନ୍ଦ୍ର ପୋଖରୀ ଚନ୍ଦନ ଚକଡ଼ା ପାଖରେ ପହଞ୍ଚି ଜିଲାପାଳ ସ୍ଥିତି ସମୀକ୍ଷା କରିବା ସହ କିଭଳି ଭାବେ ଏକ ନିୟନ୍ତ୍ରିତ ବ୍ୟବସ୍ଥାକୁ ଲାଗୁ କରାଯାଇପାରିବ ସେନେଇ ଆଲୋଚନା କରିଥିଲେ। ସେବାୟତ ସନ୍ତୋଷ କୁମାର ପଣ୍ଡା କହିଛନ୍ତି ଯେ, ସଂକ୍ରମଣ ମଧ୍ୟରେ ମହାପ୍ରଭୁଙ୍କ ନୀତିକୁ ପ୍ରାଥମିକତା ଦିଆଯାଇ ବିନା ଭକ୍ତରେ ଚନ୍ଦନଯାତ୍ରା କରାଯିବା ନେଇ ନିଷ୍ପତ୍ତି ହୋଇଛି। ପ୍ରଶାସନର ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ ହୋଇଥିବାବେଳେ ସେବାୟତ ଭାଇମାନେ ମଧ୍ୟ ନିଷ୍ଠାର ସହ ମହାପ୍ରଭୁଙ୍କ ସେବା କରି ଚନ୍ଦନଯାତ୍ରାକୁ ସଫଳ କରିବେ। ଅନ୍ୟପକ୍ଷରେ ପ୍ରସ୍ତୁତି ପ୍ରାୟତଃ ଶେଷ ହୋଇ ଆସିଲାଣି। ଶ୍ରୀମନ୍ଦିରଠାରୁ ନରେନ୍ଦ୍ର ପୁଷ୍କରିଣୀ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଛାମୁଣ୍ଡିଆ ନିର୍ମାଣ ଶେଷ ହୋଇଛି। ମହାପ୍ରଭୁଙ୍କ ଜଳକ୍ରୀଡ଼ା କରିବା ପାଇଁ ପୁଷ୍କରିଣୀ ନିକଟରେ ଥିବା ମନ୍ଦିର ଓ ଚକଡ଼ାର ରଙ୍ଗ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ସେହିଭଳି ବିଭିନ୍ନ ବ୍ୟାରିକେଡିଂ ବ୍ୟବସ୍ଥା ମଧ୍ୟ ଲାଗୁ ହୋଇଛି। ମଙ୍ଗଳବାର ଆୟୋଜିତ ଭର୍ଚୁଆଲ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷ୍ଣନ୍ କୁମାର ଅଧ୍ୟକ୍ଷତା କରିଥିବାବେଳେ ଉପ ମୁଖ୍ୟପ୍ରଶାସକ ସମର୍ଥ ବର୍ମା, ପୁରୀ ଏସ୍‌ପି କନୱର ବିଶାଲ ସିଂ, ଛତିଶା ନିଯୋଗ ସଦସ୍ୟ ଓ ଶ୍ରୀମନ୍ଦିର ପ୍ରଶାସକମାନେ ଉପସ୍ଥିତ ଥିଲେ।

### ତାଲିମ ପଇସାରେ...

ନିୟୋଜିତ କରାଯିବ ସେମାନେ ୭୫ ପ୍ରତିଶତ ତାଲିମପ୍ରାପ୍ତ ଯୁବବର୍ଗଙ୍କୁ ନିଯୁକ୍ତି ଦେବାକୁ ବାଧ୍ୟ। ଓର୍‌ମାସ ଓ ଜାତୀୟ ବୈଷୟିକ ସଂସ୍ଥା ଦ୍ୱାରା ପ୍ରାର୍ଥୀମାନଙ୍କ ନିଯୁକ୍ତିକୁ ଯାଞ୍ଚ କରାଯିବା ପରେ ପିଆଇଏଗୁଡ଼ିକୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ମାତ୍ର ଏସବୁ ନିୟମକୁ ଦଳିମକଚି ଓର୍‌ମାସ ଅଧିକାରୀ ବେଆଇନ ଭାବେ ଅଯୋଗ୍ୟ ଘରୋଇ ସଂସ୍ଥାଙ୍କୁ ବହୁକୋଟି ଟଙ୍କାର ପ୍ରକଳ୍ପ ଟେକି ଦେଇଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ୨୦୧୬ରୁ ୨୦୧୮ମଧ୍ୟରେ ୪ଟି ଘରୋଇ ସଂସ୍ଥା(ଏସ୍କର୍ଟସ ଲିମିଟେଡ, ଏସ୍‌ଡି ଏଜୁକେଶନ ପ୍ରାଇଭେଟ ଲିମିଟେଡ, ବ୍ଲାକ୍ ପାନ୍ଥର ଗାର୍ଡସ ଆଣ୍ଡ ସିର୍ଭିସେସ ଏବଂ କାର୍ଡିଆକ୍ ରିସର୍ଚ୍ଚ ଆଣ୍ଡ୍ ଏଜୁକେଶନ ଫାଉଣ୍ଡେଶନ)କୁ ପ୍ରକଳ୍ପ ମଞ୍ଜୁରୀ କମିଟିର ବିନା ଅନୁମୋଦନରେ ୭୬.୩୪ କୋଟି ଟଙ୍କାର ପ୍ରକଳ୍ପ ଟେକି ଦିଆଯାଇଥିଲା। ସେଥିରୁ ୨୦୧୯ ସେପ୍ଟେମ୍ବର ସୁଦ୍ଧା ୪୧.୦୯ କୋଟି ଟଙ୍କା ପ୍ରଦାନ କରାଯାଇଥିବା ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି। ସିଏଜି ଅଡିଟ୍‌କୁ ଦେଢ଼ ବର୍ଷ ପୂରି ଯାଇଥିବାରୁ ବାକି ଟଙ୍କା ମଧ୍ୟ ସେହି ଘରୋଇ ସଂସ୍ଥାଙ୍କୁ ପ୍ରଦାନ କରାଯାଇସାରିଥିବ ବୋଲି ଓର୍‌ମାସର ଜଣେ କର୍ମଚାରୀ କହିଛନ୍ତି। ଏସ୍କର୍ଟସ ଲିମିଟେଡକୁ ୨୭.୦୯ କୋଟି ଟଙ୍କାର ପ୍ରକଳ୍ପ ପ୍ରଦାନ କରାଯାଇଥିବାବେଳେ ଏଏସ୍‌ଡି ଏଜୁକେଶନ ପ୍ରାଇଭେଟ ଲିମିଟେଡକୁ ୮.୪୨, ବ୍ଲାକ ପାନ୍ଥର ଗାର୍ଡସ ଆଣ୍ଡ୍ ସିର୍ଭିସେସ ଲିମିଟେଡକୁ ୩୧.୫୭ ଏବଂ କାର୍ଡିଆକ ରିସର୍ଚ୍ଚ ଆଣ୍ଡ୍ ଏଜୁକେଶନ ଫାଉଣ୍ଡେଶନକୁ ୯.୨୬ କୋଟି ଟଙ୍କାର ପ୍ରକଳ୍ପ ପ୍ରଦାନ କରାଯାଇଛି। ପିଏସିଗୁଡିକର ଆର୍ଥିକ କାରବାରକୁ ଆଖିବୁଜି ଦେଇ ଓର୍‌ମାସର ବଡ଼ବାବୁ ଅଯୋଗ୍ୟ ଘରୋଇ ସଂସ୍ଥାକୁ ଆର୍ଥିକ ସୁବିଧା ଦେଇଛନ୍ତି। କେବଳ ସେତିକି ନୁହେଁ ପ୍ରଥମ ପ୍ରକଳ୍ପ ତୁଲାଇ ନ ଥିବା ଘରୋଇ ସଂସ୍ଥାଗୁଡ଼ିକୁ ଅଯାଚିତ ଭାବେ ଦ୍ୱିତୀୟ ପ୍ରକଳ୍ପକୁ ପ୍ରଦାନ କରାଯାଇଛି।

ସିଏଜି ଉଲ୍ଲେଖ କରିଛନ୍ତି ଯେ, ଏଏସ୍‌ଡି ଏଜୁକେଶନ ପ୍ରାଇଭେଟ ଲିମିଟେଡକୁ ୧୧.୭୬ କୋଟି ଟଙ୍କାର ଦ୍ୱିତୀୟ ପ୍ରକଳ୍ପ ପ୍ରଦାନ କରିବାକୁ ଓର୍‌ମାସ ବାବୁମାନେ ପଛାଇ ନାହାନ୍ତି। ଏହି ସଂସ୍ଥା ବିଦେଶରେ ନିଯୁକ୍ତି ଦେବା ସହ ଓଡ଼ିଶାରେ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ତେବେ ଏହାକୁ ଓର୍‌ମାସ ଓ ଉକ୍ତ ସଂସ୍ଥା ସହ ହୋଇଥିବା ବୁଝାମଣା ପତ୍ର(ଏମଓୟୁ)ରେ ଚଞ୍ଚକତା କରି ଉଲ୍ଲେଖ କରାଯାଇ ନ ଥିଲା। ସିଏଜି ଅଡିଟ ସମୟରେ ଜଣାପଡ଼ିଛି ଯେ, ଉକ୍ତ ସଂସ୍ଥା ବିଦେଶରେ କୌଣସି ନିଯୁକ୍ତି ସୁଯୋଗ ପ୍ରଦାନ କରି ନ ଥିବାବେଳେ ଓଡ଼ିଶାରେ ଉତ୍କର୍ଷ କେନ୍ଦ୍ର ମଧ୍ୟ ସ୍ଥାପନ କରି ନାହିଁ। ଏହା ସତ୍ତ୍ୱେ ଓର୍‌ମାସ, ପଞ୍ଚାୟତିରାଜ ଏବଂ ଦକ୍ଷତା ବିକାଶ ବିଭାଗ ବାବୁମାନେ ଏହି ଘରୋଇ ସଂସ୍ଥାକୁ ଅହେତୁକ ଅନୁକମ୍ପା ଦେଖାଇବା ପଛରେ ବିଦେଶ ଭ୍ରମଣ ନେବା ଆଲୋଚନା ହେଉଛି। ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ, ଏଏସ୍‌ଡି ଏଜୁକେଶନ ପ୍ରାଇଭେଟ ଲିମିଟେଡ୍ ଜରିଆରେ ଅଷ୍ଟ୍ରେଲିଆର ଏକ ଫାର୍ମ ପଞ୍ଚାୟତିରାଜ ବିଭାଗ ସଚିବ, କୌଶଳ ବିକାଶ ଓ ବୈଷୟିକ ବିଭାଗ ସଚିବ ଏବଂ ଓର୍‌ମାସର ନିର୍ବାହୀ ନିର୍ଦ୍ଦେଶକଙ୍କୁ ଅଷ୍ଟ୍ରେଲିଆ ବୁଲାଇ ନେଇଛି। କେବଳ ସେତିକି ନୁହେଁ ଓର୍‌ମାସ ବଡ଼ବାବୁମାନେ ୨୦୧୬ରୁ ୨୦୧୮ ମଧ୍ୟରେ ନାଇସ୍ କମ୍ପ୍ୟୁଟର, ଏଡୁଜବସ ଏକାଡେମୀ ଏବଂ କର୍ତ୍ତବ୍ୟ କନ୍‌ସଲଟାନ୍ସ ପ୍ରାଇଭେଟ ଲିମିଟେଡ୍ ଭଳି ଆଯୋଗ୍ୟ ସଂସ୍ଥାକୁ ୧୦୨.୧୩ କୋଟି ଟଙ୍କାର ପ୍ରକଳ୍ପ ମନଇଚ୍ଛା ଟେକି ଦେଇଥିଲେ। ସେହି ଘରୋଇ ସଂସ୍ଥାଗୁଡ଼ିକ ମାତ୍ର ୨୫.୨୦ କୋଟି ପାଇବାକୁ ଯୋଗ୍ୟ ଥିବାବେଳେ ପିଏସି ଏବଂ ଓର୍‌ମାସ ଇଡି ତଥା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ୭୬.୯୩ କୋଟି ଟଙ୍କାର ଅହେତୁକ ଅନୁକମ୍ପା ଦେଖାଇଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

### ପେଟ୍ରୋଲ୨୮...

ପେଟ୍ରୋଲ ୯୮ ଟଙ୍କା ହୋଇଥିବା ବେଳେ ଏହାର ପ୍ରିମିୟମ ଦର ୧୦୦ ଟପିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ (ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୨୮ ପଇସା ଏବଂ ଡିଜେଲ ୩୩ ପଇସା ବୃଦ୍ଧି ଘଟିଛି। ଫଳରେ ଏଠାରେ ପେଟ୍ରୋଲ ଦର ୯୨.୫୦ ଟଙ୍କା ଛୁଇଁଥିବାବେଳେ ଡିଜେଲ ଦର ୮୯.୭୨ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୭ ପଇସା ଏବଂ ଡିଜେଲରେ ୩୦ ପଇସା ବଢ଼ିଥିବା ସୂଚନା ମିଳିଛି। ଫଳରେ ସେଠାରେ ପେଟ୍ରୋଲ ଦର ଲିଟର ପିଛା ୯୧.୮୦ ଟଙ୍କା ଓ ଡିଜେଲ ଲିଟର ପିଛା ୮୨.୩୬ ଟଙ୍କାରେ ପହଞ୍ଚିଛି। ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୯୩.୬୨ ଟଙ୍କା, ୯୧.୯୨ ଟଙ୍କା ଏବଂ ୯୮.୧୨ ଟଙ୍କାକୁ ବୃଦ୍ଧି ଘଟିଛି। ସେହିପରି ଏହିସବୁ ମେଟ୍ରୋ ସହରରେ ଡିଜେଲ ଲିଟର ପିଛା ୮୭.୨୫ ଟଙ୍କା, ୮୫.୨୦ ଟଙ୍କା ଏବଂ ୮୯.୪୮ ଟଙ୍କାରେ କାରବାର ହେଉଥିବା ଜଣାପଡିଛି।

### ଓଡ଼ିଶାରେ ୭...

ସେ କହିଛନ୍ତି। ଏହି ପ୍ଲାଣ୍ଟରୁ ଅକ୍ସିଜେନ ହସ୍ପିଟାଲକୁ ପାଇପ୍ ମାଧ୍ୟମରେ ଯୋଗାଣ କରାଯିବ। ସୂଚନାଯୋଗ୍ୟ, ବର୍ତ୍ତମାନ କରୋନାରେ ଗୁରୁତର ଆକ୍ରାନ୍ତ ହୋଇଥିବା ରୋଗୀଙ୍କ ପାଇଁ ଅକ୍ସିଜେନ ସଞ୍ଜିବନୀ ଭାବେ କାର୍ଯ୍ୟ କରୁଛି। କିନ୍ତୁ ଏହାର ଅଭାବ ଯୋଗୁ ଦେଶର ବିଭିନ୍ନ ସହରରେ ରୋଗୀଙ୍କ ଜୀବନ ଯାଉଛି। ବିଶେଷ କରି ଦିଲ୍ଲୀ, ପଞ୍ଜାବ, ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ପରି ରାଜ୍ୟରେ ଥିବା ହସ୍ପିଟାଲଗୁଡ଼ିକରେ ବିଶେଷ ଭାବେ ଅକ୍ସିଜେନ ଅଭାବ ସମସ୍ୟା ଦେଖାଦେଇଛି। ଏହାକୁ ଦେଖି ଓଡ଼ିଶା ସରକାର ବିଭିନ୍ନ ରାଜ୍ୟକୁ ଅକ୍ସିଜେନ ଦେବାରେ ସହାୟତା କରୁଛନ୍ତି। ଆଉ ୭ଟି ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ବହୁ ଉପକୃତ ହେବ ବୋଲି ଆଶା କରାଯାଉଛି।

### ୧୬ ଜିଲାରେ ହେବ...

ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧୬ ଜିଲାରେ ଆର୍‌ଟି-ପିସିଆର୍ ଟେଷ୍ଟିଂ ଲାବରେଟୋରି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଆର୍‌ଟି-ପିସିଆର୍ ଟେଷ୍ଟିଂ ଲାବରେଟୋରି ଗୋଟିଏ ଖୋଲିବା ପାଇଁ ପ୍ରାୟ ୧.୨୦କୋଟି ଖର୍ଚ୍ଚ ହେବ। ଏହି ଟେଷ୍ଟିଂ ସେଣ୍ଟରଗୁଡ଼ିକ ସବୁଦିନ ଲୋକଙ୍କୁ ସେବା ଯୋଗାଇବ। ଏହି ଲାବରେଟୋରିରେ ଜଣେ ଲେଖାଏ ମାଇକ୍ରୋବାୟୋଲୋଜିଷ୍ଟ ଓ ତିନିଜଣ ଲ୍ୟାବ୍ ଟେକ୍ନିସିଆନଙ୍କୁ ନିୟୋଜିତ କରାଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡ଼ିପାରେ। ଆପଣଙ୍କ ଦୃଢ଼ ଓ କଠୋରୋକ୍ତି ଫଳରେ ସାମ୍ନାରେ କଥା କହିବାକୁ ଅନ୍ୟମାନେ ପଛେଇ ରହିବେ। ଭଲ କହୁଥିବା ଲୋକଟି ପଛରେ ସମାଲୋଚନା କରୁଥିବା ଶୁଣିବାକୁ ପାଇବେ। ସାମାନ୍ୟ ଚେଷ୍ଟା ଦ୍ୱାରା ଯେଉଁଥିପାଇଁ ଚିନ୍ତିତ ରହିଥିଲେ ତାହା ମିଳିପାରିବ।

**ବୃଷ** କୌଣସି ବନ୍ଧୁ କିମ୍ବା ସହକର୍ମୀ ସହଯୋଗର ହାତ ବଢ଼ାଇବେ, ଫଳରେ ଆଜିର କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ** ଆଜି ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଅପ୍ରିୟ ସତ୍ୟ କହି ସେମାନଙ୍କ ସହ ତିକ୍ତତା ଆଶଙ୍କା ରହିଛି। ସାଧାରଣ ତୋଷାମଦିଆ କଥାରେ ମନ ବଦଳି ଯାଇପାରେ। ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ରାଜନୀତି, ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ** ଉଦ୍ୟମ ଅବ୍ୟାହତ ରଖିଲେ ମଧ୍ୟ ଯେତିକି ପାଇବା କଥା ତାହା ନ ପାଇ ଅନୁତପ୍ତ ହୋଇପାରନ୍ତି। ଯଦିଓ ଅର୍ଥର ଅଭାବ ରହିବନାହିଁ ତଥାପି ଆଉ କେତେକ ଅପୂରଣୀୟ ଆଶା ଦୁଶ୍ଚିନ୍ତାର କାରଣ ହେବ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମା, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ମାନସିକ ଅଶାନ୍ତି ବଢ଼ିବ।

**ସିଂହ** କର୍ମକ୍ଷେତ୍ରରେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା କାମ ହାସଲରେ ସାହାଯ୍ୟ କରିବ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। କଚେରି ମାମଲାର ଶୁଣାଣିରୁ ମନ ଖୁସି ରହିବ। ବାଣିଜ୍ୟ, ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**କନ୍ୟା** କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରନ୍ତୁ। ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ ଓ କଳହର ସମ୍ଭାବନା ରହିଛି। କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ତୁଳା** ଆଜି ଆପଣ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନଚେତ୍ ହଇରାଣ ହେବାକୁ ପଡିପାରେ। ତରବରିଆ ଭାବରେ ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢିଯାଇପାରେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ଶିଳ୍ପ, ବାଣିଜ୍ୟ, ସାମ୍ବାଦିକତା ଓ ଅର୍ଥ ସମ୍ବନ୍ଧିତ କାମରେ ସଫଳତା ପାଇବେ।

**ବିଛା** ଯାହା ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ତାହାର ସରଳ ସମାଧାନ ହୋଇଯିବ। ପରିବହନ, ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରୟନ୍ କଲେ ସଫଳତା ପାଇବେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ଘରୋଇ ବ୍ୟାପାରରେ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ** କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ କିନ୍ତୁ ସୁଧାରି ନେବାରେ ବନ୍ଧୁଙ୍କ ଅବଦାନ ଅବଶ୍ୟ ରହିବ। ଅଫିସରେ ସହକର୍ମୀମାନଙ୍କ ସହ ମିଷ୍ଟାଳାପ ମଧ୍ୟରେ କାମ କରି ଚାଲିବେ। ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।

**ମକର** କୌଣସି ବ୍ୟକ୍ତିଠାରୁ ହଠାତ୍ ଦୁଃଖଦ ଖବର ପାଇ ବିଚଳିତ ହୋଇପାରନ୍ତି। ଉପରିସ୍ଥ ଅଧିକାରୀ କାମହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ପାଖ, ପଡୋଶୀମାନେ ବିଭିନ୍ନ ପ୍ରକାରର ଝମେଲା ସୃଷ୍ଟି କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଗବେଷଣା ଓ ରଚନାତ୍ମକ କାର୍ଯ୍ୟରୁ ସୁଫଳ ପାଇବେ।

**କୁମ୍ଭ** ଆଜିର କର୍ମକ୍ଷେତ୍ରରେ ତର୍କ ବିତର୍କ ଓ ସାଧାରଣ କଥାକୁ କେନ୍ଦ୍ରକରି ପାଟିତୁଣ୍ଡ ଲାଗି ରହିବ। ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରି ପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ଆଶଙ୍କା ରହିଛି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।

**ମୀନ** ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ଅଶାନ୍ତ ରହି ପାରନ୍ତି। ପରିସ୍ଥିତି ବଶତଃ ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ୍ୟ ହେବେ। ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ। ରାସ୍ତାରେ ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡ଼ିପାରନ୍ତି।

ଆଜି ବୈଶାଖ ଶୁକ୍ଳ ପ୍ରତିପଦା ବୁଧବାର, ମେ ୧୨ ତାରିଖ, ଅନ୍ତର୍ଜାତୀୟ ନର୍ସ ଦିବସ, ରାଶିନକ୍ଷତ୍ର-କୃତ୍ତିକା/ବୃଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ବିଛା ରାଶିର ଘାତ ଚନ୍ଦ୍ର, କର୍କଟ ରାଶିର ଘାତବାର। ସକାଳ ଘ.୦୫.୧୫ମି. ଗତେ ଘ.୦୬.୫୯ମି. ମଧ୍ୟେ, ଘ.୦୯.୩୪ମି. ଗତେ ଘ.୧୧.୧୭ମି. ମଧ୍ୟେ, ଘ.୦୩.୩୫ମି. ଗତେ ଘ.୦୫.୧୮ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୧.୫୨ମି. ଗତେ ଘ.୦୩.୩୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧.୪୩ମି. ଗତେ ଘ.୦୧.୦୯ମି. ମଧ୍ୟେ ରାହୁକାଳ।


classifieds Everyday 0674-2580101, 2549302




BRIDE WANTED

Khandayat Groom, 45years, 5'8", MBA, LLB having reputed Construction Business in Bhubaneswar, Wanted Khandayat Bride, Height between-5'5"- 5'4", Age nearest to 30years, Fair, Slim, Post Graduate Qualification. Contact- 9861022055/ 9938219397. D-20696

GROOM WANTED

ବିଧବା 49ବୟସ୍କା ଏକାକୀ ରହି ସରକାରୀ ଚାକିରି କରୁଥିବା ତେଲି ଜାତିର ଝିଅଙ୍କୁ any caste ଘରଜ୍ୱାଇଁ ଦରକାର। 7606986077. D-67591

Government job ବୟସ-43 ଏକୁଟିଆ ରହୁଥିବା ଅବିବାହିତା ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 7077495623. D-20700




SALE

2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989. D-70836

Gharabari plot 40 decimal, near Check Gate, Pipili immediate for sale. Contact: 9937162220. D-20692

GENERAL

SALE

AC. Sale:- Two 1.5ton carrier window AC. personally used excellent running sale 12000/- each, no bargaining. 6371303335. D-20677

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




1200sft 1st Floor prime location Sahid Nagar for Office, Clinic purpose. Contact - 9337048070, 9437353662. D- 69986




New opening Saikrupa Panchakarma and Spa jointpain, fullbody massage, 8984068077. D-65918

Ayurvedic full body massage by experienced (M/F) therapist. 8018656899, 7008773793. D-59989

**ବଡ଼ଗାଁ : ୧୭୩ ରୁ ୩୮ ପଜିଟିଭ**

ବଡ଼ଗାଁ,(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ କରୋନା ସଂକ୍ରମଣ ସାମାନ୍ୟ ହ୍ରାସ ପାଇଥିଲେ ମଧ ପ୍ରତିଦିନ ୩୦ରୁ ଊର୍ଦ୍ଧ୍ୱ ଚିହ୍ନଟ ହେଉଛନ୍ତି। ମଙ୍ଗଳବାର ଆଣ୍ଟିଜେନ୍ ଓ ଆରଟିପିସିଆର ଟେଷ୍ଟ ୧୭୩ ଜଣଙ୍କୁ କରାଯାଇଥିଲା । ତନ୍ମଧ୍ୟରୁ ୩୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଅଞ୍ଚଳରେ କରୋନା ସଂକ୍ରମିତ ଓ ମୃତ୍ୟୁହାର ହ୍ରାସ ପାଉଥିବାରୁ ଆଗାମୀ କିଛି ଦିନ ସମ୍ପୂର୍ଣ୍ଣ ଲକଡାଉନକୁ ଗ୍ରାମବାସୀ ସଫଳ କଲେ ଏବଂ ସଚେତନ ହେଲେ ଏହାକୁ ରୋକାଯାଇ ପାରିବ ଆଶା ସଞ୍ଚାର କରିଛି।

## ସଂକ୍ଷେପରେ

### କୋଭିଡ୍ ମୁକାବିଲା ପାଇଁ ଦିଲ୍ଲୀରୁ ବିଭିନ୍ନ ସାମଗ୍ରୀ ପଠାଇଲେ ଜୁଏଲ

**ସୁନ୍ଦରଗଡ଼,୧୧।୫(ଡି.ଏନ.ଏ):** ସୁନ୍ଦରଗଡ ଜିଲାରେ କରୋନା ମହାମାରୀ ବଢିଚାଲିଥିବା ବେଳେ ଏହାର ମୁକାବିଲା ପାଇଁ କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କ ସକାଶେ ସ୍ଥାନୀୟ ସାଂସଦ ତଥା କେନ୍ଦ୍ର ପ୍ରତିରକ୍ଷା କମିଟିର ଅଧକ୍ଷ ଜୁଏଲ ଓରାମ ଦିଲ୍ଲୀରୁ ପିପି କିଟ ଓ ଅନ୍ୟାନ୍ୟ ସାମଗ୍ରୀ ପଠାଇଛନ୍ତି। ନୂଆଦିଲ୍ଲୀରୁ ବିମାନ ଯୋଗେ ଏହି ସାମଗ୍ରୀ ଝାରସୁଗୁଡା ବିମାନ ବନ୍ଦରରେ ପହଞ୍ଚି ବା ପରେ ସେଠାରୁ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଓ ସାଂସଦଙ୍କ ଜିଲା ପ୍ରତିନିଧି ବଟକିଶୋର ମିଶ୍ର ଏହି ସବୁ ସାମଗ୍ରୀକୁ ଅନ୍ୟ ଏକ ସ୍ୱତନ୍ତ୍ର ଗାଡ଼ିରେ ସୁନ୍ଦରଗଡ ଆଣିଛନ୍ତି। ଏହି ସବୁ ସାମଗ୍ରୀ ମଧରେ ପିପି କିଟ ପଲସ ଅକ୍ସିମିଟର,ଲେଜର ଥର୍ମୋମିଟର,ସାନିଟାଇଜର, ହ୍ୟାଣ୍ଡ ଗ୍ଲୋଭସ, ଫେସ ସିଲ ଡ ଆଦି କୋଭିଡ ପ୍ରତିରୋଧ ଉପକରଣ ରହିଛି। ଏହାକୁ ସ୍ୱାସ୍ଥ୍ୟ କର୍ମୀ ଓ ସ୍ୱୟଂ ସେବକ ମାନଙ୍କୁ ପ୍ରଦାନ କରାଯିବ ବୋଲି ବିଧାୟକ ଭୋଇ ପ୍ରକାଶ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ତଳସରା ବିଧାୟକ

**ଜିଲା ମୁଖ୍ୟ ଡାକ୍ତରଖାନାରେ ଅକ୍ସିଜେନ ପ୍ଲାଣ୍ଟ ଖୋଲିବା ଦାବି**

**ସୁନ୍ଦରଗଡ଼,୧୧।୫(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଇଥିବାବେଳେ ରୋଗୀମାନଙ୍କ ସକାଶେ ଅକ୍ସିଜେନର ଆବଶ୍ୟକତା ମଧ ଜରୁରୀ ହୋଇପଡିଛି। ଏହାକୁ ଆଖିଆଗରେ ରଖି ରାଜ୍ୟସରକାର ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଏକ ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଦାବି କରିଛନ୍ତି। ସେ ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଲେଖି ଅନୁରୋଧ କରିଛନ୍ତି। ସେହିପରି ତଳସରା ନିର୍ବାଚନ ମଣ୍ଡଳୀର ବାଲିଶଙ୍କରା, କିଞ୍ଜିରିକେଲା, ସବଡେଗା ଓ ବଡ଼ଗାଁରେ ସଙ୍ଗରୋଧ କେନ୍ଦ୍ର ଖୋଲାଯିବାକୁ ଦାବି କରିଛନ୍ତି। କରୋନା ଆକ୍ରାନ୍ତ ହେଉଥିବା ଅନେକ ଗରିବ ଓ ମଧବିତ୍ତ ପରିବାରର ବ୍ୟକ୍ତିମାନେ ନିଜ ଘରେ ଗୃହ ସଙ୍ଗରୋଧରେ ରହିବା ସକାଶେ ଅଲଗା ଘର ନାହିଁ।

### ଲହୁଣୀପଡା: ୧୩୨ ଜଣରୁ ୩୨ ପଜିଟିଭ ଚିହ୍ନଟ

**ଲହୁଣୀପଡା, ୧୧।୫ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଫୁଲଝରଠାରେ ମଙ୍ଗଳବାର କରୋନା ଆଣ୍ଟିଜେନ୍ ପରୀକ୍ଷା କରାଯାଇଥିଲା । ଏଥିରେ ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ୧୦୦ ଜଣଙ୍କର ଆଣ୍ଟିଜେନ୍ ପରୀକ୍ଷା କରାଯାଇଥିବା ବେଳେ ସେଥି ମଧ୍ୟରୁ ୩୦ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ । ଫୁଲଝରଠାରେ ୩୨ ଜଣଙ୍କର ଆଣ୍ଟିଜେନ୍ ପରୀକ୍ଷା କରାଯାଇଥିବା ବେଳେ ସେଥି ମଧ୍ୟରୁ ଦୁଇ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ।

# ନୂଆଗାଁରେ ଚାରି କ୍ଲିନିକ ସିଲ୍

**ନୂଆଗାଁ, ୧୧।୫ (ଡି.ଏନ.ଏ.)**

ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକରେ ଦିନକୁ ଦିନ କରୋନାର ପ୍ରକୋପ ବୃଦ୍ଧି ପାଉଥିବାବେଳେ ଲୋକେ ସଚେତନ ହେଉନାହାନ୍ତି। ଲୋକଙ୍କ ମଧରେ ସାମାଜିକ ଦୂରତା ରହୁନାହିଁ। ପିନ୍ଧୁ ନାହାନ୍ତି ମାସ୍କ। ପିନ୍ଧିଲେ ବି ନ ପିନ୍ଧିଲା ଭଳି ନାକତଳକୁ ରଖୁଛନ୍ତି ମାସ୍କ। ଏପରିକି ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହାତୀବାରି, ନୂଆଗାଁ, ସୋରଡା, ଲୋଆରାମ ଆଦି ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ କରୋନା ଟେଷ୍ଟ କରାଯାଉଛି। ଏହା ସହ ଆଖପାଖ ଅଞ୍ଚଳରେ ମଧ ଟେଷ୍ଟିଂ ସେଣ୍ଟର କରାଯାଇ ଲୋକଙ୍କ କରୋନା ଟେଷ୍ଟ କରାଯାଉଛି। ଲୋକଙ୍କୁ ସଚେତନ କରାଯାଇ ଉପଯୁକ୍ତ ଚିକିତ୍ସା କରାଯାଉଛି। ଏହା ସତ୍ତ୍ୱେ ବି ଉପାନ୍ତ ଅଞ୍ଚଳର ଅନେକ କ୍ୱାକ୍‌ବେଆଇନ ଭାବେ କ୍ଲିନିକ ମାନ ଖୋଲି ଲୋକଙ୍କ ଜୀବନମରଣ ସହ ଖେଳୁଛନ୍ତି। ସାମାଜିକ ଦୂରତାକୁ ଖାତିର ନ କରି କ୍ୱାକ୍‌ମାନେ ବେଧଡକ ଭାବେ ରୋଗୀଙ୍କୁ ଚିକିତ୍ସା କରୁଥିବାରୁ ଏହାଦ୍ୱାରା ବ୍ୟାପକ ମାତ୍ରାରେ କରୋନା ସଂକ୍ରମଣ ବ୍ୟାପୁଥିବା ଅଭିଯୋଗ ହେଉଛି। ଏହି ଅଭିଯୋଗକୁ ଭିତ୍ତିକରି ସୋମବାର ବୀରମିତ୍ରପୁର ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ତହସିଲ ସୁପରଭାଇଜର ଅକ୍ଷୟ ତ୍ରିପାଠୀ, ଖୁଣ୍ଟଗାଁ ରାଜସ୍ୱ ନିରୀକ୍ଷକ ରଞ୍ଜନ ପଟେଲ ପ୍ରମୁଖ ନୂଆଗାଁ ଫାଣ୍ଡି ପୋଲିସଙ୍କ ଉପସ୍ଥିତିରେ ନୂଆଗାଁ ପଞ୍ଚାୟତ ନିକଟରେ ଥିବା ଦୁଇଟି



ନୂଆଗାଁ ଅଞ୍ଚଳରେ କ୍ୱାକ୍‌ମାନଙ୍କ ବେଆଇନ କ୍ଲିନିକ ସିଲ୍ କରାଯାଉଛି।

- **କରୋନା ମହାମାରୀ ରୋକିବାକୁ ପ୍ରଶାସନର ଉଦ୍ୟମ**
- **କ୍ୱାକ୍‌ମାନଙ୍କ ବେଆଇନ କ୍ଲିନିକ୍ ଉପରେ ଚଢ଼ାଉ ଜାରି ରହିବ**

କ୍ଲିନିକକୁ ସିଲ୍ କରିଛନ୍ତି। ଦୀର୍ଘ ବର୍ଷ ହେବ ଉକ୍ତ ଦୁଇ କ୍ଲିନିକ୍‌ରେ ବେଆଇନ ଭାବେ ରୋଗୀ ଚିକିତ୍ସା କରାଯାଉଥିବା ବେଳେ ଔଷଧ ରଖୁଥିଲେ। ପ୍ରତିଦିନ ଅନେକ ରୋଗୀ ଉକ୍ତ କ୍ଲିନିକକୁ ଆସି ଚିକିତ୍ସିତ ହେଉଥିଲେ। କରୋନା ସଂକ୍ରମଣକୁ ବେଖାତିର କରି ସାମାଜିକ ଦୂରତାକୁ ଖାତିର ନ କରି କ୍ୱାକ୍‌ମାନେ ଏସବୁ କ୍ଲିନିକ ଚଳାଉଥିବାରୁ ପ୍ରଶାସନ ଏହି ପଦକ୍ଷେପ ନେଇଥିବା କୁହାଯାଉଛି। ଏଭଳି ଅଭିଯାନ ଆଗକୁ ବି ଜାରି ରହିବ ବୋଲି ତହସିଲଦାର ଅଂଶୁମାନ ଦାସ ପ୍ରକାଶ କରିଛନ୍ତି। ସେହିଭଳି ମଙ୍ଗଳବାର ମଧ ବୀରମିତ୍ରପୁର ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ସୁପରଭାଇଜର ଅକ୍ଷୟ ତ୍ରିପାଠୀ, ଆର୍‌ଆଇ ରଞ୍ଜନ ପଟେଲ, ହାତୀବାରି ଆର୍‌ଆଇ ରଜନୀ ଡିଗା, କର୍ମଚାରୀ ଅମିତ ଗାଡିଆ ଓ ହାତୀବାରି ପୋଲିସ ମିଳିତ ଚଢ଼ାଉ କରି ହାତୀବାରି କୋକେରମା ଅଞ୍ଚଳର ଓ ପୁରୁଣାପାଣିର ବେଆଇନ କ୍ଲିନିକଗୁଡିକୁ ସିଲ୍ କରିଥିବା ଜଣାପଡିଛି। ତହସିଲଦାର ବେଆଇନ କ୍ଲିନିକଗୁଡିକୁ ସିଲ୍ କରି କରୋନା ସଂକ୍ରମଣକୁ ରୋକିବାକୁ ପ୍ରୟାସ କରୁଥିବା ବେଳେ ସମ୍ପୃକ୍ତ କ୍ୱାକ୍‌ମାନେ ନିଜ ଘରେ ମଧ ରୋଗୀ ଚିକିତ୍ସା ଆରମ୍ଭ କରି ଦେଇଥିବା କୁହାଯାଉଛି। ଲୋକ ସଚେତନ ସାଙ୍ଗକୁ କ୍ୱାକ୍‌ମାନଙ୍କ ରୋଗୀ ଶୋଷଣ ଓ ବ୍ୟବସାୟ ମନୋବୃତ୍ତି ହିଁ ନୂଆଗାଁ ଅଞ୍ଚଳରେ କରୋନା ମହାମାରୀ ବୃଦ୍ଧିର କାରଣ ପାଲଟିଥିବା ଚର୍ଚ୍ଚା ହେଉଛି। ଏଥିପ୍ରତି ପ୍ରଶାସନ ଲୋକମାନଙ୍କୁ ସଚେତନ କରିବା ସହ ପ୍ରତ୍ୟେକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କ ଚିକିତ୍ସା ସୁବିଧା କରିବାକୁ ସାଧାରଣରେ ଦାବି ହେଉଛି।

# କୁତ୍ରା ଅଞ୍ଚଳରେ ସିଲ୍ ହେଲା କ୍ୱାକ୍‌ଙ୍କ କ୍ଲିନିକ୍

**କୁତ୍ରା, ୧୧।୫(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରାରେ ଥିବା ଏକ ବେଆଇନ କ୍ଲିନିକକୁ ମଙ୍ଗଳବାର ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। କ୍ଲିନିକ ମାଲିକ ନିଜକୁ ଡାକ୍ତର ବୋଲି ପରିଚୟ ଦେଇ ଦୀର୍ଘ ୩୦ବର୍ଷରୁ ଊର୍ଦ୍ଧ୍ୱ ହେବ ଚିକିତ୍ସା କରିଆସୁଥିଲେ। ସେ ତାଙ୍କ କ୍ଲିନିକରେ ବେଡ୍ ପକାଇ ଲୋକଙ୍କୁ ଆଡ଼ମିଟ ମଧ କରୁଥିଲେ। ଏହାକୁ ନେଇ କୁତ୍ରା ଅଞ୍ଚଳର ସଚେତନ ନାଗରିକ ମାନେ ବହୁ ଦିନରୁ ଅଭିଯୋଗ କରିଆସୁଥିଲେ। ଶେଷରେ ମଙ୍ଗଳବାର କୁତ୍ରା ପୋଲିସ ଅଧିକାରୀ ସୁଶାନ୍ତ କୁମାର ପରିଡା ଓ କୁତ୍ରା ତହସିଲଦାର ରବୀନ୍ଦ୍ର ସେଠି ସଦଳବଳେ ଯାଇ ଚିକିତ୍ସା କେନ୍ଦ୍ରକୁ ସିଲ୍ କରିବା ସହିତ ଆବଶ୍ୟକ କାଗଜପତ୍ର ଦାଖଲ କରିବା ପାଇଁ କହିଛନ୍ତି। କୁତ୍ରା ବ୍ଲକରେ କରୋନା ମହାମାରୀ ତାର ପ୍ରକୋପ ବଢେଇବାର ଲାଗିଛି। ଗ୍ରାମାଞ୍ଚଳରେ ସଚେତନତା ଅଭାବ ଯୋଗୁ ଯୋଗୁଁ ଲୋକେ କ୍ୱାକ୍‌ଙ୍କ ଉପରେ ଭରସା କରୁଛନ୍ତି। ସରକାରୀ ଡାକ୍ତରଖାନାରେ ଭିଡକୁ ଆଖିଆଗରେ ରଖି କ୍ୱାକଙ୍କ ଦ୍ୱାରସ୍ଥ ହେଉଛନ୍ତି ରୋଗୀ। ଏହାର ଫାଇଦା ଉଠାଉଛନ୍ତି ଚିକିତ୍ସା ନାମରେ ଭୁଆଁ ବୁଲାଉଥିବା କ୍ୱାକ୍। ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନ ଥାଇ ମଧ ସେମାନେ ତାଙ୍କର କ୍ଲିନିକ୍ ଖୋଲି ବସିଛନ୍ତି। ଅଞ୍ଚଳରେ ଚିକିତ୍ସା ନାଁରେ ପସରା ମେଲାଇ ବସିଥିବା କ୍ୱାକ୍‌ମାନେ ବର୍ତ୍ତମାନ ଜ୍ୱର, କାଶ, ଥଣ୍ଡା ଚିକିତ୍ସା ନାଁରେ ଲୋକଙ୍କୁ ଭୁଆଁ ବୁଲାଇବାରେ ଲାଗିଛନ୍ତି। ନିରୀହ ଆଦିବାସୀମାନେ ସେମାନଙ୍କ ପାଖରେ ଚିକିତ୍ସିତ ହୋଇ ପରବର୍ତ୍ତୀ ଅବସ୍ଥାରେ ଗୁରୁତର ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ତେଣୁ କ୍ୱାକ୍‌ମାନଙ୍କ କ୍ଲିନିକ୍ ଉପରେ ଚଢାଉ ଅଭିଯାନ ଆରମ୍ଭ ହୋଇଛି। ସୂଚନା ଥାଉକି କୁତ୍ରା ଥାନା ଅନ୍ତର୍ଗତ ପଞ୍ଚରାରେ ଅନ୍ୟ ଏକ ବେଆଇନ କ୍ୱାକ ଚିକିତ୍ସା କେନ୍ଦ୍ରକୁ ରବିବାର କୁତ୍ରା ପୋଲିସ ଓ ତହସିଲ ପକ୍ଷରୁ ସିଲ୍ କରାଯାଇଥିଲା। ପ୍ରଶାସନର ଏହିଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଉଛି।



କୁତ୍ରାରେ ବେଆଇନ କ୍ଲିନିକ ସିଲ୍ କରାଯାଉଛି।

# କମ୍ପାନୀ ଗେଟରେ ତାଲା ପକାଇଲେ ଅଞ୍ଚଳବାସୀ


ବୈଠକରେ କମ୍ପାନୀ କର୍ମକର୍ତ୍ତା, ସରକାରୀ ଅଧିକାରୀ ଓ ଅଞ୍ଚଳବାସୀ।

**ରାଜଗାଙ୍ଗପୁର, ୧୧।୫ (ଡି.ଏନ.ଏ)**

**ଡିବିସିଏଲ କାରଖାନାରୁ ନିର୍ଗତ ପଚାଗନ୍ଧରେ ଲୋକେ ଅତିଷ୍ଠ**

ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁରରେ ଅବସ୍ଥିତ ଡାଲମିଆ ଭାରତ ସିମେଣ୍ଟ ଲିମିଟେଡରୁ ପଚା ଦୁର୍ଗନ୍ଧ ବାହାରି ନିକଟସ୍ଥ ଅଞ୍ଚଳରେ ବସବାସ କରୁଥିବା ସାଧାରଣ ଜନତାଙ୍କୁ ବିପଦମୁଖରେ ପକାଇଛି। କରୋନା ମହାମାରୀର ଡର ଲୋକଙ୍କ ମଧ୍ୟରେ ରହିଥିବା ବେଳେ ଉକ୍ତ କାରଖାନାରୁ ବାହାରୁଥିବା ପଚା ଦୁର୍ଗନ୍ଧ ଗ୍ୟାସ ବୋଝ ଉପରେ ଲଳିତା ବିଡା ସାଜିଛି । ଏହି ଗନ୍ଧ ସମ୍ବନ୍ଧରେ ପୂର୍ବରୁ ଅଞ୍ଚଳବାସୀ ଆଞ୍ଚଳିକ ପ୍ରଦୂଷଣ ବୋର୍ଡକୁ ବାରମ୍ବାର ଲିଖିତ ଅଭିଯୋଗ କରିଛନ୍ତି । କିଛି ଦିନ ତଳେ ସୁନ୍ଦରଗଡ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଏହା ସମ୍ବନ୍ଧରେ ଜଣାଇବା ପରେ ଆରକ୍ଷୀ ଅଧୀକ୍ଷକ ଏହାର ତଦନ୍ତ ପାଇଁ ସ୍ଥାନୀୟ ଏସଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଏସଡିପିଓ ତଦନ୍ତ କରି ଗତ ୧୧ ଫେବୃୟାରୀ, ୨୦୨୧ରେ ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇଥିଲେ ଯେ, କେବେ କେବେ ସନ୍ଧ୍ୟା ଓ ରାତ୍ରି କାଳରେ ଏହି ପଚାଦୁର୍ଗନ୍ଧ ଉକ୍ତ କମ୍ପାନୀରୁ ବାହାରୁଛି। ଏହି ଦୁର୍ଗନ୍ଧ ସ୍ଥାନୀୟ ବାସିନ୍ଦାଙ୍କୁ ଅସହ୍ୟ ହେଉଛି । ଗତ ରାତ୍ରି ପ୍ରାୟ ୧୨ଟାରେ ଏହି ଦୁର୍ଗନ୍ଧ ଏତେ ପ୍ରଖର ଥିଲା ଯେ, ସ୍ଥାନୀୟ ବାସିନ୍ଦା ଗନ୍ଧ ସମ୍ଭାଳି ନ ପାରି ପ୍ରତିବାଦରେ କମ୍ପାନୀର ଲିପଲୋଇ ସ୍ଥିତ ମେନଗେଟରେ ତାଲା ପକାଇଥିଲେ । ସ୍ଥାନୀୟ ପୋଲିସ ଏହାର ସୂଚନା ପାଇ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ବାସିନ୍ଦାଙ୍କୁ ଅନୁରୋଧ କରି ଗେଟ ଖୋଲିବା ପାଇଁ କହିଥିଲେ। ଏହାର ସମାଧାନ ପାଇଁ ମଙ୍ଗଳବାର ଦିନ ୧୧ଟାରେ ଥାନା ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ କରାଇଥିଲେ। ଏହି ବୈଠକରେ ସ୍ଥାନୀୟ ଏସଡିପିଓ ଡ. ଶଶାଙ୍କ ବେହୁରା, ଥାନା ଅଧିକାରୀ ଗୋକୁଳାନନ୍ଦ ସାହୁ, ଡିବିସିଏଲର ସହସାଧାରଣ ପରିଚାଳକ କର୍ପୋରେଟ ଆଫାୟାର ସଞ୍ଜିବ ସାହୁ, କମ୍ପାନୀର ଖଣି ନିର୍ଦ୍ଦେଶକ ସରୋଜ ରାଉତ, ସ୍ଥାନୀୟ ବାସିନ୍ଦା ସୁଧାଂଶୁରଞ୍ଜନ ସାହୁ, ସୁମିତ ସାହୁ, ସାଧୁ ସାହୁ, ଦେବାଶିଷ ସାହୁ ପ୍ରମୁଖ ଉପସ୍ଥିତ ରହି ଚର୍ଚ୍ଚା ଆରମ୍ଭ ହୋଇଥିଲା। ଶେଷରେ କମ୍ପାନୀ କର୍ତ୍ତୃପକ୍ଷ ଏହି ପଚାଦୁର୍ଗନ୍ଧ ନ ବାହାରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ବ୍ରାଣ୍ଡିଂ ଚ୍ୟାଲେଞ୍ଜ ଉପରେ ଜାତୀୟ ୱେବିନାର

**ରାଉରକେଲା ଅଫିସ, ୧୧।୫:** ଲୋକସମ୍ପର୍କ ବୃତ୍ତିଧାରୀଙ୍କ ଅଗ୍ରଣୀ ଶୀର୍ଷ ସଂସ୍ଥା, ପବ୍ଲିକ ରିଲେସନ କାଉନ୍ସିଲ ଅଫ୍ ଇଣ୍ଡିଆ (ପିଆରସିଆଇ) ପରିଚାଳନା ପରିଷଦ ଦ୍ୱାରା ଆରମ୍ଭ ହୋଇଥିବା ପ୍ରତିଭା ଅନ୍ୱେଷଣ ଶୃଙ୍ଖଳର ଅଂଶ ସ୍ୱରୂପ ପିଆରସିଆଇ ରାଉରକେଲା ଅଧ୍ୟାୟ ଦ୍ୱାରା ମଇ ୯ ତାରିଖରେ ଯୋଗାଯୋଗ ଏବଂ ବ୍ରାଣ୍ଡିଂ ଚ୍ୟାଲେଞ୍ଜ ଉପରେ ଏକ ଜାତୀୟ ୱେବିନାର ଆୟୋଜିତ ହୋଇଥିଲା । ୱେବିନାରରେ ପିଆରସିଆଇ ରାଉରକେଲା ଅଧ୍ୟାୟର ଅଧକ୍ଷ ତଥା ଆରଏସପି ଲୋକସମ୍ପର୍କ ବିଭାଗର ଜିଏମ ଓ ସଞ୍ଚାର ମୁଖ୍ୟ ଧିରେନ୍ଦ୍ର ମିଶ୍ର, ପିଆରସିଆଇ ଜାତୀୟ କାର୍ଯ୍ୟନିର୍ବାହୀର ନିର୍ଦ୍ଦେଶକ ତଥା କୌଟିଲ୍ୟର ସମ୍ପାଦକ ରମେନ୍ଦ୍ର କୁମାର ଏବଂ ୱାଇସିସି ରାଉରକେଲା ଅଧ୍ୟାୟର ସଦସ୍ୟ ଶଶାଙ୍କ ପଟ୍ଟନାୟକ ସମ୍ମାନିତ ବକ୍ତା ରୂପେ ଯୋଗଦେଇଥିଲେ। ପ୍ରତ୍ୟେକ ବକ୍ତାଙ୍କୁ ସେମାନଙ୍କର ଉପସ୍ଥାପନା ପ୍ରସ୍ତୁତ କରିବାକୁ ୧୫ ମିନିଟ ସମୟ ଦିଆଯାଇଥିଲା । ପିଆରସିଆଇର ମୁଖ୍ୟ ଉପଦେଷ୍ଟା ତଥା ଚେୟାରମ୍ୟାନ ଏମିରିଟସ୍ ଏମ ବି ଜୟରାମ, ପିଆରସିଆଇ ଜାତୀୟ ଅଧକ୍ଷ, ଡ. ଟି ବିନୟ କୁମାର, ବିଚାର ମଣ୍ଡଳୀ, କାର୍ଯ୍ୟକାରିଣୀ ପରିଷଦର ନିର୍ଦ୍ଦେଶକ ଓ ସଦସ୍ୟ, ବିଭିନ୍ନ ଅଧ୍ୟାୟ ମୁଖ୍ୟ, ଦେଶର ବିଭିନ୍ନ ଭାଗରୁ ପିଆରସିଆଇ କର୍ମକର୍ତ୍ତା ୱେବିନାରରେ ଯୋଗଦେଇଥିଲେ।

# କରୋନାରେ ଗୌନ୍ତିଆଙ୍କ ମୃତ୍ୟୁ

**ବଡ଼ଗାଁ, ୧୧।୫ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ୨୧ ଜଣଙ୍କ କରୋନା ସଂକ୍ରମଣରେ ମୃତ୍ୟୁ ହୋଇଥିଲାବେଳେ ମଙ୍ଗଳବାର ସକାଳେ ଆଉ ଜଣଙ୍କ ମୃତ୍ୟୁ ହୋଇଛି। ବରଗାଁକଛାର ପଞ୍ଚାୟତ ପତୁଆଟେଡା ଗ୍ରାମର ଗୌନ୍ତିଆ ଦାଶରଥି ପୃଷେଟ (୭୨)ଙ୍କ ଠାରେ କରୋନା ପଜିଟିଭ ଜଣାପଡିବାରୁ ଗତ ମାସ ୧୮ ତାରିଖ ସୁନ୍ଦରଗଡ଼ କୋଭିଡ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଗତ ଶନିବାର ରାଉରକେଲା ଶାନ୍ତି ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମଙ୍ଗଳବାର ସକାଳେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

**URGENTLY REQUIRED**
Electronic Breaker n Drill Operator, Cor Cutter RCC cutting Operator, Waterproofing known workers having all type grouting knowledge. All rounder Masson n Labourers on salary basis or wages basis. Whatsapp full photo n cv
9090732020, 9238482524

**REQUIRED**
Marketing Executives (M/F) 20 Nos. for all Odisha, Civil Engineer (F/M), Architect, Supervisor, Office Asst. Manager Male, Lady PA (Btech/ Diploma/ MBA/ BBA), Peon male. Send your cv n photo to rggroups2@gmail.com or call / whatsapp 9090732020, 9238482524, 9090964245.

**ସୁରଟ, ଗୁଜରାଟ ପାଇଁ କର୍ମଚାରୀ ଆବଶ୍ୟକ**
ପ୍ରତିଷ୍ଠିତ ଲାବୋରେଟୋରି ଟେକ୍ନୋଲୋଜି କମ୍ପାନୀ ପାଇଁ ନିମ୍ନଲିଖିତ ଯୋଗ୍ୟତା ସହିତ ଟେକ୍ନିକାଲ୍ କର୍ମଚାରୀ ଆବଶ୍ୟକ । ରହିବା ଓ ଖାଇବା ସୁବିଧା କମ୍ପାନୀରେ ଉପଲବ୍ଧ ଅଛି ।
**ଶିକ୍ଷା: 12 ଉତ୍ତୀର୍ଣ୍ଣ ଏବଂ କମ୍ପ୍ୟୁଟର ଜ୍ଞାନ ରହିଥିବା ଆବଶ୍ୟକ**
**ଭାଷା: ହିନ୍ଦୀ ଜାଣିଥିବା ଆବଶ୍ୟକ (ଇଂରାଜୀ ବେସିକ୍)**
ଯୋଗାଯୋଗ: +91-9587764892; ନିଜର ବାୟୋଡାଟା techcompany2021@gmail.comରେ ପଠାନ୍ତୁ




ଘର ପାଇଁ ଜଣେ ଭଦ୍ର ହିନ୍ଦୁ ମହିଳା କେୟାରଟେକର ଆବଶ୍ୟକ ।
ବୟସ: ସର୍ବନିମ୍ନ ୧୮ ବର୍ଷ ଏବଂ
ଶିକ୍ଷା: ୯ମରୁ ଗ୍ରାଜୁଏଟ୍ ।
କଲ୍: 9238482524, 8895182524

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019
File Ref No: AIIMS/BBSR/EE (AC&R)/55/2020/17 Dated: 10th May 2021
**NOTICE INVITING E-TENDER**
The All India Institute of Medical Sciences (AIIMS), Bhubaneswar invites e-Tender for **"Supply, Installation, Testing and Commissioning of Air conditioning System for UPS Rooms at AIIMS HOSPITAL, BBSR"**.Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website www.aiimsbhubaneswar.nic.in.
Sd/-
Executive Engineer (AC&R)
AIIMS, Bhubaneswar

# ଲୋକଙ୍କ ଦାବି ଆଗରେ ହାର ମାନିଲା ପ୍ରଶାସନ

**କୁଆଁରମୁଣ୍ଡା,୧୧।୫(ଡି.ଏନ୍.ଏ)**

**ପାର୍କ ଭିତରେ ଅଙ୍ଗନୱାଡି ଗୃହ ନିର୍ମାଣକୁ ବିରୋଧ ଘଟଣା**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡାସ୍ଥିତ ଆଧୁନିକ ମେଟାଲିକ୍ସ କମ୍ପାନୀର ପାର୍କ ପାଚେରି ଭାଙ୍ଗି ତା'ଭିତରେ ଅଙ୍ଗନୱାଡି ଗୃହ ନିର୍ମାଣକୁ ବିରୋଧ କରାଯାଇଆସୁଥିଲା। ଗତ ଗୁରୁବାରଠାରୁ ଗ୍ରାମବାସୀଙ୍କ ବିରୋଧ ଜାରି ରହିଥିଲା। କୁଆଁରମୁଣ୍ଡା ବିଡିଓ ଏହି ନିର୍ମାଣ କାର୍ଯ୍ୟ ଜୋରଜବରଦସ୍ତ କରାଇ ନେବାକୁ ଯେଉଁ ପ୍ରୟାସ କରିଥିଲେ ସେ ନେଇ ଜନଆକ୍ରୋଷ ବେଶ୍ ବଢିବାରେ ଲାଗିଥିଲା। ଏ ନେଇ ଗ୍ରାମବାସୀ ବ୍ଲକ ପ୍ରଶାସନକୁ ମଙ୍ଗଳବାର ପର୍ଯ୍ୟନ୍ତ ସମୟ ଦେଇଥିଲେ। ଶେଷରେ ମଙ୍ଗଳବାର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ନିତ୍ୟାନନ୍ଦ ସିଂଙ୍କ ସହିତ ୪ ଜଣ କନିଷ୍ଠ ଯନ୍ତ୍ରୀ, କୁଆଁରମୁଣ୍ଡା ପଞ୍ଚାୟତ ସମିତି ଉପାଧକ୍ଷ ଶ୍ୟାମସୁନ୍ଦର ସାହୁ, କୁଆଁରମୁଣ୍ଡା ସମିତି ସଭ୍ୟ ରାଜେଶ ହାଁସଦା ପ୍ରମୁଖ ଘଟଣାସ୍ଥଳକୁ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଏହି ସମୟରେ ଉତ୍ୟକ୍ତ ଲୋକେ ବିଡିଓ ମେଥେଡିୟୁସ ଲାକ୍ରା କାହିଁକି ଘଟଣାସ୍ଥଳକୁ ଆସିଲେ ନାହିଁ ବୋଲି ପ୍ରଶ୍ନ କରିଥିଲେ। ବିଡିଓ ଲାକ୍ରା ଘଟଣାସ୍ଥଳକୁ ନ ଆସିଲେ ସମାଧାନ ହେବ ନାହିଁ ବୋଲି ଅଭିଯୋଗକାରୀ ଗ୍ରାମବାସୀମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଅନ୍ୟ କନିଷ୍ଠ ଯନ୍ତ୍ରୀମାନେ ଅଭିଯୋଗକାରୀମାନଙ୍କୁ ବୁଝାସୁଝା କରିବା ପାଇଁ ବିଡିଓ ନ ଆସିଲେ ମଧ୍ୟ ଆମେ ଘଟଣାର ସମାଧାନ କରିପାରିବୁ ବୋଲି କହି ରାଜି କରାଇଥିଲେ। ଶେଷରେ ଗ୍ରାମବାସୀମାନଙ୍କ ଦାବି ନିକଟରେ ବ୍ଲକ ପ୍ରଶାସନ ମୁଣ୍ଡ ନୁଆଁଇ ଥିଲା। ପାର୍କ ପାଚେରିର ବାହାର ପାର୍ଶ୍ୱରେ ଥିବା ଏକ ପତିତ ଜମିରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ସହକାରୀ ଯନ୍ତ୍ରୀ ସିଂ ଓ ଅନ୍ୟ କନିଷ୍ଠ ଯନ୍ତ୍ରୀମାନେ ରାଜି ହୋଇଥିଲେ। ଏହି ସମୟରେ ମଧ୍ୟ ଗ୍ରାମବାସୀ କୁଆଁରମୁଣ୍ଡା ରାଜସ୍ୱ ନିରୀକ୍ଷକ ମଙ୍ଗଳ ଯୋଯୋଙ୍କୁ ଉକ୍ତ ନୂତନ ପତିତ ଜମିର ଚିହ୍ନଟ କରିବା ପାଇଁ ଡ଼କାଇଥିଲେ। ଅନୁରୂପ ଭାବେ ଆର୍‌ଆଇ ଯୋଯୋ ବ୍ଲକ ପ୍ରଶାସନକୁ ଉକ୍ତ ପତିତ ଜମି ଚିହ୍ନଟ କରାଇଛନ୍ତି। ଏହି ଘଟଣାରୁ ସ୍ପଷ୍ଟ ହେଉଛି ଯେ, ବିଭିନ୍ନ ଗଣମାଧ୍ୟମରେ ଉକ୍ତ ଘଟଣା ସମ୍ପର୍କରେ ଅଭିଯୋଗକାରୀମାନଙ୍କ ଦାବି ଯଥାର୍ଥ ବୋଲି ପ୍ରଚାରିତ ହେବା ପରେ ପ୍ରଶାସନ ନିଜ ଜିଦ୍‌ରୁ ଓହରିଲେ। ଅଭିଯୋଗକାରୀ ଗ୍ରାମବାସୀଙ୍କ ପକ୍ଷରୁ କୁଆଁରମୁଣ୍ଡା ଜମିଦାର ତଥା ବରିଷ୍ଠ ନେତା ସଂଜୀବ ପ୍ରତାପ ସିଂଦେଓ, ପୂର୍ବତନ ଜିଲା ପରିଷଦ ସଭ୍ୟ ତିନ୍ତୁଷ କେର୍କେଟା, ନାରୀ ନେତ୍ରୀ ରୀନା ମେହେର, ଅବସରପ୍ରାପ୍ତ ସେନା ଅଧିକାରୀ ବିଜୟ ପଟ୍ଟନାୟକ, ସାମାଜିକ କର୍ମୀ ଶରତ ପାଢ଼ୀ, ପ୍ରଶାନ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


ପାର୍କ ବାହାରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଜାଗା ଚିହ୍ନଟ କରାଯାଉଛି।

No. L-16

**DIRECTORATE OF AGRICULTURE & FOOD PRODUCTION, ODISHA, BHUBANESWAR**

**EXPRESSION OF INTEREST (EOI)**

**For Engagement of Agencies for Comprehensive Action Plan from Production to Marketing of Crops under Crop Diversification Programme.**

Expression of Interest (EOI) is invited by the Directorate of Agriculture & Food Production, Odisha, Bhubaneswar from the experienced and interested organizations/Agencies for Engagement in Preparation & implementation of Comprehensive Action Plan from Production to Marketing of Crops, under Crop Diversification Programme. The interested organization/agencies should offer their sealed EOI by **28.5.2021 up to 3.30 PM.** Which will be opened on the same day in the presence of the person concerned /their authorized persons at 5.00 PM. The EOI document including the details of terms and conditions etc will have to be downloaded from the official website of **www.odisha.gov.in/ agrisnetodisha.ori.nic.in** from **14.5.2021 to 1.00 PM of 28.05.2021**. The Directorate shall not be responsible for any delay /difficulties /inaccessibility of the down loading facilities for any reason whats so ever.

The EOI must be delivered in written form to the undersigned in the below mentioned address by speed post /registered post in closed envelope super scribed as "EOI for Professional agency for Crop Diversification Programme" from 14.5.2021 to 28.05.2021 up to 3.30 PM.

The authority is not responsible for any sort of postal delay etc. The authority reserves the right to cancel/reject any or all the EOI without assigning any reason there of.

Sd/-
Director of Agriculture & Food Production, Odisha

OIPR-01034/11/0001/2122

**NOTIFIED AREA COUNCIL, ASKA**
**e-Procurement Notice**
BID IDENTIFICATION NO.- ASKA NAC/ SANITATION WORK/ 03/2021
TENDER CALL NOTICE NO. - 1095 / NAC/ 2021, DATED- 10.05.2021
08/05/2021 TENDER ID- 2021-ORULB-68320-1

Bid documents consisting of specification, the schedule of quantities and the set of terms & conditions of contract and other necessary documents can be seen in the govt. website i.e. www.tendersorissa.gov.in

1. Nature of work : Sanitation work as mentioned in website.
2. No. of works: 01 No.
3. Bid value: Rs.45,83,784 (Fourty five lakh eight three thousand seven hundered eighty four).
4. Period of completion: 1 year ( 12 months).
5. Date and time of availability of the bid documents in the portal from Dt.11.05.2021 from 10.00 A.M. to 27.05.2021 by 5.00 P.M.
6. Last date / time for receipt of bid in the portal : Dt.27.05.2021 by 5.00 P.M.
7. Last date & time of receiving of documents relating of tender off-line: 29.05.2021 by 5.00 P.M.
8. Bids received online shall be opened on Dt.31.05.2021 after 11.30 A.M. onwards.
9. Name and address of the officer inviting bid - Executive Officer, NAC, Aska (Ganjam).
10. Further details can be seen from the procurement portal: www.tendersorissa.gov.in.

Sd./- Executive Officer, N.A.C., Aska

> ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ। ଈଶୋପନିଷଦ କହେ- ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ। —ଶ୍ରୀଅରବିନ୍ଦ

# ଗଙ୍ଗାରେ ଶବ

ବିହାର ବକ୍ସର ଜିଲାର ଗଙ୍ଗାନଦୀ କୂଳରେ ୪୫ ମୃତଦେହ ଭାସିବାର ଗୋଟିଏ ଦିନ ପରେ ୧୧ ମେ'ରେ ଉତ୍ତରପ୍ରଦେଶ ଗାଜିପୁରଠାରେ ଆହୁରି କିଛି ଶବ ଦେଖିବାକୁ ମିଳିଛି। ଏଗୁଡ଼ିକ କରୋନା ଭୂତାଣୁରେ ଆକ୍ରାନ୍ତ ବୋଲି କୁହାଯାଉଛି। ସ୍ଥାନୀୟ ଲୋକେ ଏସବୁ ଦେଖି ଅଭିଯୋଗ କରିବା ପରେ ମୃତଦେହଗୁଡ଼ିକ କେଉଁଠାରୁ ଆସିଛି ତାହାର ତଦନ୍ତ କରାଯିବ ବୋଲି ପ୍ରଶାସନିକ ଅଧିକାରୀମାନେ କହିଛନ୍ତି। ମହାମାରୀ ସମୟରେ ଶବଗୁଡ଼ିକୁ ନଦୀ ଭିତରକୁ ଫିଙ୍ଗି ଦିଆଯିବା ଅତ୍ୟନ୍ତ ଗର୍ହିତ ଅପରାଧ। କାରଣ ଏହାଦ୍ୱାରା ସଂକ୍ରମଣ ସ୍ତର ବୃଦ୍ଧି ପାଇବ। ଏତେ ସଂଖ୍ୟକ ମୃତଦେହ ଭାସିଆସିବାର ଅର୍ଥ ଗୋଟିଏ। ଦାହ କରି ଥକିଯାଇଥିବା ଲୋକେ ଏହି ଶବଗୁଡ଼ିକୁ ପାଣିରେ ପକାଇ ଦେଇଛନ୍ତି। କୋଭିଡ୍ ସଂକ୍ରମିତ ହୋଇଥିଲେ ଏହା ସମ୍ପୂର୍ଣ୍ଣ ସ୍ଥାନୀୟ ପ୍ରଶାସନର ଭୁଲ ବୋଲି କୁହାଯିବ। ଯେହେତୁ କୋଭିଡ୍ ପ୍ରୋଟୋକଲ ଅନୁଯାୟୀ ମୃତଦେହଗୁଡ଼ିକ ସତ୍କାର କରାଯାଉଛି, ସେଭଳି କୁକାର୍ଯ୍ୟ କୌଣସି ଘର ଲୋକ କରି ନ ଥିବେ। ବର୍ତ୍ତମାନର ସ୍ଥିତିକୁ ଦେଖିଲେ କୋଭିଡ୍ ରୋଗୀଙ୍କ ସଂଖ୍ୟା କମ୍ କରି ଦେଖାଇବା ଚିନ୍ତାଧାରାରେ ବୁଡ଼ି ରହିଥିବା ସ୍ଥାନୀୟ ପ୍ରଶାସନ ଏପରି ପଦକ୍ଷେପ ନେଇଥାଇପାରେ।

ଏବେ କରୋନାଜନିତ ମୃତଦେହଗୁଡ଼ିକୁ ସତ୍କାର କରିବା ସକାଶେ ଶ୍ମଶାନ ଓ କାଠର ଅଭାବ ଦେଖାଦେଲାଣି। ଏପ୍ରିଲ ୨୮ରେ ଦିଲ୍ଲୀର ଶ୍ମଶାନ ପରିଚାଳନା ଦାୟିତ୍ୱରେ ଥିବା ବ୍ୟକ୍ତିମାନେ କହିଥିଲେ ଯେ, ଏକାଥରେ ବହୁ ଶବ ଆସୁଥିବାରୁ ସେଗୁଡ଼ିକୁ ପୋଡ଼ିବା ସମ୍ଭବ ହେଉନାହିଁ। ସ୍ଥାନାଭାବ ସହିତ କାଠର ଘୋର ଅଭାବ ଦେଖାଦେଇଛି। ଏକ ଆକଳନ କରାଯାଇଛି ଯେ, ଗୋଟିଏ ମୃତଦେହ ପୋଡ଼ା ହେବା ଲାଗି ୩ରୁ ୪ କୁଇଣ୍ଟାଲ କାଠ ଦରକାର ପଡୁଛି। କେବଳ ନିଗମବୋଧ ଘାଟରେ ଏପ୍ରିଲ ୧ରୁ ୨୩ ମଧ୍ୟରେ ୨,୫୨୬ ଶବ ସତ୍କାର କରାଯାଇଛି, ଯେଉଁଥିରୁ ୨,୦୯୯ ଜଣଙ୍କ ଲାଗି କାଠ ବ୍ୟବହାର କରାଯାଇଥିଲା। ଏଥିଲାଗି ୮,୦୦୦ କୁଇଣ୍ଟାଲ ଲାଗିଥିବା ଉକ୍ତ ଖବରରେ ଦର୍ଶାଯାଇଥିଲା। ଏହାକୁ ମାପଦଣ୍ଡ ଭାବେ ଦେଖି ସରକାରୀ ତଥ୍ୟ ଅନୁଯାୟୀ ହିସାବ କଲେ ଗତ କିଛିଦିନ ହେବ ଦେଶରେ ଦୈନିକ ୪ ହଜାର ଲୋକଙ୍କ ପ୍ରାଣ ଯାଉଥିଲେ କେତେ କାଠ ଖର୍ଚ୍ଚ ହେଉଥିବ ବୁଝାପଡ଼ିଯାଉଛି। ପୁଣି ବେସରକାରୀ ସ୍ତରରେ ମୃତଦେହ ଯଥେଷ୍ଟ ରହୁଛି। ତେଣୁ ଶବଗୁଡ଼ିକୁ ସତ୍କାର ନ କରି ସ୍ଥାନୀୟ ପ୍ରଶାସନ ପାଣିରେ ଭସେଇ ଦେଉଥିବା ନେଇ ହେଉଥିବା ଅଭିଯୋଗର ପ୍ରମାଣ ୧୧ ମେ'ରେ ଦେଖିବାକୁ ମିଳିଛି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ ଭିଡିଓରୁ ଜଣାପଡ଼ିଛି ଯେ, ଜଣେ ଆମ୍ବୁଲାନ୍ସ ଡ୍ରାଇଭର ମୃତଦେହଗୁଡ଼ିକୁ ଏକ ପୋଲ ଉପରୁ ପାଣିକୁ ଫିଙ୍ଗି ଦେଉଛନ୍ତି। ଏପରି କି ବିହାରର ଭାଜପା ସାଂସଦ ଜନାର୍ଦ୍ଦନ ସିଂ ସିଗ୍ରିଓ୍ୱାଲ ମଧ୍ୟ ଅଭିଯୋଗ କରିଛନ୍ତି, ବିହାର ଓ ଉତ୍ତରପ୍ରଦେଶ ସୀମାନ୍ତ ସରନ୍ ନିକଟ ଜଇପ୍ରଭା ସେତୁ ଉପରୁ କୋଭିଡ୍ ଯୋଗୁ ମୃତ୍ୟୁ ଘଟିଥିବା ଲୋକଙ୍କୁ ପାଣିକୁ ଫିଙ୍ଗି ଦିଆଯାଇଛି। ଆହୁରି କେତେକେ କହୁଛନ୍ତି, ବିହାରରେ ଲାଗିଥିବା ମୃତଦେହଗୁଡ଼ିକ ଉତ୍ତରପ୍ରଦେଶରୁ ଆସିଛି। ସେସବୁ ସଂଖ୍ୟା ଏବେ ୧୦୦ ଉପରେ କୁହାଗଲାଣି।

ଏଠାରେ କୁହାଯାଇପାରେ ଯେ, ମୃତଦେହଗୁଡ଼ିକ ଉତ୍ତର ଭାରତର ଯେଉଁ ରାଜ୍ୟରୁ ଆସିଥାଉ ପଛେ, ଏହା ପ୍ରମାଣ କରୁଛି ଯେ ସଂଖ୍ୟା ଲୁଚାଇବାର ଉଦ୍ୟମ ଅବ୍ୟାହତ ରହିଛି। କୋଭିଡ୍‌ଜନିତ ମୃତଦେହଗୁଡ଼ିକୁ ନିକଟ ସମ୍ପର୍କୀୟଙ୍କୁ ଦିଆଯାଉ ନ ଥିବାରୁ ସେଗୁଡ଼ିକୁ ପୋଡ଼ିବା ବା ପୋତିବା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ସେଥିପାଇଁ ଯେତେଶୀଘ୍ର ହୋଇପାରେ ସେଗୁଡ଼ିକୁ ନଷ୍ଟ କରିବାକୁ ଯାଇ ପ୍ରଶାସନ ଏଭଳି ସହଜ ମାଧ୍ୟମ ବୋଲି ଭାବିନେଉଛି। ଏହା କିନ୍ତୁ ଅସଂଖ୍ୟ ଲୋକଙ୍କ ପାଇଁ ବିପଦର କାରଣ ପାଲଟିବ। ମୁଣ୍ଡରୁ ଦାୟିତ୍ୱ ଖସେଇ ଦେବା ଉଦ୍ଦେଶ୍ୟ ରଖି ଯେଉଁମାନେ ଏଭଳି ପଦକ୍ଷେପ ନେଇଛନ୍ତି, ସେମାନଙ୍କୁ ଖୋଜି ବାହାର କରାଯାଇ ଦଣ୍ଡ ଦିଆଯିବା ଦରକାର। କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାଓ୍ୱତ ଏହି ଘଟଣାକୁ କେବଳ 'ଦୁର୍ଭାଗ୍ୟଜନକ' କହି ରହିଗଲେ ଚଳିବ ନାହିଁ। ସେଥିପାଇଁ ଦୃଢ଼ ନିର୍ଦ୍ଦେଶ ଦେଇ ଦୋଷୀଙ୍କୁ କଠୋର ଶାସ୍ତି ଦିଆଇପାରିଲେ ଏଭଳି କାର୍ଯ୍ୟ କରୁଥିବା ଲୋକଙ୍କ ମନରେ ଡର ପଶନ୍ତା।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ମେ ୧୯୯୬

- ୟୋଓ୍ୱେରୀ ମୁଜେଭେନା ଶତକଡ଼ା ୫୦ ଭାଗରୁ ଅଧିକ ଭୋଟ ପାଇ ଉଗାଣ୍ଡାର ରାଷ୍ଟ୍ରପତି ରୂପେ ପୁନଃ ନିର୍ବାଚିତ।
- ନେପାଳୀ କଂଗ୍ରେସର ନୂତନ ଅଧ୍ୟକ୍ଷ ଭାବେ ଦଳର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଗିରିଜା ପ୍ରସାଦ କୋଇରାଲା ବିପୁଳ ଭୋଟରେ ନିର୍ବାଚିତ ହୋଇଛନ୍ତି।
- କାଶ୍ମୀରରେ ଉଗ୍ରପନ୍ଥୀଙ୍କ ସହ ଗୁଳି ବିନିମୟରେ ମେଜରଙ୍କ ସମେତ ୧୫ ମୃତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | | | |
| 8 | | | | | | | 5 | |
| | | 2 | | 3 | 6 | | | |
| | 1 | | | 6 | | 5 | | |
| | | 6 | | | | 2 | | |
| 3 | 4 | 7 | | 1 | | 9 | | |
| | 6 | | | | | 7 | 9 | |
| 4 | 8 | | | | | | | |
| | | | 9 | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 8 | 2 | 1 | 9 | 4 | 5 | 7 |
| 7 | 1 | 4 | 6 | 5 | 8 | 3 | 2 | 9 |
| 9 | 5 | 2 | 7 | 3 | 4 | 1 | 8 | 6 |
| 5 | 9 | 6 | 4 | 7 | 2 | 8 | 1 | 3 |
| 8 | 4 | 7 | 1 | 6 | 3 | 2 | 9 | 5 |
| 2 | 3 | 1 | 8 | 9 | 5 | 6 | 7 | 4 |
| 1 | 8 | 5 | 9 | 4 | 6 | 7 | 3 | 2 |
| 4 | 2 | 9 | 3 | 8 | 7 | 5 | 6 | 1 |
| 6 | 7 | 3 | 5 | 2 | 1 | 9 | 4 | 8 |

ଗତକାଲିର ଉତ୍ତର

# ତୃତୀୟ ଲହର ଓ ଟିକାକରଣ



ଡ. ଶିବ ଶଙ୍କର ସାହୁ

କରୋନାର ଦ୍ୱିତୀୟ ଲହର ଦେଶରେ ଭୟାନକ ମୃତ୍ୟୁର ତାଣ୍ଡବ ରଚିଚାଲିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦର୍ଶାଯାଇଛି ଯେ ୧୨ ରାଜ୍ୟରେ ଏକ ଲକ୍ଷରୁ ଅଧିକ ସକ୍ରିୟ କାରକ ଅଛି। ମେ ୬ ତାରିଖରେ ସର୍ବାଧିକ ୪.୧୨ ଲକ୍ଷ ନୂଆ ସଂକ୍ରମଣ ସହିତ ୩୯୮୦ ଜଣଙ୍କ ମୃତ୍ୟୁ ଘଟିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମତରେ ସମଗ୍ର ବିଶ୍ୱର ୪୬% ସକ୍ରିୟ କୋଭିଡ କେସ ଓ ଏକ ଚତୁର୍ଥାଂଶ ମୃତ୍ୟୁହାର କେବଳ ଭାରତରେ ପରିଲକ୍ଷିତ ହୋଇଛି। କରୋନାର ଦ୍ୱିତୀୟ ଲହର କିଛିଦିନ ମଧ୍ୟରେ ଶୀର୍ଷକୁ ଛୁଇଁବ ବୋଲି ଆକଳନ ହେଉଥିଲା ବେଳେ ତୃତୀୟ ଲହର ନିକଟ ଭବିଷ୍ୟତରେ ଆଗମନ ନିଶ୍ଚୟ ବୋଲି ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ବୈଜ୍ଞାନିକ ଉପଦେଷ୍ଟା କେ. ବିଜୟ ରାଘବନ କହିଛନ୍ତି, ଯଦିଓ ଭୂତାଣୁର ରୂପ ଦିନକୁ ଦିନ ଶକ୍ତିଶାଳୀ ହୋଇଚାଲିଛି, ଆମ୍ଭମାନଙ୍କୁ ତୃତୀୟ ଲହର ପାଇଁ ଯଥୋଚିତ ପ୍ରସ୍ତୁତ ରହିବା ଅପରିହାର୍ଯ୍ୟ। ସୁପ୍ରିମକୋର୍ଟ ମଧ୍ୟ କେନ୍ଦ୍ର ସରକାରଙ୍କୁ ତୃତୀୟ ଲହର ପାଇଁ ପ୍ରସ୍ତୁତ ରହିବାକୁ କଡ଼ା ଚେତାବନୀ ଦେଇଛନ୍ତି।

କରୋନାର ଦ୍ୱିତୀୟ ଲହରରେ ଦେଶବ୍ୟାପୀ ସ୍ୱାସ୍ଥ୍ୟ ଅବସ୍ଥାର ନଗ୍ନଛବି ଦେଖିବାକୁ ମିଳିଛି। ଅମ୍ଳଜାନର ଉତ୍କଟ ସଙ୍କଟ, ମେଡିକାଲ ଶଯ୍ୟାର ଅଭାବ, ଡାକ୍ତର ଓ ନର୍ସ ତଥା ସ୍ୱାସ୍ଥ୍ୟକର୍ମୀଙ୍କର ଅଭାବ, ଆଇ.ସି.ୟୁ. ନ ମିଳିବା ଯୋଗୁ ଜଟିଳ ସମସ୍ୟା ଦେଇ ଦେଶ ଗତି କରୁଛି। ଦେଶରେ ସରକାରୀ ସ୍ୱାସ୍ଥ୍ୟସେବା ଏକ ପ୍ରକାର ଦୁଃସ୍ଥ ଓ ଧ୍ୱସ୍ତ କହିଲେ ଅତ୍ୟୁକ୍ତି ହେବ ନାହିଁ।

୨୦୨୦ ମାନବ ବିକାଶ ରିପୋର୍ଟ (ଏଚ.ଡି. ଆଇ.) କହୁଛି ଭାରତର ପ୍ରତି ୧୦ ହଜାର ଜନସଂଖ୍ୟାରେ ମାତ୍ର ୫ଟି ଶଯ୍ୟା ଓ ୮ ଜଣ ଡାକ୍ତର ମହଜୁଦ ଅଛନ୍ତି। ସର୍ଭେ ହୋଇଥିବା ୧୬୭ ଦେଶ ମଧ୍ୟରୁ ଶଯ୍ୟା ଯୋଗାଣରେ ଭାରତର ସ୍ଥାନ ୧୫୫। ନେପାଳ, ଉଗାଣ୍ଡା, ଗୁଏଟମାଳା, ସେନେଗାଲ, ଆଫଗାନିସ୍ତାନ ଓ ବୁରକିନା ଫାସୋ ପରି ୧୨ଟି ଦେଶ ଭାରତ ପଛରେ ଅଛନ୍ତି। ସାଧାରଣ ସମୟରେ ଶଯ୍ୟାର ଘୋର ଅଭାବ ଦେଖାଯାଉଥିବା ବେଳେ ମହାମାରୀ ସମୟରେ ଉତ୍କଟ ରୂପ ନେବାର ଆଶ୍ଚର୍ଯ୍ୟ ହେବାର କିଛି କାରଣ ନାହିଁ। ଉପଯୁକ୍ତ ସରକାରୀ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ମୌଳିକ ମାନବୀୟ ଅଧିକାର, ସରକାରଙ୍କ ଏହା ମୁଖ୍ୟ ଦାୟିତ୍ୱ ହେବା ଦରକାର ବୋଲି ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟଗୁଡ଼ିକ ଏହିପରି ବାରମ୍ବାର କହିବା ସତ୍ତ୍ୱେ ବି ସରକାରଙ୍କ ଏହା ପ୍ରତି ଭ୍ରୂକ୍ଷେପ ନାହିଁ। ଦ୍ୱିତୀୟ ଲହରରେ ଶ୍ମଶାନରେ ଶବଦାହ ପାଇଁ ଲମ୍ବା ଲାଇନ ଲାଗିଛି। ତୃତୀୟ ଲହରରେ ଏହା ଛୋଟ ସହର ଓ ଗାଁ ଗହଳିକୁ ବ୍ୟାପିବ, ଶିଶୁମାନେ ଅଧିକ ଆକ୍ରାନ୍ତ ହେବେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ମତ ଦେଇଛନ୍ତି। ଅମ୍ଳଜାନ ଅଭାବରୁ ଶ୍ୱାସରୁଦ୍ଧ ହୋଇ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଯାଉଥିବା ବେଳେ ରାଜନୈତିକ ରାଲି, କୁମ୍ଭମେଳା ଭଳି ଧର୍ମୀୟ ପରମ୍ପରାରେ ଲକ୍ଷାଧିକ ଲୋକଙ୍କ ସମାଗମ ସରକାରଙ୍କ ଦାୟିତ୍ୱହୀନତାକୁ ଦର୍ଶାଇବା ସହ ଏହାକୁ ଗଣତନ୍ତ୍ରରେ ଏକ ଗଣହତ୍ୟା ସହ ତୁଳନା କରାଯାଇପାରେ।

ଅନ୍ତର୍ଜାତୀୟ ସୁପ୍ରସିଦ୍ଧ ନେଚର ପତ୍ରିକା ତଥ୍ୟ ଅନୁଯାୟୀ ୨୯ ଏପ୍ରିଲରେ ଭାରତର ବିଶିଷ୍ଟ ବୈଜ୍ଞାନିକମାନେ କରୋନା ସଂକ୍ରମଣ ରୋକିବା ପାଇଁ ଦେଶ ଅସମର୍ଥ, ମହାମାରୀ ପ୍ରକୃତ ତଥ୍ୟ ପ୍ରଣାଳୀବଦ୍ଧ ଭାବେ ସଂଗୃହୀତ ହେଉ ନ ଥିବା ଓ ସର୍ବସାଧାରଣ ନିମିତ୍ତ ତଥ୍ୟକୁ ଉନ୍ମୋଚନ କରାଯାଉ ନ ଥିବାର କ୍ଷୋଭ ପ୍ରକାଶ କରି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଖୋଲା ଚିଠି ଲେଖିଥିଲେ। ଦ୍ୱିତୀୟ ଲହର ଭୟଙ୍କର ରୂପ ନେବ ବୋଲି ସେମାନେ ଜାନୁୟାରୀ ମାସରୁ ଅବଗତ କରିଥିଲେ ମଧ୍ୟ ସରକାର ବିଭିନ୍ନ ରାଜ୍ୟରେ ନିର୍ବାଚନକୁ ନେଇ ବ୍ୟସ୍ତ ରହିଲେ ଓ ଚେତାବନୀକୁ କର୍ଣ୍ଣପାତ କଲେନି ବୋଲି ଏହି ପତ୍ରିକାରେ ଉଲ୍ଲେଖ ଅଛି।

ଏହିପରି ଏକ ଭଗ୍ନ ସ୍ୱାସ୍ଥ୍ୟସେବାରେ କରୋନାର ତୃତୀୟ ଲହରକୁ ମୁକାବିଲା ପାଇଁ ଟିକାକରଣ ଅଭିଯାନକୁ ବହୁମାତ୍ରାରେ ତ୍ୱରାନ୍ୱିତ କରି ମୁକ୍ତରେ ସାର୍ବଜନିକ ଯୋଗାଣର ଆବଶ୍ୟକତା ଅଛି। ଇଣ୍ଡିଆନ ଏକ୍ସପ୍ରେସର ଏକ ଲେଖା ଆଧାରରେ ଭାରତରେ ଟିକାକରଣ ୪ଟି ମୁଖ୍ୟ ବିଫଳତା ପରିଲକ୍ଷିତ ହୋଇଛି। ସେଗୁଡ଼ିକ ହେଉଛି-ଟିକାର ଚାହିଦା ଓ ଯୋଗାଣ ମଧ୍ୟରେ ବିରାଟ ଅନ୍ତର, ଟିକାକରଣରେ ଭୌଗୋଳିକ ଓ ସାମାଜିକ ବୈଷମତା, ଟିକାକୁ ସରକାରୀ/ମୁକ୍ତ ଦ୍ରବ୍ୟର ଆଖ୍ୟା ନ ଦେଇ ମୁକ୍ତ ବଜାରୀକରଣ ଓ ସରକାରୀ କଳ ଦ୍ୱାରା ଉତ୍ପାଦନ ପ୍ରୋତ୍ସାହନ ନ ଦେବା ଏବଂ ଟିକାକରଣ ଯୋଜନାର ନିରାନନ୍ଦ ଭବିଷ୍ୟତ ସମ୍ଭାବ୍ୟତା

ଗତ ଜାନୁୟାରୀ ମାସରେ ଭାରତରେ ଯେତେବେଳେ ଟିକାକରଣ ପ୍ରକ୍ରିୟା ଆରମ୍ଭ ହେଲା ଆଶା କରାଯାଉଥିଲା ଏହା ବିଶ୍ୱର ଆଗୁଆ ଦେଶର ମାନ୍ୟତା ପାଇବ କିନ୍ତୁ କଥାଟା ଠିକ୍ ଓଲଟା ହେଲା। ଟିକାକରଣରେ ଭାରତର ବିଫଳତା ଓ ଖୋଲା ବଜାରର ପ୍ରତିଫଳନ ହେଲା। ସମୁଦାୟ ଟିକାକରଣକୁ ଯଦି ବିଚାରକୁ ନିଆଯାଏ ଭାରତରେ ଏଯାବତ ୪୫ ବର୍ଷରୁ ଊର୍ଦ୍ଧ୍ୱ ଓ ଆଗଧାଡ଼ିର କରୋନା ଯୋଦ୍ଧାକୁ ମିଶାଇ ୧୨.୭ କୋଟି ଲୋକ ପ୍ରଥମ ଡୋଜ୍ ଟିକା ନେଇଛନ୍ତି, ଯାହା କି ସମୁଦାୟ ଜନସଂଖ୍ୟାର ମାତ୍ର ୯.୨ ପ୍ରତିଶତ। ଆମେରିକାରେ ଏଯାବତ୍ ୫୦.୬ ପ୍ରତିଶତ, ଗ୍ରେଟ ବ୍ରିଟେନରେ ୪୩.୩ ପ୍ରତିଶତ, ଜର୍ମାନୀ ୨୬.୭ ଓ ବ୍ରାଜିଲରେ ୧୩.୭ ପ୍ରତିଶତ ଟିକାକରଣ ହୋଇଛି।

ଭାରତରେ ଅନୁମୋଦିତ ଦୁଇଟି ଟିକା କମ୍ପାନୀ କୋଭିସିଲ୍ଡ ଓ କୋଭାକ୍ସିନ ମିଳିତ ଦୈନିକ ଉତ୍ପାଦନ କ୍ଷମତା ୨୫ ଲକ୍ଷ ମାତ୍ରା। ଯଦି ୨୦୨୨ ଜାନୁୟାରୀ ସୁଦ୍ଧା ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ଟିକାକରଣ ଲକ୍ଷ୍ୟ ରଖାଯାଏ ତେବେ ଦୈନିକ ୬୯ ଲକ୍ଷ ମାତ୍ରା ଦରକାର। ବର୍ତ୍ତମାନ ହାରରେ ଟିକାକରଣ ଓ ଉତ୍ପାଦନ କ୍ଷମତାକୁ ଦେଖିଲେ ଏହି ସମୟରେ ମାତ୍ର ୩୦ ପ୍ରତିଶତ ୧୮ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଟିକାକରଣ ସମ୍ଭବ ହୋଇପାରିବ ଓ ୨୦୨୩ ସୁଦ୍ଧା ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ମିଳିପାରେ। ଯଦି ଏହି ହାରରେ ଟିକାକରଣ ହୁଏ ତୃତୀୟ ଲହରରେ ମୃତ୍ୟୁହାର ଓ ସଂକ୍ରମଣକୁ ରୋକିବା କଷ୍ଟସାଧ ହୋଇଯିବ।

ଟିକା ବିତରଣକୁ ନେଇ କେନ୍ଦ୍ର-ରାଜ୍ୟ ମଧ୍ୟରେ ବୈଷମତା ଜଟିଳତର ହୋଇଛି। କେନ୍ଦ୍ର ସମଗ୍ର ଉତ୍ପାଦନର ୫୦ ପ୍ରତିଶତ ଅଧିକାର ସାବ୍ୟସ୍ତ କରୁଥିବା ବେଳେ ରାଜ୍ୟ ସରକାର ଓ ବେସରକାରୀ ସଂସ୍ଥା ତଥା ଟିକା ଉତ୍ପାଦନକାରୀ ସଂସ୍ଥା ୫୦ ପ୍ରତିଶତରେ ଭାଗୀଦାରି ହେବେ। ଟିକା ଉତ୍ପାଦନକାରୀ ସଂସ୍ଥା କେନ୍ଦ୍ର, ରାଜ୍ୟ ଓ ବେସରକାରୀ ସଂସ୍ଥା ପାଇଁ ମୂଲ୍ୟରେ ବଡ଼ ଧରଣର ତାରତମ୍ୟ ସ୍ଥିର କରିଛନ୍ତି। ଏହି ଆପଦକାଳୀନ ସ୍ଥିତିରେ ଟିକାର ବ୍ୟବସାୟୀକରଣ ସାମାଜିକ ମୂଲ୍ୟବୋଧକୁ କୁଠାରାଘାତ କରିବା ସହ ସାମାଜିକ ଓ ଆଞ୍ଚଳିକ ବାଚ୍ଛନ୍ଦତାକୁ ପ୍ରୋତ୍ସାହନ କରୁଛି।

ମୁକ୍ତ ଟିକାକରଣକୁ ସାର୍ବଜନିକ କରି ସମ୍ବିଧାନର ୨୧ ଧାରା ଅନୁସାରେ ବଞ୍ଚିବାର ଅଧିକାର ଓ ସ୍ୱତନ୍ତ୍ରତାରେ ଅନ୍ତର୍ଭୁକ୍ତ ଜରୁରୀ ଏବଂ ଏହାକୁ ବ୍ୟବସାୟୀକରଣରୁ ପୃଷ୍ଠଭଙ୍ଗ ଅତ୍ୟନ୍ତ ଆବଶ୍ୟକ। ଏଠାରେ ସ୍ପଷ୍ଟ କରାଯାଏ କି ଟିକା ବ୍ୟବସାୟ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅନୁକୂଳ ନୁହେଁ, ସେଥିପାଇଁ ବହୁ ପୁଞ୍ଜିବାଦୀ ରାଷ୍ଟ୍ର ଏହାକୁ ଏକ ମୁକ୍ତ ଦ୍ରବ୍ୟ ରୂପେ ଗ୍ରହଣ କରି ମାଗଣାରେ ବିତରଣ କରୁଛନ୍ତି। କେନ୍ଦ୍ର ସରକାର ପ୍ରତ୍ୟକ୍ଷ ଭାବେ ଟିକା ନିର୍ମାତାଙ୍କଠାରୁ ସଂଗ୍ରହ କରି ରାଜ୍ୟଗୁଡ଼ିକୁ ମୁକ୍ତ ଯୋଗାଣ କରିବାର ଆବଶ୍ୟକତା ଅଛି।

ଟିକାର ଚାହିଦା ଓ ଯୋଗାଣକୁ ଆଖିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଅନୁମୋଦିତ ଅନ୍ତର୍ଜାତୀୟ ଟିକା ଉତ୍ପାଦନକାରୀ ସଂସ୍ଥା ସହିତ ଚୁକ୍ତି କରିବାର ଆବଶ୍ୟକତା ଅଛି। ଟିକାକରଣ ବ୍ୟବସ୍ଥାରେ ସମାଜ ଉପଯୋଗୀ ସ୍ୱଚ୍ଛ ନିୟମ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବା ଦରକାର। ଭାରତରେ ତ୍ରୁଟିପୂର୍ଣ୍ଣ ଓ ଦୁର୍ବଳ ଟିକାକରଣ ଯୋଜନା ଉତ୍କଟ ଟିକା ଅଭାବର ପ୍ରତିଫଳନ। ସମସ୍ତ ତଥ୍ୟକୁ ଆକଳନ କଲେ ଜଣାଯାଏ ଭାରତର ଟିକାକରଣ ପଦ୍ଧତି ନିଚ୍ଛକ ଭାବରେ ସରକାରଙ୍କ ଅପାରଗତା ଓ ପୁଞ୍ଜିବାଦ ସମାଜ ବ୍ୟବସ୍ଥାର ନଗ୍ନଛବିକୁ ପ୍ରତିପାଦନ କରୁଛି। ଅର୍ଥନୈତିକ ଅଭିବୃଦ୍ଧି ନାମରେ ଡିଣ୍ଡିମ ପିଟୁଥିବା ସରକାର ଏବେ ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ଉନ୍ନତିରେ ଉପଯୁକ୍ତ ଧ୍ୟାନ ଦେବାର ଆସିଛି। ସମୟ ପୂର୍ବରୁ ସଚେତନ ନ ହେଲେ ନେଡ଼ି ଗୁଡ଼ କହୁଣିକୁ ବୋହିଯିବ।

ଅଧ୍ୟାପକ ରେଭେନ୍ସା ବିଶ୍ୱବିଦ୍ୟାଳୟ
sibasankarjnu@gmail.com
ମୋ: ୯୪୩୯୧୬୭୮୫୫

# ଓବାମାଙ୍କ ଗାନ୍ଧୀଖୋଜା



ବିଜୟ ନାୟକ

୨୦୧୦ ମସିହା ନଭେମ୍ବର ମାସରେ ଯୁକ୍ତରାଷ୍ଟ୍ର ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବାରାକ୍ ଓବାମା ପ୍ରଥମ ଭାରତ ଗସ୍ତରେ ଆସି ମୁମ୍ବାଇରେ ସସ୍ତ୍ରୀକ ପଦାର୍ପଣ କରିଥିଲେ। ଏସିଆ ମହାଦେଶକୁ ତାଙ୍କର ନଅଦିନିଆ ଗସ୍ତର ଏହା ଥିଲା ପ୍ରଥମପାଦ। ଏଥିପୂର୍ବରୁ ସେ କେବେ ଭାରତ ଆସି ନ ଥିଲେ ବି ଏହି ମହାନ୍ ଦେଶ ତାଙ୍କ କଳ୍ପନାରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲା। ଏହାର କାରଣ ହୋଇପାରେ ଭାରତବର୍ଷର ବିଶାଳତା ଓ ବିବିଧତା। ଜନବହୁଳତା ସାଙ୍ଗକୁ ଭୌଗୋଳିକ ବିସ୍ତୃତି ତଥା ଭାରତବର୍ଷରେ ଧର୍ମ, ଗୋଷ୍ଠୀ ଓ ଭାଷାର ବିଭିନ୍ନତା ତାଙ୍କୁ ହୁଏତ ଅଭିଭୂତ କରିଥିଲା। ତାଙ୍କ ଶୈଶବର କିୟଦଂଶ ଇଣ୍ଡୋନେସିଆରେ ଅତିବାହିତ ହୋଇଥିବାରୁ ସେ ରାମାୟଣ ଓ ମହାଭାରତ କାହାଣୀ ଶୁଣିବାର ସୁଯୋଗ ପାଇଥିଲେ। କଲେଜରେ ତାଙ୍କ ଭାରତୀୟ ଓ ପାକିସ୍ତାନୀ ସହପାଠୀଙ୍କଠାରୁ 'ଡାଲି' ଓ 'କିମା' ରୋଷେଇ ମଧ୍ୟ ଶିଖିଥିଲେ। ତେବେ ସବୁରି ଊର୍ଦ୍ଧ୍ୱରେ ଥିଲା ତାଙ୍କ ଗାନ୍ଧୀଭକ୍ତି, ଯାହା ତାଙ୍କୁ ଭାରତ ପ୍ରତି ଆକର୍ଷିତ କରିଥିଲା। ଆବ୍ରାହମ୍ ଲିଙ୍କନ୍, ମାର୍ଟିନ୍ ଲୁଥର କିଙ୍ଗ, ନେଲ୍‌ସନ୍ ମଣ୍ଡେଲା ଏବଂ ସର୍ବୋପରି ମହାତ୍ମା ଗାନ୍ଧୀ ତାଙ୍କ ଚିନ୍ତାଚେତନାକୁ ଗଭୀର ଭାବରେ ପ୍ରଭାବିତ କରିଥିଲେ ବୋଲି ଓବାମା ତାଙ୍କ ସ୍ମୃତିକଥା 'ଏ ପ୍ରୋମିଜ୍‌ଡ ଲ୍ୟାଣ୍ଡ'ରେ ଉଲ୍ଲେଖ କରିଛନ୍ତି।

ମୁମ୍ବାଇରେ ଅବସ୍ଥାନ ସମୟରେ ଏକଦା ମହାତ୍ମା ଗାନ୍ଧୀଙ୍କ କର୍ମସ୍ଥଳୀ ଥିବା 'ମଣି ଭବନ' ସଂଗ୍ରହାଳୟ ପରିଦର୍ଶନରେ ଯାଇଥିଲେ ଓବାମା ଦମ୍ପତି। ୧୯୫୯ରେ ଡକ୍ଟର ମାର୍ଟିନ୍ ଲୁଥର କିଙ୍ଗ୍ (କନିଷ୍ଠ) ଏହି ସଂଗ୍ରହାଳୟକୁ ଆସି ପରିଦର୍ଶକ ପୁସ୍ତିକାରେ ସ୍ୱାକ୍ଷର କରିଥିବା ଦେଖି ଓବାମା ବେଶ୍ ଖୁସି ହୋଇଥିଲେ। ଏଠାରେ ଉଲ୍ଲେଖନୀୟ ଯେ, ମହାତ୍ମା ଗାନ୍ଧୀଙ୍କ ନୀତି ଓ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ଡକ୍ଟର କିଙ୍ଗ୍ ଆମେରିକାରେ ବର୍ଣ୍ଣଗତ ନ୍ୟାୟ ପାଇଁ ଲଢ଼େଇ କରୁଥିଲେ। ଅନ୍ତର୍ଜାତୀୟ ଦୃଷ୍ଟି ଆକର୍ଷଣ କରିବା ପାଇଁ ସେ ସେତେବେଳେ ଭାରତ ଆସିଥିଲେ ଏବଂ ମଣି ଭବନକୁ ଯାଇଥିଲେ।

ଯୁବକ ବୟସରେ ମହାତ୍ମା ଗାନ୍ଧୀଙ୍କ ଲେଖା ପଢ଼ି ନିଜ ମନ ଭିତରେ ଉଙ୍କି ମାରୁଥିବା ଅସୁମାରି ଅନ୍ୱେଷାର ଉତ୍ତର ପାଇଥିଲେ ଓବାମା। ମହାତ୍ମାଙ୍କ ସତ୍ୟ, ସତ୍ୟାଗ୍ରହ ଓ ଅହିଂସ ପ୍ରତିବାଦ ଆଦି ବିଚାର ମାନସ ମନ୍ଥନର ଚିରନ୍ତନ ପ୍ରଚୋଦନା। ସବୁ ଧର୍ମର ସାରାଂଶ ସମାନ ଏବଂ ସବୁ ମଣିଷର ଗରିମା ସମାନ- ଗାନ୍ଧିଜୀଙ୍କର ଏହି ବାଣୀ ମାନବିକତାର ମାର୍ମିକ ମୂର୍ଚ୍ଛନା। ଏସବୁ ପଢ଼ିଲା ପରେ ଗାନ୍ଧୀମନ୍ତ୍ରରେ ଅଭିମନ୍ତ୍ରିତ ହୋଇଥିଲେ ଯୁବକ ବାରାକ୍। ଗାନ୍ଧୀ ବିଚାର ଅପେକ୍ଷା ଗାନ୍ଧୀ ଆଚାର ଅଧିକ ଆନ୍ଦୋଳିତ କରିଥିଲା ବାରାକ୍‌ଙ୍କୁ। ୧୯୧୫ ମସିହାଠାରୁ ୧୯୪୭ ମସିହା ପର୍ଯ୍ୟନ୍ତ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ବ୍ୟାପୀ ବ୍ରିଟିଶ୍ ଶାସନ ବିରୋଧରେ ଗାନ୍ଧିଜୀଙ୍କ ନିରବଚ୍ଛିନ୍ନ ଅହିଂସ ସଂଗ୍ରାମର ଇତିହାସ ତାଙ୍କୁ ଅନୁପ୍ରେରିତ କରିଥିଲା। ଏତେକ କେବଳ ଓବାମା ତାଙ୍କ ଆତ୍ମଚରିତରେ ବର୍ଣ୍ଣନା କରିଛନ୍ତି ତା'ନୁହେଁ, ଏହି ସଂଗ୍ରାମ ସମଗ୍ର ବିଶ୍ୱରେ ଏକ ନୈତିକ ଶକ୍ତି ସଂଚାର କରିଥିଲା ବୋଲି ଲେଖିବାକୁ ସେ ଭୁଲିନାହାନ୍ତି। ଭୁଲିନାହାନ୍ତି ଲେଖିବାକୁ ଯେ, ତାଙ୍କ ନିଜ ଦେଶର କଳାଲୋକଙ୍କ ପରି ପୃଥିବୀର ଅନେକ ଅବହେଳିତ ଓ ଲାଞ୍ଛିତ ଜନସଂପ୍ରଦାୟ ପାଇଁ ଗାନ୍ଧୀ ସଂଗ୍ରାମ ଥିଲା ଆଶା, ଆଶ୍ୱାସନା, ସାହସ ଓ ସାମର୍ଥ୍ୟର ଆଲୋକବର୍ତ୍ତିକା। (ଗାନ୍ଧିଜୀ ବର୍ଣ୍ଣବୈଷମ୍ୟ ବିରୋଧରେ ଲଢ଼ି ନ ଥିଲେ କଳା ଓବାମା ଗୋରା ଦେଶର ଅଧିପତି ହୋଇଥା'ନ୍ତେ ବା କିପରି?)

ଡକ୍ଟର କିଙ୍ଗ୍‌ଙ୍କ ପରେ ଓବାମା ଥିଲେ ଅନ୍ୟ ଜଣେ ବିଶିଷ୍ଟ ଆମେରିକୀୟ, ଯିଏ 'ମଣି ଭବନ'ର ପରିଦର୍ଶକ ପୁସ୍ତିକାରେ ମହତ୍ତ୍ୱପୂର୍ଣ୍ଣ ମନ୍ତବ୍ୟ ପ୍ରଦାନ କରିଛନ୍ତି- "ଗାନ୍ଧୀଙ୍କ ଜୀବନର ଏହି ସ୍ମାରକୀ ଦେଖିବା ପରେ ଆଶା ଓ ପ୍ରେରଣାରେ ମୋ ମନ ପରିପୂର୍ଣ୍ଣ ହୋଇଛି। ସେ କେବଳ ଭାରତର ନୁହନ୍ତି, ପୃଥିବୀର ମହାନାୟକ।" ଗାନ୍ଧୀଙ୍କ ଜୀବନ ଓ ଜୀବନାଦର୍ଶ ବିଷୟରେ ସାରା ପୃଥିବୀର ଶିଶୁମାନେ ପରିଚିତ ହେବା ଚାହି ବୋଲି ଲେଖିଥିଲେ ତାଙ୍କ ପତ୍ନୀ ମିଶେଲ୍ ଓବାମା। ତତ୍ପରେ ସେମାନେ ଉପର ମହଲାକୁ ଯାଇଥିଲେ।

ମଣି ଭବନର ଉପର ମହଲାର ଏକ ଛୋଟ, ସାଦାସିଧା କୋଠରିରେ ଗାନ୍ଧିଜୀ ରହୁଥିଲେ। ସ୍ୱଳ୍ପାଲୋକିତ ସେହି କୋଠରିରେ ବିଛଣା, ତକିଆ ଏବଂ ନୁଆଁଣିଆ କାଠ ଡେସ୍କ ସାଙ୍ଗକୁ କେତୋଟି ଅରଟ ମଧ୍ୟ ଥିଲା। ଏସବୁ ଦେଖି ଗାନ୍ଧିଜୀଙ୍କ ଆତ୍ମିକ ଉପସ୍ଥିତି କଥା ଭାବୁଥିଲେ ଓବାମା। କଳ୍ପନା ଚକ୍ଷୁରେ ଦେଖୁଥିଲେ ଗାନ୍ଧିଜୀ ଯେମିତି ଖଦଡ଼ ଧୋତି ଖଣ୍ଡେ ପିନ୍ଧି ଟେକାମାଡ଼ି ବସିଛନ୍ତି ଏବଂ ବ୍ରିଟିଶ୍ ବଡ଼ଲାଟ୍ ପାଖକୁ ଚିଠି ଲେଖୁଛନ୍ତି ବା ଲବଣ ସତ୍ୟାଗ୍ରହର ପରବର୍ତ୍ତୀ କାର୍ଯ୍ୟସୂଚୀ ପ୍ରସ୍ତୁତ କରୁଛନ୍ତି। ଓବାମା ଲେଖିଛନ୍ତି, "ତାଙ୍କ ପାଖରେ ବସି ତାଙ୍କ ସହିତ କଥାହେବା ପାଇଁ ସେତେବେଳେ ମୋର ଭାରି ଇଚ୍ଛା ହେଉଥିଲା। ଇଚ୍ଛା ହେଉଥିଲା ତାଙ୍କୁ ପଚାରିବା ପାଇଁ ଯେ ଏତେ ସ୍ୱଳ୍ପତା ଭିତରେ ଏଡ଼େ ବଡ଼ କାମସବୁ କରିବା ପାଇଁ ଶକ୍ତି ଓ ସୃଜନ ସେ କେଉଁଠୁ ପାଇଲେ। ××।"

କଳ୍ପନାରେ ଗାନ୍ଧିଜୀଙ୍କ ସ୍ମୃତିଚିତ୍ର କେବଳ ଆଙ୍କିନାହାନ୍ତି ଓବାମା, ସମକାଳ ବିଶ୍ୱପାଇଁ ଗାନ୍ଧିଜୀଙ୍କ ପ୍ରାସଙ୍ଗିକତାକୁ ସଂକ୍ଷେପରେ ବଖାଣିଛନ୍ତି ମଧ୍ୟ। ପୃଥିବୀର ଗଣତନ୍ତ୍ରଗୁଡ଼ିକର ସଂକଟ ଓ ସମସ୍ୟା ପ୍ରତି ସେ ଦୃକ୍‌ପାତ କରିଛନ୍ତି। ତାଙ୍କ ମତରେ ହିଂସା, ଦ୍ୱେଷ, ଲୋଭ, ସଂକୀର୍ଣ୍ଣତା ଏବଂ ଧାର୍ମିକ ଅସହିଷ୍ଣୁତା ଆଦିକୁ ସମ୍ଭାଳିବା ପାଇଁ ସାଂପ୍ରତିକ ଶାସନ ବ୍ୟବସ୍ଥା ଅସମର୍ଥ। ଶାସକମାନେ ପରିସ୍ଥିତିରେ ସୁଯୋଗ ନେଉଛନ୍ତି ସିନା ସମାଧାନର ପନ୍ଥା ନିର୍ଣ୍ଣୟ କରୁନାହାନ୍ତି। ଗାନ୍ଧୀ ଥିଲେ ସେ ତାଙ୍କୁ ଅବଶ୍ୟ ସମାଧାନର ସୂତ୍ର ପଚାରିଥା'ନ୍ତେ ବୋଲି ଓବାମା ତାଙ୍କ ପୁସ୍ତକରେ ସୂଚିତ କରିଛନ୍ତି। ସେହିପରି ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ବିବାଦ ବିଷୟରେ ବ୍ୟାଖ୍ୟା କଲାବେଳେ ଗାନ୍ଧିଜୀଙ୍କ ଅହିଂସ ଆନ୍ଦୋଳନର ଆବଶ୍ୟକତା ଉପଲବ୍ଧି କରିଛନ୍ତି ଓବାମା। ତାଙ୍କ ଉକ୍ତି ଓ ଉଲ୍ଲେଖରୁ ବୁଝାପଡ଼େ ଯେମିତି ତାଙ୍କ ଗାନ୍ଧୀଖୋଜା ସରିନାହିଁ।

କେବଳ ବାରାକ୍ ଓବାମା ଗାନ୍ଧୀଙ୍କୁ ଖୋଜୁଛନ୍ତି ତା' ନୁହେଁ, ସେ ଏକ ଦୃଷ୍ଟାନ୍ତ ମାତ୍ର। ଗାନ୍ଧିଜୀଙ୍କ ସଂପର୍କରେ ବିଶ୍ୱବନ୍ଦିତ ବୈଜ୍ଞାନିକ ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କ ମନ୍ତବ୍ୟର ତ ପଟାନ୍ତର ନାହିଁ- ରକ୍ତମାଂସଧାରୀ ଏପରି ଜଣେ ମଣିଷ ପୃଥିବୀ ପୃଷ୍ଠରେ ବିଚରଣ କରିଥିଲେ ବୋଲି ହୁଏତ ଆଗାମୀ ପିଢ଼ି ବିଶ୍ୱାସ କରିବ ନାହିଁ। ୨୦୧୫ ମସିହା ମାର୍ଚ୍ଚ ମାସରେ ଲଣ୍ଡନର ପାର୍ଲିଆମେଣ୍ଟ ଛକରେ ମହାତ୍ମାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ତଦାନୀନ୍ତନ ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ଡ୍ୟାଭିଡ୍ କ୍ୟାମେରନ୍ ସତ୍ୟ ଓ ଅହିଂସାକୁ ଲଣ୍ଡନ ସହରରେ ସବୁଦିନ ପାଇଁ ସ୍ଥାନ ଦିଆଯିବା କଥା କେବଳ କହି ନ ଥିଲେ, କହିଥିଲେ ମଧ୍ୟ ଗାନ୍ଧିନୀତି ନିତ୍ୟ ନୂତନ ଓ ସାର୍ବଜନୀନ।

ଏଥିରୁ ମନେହୁଏ, ଗାନ୍ଧୀ ନୀତିର ପ୍ରଚାର ଓ ପ୍ରଭାବ ଭାରତ ବାହାରେ ଅଧିକ ଯେମିତି। ନିଜ ଲୋକଙ୍କୁ ନ୍ୟାୟଦେବା ପାଇଁ ଡକ୍ଟର କିଙ୍ଗ୍ ଏବଂ ନେଲସନ୍ ମଣ୍ଡେଲା ଗାନ୍ଧିଜୀଙ୍କଠାରୁ ପ୍ରେରଣା ପାଇଥିବା କଥା ସମସ୍ତଙ୍କୁ ଜଣା। ଯୁବକ ବେଳୁ ଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ ବୋଲି ବହୁ ଅବସରରେ କହନ୍ତି ଓବାମା। ପୃଥିବୀର ଅନେକ ରାଷ୍ଟ୍ର ଓ ରାଷ୍ଟ୍ରମୁଖ୍ୟ ଗାନ୍ଧୀ ଆଚାର ଓ ବିଚାରରେ ଆସ୍ଥା ରଖନ୍ତି। ସେହିପରି ଅନେକ ବିଦେଶୀ ବିଦ୍ୱାନ୍‌ଙ୍କ ଲେଖନୀରେ ଗାନ୍ଧିଜୀଙ୍କ ଜୀବନ ଓ ଦର୍ଶନ ବେଶ୍ ପ୍ରାଞ୍ଜଳ ଓ ପ୍ରମୂର୍ତ୍ତ। କିନ୍ତୁ ଭାରତୀୟ କବି, କୋବିଦ ବା କର୍ଣ୍ଣଧାରଙ୍କଠାରୁ ଏମନ୍ତ ଉଚ୍ଚାରଣ କେତେ ଶୁଣିବାକୁ ମିଳେ? ମନେହୁଏ, ସେଥିପାଇଁ ଗାନ୍ଧୀ ହୁଏତ ଭାରତର ଯୁବବର୍ଗଙ୍କ ନିକଟରେ ଅପହଞ୍ଚ।

ତେବେ ସମସ୍ତେ ଗାନ୍ଧୀଙ୍କୁ ଖୋଜିବାର ସମୟ ଉପଗତ। ଗାନ୍ଧୀଙ୍କୁ ଖୋଜିଲେ ଅନେକ ଜଟିଳ ପ୍ରଶ୍ନର ସରଳ ଉତ୍ତର ଛାଏଁ ମିଳିଯିବ।

ଭି-ଏ, ୯/୨, ୟୁନିଟ୍-୨, ଭୁବନେଶ୍ୱର

## ଏଇ ଭାରତରେ

ଶାଗୁଣା ବଂଶ ରକ୍ଷା କରିବା ଲାଗି ମହାରାଷ୍ଟ୍ରର ପ୍ରେମସାଗର ମିସ୍ତ୍ରୀଙ୍କ ପ୍ରୟାସ ବେଶ୍ ପ୍ରଶଂସନୀୟ। ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ୧୯୯୮ରୁ ଚାକିରି ଛାଡ଼ି ସେ ଏହି କାର୍ଯ୍ୟ କରୁଛନ୍ତି। ୧୯୯୯ରେ ଇକୋ ଏନ୍‌ଡେଞ୍ଜରଡ୍ ସ୍ପେସିସ କଞ୍ଜରଭେଶନ ଆଣ୍ଡ୍ ପ୍ରୋଟେକ୍ସନ (ଇଇଏସ୍‌ସିଏପି) ଏନ୍‌ଜିଓ ଗଢ଼ି ତା' ମାଧ୍ୟମରେ ଶାଗୁଣାଙ୍କ ବଂଶବୃଦ୍ଧି କରିବା ସହ ସେମାନଙ୍କ ସୁରକ୍ଷା ଓ ବାସସ୍ଥଳୀ, ଖାଦ୍ୟ ନିଶ୍ଚିତ କରୁଛନ୍ତି। କୋଙ୍କଣ ଜିଲା ଚିରଗାଁଓରେ ଦୁଇ ପ୍ରଜାତିର ଶାଗୁଣାଙ୍କ ବଂଶବୃଦ୍ଧି କରାଯାଉଛି। ୨୨ରୁ ଏବେ ଶାଗୁଣା ସଂଖ୍ୟା ୩୫୦ରେ ପହଞ୍ଚିଛି ବୋଲି କହନ୍ତି ୫୧ ବର୍ଷୀୟ ପ୍ରେମସାଗର। ଶାଗୁଣା ରହୁଥିବା ଅଞ୍ଚଳଗୁଡ଼ିକରେ ସେଠାକାର ଗ୍ରାମବାସୀଙ୍କ ସହଯୋଗରେ ସେ ୫,୦୦୦ ଗଛ ମଧ୍ୟ ରୋପଣ କରିଛନ୍ତି। ଶାଗୁଣାଙ୍କୁ ଖାଦ୍ୟ ଯୋଗାଇ ଦେବା ଲାଗି ସେ ଗ୍ରାମବାସୀଙ୍କୁ ନେଇ ଏକ ନେଟଓ୍ୱର୍କ ଗଠନ କରିଛନ୍ତି। ବଜାରରୁ ମାଂସ କିଣି ଶାଗୁଣାଙ୍କୁ ଖାଇବାକୁ ଦେଉଛନ୍ତି। ଛୋଟ ଶାଗୁଣାଛୁଆ ଉଡ଼ି ଶିଖିବା ସମୟରେ ଗଛରେ ଅନ୍ୟ ବସାରେ ଥିବା ଅଣ୍ଡା ଭାଙ୍ଗିଦିଅନ୍ତି। ପ୍ରେମସାଗର ସେମାନଙ୍କୁ ଉଦ୍ଧାର କରି ଯତ୍ନ ନିଅନ୍ତି ଓ ୨.୫କେ.ଜି. ଓଜନ ହେବା ପରେ ଛୁଆଙ୍କୁ ପୁଣି ସେମାନଙ୍କ ବାସସ୍ଥାନରେ ଛାଡ଼ି ଦିଅନ୍ତି। କରୋନା ମହାମାରୀ ସମୟରେ ଶାଗୁଣାଙ୍କ ଖାଦ୍ୟ ଅଭାବ ଦୂର କରିବା ପାଇଁ ସେ ୩.୫ ଲକ୍ଷ ଟଙ୍କା ଋଣ କରିବା ସହ ଲୋକମାନଙ୍କଠାରୁ ୧ ଲକ୍ଷ ଟଙ୍କା ପାଣ୍ଠି ଯୋଗାଡ଼ କରିଛନ୍ତି। ଏଥିରେ ଏବେ ସେ ଶାଗୁଣାଙ୍କୁ ଖାଦ୍ୟ ଯୋଗାଉଛନ୍ତି।

## ଚିରନ୍ତନୀ

ହେ ଦେବତା ! ଏ ଜୀବନେ
ପଡ଼େ ଯେତେ ବେଦନାର ଦାଗ,
କିଏଁ ବରି ଅକାତରେ
ମଣି ତାହା ତବ ଅନୁରାଗ।
-(ଆସ୍ତିକର ଆକୁତି)

—କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ନିୟମ ଉଲ୍ଲଂଘନ

ମହାଶୟ,

ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱେରେଜ ଚାମ୍ବର ସଫେଇ ବେଳେ ଶ୍ରମିକଙ୍କ ପ୍ରାଣ ଯାଉଛି। ଏସବୁ ସତ୍ତ୍ୱେ ପ୍ରଶାସନର ଚେତା ପଶୁନାହିଁ। ସ୍ୱେରେଜ ଟାଙ୍କି ସଫା କାର୍ଯ୍ୟରେ ଅଘଟଣ ଘଟି ବହୁ ନିରୀହ ବ୍ୟକ୍ତିଙ୍କ ମୃତ୍ୟୁ ହେଉଥିବାରୁ ୧୯୯୩ରେ 'ସଫେଇ କର୍ମଚାରୀ ନିୟୋଜନ ନିଷେଧ ଆଇନ' ଲାଗୁ କରିବା ସହ ପାରମ୍ପରିକ ପଦ୍ଧତିରେ କାର୍ଯ୍ୟ କରିବା ବ୍ୟବସ୍ଥା ଉପରେ ରୋକ ଲଗାଯାଇଥିଲା। ଏଥିସହ ସମ୍ପୂର୍ଣ୍ଣ ରୂପେ 'ମାନୁଆଲ ସ୍କାଭେଞ୍ଜିଂ' ବା ହସ୍ତଚାଳିତ ସଫେଇକୁ ନିଷିଦ୍ଧ କରାଯାଇଥିଲା। ଆଇନ ଖିଲାପକାରୀଙ୍କୁ ୧ ବର୍ଷ ପର୍ଯ୍ୟନ୍ତ ଜେଲ, ଜରିମାନା ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଲାଗି ଆଇନରେ ଉଲ୍ଲେଖ ଅଛି, କିନ୍ତୁ ଏହାକୁ କଡ଼ାକଡ଼ି କାର୍ଯ୍ୟରେ ଲଗାଯାଇପାରୁ ନାହିଁ। ଫଳରେ ଭାରତ ବର୍ଷରେ ୩୭ ବର୍ଷ ଭିତରେ ୧୯୦୦ ବ୍ୟକ୍ତିଙ୍କ ମୃତ୍ୟୁ ହେଲାଣି। ୨୦୧୩ରେ ମଧ୍ୟ 'ହସ୍ତଚାଳିତ ସଫେଇ କର୍ମଚାରୀ ନିୟୋଜନ ନିଷେଧ ଏବଂ ଥଇଥାନ' ଆଇନ ପ୍ରଣୟନ କରାଯାଇଛି। ଆଇନ ବଳରେ ଏହି କାର୍ଯ୍ୟରେ ବ୍ୟକ୍ତିଙ୍କୁ ନିୟୋଜନ କରିଥିବା ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କୁ ବିନା ୱାରେଣ୍ଟରେ ଗିରଫ କରାଯାଇପାରିବ। ବିନା କୌଣସି ସୁରକ୍ଷା ଉପକରଣରେ ସ୍ୱେରେଜ ଟାଙ୍କି ସଫା କରିବା ଜୀବନ ସହିତ ଖେଳିବା ସହ ସମାନ। ଜରୁରିକାଳୀନ ସ୍ଥିତିରେ ଏମାନଙ୍କୁ କାମରେ ଲଗାଯାଇପାରିବ ବୋଲି ନିୟମ ରହିଛି। କିନ୍ତୁ ତା' ପୂର୍ବରୁ ସୁରକ୍ଷା ଉପକରଣ ଯଥା ମାସ୍କ, ହେଲ୍‌ମେଟ, ଜୋତା, ଚଷମା, ଅମ୍ଳଜାନ ସିଲିଣ୍ଡର ପ୍ରଭୃତି ବ୍ୟବହାର ହେବା ଆବଶ୍ୟକ। ଏଥିସହ ଡାକ୍ତରଙ୍କ ପରୀକ୍ଷାନିରୀକ୍ଷା ସହ ଯେଉଁ ଜାଗାରେ କାମ କରାଯିବ, ସେଠାରେ ଆମ୍ବୁଲାନ୍ସ ରଖିବାର ନିୟମ ରହିଛି। କିନ୍ତୁ ଏ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି।

—ଶ୍ୟାମସୁନ୍ଦର ସାମଲ, ବିଡ଼ାନାସୀ ବନ୍ଧଛକ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କରୋନା ଭୟରେ ପଡ଼ିରହିଲା ମୃତଦେହ

■ ବ୍ଲକ ପ୍ରଶାସନ ସହଯୋଗରେ ହେଲା ସତ୍କାର

ସମ୍ବଲପୁର,୧୧।୫ (ବ୍ୟୁରୋ ): କରୋନା ସଂକ୍ରମଣ ସବୁଆଡେ ଭୟର ବାତାବରଣ ସୃଷ୍ଟି କରିଛି। ପରିବାର, ପରିଜନ ମଧ ରୋଗୀ କିମ୍ବା କୋଭିଡ୍ ସଂକ୍ରମଣରେ ମୃତକଙ୍କ ପାଖକୁ ଆସୁନାହାନ୍ତି। ଫଳରେ ମୃତଦେହ ସତ୍କାର ନ ହୋଇ ଘଣ୍ଟା ଘଣ୍ଟା ଧରି ପଡି ରହୁଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି ସମ୍ବଲପୁର ଜିଲା ଯୁଯୁମୁରା ଗ୍ରାମ ପିଅନପଡାରେ। ଗୋପେଶ୍ୱରୀ ବେହେରା (୬୫) ନାମକ ବୃଦ୍ଧା ଘରେ ଏକାକୀ ରହୁଥିଲେ। ସୋମବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ସକାଳେ ଏହି ଖବର ଗ୍ରାମରେ ପ୍ରଚାରିତ ହୋଇଥିଲା। ହେଲେ କୋଭିଡ୍‌ରେ ଗୋପେଶ୍ୱରୀଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରି କେହି ପାଖକୁ ଆସି ନ ଥିଲେ। ଫଳରେ ଅପରାହ୍ଣ ପ୍ରାୟ ୧୨ଟା ପର୍ଯ୍ୟନ୍ତ ମୃତଦେହ ପଡିରହିଥିଲା। ଏ ସମ୍ପର୍କରେ ସ୍ଥାନୀୟ ଲୋକମାନେ ଯୁଯୁମୁରା ତହସିଲଦାର ସୁମନ ମିଞ୍ଜ ଓ ବିଡିଓ ସୁରଜ ବିଶ୍ୱାଳଙ୍କୁ ସୂଚନା ଦେଇଥିଲେ। ପରେ ବ୍ଲକ ପ୍ରଶାସନ ପକ୍ଷରୁ ମୃତଦେହ ସତ୍କାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଯୁଯୁମୁରା ପଞ୍ଚାୟତ ଅଧିକାରୀଙ୍କ ସହ ମଧ ଯୋଗାଯୋଗ କରାଯାଇଥିଲା। ସହଯୋଗ ପାଇଁ ବୁଦେଲପାଲିର ଶିବ ବେହେରା, ଯୁଯୁମୁରା ଗ୍ରାମର ଶିବ ବେହେରା ଆଗେଇ ଆସିଥିଲେ। ଯୁବକମାନଙ୍କୁ ପିପିଇ କିଟ୍ ଦିଆଯାଇଥିଲା। ଜେସିବି ସାହାଯ୍ୟରେ ଗାଁ ମଶାଣିରେ ଗାତ ଖୋଳାଯାଇଥିଲା। କୋଭିଡ୍ କଟକଣା ପାଳନ କରି ମୃତଦେହ ସତ୍କାର କରାଯାଇଥିଲା।

# ତଥାପି ଅହେତୁକ ଅନୁକମ୍ପା

ଯାଜପୁର ଅଫିସ,୧୧।୫

ଶାହା କମିଶନଙ୍କ ରିପୋର୍ଟ ଅନୁସାରେ ଓଡ଼ିଶା ଖଣି ଦୁର୍ନୀତିଠାରୁ ଯାଜପୁର ଜିଲା ଲଘୁଖଣିଜ ଦ୍ରବ୍ୟ ଲୁଟ୍ ଘଟଣା କିଛି କମ୍ ନୁହେଁ। ଧର୍ମଶାଳା ତହସିଲ ଅଧୀନରେ ଚାଲିଥିବା କଳାପଥର ଚୋରି ବି ସେଥିମଧ୍ୟରୁ ଅନ୍ୟତମ। ଏହି ତହସିଲ ପକ୍ଷରୁ କେବଳ ଉଙ୍କାରୀ ପାହାଡ଼ କଳାପଥର ଲୁଟ୍ ଅଭିଯୋଗରେ ୫୮.୬୨ କୋଟି ଏବଂ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ପକ୍ଷରୁ ୨୫ କୋଟି ଡିମାଣ୍ଡ ମାମଲା ଓ ଆରୁହା କଳାପଥର ଲୁଟ୍ ଆଦି ଅଭିଯୋଗକୁ ଉଦାହରଣ ଭାବେ ନିଆଯାଇପାରେ। ଏହାର ନିରପେକ୍ଷ ତଦନ୍ତ କରାଗଲେ ୫ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କଳାପଥର ଲୁଟ୍ ଘଟଣାର ରହସ୍ୟ ସାମ୍ନାକୁ ଆସିବ। ତଥାପି ଚଳିତ ନିଲାମ ପ୍ରକ୍ରିୟାରେ ରାଜନୈତିକ ବାହୁଛାୟା ଓ ପ୍ରଶାସନିକ ଅଧିକାରୀଙ୍କ ଶୁଭଦୃଷ୍ଟିରେ ଥିବା ଲିଜ୍‌ଧାରୀଙ୍କୁ ପୁଣିଥରେ ଦୀର୍ଘମିଆଦୀ ଲିଜ୍ ଦେବାକୁ ଉଦ୍ୟମ କରାଯାଉଥିବା ଚର୍ଚ୍ଚା ହେଉଛି।

ଯାଜପୁର ଜିଲାର ଧର୍ମଶାଳା, ଦର୍ପଣ ଓ କୋରେଇ ତହସିଲରୁ କଳାପଥର, ମାଙ୍କଡ଼ାପଥର, ବାଲି ଓ ମୋରମ ଲୁଟ୍ ଚାଲିଛି। ଏହି ଅଭିଯୋଗକୁ ଜିଲା ପ୍ରଶାସନ ପରୋକ୍ଷରେ ସ୍ୱୀକାର କରିଛି। ଗତ ୪।୩।୨୦୨୧ରେ ଧର୍ମଶାଳା ତହସିଲଦାରଙ୍କୁ ଉଙ୍କାରୀ ପାହାଡ଼ ଲୁଟ୍ ଉପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ (ଡବ୍ଲ୍ୟୁପିସି ୯୮୮୫/୨୦୧୬)ଅନୁସାରେ



ରାହାଡପୁର ଖାଦାନରୁ ଚାଲାଣ ପାଇଁ କଳାପଥର ଟ୍ରକ୍‌ରେ ଲଦାଯାଉଛି ।

ପୁଣି ପଦକ୍ଷେପ ନେବାକୁ ଯାଜପୁର ଜିଲାପାଳ ନିର୍ଦ୍ଦେଶ ଜାରି କରିଛନ୍ତି।

ସୂଚନାଯୋଗ୍ୟ, ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ତହସିଲଦାରଙ୍କ ପକ୍ଷରୁ ବିଭାଗୀୟ ପତ୍ରସଂଖ୍ୟା ୧୮୭୮/୨୮।୫।୨୦୧୬ରେ ଉଙ୍କାରୀ ପାହାଡ଼ରୁ ବେଆଇନ କଳାପଥର ଉତ୍ତୋଳନ ବାବଦକୁ ୫୮ କୋଟି ୬୨ ଲକ୍ଷ ୭୯ ହଜାର ୬୩୩ ଟଙ୍କା ଜମା କରିବାକୁ ସାରୋଇ ଗ୍ରାମର ଲିଜ୍‌ଧାରୀ ଶ୍ରୀବାସ ଜେନାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ପୂର୍ବରୁ ଖଣି ବିଭାଗ ପକ୍ଷରୁ ଉଙ୍କାରୀ ପାହାଡ଼ର ଉତ୍ତୋଳିତ ଖାଦାନର ମାପଚୁପ କରାଯାଇଥିଲା। ଖଣି ବିଭାଗର ପତ୍ରସଂଖ୍ୟା ୫୧୪/୧୫।୩।୨୦୧୬ରେ ମାପଚୁପର ସବିଶେଷ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ରିପୋର୍ଟରେ ୭୩,୩୮,୦୧୨.୫୦ କ୍ୟୁବିକ ମିଟର ଖନନ ହୋଇଥିବା ଦର୍ଶାଯାଇଥିଲା। ୨୦୦୨-୦୩ ରୁ ୨୦୧୫-୧୬(୨୦୧୫ ନଭେମ୍ବର ମାସ ସୁଦ୍ଧା) ଲିଜ୍‌ଧାରୀ ଜେନା ଉଙ୍କାରୀରୁ କଳାପଥର ଉତ୍ତୋଳନ କରୁଥିଲେ। ଏହି ସମୟସୀମା ମଧ୍ୟରେ ୧୪,୧୫,୯୯୬ କ୍ୟୁବିକ ମିଟର କଳାପଥର ଉତ୍ତୋଳନ ଉପରେ ମାତ୍ର ୬ କୋଟି ୬୪ ଲକ୍ଷ ୮୯ ହଜାର ୯୦୮ ଟଙ୍କା ରାଜସ୍ୱ ବାବଦକୁ ସେ ଜମା କରିଥିଲେ। ବାକି ୫୯,୨୨,୦୧୬.୫ କ୍ୟୁବିକ ମିଟର ଖନନ ଉପରେ ରାଜସ୍ୱ ଫାଙ୍କି ହୋଇଥିବା ଜଣାପଡ଼ିଥିଲା। କ୍ୟୁବିକ ମିଟର ପିଛା ୯୯ ଟଙ୍କା ହିସାବରେ ୫୮ କୋଟି ୬୨ ଲକ୍ଷ ୭୯ ହଜାର ୬୩୩ ଟଙ୍କା ୫୦ ପଇସା ରାଜସ୍ୱ ହାନି ହୋଇଥିଲା। ଏହି ଡିମାଣ୍ଡ ନୋଟିସ ବିରୋଧରେ ଲିଜ୍‌ଧାରୀ ଜେନା ୮।୬।୨୦୧୬ରେ ହାଇକୋର୍ଟରୁ ସ୍ଥଗିତାଦେଶ ଆଣିଥିଲେ। ଏହି ପ୍ରକ୍ରିୟାରେ ୨୮।୧।୨୦୧୬ରେ ପୁନଃ ଆକଳନ କରି ରିପୋର୍ଟ ଦେବାକୁ ହାଇକୋର୍ଟ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜିଲା ପ୍ରଶାସନ ପକ୍ଷରୁ ସେତେବେଳେ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଫଳରେ ଉକ୍ତ ଡିମାଣ୍ଡ ନୋଟିସକୁ ହାଇକୋର୍ଟ ଖାରଜ କରିଦେଇଥିଲେ। ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ମିସ୍‌କେସ ନମ୍ବର ୩୫/୨୦୨୦ ଉପରେ ପୁଣି ଫର୍ଦ୍ଦ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହାବାଦ୍ ଏନ୍‌ଜିଟିରେ ୪।୧।୨୦୧୯ରେ ୬୦୪/୨୦୧୮ ନମ୍ବରରେ ହୋଇଥିବା ମାମଲାର ଶୁଣାଣି କରି ଜଷ୍ଟିସ୍ ଆଦର୍ଶ କୁମାର ଗୋଏଲ, ଜଷ୍ଟିସ୍ ଏସ.ପି. ୱାଙ୍ଗଡି, ଜଷ୍ଟିସ୍ ରାମକ୍ରିଷ୍ଣନ ଓ ଡ. ନାଗିନ ନନ୍ଦଙ୍କୁ ନେଇ ଗଠିତ ଖଣ୍ଡପୀଠ ଉଙ୍କାରୀରେ ବେଆଇନ ଉତ୍ତୋଳନ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ରାୟରେ ରାଜ୍ୟ ସରକାରଙ୍କ ସଂପୃକ୍ତ ଅଧିକାରୀମାନେ ବେଆଇନ ଉତ୍ତୋଳନକୁ ପ୍ରୋତ୍ସାହିତ କରିଛନ୍ତି ବୋଲି ଦର୍ଶାଇଥିଲେ। ତେଣୁ ଏଥିପାଇଁ ଦାୟୀ ରାଜ୍ୟ ସରକାର କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ପାଖରେ ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ବାବଦକୁ ୧ ମାସ ମଧ୍ୟରେ ୨୫ କୋଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ସେହି ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ଏହା ପରେ ବି ଚଳିତ ନିଲାମ ପ୍ରକ୍ରିୟାରେ ଧର୍ମଶାଳା ତହସିଲ ପକ୍ଷରୁ ଲିଜଧାରୀ ଶ୍ରୀବାସ ଜେନାଙ୍କୁ ରାହାଡପୁର ଖାଦାନ ନମ୍ବର ୮କୁ ଦୀର୍ଘମିଆଦୀ ଲିଜ୍ ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଧର୍ମଶାଳା ତହସିଲଦାରଙ୍କ ପତ୍ରସଂଖ୍ୟା ୧୭୪୯/୨୯।୪।୨୦୨୧ ଅନୁସାରେ ରାହାଡପୁର ପାହାଡ଼ର ଏହି ଖାଦାନ ନିଲାମ ପାଇଁ ଚୁକ୍ତିପୂର୍ବ ଆଲୋଚନା କରିବାକୁ ଜେନାଙ୍କୁ ଡକାଯାଇଛି। ଏ ସଂକ୍ରାନ୍ତରେ ଧର୍ମଶାଳା ଭାରପ୍ରାପ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି ପୂର୍ବ ତହସିଲଦାର ଏହି ନୋଟିସ ଜାରି କରିଥିଲେ। ତାଙ୍କ ସମୟରେ ଏଭଳି କିଛି ପଦକ୍ଷେପ ନିଆଯାଇ ନାହିଁ। ତଥାପି ଜିଲାପାଳଙ୍କ ନିର୍ଦ୍ଦେଶପତ୍ର ଦେଖିଲା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

**କଳାପଥର ନିଲାମ ପ୍ରକ୍ରିୟା**

■ ଦବିଯାଇଛି ଡିମାଣ୍ଡ ନୋଟିସ ମାମଲା

■ ପୁଣି ପଦକ୍ଷେପ ନେବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

## ଧାନ ବିକ୍ରି ଯାଏ ଟୋକନ ଅବଧି ରହୁ



ଅତାବିରା ତହସିଲଦାର ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

ବରଗଡ଼ ଅଫିସ,୧୧।୫

ଏଥର ରବିଧାନ ବିକ୍ରି ପାଇଁ ଟୋକନ ଅବଧିକୁ ୩୦ରୁ ୧୫ଦିନକୁ ଖସାଇ ଦିଆଯାଇଛି। ଗତବର୍ଷ ମାସକର ଟୋକନ ଅବଧିରେ ଅନେକ ଚାଷୀ ସେମାନଙ୍କ ଧାନ ବିକ୍ରି କରିପାରି ନ ଥିଲେ। ଏଥର ରାଜ୍ୟ ସରକାରଙ୍କ ଏଭଳି ଆଭିମୁଖ୍ୟକୁ ନେଇ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ମଙ୍ଗଳବାର ଅତାବିରା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ରବିଧାନ ଅମଳ ଚାଲିଥିବା ବେଳେ ଗତ ୮ତାରିଖରୁ କ୍ରମାଗତ ବର୍ଷା ହେଉଛି। ଫଳରେ ଧାନ ଅମଳ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। କଟା ଧାନ ଆସନ୍ତା ପ୍ରାୟ ଏକ ସପ୍ତାହ ଧରି ବିକ୍ରିଯୋଗ୍ୟ ହୋଇ ପାରିବନାହିଁ। ଅପରପକ୍ଷେ ଜିଲାର ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ବଢ଼ି ଚାଲିଛି ଏବଂ ଏଥିରେ ଚାଷୀ ପରିବାର ସଂକ୍ରମିତ ହୋଇଛନ୍ତି । ଫଳରେ ସେମାନେ ସଙ୍ଗରୋଧରେ ଅଛନ୍ତି ଏବଂ ଧାନ ଅମଳ କରି ପାରୁନାହାନ୍ତି । ଏହି ଦୃଷ୍ଟିରୁ ଏଥର ଟୋକନ ଅବଧି କଟକଣାକୁ ଉଠାଇ ଦେବାକୁ କଂଗ୍ରେସ ଦାବି କରିଛି । ଚାଷୀଙ୍କ ଧାନ ବିକ୍ରି ହେବା ପର୍ଯ୍ୟନ୍ତ ଟୋକନ ଅବଧି କାଏମ ରଖିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଜିଲାପାଳଙ୍କୁ ନିବେଦନ କରାଯାଇଛି । ଜିଲା କୃଷକ କଂଗ୍ରେସ ସଭାପତି ଦୟାସାଗର ମେଣ୍ଡଲି, ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ପ୍ରଶାସକ ଗୋପୀନାଥ ମହାନ୍ତିଙ୍କ ଶେଷକୃତ୍ୟ ସମ୍ପନ୍ନ

ଭୁବନେଶ୍ୱର, ୧୧।୫ (ବ୍ୟୁରୋ)

ପୂର୍ବତନ ପ୍ରଶାସନିକ ଅଧିକାରୀ, ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ଗୋପୀନାଥ ମହାନ୍ତିଙ୍କର ମଙ୍ଗଳବାର ଅପରାହ୍ଣ ୩ଟାରେ ଭୁବନେଶ୍ୱରସ୍ଥିତ ସତ୍ୟନଗର ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। କୋଭିଡ୍ ଗାଇଡ୍ ଲାଇନ୍ ଅନୁଯାୟୀ ସମସ୍ତ କାର୍ଯ୍ୟ ସମ୍ପାଦିତ ହେବା ସହ ବଡପୁଅ ସତ୍ୟକାମ ମୁଖାଗ୍ନି ଦେଇଥିଲେ। ଏହି ସମୟରେ ସାନପୁଅ ସତ୍ୟପ୍ରେମ, ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ ସମ୍ପାଦକ ନାରାୟଣ ମହାପାତ୍ର, କୋଷାଧ୍ୟକ୍ଷ ଅଖିଳ ସାହୁ, ଯୁଗ୍ମ ସମ୍ପାଦକ ଅଜୟ ହରିଚନ୍ଦନ, ବାବାଜୀ ବିଶ୍ୱାଳ, ଅଚ୍ୟୁତ ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ଗୋପୀନାଥ ସଂସ୍କୃତି ବିଭାଗର ସଚିବ ପଦରୁ ଅବସର ଗ୍ରହଣ କରିଥିଲେ। ତାଙ୍କ ସମୟରେ ରବୀନ୍ଦ୍ର ମଣ୍ଡପର ପୁନଃନିର୍ମାଣ ସହ ସଂସ୍କୃତି ବିଭାଗର ମାସିକ କାର୍ଯ୍ୟକ୍ରମ 'ଶ୍ରୀଜଗନ୍ନାଥାୟନ' ଆରମ୍ଭ କରିଥିଲେ। ସୋମବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନାଯୋଗ୍ୟ, ୧୧ତାରିଖରେ ପ୍ରକାଶିତ 'ପୂର୍ବତନ ସଂସ୍କୃତି ସଚିବ ଗୋପୀନାଥ ମହାନ୍ତିଙ୍କ ପରଲୋକ' ଖବରରେ ଭୁଲ ବଶତଃ ଦିବଙ୍ଗତ ଶ୍ରୀମନ୍ତ କୁମାର ମହାପାତ୍ର (ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦର ପୂର୍ବତନ ଉପସଭାପତି)ଙ୍କ ଫଟୋ ପ୍ରକାଶ ପାଇଥିଲା। ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଗଭୀର ଦୁଃଖ ପ୍ରକାଶ ସହ ସ୍ୱର୍ଗତ ମହାନ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।

# କରୋନା ଆକ୍ରାନ୍ତଙ୍କ ଶବ ସତ୍କାର ନେଇ ଉତ୍ତେଜନା



ଶବ ସତ୍କାରକୁ ବିରୋଧ କରୁଥିବା ଗ୍ରାମବାସୀ ।

ଠାକୁରମୁଣ୍ଡା, ୧୧।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଅଞ୍ଚଳର ସୁନାରିପୋଷି ଗ୍ରାମ ନିକଟ ଜଙ୍ଗଲରେ କରୋନା ଆକ୍ରାନ୍ତ ଜନୈକା ବୃଦ୍ଧାଙ୍କ ମୃତଦେହ ସତ୍କାର ନେଇ ମଙ୍ଗଳବାର ଉତ୍ତେଜନା ପ୍ରକାଶ ପାଇଥିଲା। କରୋନା ଭୟ ଓ ଆଦିବାସୀଙ୍କ ଜାହିରା ଶାଳ (ମନ୍ଦିର) ନିକଟରେ ଶବ ପୋଡ଼ା ଯିବା ଘଟଣାକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ପରେ ଶତାଧିକ ମହିଳା ପୁରୁଷ ଠେଙ୍ଗାବାଡ଼ି ଧରି ଶବ ସତ୍କାର ପାଇଁ ଯାଇଥିବା ସ୍ଥାନୀୟ ବିଡ଼ିଓ ଶ୍ୟାମସୁନ୍ଦର ଟୁଡୁ, ତହସିଲଦାର ଜୟକୃଷ୍ଣ ପାତ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦିବାକର ମାଝି ଓ ଠାକୁରମୁଣ୍ଡା ଥାନା ପୋଲିସ କର୍ମଚାରୀଙ୍କୁ ଘେରାଉ କରିଥିଲେ। ଠେଲାପେଲା ଯୋଗୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମାଝି ଆହତ ହୋଇଥିଲେ। ଲୋକଙ୍କ ବିରୋଧ ପରେ ଜୁଇରୁ ନିଆଁ ଲିଭାଇ ଦରପୋଡ଼ା ଶବକୁ ପ୍ରଶାସନ ଗାଡ଼ିରେ ଲଦି ଅନ୍ୟତ୍ର ନେଇଯାଇଥିଲା। ଶବ ପୋଡ଼ା ଯାଇଥିବା ସ୍ଥାନର ମାଟିକୁ ଖୋଳି ଉଠାଇ ନେବା ସହ ସେହି ଅଞ୍ଚଳକୁ ବିଶୋଧନ କରିବାକୁ ଲୋକେ ଦାବି କରିଥିଲେ। ଉପସ୍ଥିତ ଅଧିକାରୀମାନେ ବାଧ ହୋଇ ଜେସିବି ସାହାଯ୍ୟରେ ମାଟିକୁ ଉଠାଇବା ସହ ଅଗ୍ନିଶମ ବିଭାଗ ଦ୍ୱାରା ସେହି ସ୍ଥାନକୁ ବିଶୋଧନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ମଙ୍ଗଳବାର ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିବା ହାଣ୍ଡିଫୁଟା ଗ୍ରାମର ଜଣେ ବୃଦ୍ଧା ପଜିଟିଭ୍ ଚିହ୍ନଟ ହୋଇଥିଲେ। କିଛି ସମୟ ପରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପ୍ରଶାସନ ତାଙ୍କ ଶବ ସତ୍କାର ଲାଗି ପଦକ୍ଷେପ ନେଇ ସୁନାରିପୋଷି ଜଙ୍ଗଲକୁ ଯାଇଥିବା ବେଳେ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲା।

■ ଠେଙ୍ଗାବାଡ଼ି ଧରି ଅଧିକାରୀଙ୍କୁ ଘେରିଲେ ଲୋକେ

■ ଦରପୋଡ଼ା ଶବ ନେଇଗଲା ପ୍ରଶାସନ

■ ମାଟି ଖୋଳିଲେ, ସାନିଟାଇଜ୍ କଲେ

## ବଜ୍ରକାପ୍ତାର ହେଲା ସ୍ୱାବ୍ ପରୀକ୍ଷା

ବାରିପଦା ଅଫିସ, ୧୧।୫

ମୟୂରଭଞ୍ଜ ଜିଲାରେ ଏକ ବଜ୍ରକାପ୍ତାର କରୋନା ପରୀକ୍ଷା ପାଇଁ ସ୍ୱାବ୍ ସଂଗ୍ରହ କରାଯିବା ଚର୍ଚ୍ଚାର ବିଷୟ ହୋଇଛି। ଏହାପୂର୍ବରୁ ଓଡ଼ିଶାରେ ବନ୍ୟପ୍ରାଣୀଙ୍କ ସ୍ୱାବ୍ ପରୀକ୍ଷା କରାଯାଇ ନ ଥିବା ବେଳେ ଏହା ରାଜ୍ୟର ପ୍ରଥମ ଘଟଣା ବୋଲି ସୂଚନା ମିଳିଛି। ବାରିପଦା ରେଞ୍ଜ ଅଧୀନ ଶିମିଳିପାଳର ସ୍ଥାୟୀ ବନ୍ୟପ୍ରାଣୀ ଡା.ପୀୟୁଷ ସୋରେନ ବଜ୍ରକାପ୍ତାର ସ୍ୱାବ୍ ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇଛନ୍ତି। ସୂଚନା ଅନୁଯାୟୀ, ଗତ ୭ ତାରିଖରେ ଜିଲା ପୋଲିସର ସ୍ପେଶାଲ ସ୍କ୍ୱାଡ୍ ବିକ୍ରି ପାଇଁ ରଖାଯାଇଥିବା ୮ କିଲୋ ଓଜନର ଏକ ବଜ୍ରକାପ୍ତା ଉଦ୍ଧାର କରିଥିଲା। ଏହି ଘଟଣାରେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଗୋହିରାପାଳ ଗ୍ରାମର ସିଙ୍ଗୁ ବାସ୍କେଙ୍କୁ ପୋଲିସ ଗିରଫ କରିଥିଲା। ଗିରଫ ସିଙ୍ଗୁ ଏହାକୁ ବିକ୍ରି କରିବା ପାଇଁ ଶିମିଳିପାଳ ଅଞ୍ଚଳରୁ ଧରିଥିବା ସ୍ୱୀକାର କରିଥିବା ପୋଲିସ କହିଛି। ତେବେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ବେଳେ କୋଭିଡ୍ ପରୀକ୍ଷାରୁ ସେ ପଜିଟିଭ୍ ଥିବା ଜଣାପଡ଼ିଥିଲା।

# ୧୩ରୁ ଡାଲି, ତୈଳବୀଜ ସଂଗ୍ରହ କରିବ ମାର୍କଫେଡ୍

ଭୁବନେଶ୍ୱର,୧୧।୫(ବ୍ୟୁରୋ)

ରବିଋତୁ ୨୦୨୦-୨୧ ପାଇଁ ପଞ୍ଜୀକୃତ ଚାଷୀଙ୍କଠାରୁ ମୂଲ୍ୟ ସହାୟକ ଯୋଜନାରେ ଡାଲି ଓ ତୈଳବୀଜ ସଂଗ୍ରହ କାର୍ଯ୍ୟ ମାର୍କଫେଡ୍ ଦ୍ୱାରା ୧୩ ତାରିଖରୁ ଆରମ୍ଭ ହେଉଛି। କୋଭିଡ୍-୧୯ ସ୍ଥିତିରେ ଡାଲି ଓ ତୈଳବୀଜ ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରି ମୂଲ୍ୟ ସହାୟକ ଯୋଜନାର ଲାଭ ସିଧାସଳଖ ଚାଷୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ସଂଗ୍ରହ କେନ୍ଦ୍ରଗୁଡ଼ିକରେ ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ଓ କୋଭିଡ୍ ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ପାଇଁ ମନ୍ତ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ଭାରତ ସରକାରଙ୍କ ଦ୍ୱାରା ମୁଗ, ବିରି, ଚିନାବାଦାମ ଓ ସୂର୍ଯ୍ୟମୁଖୀ ମଞ୍ଜି ସଂଗ୍ରହ ନିମନ୍ତେ ମୂଲ୍ୟ ସହାୟକ ଯୋଜନାରେ ଏମ୍ଏସ୍‌ପି ଘୋଷଣା କରାଯାଇଛି। ଏଫ୍‌ଏକ୍ୟୁ ମାନ ମୁଗର ସର୍ବନିମ୍ନ ମୂଲ୍ୟ କୁଇଣ୍ଟାଲ ପିଛା ୭୧୯୬ ଟଙ୍କା, ବିରି ୬୦୦୦ ଟଙ୍କା, ସୂର୍ଯ୍ୟମୁଖୀ ଦର ୫୮୮୫ ଟଙ୍କା ଓ ଚିନାବାଦାମ ଦର ୫୨୭୫ ଟଙ୍କା ସ୍ଥିର କରାଯାଇଛି। ନାଫେଡ୍ ପକ୍ଷରୁ ରାଜ୍ୟରେ ସମବାୟ ବିଭାଗ ଅଧୀନ ମାର୍କଫେଡ୍ ସଂସ୍ଥା ଦ୍ୱାରା ବିଭିନ୍ନ ପ୍ୟାକ୍ସ, ଲ୍ୟାମ୍ପସ୍ ଓ ନିୟନ୍ତ୍ରିତ ବଜାର କମିଟି ଜରିଆରେ ନାମ ପଞ୍ଜୀକରଣ କରିଥିବା ଚାଷୀଙ୍କଠାରୁ ଏହା ସଂଗ୍ରହ କରାଯିବ। ଚଳିତ ରବିଋତୁ ୨୦୨୦-୨୧ରେ ରାଜ୍ୟରେ ସର୍ବାଧିକ ୧୩୨୫୦ ମେଟ୍ରିକ୍ ଟନ ମୁଗ, ୭୦୦ ମେଟ୍ରିକ୍ ଟନ ବିରି, ୭୭୭୫ ମେଟ୍ରିକ୍ ଟନ ଚିନାବାଦାମ ଓ ୬୭୫ ମେଟ୍ରିକ ଟନ ସୂର୍ଯ୍ୟମୁଖୀ ମଞ୍ଜି ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଡାଲି ଓ ତୈଳବୀଜ ସଂଗ୍ରହ କାର୍ଯ୍ୟ ୨୦୨୧ ମେ ୧୩ ରୁ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ମଙ୍ଗଳବାର ଏହି ମର୍ମରେ ସମବାୟ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି। ଡାଲି ଓ ତୈଳବୀଜ ସଂଗ୍ରହ ନିମନ୍ତେ ଜିଲାରେ ଆବଶ୍ୟକ ସଂଖ୍ୟକ ସଂଗ୍ରହ କେନ୍ଦ୍ର ନିର୍ଦ୍ଧାରଣ କରିବା ସହିତ ପ୍ରକୃତ ଚାଷୀଙ୍କ ନାମ ପଞ୍ଜୀକରଣ ଏବଂ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀ ଚିହ୍ନଟ ନିମନ୍ତେ ଆଧାର କାର୍ଡ କିମ୍ବା ଅନ୍ୟ ନିର୍ଦ୍ଧାରିତ ପରିପତ୍ର ଜରୁରୀ । ଡାଲି ଓ ତୈଳବୀଜ ଉତ୍ପାଦନ ହାରକୁ ଦୃଷ୍ଟିରେ ରଖି ଏକର ପିଛା ୨ କୁଇଣ୍ଟାଲ ମୁଗ ଓ ବିରି ସଂଗ୍ରହ ନିମନ୍ତେ ଧାର୍ଯ୍ୟ କରାଯାଇଥିବା ବେଳେ ଚିନାବାଦାମ ଏକର ପିଛା ୬ କୁଇଣ୍ଟାଲ ସଂଗ୍ରହ କରିବା ପାଇଁ ସ୍ଥିର କରାଯାଇଛି । ଚାଷୀଙ୍କ ଅବଗତି ନିମନ୍ତେ ଡାଲି ଓ ତୈଳବୀଜ ସଂଗ୍ରହ କେନ୍ଦ୍ର ଓ ସଂଗ୍ରହ ସମୟ ବାବଦରେ ବ୍ୟାପକ ପ୍ରଚାର ପାଇଁ ଗୁରୁତ୍ୱ ଦିଆଯାଇଛି । ସଂଗ୍ରହ ବାବଦକୁ ଦେୟ ଅର୍ଥ ମାର୍କଫେଡ୍ ଦ୍ୱାରା ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଅନ୍‌ଲାଇନ ମାଧ୍ୟମରେ ହସ୍ତାନ୍ତର କରାଯିବ।

GOVERNMENT OF ODISHA
**OFFICE OF THE EXECUTIVE ENGINEER RWS&S DIVISION, RAIRANGPUR**
E-mail: eerwss_rai@nic.in, eerwss.rai@gmail.com, Phone: 06494-223901
NATIONAL COMPETITIVE BIDDING THROUGH e-Tendering
Corrigendum Notice No.1 to Tender Call Notice No. 07 of 2021-22
No. O-168: The Identification No. 07 of 2021-22 is hereby cancelled due to some unavoidable reason.
Sd./- Executive Engineer
RWS&S Division, Rairangpur
OIPR-25010/11/0008/2122

GOVERNMENT OF ODISHA No. A-114
**OFFICE OF THE EXECUTIVE ENGINEER NIMAPARA IRRIGATION DIVISION, NIMAPARA**
NOTICE INVITATION OF TENDERS
e-Procurement Notice No.-02/2021-22 on Dated: 06.05.2021
E-mail Id: eenidnimapara@gmail.com
1. Type of Works : Rest. of River Embankments
2. Total No. of Works : 7 (Seven) Nos.
3. Estimated Cost : Rs.52.38 to Rs.87.04 lakhs
4. Period of Completion : 120 Days

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids Online |
|---|---|---|---|
| Executive Engineer, Nimapara Irrigation Division, Nimapara | NID-46 to 52/ 2021-22 | Rs.52.38 to Rs.87.04 lakh | From 13.05.2021 10.00 A.M. to 27.05.2021 5.30 P.M. |

Date of Opening of the Technical Bid (Cover-I) : 28.05.2021 at 1.00 A.M.
Date of Opening of the Financial Bid (Cover-II) : To be intimated after evaluation of Technical Bid.
Further details can be seen from the Govt. website www.tendersodisha.gov.in.
Sd./- Executive Engineer
Nimapara Irrigation Division, Nimapara
OIPR-32097/11/0001/2122

GOVERNMENT OF ODISHA No. O-165
**OFFICE OF THE EXECUTIVE ENGINEER, RURAL WORKS DIVISION, NABARANGPUR**
e-mail: eerwngp@rediffmail.com, Phone No.: 222023
Letter No. 1947 Date: 10.05.21
e-Procurement Notice
Name of the Work : Road Work
Total No. of Works : 01 (One) No.
Approx. Estimated Cost : Rs.56.58 lakhs
Class of Contractor : "A", "B" Class of Contractor
Period of Completion : 02 (Two) Months

| Procurement Officer | Bid Identification No. | No. of Works | Availability of Tender Online for Bidding From | Availability of Tender Online for Bidding To | Date & Time of Opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Rural Works Division-I, Nabarangpur | EERWNGP-Online-02/2021-22 | 01 (One) No. | 18.05.2021 at 10.00 A.M. | 28.05.2021 upto 03.00 P.M. | 31.05.2021 at 11.00 A.M. |

For details can be seen from the Government website www.tendersorissa.gov.in.
Sd./- Executive Engineer, Rural Works Division, Nabarangpur
OIPR-25092/11/0002/2122

**OFFICE OF THE MUNICIPAL COUNCIL, PARALAKHEMUNDI, GAJAPATI** No. C-240
'e'-Procurement Notice
Bid Identification No. 01/PKDM-2021-22
Letter No. 1221 Date: 07.05.2021

| | | |
|---|---|---|
| 1 | Nature of the Work | 1 No. of Civil (Composite) Construction Works |
| 2 | Estiamted Cost | Rs.246.91 lakh |
| 3 | Period of Completion | Eleven Calendar Months |
| 4 | Date and time of availability of bid documents in the portal | From 12.05.2021 at 10.00 A.M. to 27.05.2021 at 5.00 P.M. |
| 5 | Last date/time for receipt of bids in the portal | 27.05.2021 at 5.00 P.M. |
| 6 | Submission of Financial Documents (Bid Cost & EMD) by Registered Post or Speed Post | On or before 31.05.2021 by 1.00 P.M. |
| 7 | Date and time of Opening of Bid | 01.06.2021 at 11.00 A.M. |
| 8 | Name and address of the Officer Inviting Bid | Executive Officer, Paralakhemundi Municipality |

Further details can be seen from the e-procurement portal "https://tendersorissa.gov.in".
Sd./- Executive Officer
Paralakhemundi Municipality
OIPR-13145/11/0001/2122

**OFFICE OF THE DIVISIONAL FOREST OFFICER PURI WILDLIFE DIVISION**
CHAKRATIRTHA ROAD, PURI, ODISHA-752002
Telephone / Fax- 06752-22828, Mail- dfopuri@yahoo.com
Notification No.: 2970 / 1F-Accounts/2021
Dated, Puri the 10 May, 2021
NOTICE INVITING TENDER
No.MM-46:- Sealed tenders are invited from intending Contractors/ Firms having valid Contractor licence of Class-B & C for similar nature of woks, GSTIN and PAN for digging of pits of size 30 cm x 30 cm x 30 cm in Aided Natural Regeneration plantation sites inside Bhagabati FS (50 Ha) nearby Ramachandi Village, Balukhanda RF (100 Ha) nearby Beleswarpatna Village under the Puri Wildlife Division to be taken up during 2021-2022.
The application form of tender containing General Bid information and terms and conditions will be available in the website www.puri.nic.in and can also be obtained from the Head Clerk, Office of the Divisional Forest Officer, Puri Wildlife Division on transaction details showing payment of Rs.1000/- (Rupees one thousand) only through online to A/c No. 35606569378 of Sate Bank of India, Main Branch, Puri with IFSC Code SBIN0000158 towards participation cost / tender cost in the tender process. The amount of Rs.1000/- towards Tender Cost/ Participation cost in the process is non-refundable. The tender documents downloaded from website and submitted must be accompanied by the deposit of Tender Cost of Rs.1000/- (Rupees one thousand) in Account Number provided above, failing the bidding in tender process is liable for rejection.
The tender will be received through online in email ID dfopuritenders@gmail.com only till 5.00 P.M. of 25.05.2021 and will be opened online only by the tender committee of the Office of the Divisional Forest Officer, Puri Wildlife Division on 27.05.2021 at 11 A.M. The result of the tender will be published on 27.05.2021 itself. If two or more valid tenderers are in equal quoted rate then transparent lottery will be held on Dtd. 27.05.2021 at 12.00 P.M. in the Office of the Divisional Forest Officer, Puri Wildlife Division in presence of the contractors or their authorized agents.
In case any bidder is not able to submit tender documents online due to any sort of unforeseen technical fault he/she may submit the same in the Tender Box kept in the Office with Head Clerk of the office or may send to the Office of the Divisional Forest Officer, Puri Wildlife Division via Speed Post/ Regd. Post/ Courier Service etc. so as to reach the undersigned on or before 5.00 P.M. of 25.05.2021.
For more details please visit www.puri.nic.in.
Sd./- Divisional Forest Officer, Puri Wildlife Division
OIPR-08031/11/0004/2122

## ଜୀବନ ଯୁଦ୍ଧରେ ହାରିଗଲେ କରୋନା ଯୋଦ୍ଧା

**ଝାରସୁଗୁଡ଼ା ଅଫିସ:** ଝାରସୁଗୁଡ଼ା ଜିଲାରେ ପୁଣି ଜଣେ କରୋନା ଯୋଦ୍ଧା ପ୍ରାଣ ହରାଇଛନ୍ତି। ସେ ହେଲେ ପୋଲିସ ସବ୍‌ଇନ୍ସପେକ୍ଟର ସନ୍ତୋଷ କୁମାର ଦେହୁରି। ସନ୍ତୋଷ କରୋନାରେ ଆକ୍ରାନ୍ତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ ତାଙ୍କର ଦେହାନ୍ତ ହୋଇଛି। ସେ ଏସ୍‌ପି ଅଫିସରେ କାର୍ଯ୍ୟ କରୁଥିଲେ। ଏହା ପୂର୍ବରୁ ସେ ତାଳପଟିଆ ଫାଣ୍ଡିରେ କାର୍ଯ୍ୟରତ ଥିଲେ। ତାଙ୍କ ଅକାଳ ବିୟୋଗରେ ଜିଲା ପୋଲିସ ବିଭାଗରେ ଶୋକର ଛାୟା ଖେଳିଯାଇଛି। ସୂଚନାଯୋଗ୍ୟ ଗତବର୍ଷ କରୋନା ପ୍ରଥମ ଲହରରେ ବଡମାଲା ଥାନାରେ କାର୍ଯ୍ୟରତ କରୋନା ଯୋଦ୍ଧା ସବ୍‌ଇନ୍ସପେକ୍ଟର ରାଜ କିଶୋର ସାମଦ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ।

**ସଂକ୍ଷେପରେ**

## ଋଣ କରାଇଦେବା ନାଁରେ ଠକେଇ, ଯୁବକ ଗିରଫ



ଜଗବନ୍ଧୁ ଗଡନାୟକ।

**ଦେବଗଡ,୧୧।୫(ଡି.ଏନ.ଏ):** ବ୍ୟାଙ୍କରୁ ଋଣ କରାଇଦେବା ନାଁରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ତିଲେଇବଣି ବ୍ଲକ ପ୍ରତିନିଧି ତଥା ଦେବଗଡ ଥାନା ସୁବର୍ଣ୍ଣପାଲି ଗ୍ରାମର ଅକାଳୁ ଧଳଙ୍କଠାରୁ ୭୨୦୦ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଦେବଗଡ ଥାନା ପୋଲିସ ଏହି ଘଟଣାରେ କୁଣ୍ଡାପିଠା ଗ୍ରାମର ଜଗବନ୍ଧୁ ଗଡନାୟକଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ ଗତ ୨୦୨୦ ମେ ୧ରେ କୁଣ୍ଡାପିଠା ଗ୍ରାମର ଜଗବନ୍ଧୁ ଗଡନାୟକଙ୍କ ସହ ଅକାଳୁ ଧଳଙ୍କର ସାକ୍ଷାତ ହୋଇଥିଲା। ଏହି ଅବସରରେ ଜଗବନ୍ଧୁ ୫ହଜାର ଟଙ୍କା ଦେଲେ ବ୍ୟାଙ୍କରୁ ଏକ ଲକ୍ଷ ଟଙ୍କାର ଋଣ କରାଇଦେବ ବୋଲି ତାଙ୍କୁ କହିଥିଲେ। ଏଥିପାଇଁ ବ୍ୟାଙ୍କରେ ଏକ ପାସ୍‌ବୁକ ଖୋଲିବାପାଇଁ ୧୨ଶହ ଟଙ୍କା ଦେବାକୁ ପଡିବ ଏବଂ ୨ ଦିନ ପରେ ଏକ ଲକ୍ଷ ଟଙ୍କା ଋଣ ମିଳିବ ବୋଲି ଜଗବନ୍ଧୁ କହିଥିଲେ। ସେହିକଥାରେ ପ୍ରଭାବିତ ହୋଇ ଅକାଳୁ ତାଙ୍କୁ ୧୨ ଟଙ୍କା ଦେଇଥିଲେ। ଏହାର ଦୁଇଦିନ ପରେ ଅକାଳୁଙ୍କ ନାମରେ ଏକଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହୋଇଛି ଓ ଏଥିପାଇଁ ଆଉ ୩ ହଜାର ଟଙ୍କା ଦେବାକୁ ପଡିବ ବୋଲି ଜଗବନ୍ଧୁ କହିଥିଲେ। ଏହାର କିଛିଦିନ ପରେ ଅକାଳୁଙ୍କୁ ନାମରେ ବ୍ୟାଙ୍କରୁ ମୋଟ ୨ଲକ୍ଷ ଟଙ୍କାର ଋଣ ମଞ୍ଜୁର ହୋଇଥିବା କହି ଜଗବନ୍ଧୁ ବିଭିନ୍ନ ପର୍ଯ୍ୟାୟରେ ମୋଟ ୭ହଜାର ୨ଶହ ଟଙ୍କା ନେଇଥିଲେ। ମାତ୍ର ବ୍ୟାଙ୍କରୁ ଋଣ ଟଙ୍କା ମିଳି ନ ଥିଲା। ଅକାଳୁ ଏ ସମ୍ପର୍କରେ ପଚାରିବାରୁ ଜଗବନ୍ଧୁ ତାଙ୍କୁ ଏକ ଟାଙ୍ଗିଆରେ ହାଣି ହତ୍ୟା କରିବାକୁ ଧମକ ଦେଇଥିଲେ। ଫଳରେ ଅକାଳୁ ଏ ନେଇ ଦେବଗଡ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଆଦର୍ଶ ଥାନା ପୋଲିସ ଜଗବନ୍ଧୁ ବିରୋଧରେ ଦଫା ୪୨୦, ୫୦୬ରେ ଏକ ଠକେଇ ମାମଲା(ନଂ.୧୨୩/୨୧) ରୁଜୁ କରି ତଦନ୍ତ ଚଳାଇଥିଲା।

**ଅଦିନିଆ ବର୍ଷା**

# ଧାନ ଫସଲ ନଷ୍ଟ ଆଶଙ୍କା

ସମ୍ବଲପୁର,୧୧।୫(ବ୍ୟୁରୋ)

ସମ୍ବଲପୁର ଜିଲାରେ ଅଦିନିଆ ବର୍ଷା ଚାଷୀଙ୍କ ପାଇଁ କାଳ ହୋଇଛି। ଉଭୟ ଧାନ ଓ ପନିପରିବା ଚାଷୀ ଏହା ଦ୍ୱାରା କ୍ଷତିଗ୍ରସ୍ତ ହେବା ଆଶଙ୍କା ଦେଖାଦେଇଛି। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି।

ଜିଲାର ପ୍ରାୟ ସମସ୍ତ ବ୍ଲକରେ ବର୍ଷା ହୋଇଛି। ଏଥିଯୋଗୁ ସଦର ଓ କୁଚିଣ୍ଡା ଉପଖଣ୍ଡରେ ରବି ଧାନଫସଲ ନଷ୍ଟ ହେବାକୁ ବସିଛି। ଅନ୍ୟ ସ୍ଥାନରେ ପନିପରିବା ଚାଷ ମଧ୍ୟ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଜିଲାର ମାନେଶ୍ୱର ତହସିଲ ଅଧୀନ ସର୍ଗିପାଲି, ଗୁଲୁଣ୍ଡିପାଲି, ସୁବର୍ଣ୍ଣପୁର, କୀର୍ତ୍ତିପୁର, ହାଲିପାଲି, ମାନେଶ୍ୱର, ରାସନପୁର, ମିର୍ଗାମୁଣ୍ଡା ଅଞ୍ଚଳର ପ୍ରାୟ ୫ ଶହ ଏକର ଜମିର ଧାନ ପ୍ରଭାବିତ ହୋଇଛି। ସେହିପରି ଠେମରା, ସିନ୍ଦୁରପଙ୍କ, ଦଣ୍ଡେଇପାଲି, କୁତାନୁଆପାଲି, ତବଲା ଆଦି ଅଞ୍ଚଳର ଚାଷୀଙ୍କ ଧାନ ଫସଲ ଓ ପନିପରିବା ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଧାନ କଟାହୋଇ ଜମିରେ ପଡିଥିବାବେଳେ ତାହା ଭିଜିଯାଇଥିବାରୁ ଗଜା ହେବା ଆଶଙ୍କା ରହିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଅମଳ କରି ଖଳାରେ ରଖିଥିବା ଚୂନା ଧାନ ମଧ୍ୟ ଭିଜିଯାଇଛି। ପୂର୍ବରୁ କେନାଲ ଓ ଉଠା ଜଳସେଚନରେ ପାଣି ଅଭାବ ରହିଥିଲା। ଏହାସତ୍ତ୍ୱେ ଚାଷୀମାନେ ଜମିକୁ ପାଣିମଡାଇ ବହୁକଷ୍ଟରେ ଚାଷ କରିଥିଲେ। ହେଲେ ଅମଳ ସମୟରେ ଫସଲ ନଷ୍ଟ ହେବାକୁ ବସିଛି। ଫଳରେ ଧାରକରଜ କରିଥିବା ଚାଷୀମାନେ କିପରି ପରିଶୋଧ କରିବେ ସେହି ଚିନ୍ତାରେ ଅଛନ୍ତି। ସେମାନଙ୍କ କହିବା କଥା କୋଭିଡ୍ କଟକଣା ଯୋଗୁ ଶ୍ରମିକ ମିଳିବାରେ ସମସ୍ୟା ହେଉଛି। ଆବଶ୍ୟକ ତାରପୋଲିନ, ଗୋଦାମ ଗୃହ ନ ଥିବାରୁ ଚୂନା ଧାନ ସୁରକ୍ଷିତ ରଖିପାରୁନାହାନ୍ତି। ପ୍ରତିବର୍ଷ କୌଣସି ନା କୌଣସି କାରଣରୁ ଫସଲ ନଷ୍ଟ ହେଉଛି। ଜଳସେଚିତ ଅଞ୍ଚଳ ହୋଇଥିବାରୁ ବୀମା ଟଙ୍କା ମିଳି ପାରୁନାହିଁ। କିଛି ଧାନ ପାଚିଯାଇଛି। କିଛିଦିନ ପରେ ତାହା ଅମଳ ହୋଇଥାନ୍ତା। ହେଲେ ସବୁ ଉଜୁଡିଗଲା। ଧାନ କେଣ୍ଡା ତଳେ ପଡିଯାଇଥିବାରୁ ନଷ୍ଟ ହୋଇଯିବ। ବିଲରେ ମଧ୍ୟ ଧାନ ଗଛ ଶୋଇପଡିବା ଭଳି ରହିଛି। ଆଖି ଆଗରେ ଫସଲ ନଷ୍ଟ ହେଉଥିବା ଦେଖି କଷ୍ଟ ଅନୁଭବ କରୁଥିବା ସେ କହିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ ରାୟ କହିଛନ୍ତି, ସକାଳେ ବର୍ଷା ହୋଇଛି। ଜମିରେ କଟାହୋଇ ପଡିଥିବା ଧାନ ନଷ୍ଟ ହେବା ସମ୍ଭାବନା ରହିଛି। ଏବେ ଅଧିକ ଚାଷୀ ହାରଭେଷ୍ଟର ମେଶିନରେ ଧାନ କାଟୁଛନ୍ତି। ତେଣୁ ଜମିରେ କମ୍ ପରିମାଣ ଧାନ ଥିବ। ଚୂନା ଧାନକୁ ସୁରକ୍ଷିତ ନ ରଖିଲେ ନଷ୍ଟ ହେବାର ଭୟ ରହୁଛି। ଯେଉଁ ଚାଷୀମାନେ ବୀମା କରିଥିବେ ୨୪ଘଣ୍ଟା ଭିତରେ ଅଭିଯୋଗ କରିପାରିବେ ବୋଲି ସେ କହିଛନ୍ତି।



ମାନେଶ୍ୱର ଅଞ୍ଚଳରେ କଟାଧାନ ପଡିରହିଛି।

# କୋଭିଡ୍ ପରୀକ୍ଷା ବେଳେ ମହିଳାଙ୍କ ସନ୍ତାନ ପ୍ରସବ

ଦେବଗଡ,୧୧।୫(ଡି.ଏନ.ଏ)

ପ୍ରସବ ପାଇଁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ଜଣେ ଗର୍ଭବତୀ ମହିଳାଙ୍କର କୋଭିଡ ପରୀକ୍ଷା ପାଇଁ ପ୍ରକ୍ରିୟା ଚାଲିଥିବା ବେଳେ ସେ ଏକ ଶିଶୁକନ୍ୟାକୁ ଜନ୍ମଦେବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଖବର ମୁତାବକ ରିଆମାଳ ବ୍ଲକ ଗୁଣ୍ଡିଆପାଲି ଗ୍ରାମର ଜଣେ ମହିଳା(୨୮)ପ୍ରସବ ଯନ୍ତ୍ରଣା ଅନୁଭବ କରିବାରୁ ରେଙ୍ଗାଲବେଡା ଆଶା ଦିଦି ସୁଷମା ସାହୁଙ୍କ ସହାୟତାରେ ୧୦୨ ଆମ୍ବୁଲାନ୍ସ(ଜନନୀ ଏକ୍ସପ୍ରେସ)ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ତେବେ ଚିକିତ୍ସାଳୟର ଇନଡୋରରେ ଭର୍ତ୍ତି ହେବା ପୂର୍ବରୁ ତାଙ୍କୁ ସ୍ଥାନୀୟ ଇନଡୋର ଷ୍ଟାଡିୟମରେ ଚାଲିଥିବା କୋଭିଡ ପରିକ୍ଷା କେନ୍ଦ୍ରକୁ ନିଆଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ସେଠାରେ ଉକ୍ତ ମହିଳାଙ୍କର କୋଭିଡ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ସେଠାରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଏହାପରେ ସାଙ୍ଗରେ ଆସିଥିବା ଅଶାଦିଦି ଅବିଳମ୍ବେ ମହିଳା ଓ ସଦ୍ୟଜାତ ଶିଶୁକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏଭଳି ଅସୁବିଧାକୁ ଏଡାଇବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ କୋଭିଡ ପରୀକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଟିକା ନେଇ ଉତ୍ସାହିତ ଯୁବବର୍ଗ



ଏସ୍‌ଏମ୍‌ସିର ଏକ ଟିକାକେନ୍ଦ୍ର ତଦାରଖ କରୁଛନ୍ତି ଜିଲାପାଳ।

ସମ୍ବଲପୁର,୧୧।୫(ବ୍ୟୁରୋ)

- ଟିକା କେନ୍ଦ୍ରରେ ସାମାନ୍ୟ ଉତ୍ତେଜନା
- ଜିଲାପାଳ କଲେ ସମୀକ୍ଷା

ସମ୍ବଲପୁର ଜିଲାରେ ମଙ୍ଗଳବାର ଯୁବବର୍ଗ (୧୮ରୁ ୪୪ ବର୍ଷ)ଙ୍କୁ ଟିକା ଦେବା ଆରମ୍ଭ ହୋଇଥିଲା। ବିଭିନ୍ନ କେନ୍ଦ୍ରରେ ଟିକା ନେଇ ଯୁବବର୍ଗ ବେଶ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ରିପୋର୍ଟ ଅନୁସାରେ ପ୍ରଥମ ପର୍ଯ୍ୟାୟରେ ଜିଲାକୁ ୨୫ ହଜାର ଟିକା ଆସିଛି। ମହାନଗର ନିଗମ ଅଞ୍ଚଳରେ ମୋଟ ୧୩ ଗୋଟି ଟିକାକେନ୍ଦ୍ର ଖୋଲାଯାଇଛି। ଆବଶ୍ୟକ ଅନୁସାରେ କର୍ମଚାରୀ ନିୟୋଜିତ ରହିଛନ୍ତି। ସକାଳ ୮ଟାରୁ ଟିକାକେନ୍ଦ୍ର ଖୋଲିବା ମାତ୍ରେ ଭିଡ ଜମିଥିଲା। ନିଜ ନମ୍ବର ଆସି ନ ଥିଲେ ମଧ୍ୟ କେତେକ ଯୁବକ ପହଞ୍ଚିଯାଇଥିଲେ। ଏହାକୁ ନେଇ କେତେକ ଟିକାକେନ୍ଦ୍ରରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପ୍ରତି କେନ୍ଦ୍ରରେ ୧ ଶହ ଜଣଙ୍କୁ ଟିକା ଦିଆଯାଇଥିଲା। ଜିଲାପାଳ ଶୁଭମ୍ ସକ୍‌ସେନା ବିଭିନ୍ନ ଟିକାକେନ୍ଦ୍ର ପରିଦର୍ଶନ କରି ସେଠାରେ ଥିବା ସମସ୍ୟା ପଚାରି ବୁଝିଥିଲେ। ହେଲେ ଟିକା ନେବା ପାଇଁ ହେଉଥିବା ପ୍ରଣାଳୀ ବିଷୟରେ ଜାଣିପାରୁ ନ ଥିବାରୁ ଏ ଦିଗରେ ପଦକ୍ଷେପ ନେବାକୁ ଲୋକେ ଦାବି କରିଥିଲେ।

## ମାନେଶ୍ୱର ତହସିଲ ପକ୍ଷରୁ ୨ ଦୋକାନ ସିଲ୍

**ଜିଲାରେ ୩୫୬ ସଂକ୍ରମିତ ଚିହ୍ନଟ**

ସମ୍ବଲପୁର,୧୧।୫ (ବ୍ୟୁରୋ)

ସମ୍ବଲପୁର ଜିଲାରେ ଦୁଇଦିନ ହେବ କୋଭିଡ ସଂକ୍ରମଣ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ମୋଟ ୩୫୬ ଜଣ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତ ୧୯୭୬୧ରେ ପହଞ୍ଚିଛି। ଅନ୍ୟପଟେ ପୋଲିସ ଓ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ମାନେଶ୍ୱର ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ଦୁଇଟି ଦୋକାନ ସିଲ୍ କରାଯାଇଛି। ମାନେଶ୍ୱର ଛକରେ ଥିବା ଏକ ମିଷ୍ଟାନ୍ନ ଭଣ୍ଡାରକୁ ସିଲ୍ କରି ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚଢ଼ାଉରେ ଅତିରିକ୍ତ ତହସିଲଦାର ବିରସେନ୍ ବେହେରା ଓ ପୋଲିସ ସାମିଲ ଥିଲେ। ସେହିପରି କୋଭିଡ୍ କଟକଣା ପାଳନ କରୁ ନ ଥିବାରୁ ମହେଶ ଅଗ୍ରୱାଲଙ୍କ ଦୋକାନ ସିଲ୍ କରାଯାଇଛି।

# ପ୍ରତିଭା ପ୍ରୋତ୍ସାହନ କାର୍ଯ୍ୟକ୍ରମ

ଦେବଗଡ଼,୧୧।୫(ଡି.ଏନ.ଏ.)

ଦେବଗଡ଼ସ୍ଥିତ ଡାଏଟର ପୁରାତନ ଛାତ୍ର କଲ୍ୟାଣ ସଂଘ (ଆୱାଡ)ର ପ୍ରତିଷ୍ଠା ଦିବସ ଅବସରରେ ଦ୍ୱି'ଦିବସୀୟ କରୋନା ସଚେତନତା ଓ ପ୍ରତିଭା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଥମ ଦିବସରେ କଲେଜ ଓ ତାଲିମ ପ୍ରତିଷ୍ଠାନର ଛାତ୍ରଙ୍କ ମଧ୍ୟରେ ଅନ୍‌ଲାଇନ ମାଧ୍ୟମରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହେବା ସହ ଏଥିରେ ରାଜ୍ୟର ବିଭିନ୍ନ ଜିଲାର ବହୁ ସଂଖ୍ୟକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଦିବସରେ ପୁରାତନ ଛାତ୍ର କଲ୍ୟାଣ ସଂଘ ପକ୍ଷରୁ ଭାର୍ଚୁଆଲ ମୋଡରେ ସଂଘର ସଭାପତି ସୂର୍ଯ୍ୟକାନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଡାଏଟର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଶରତ ଚନ୍ଦ୍ର ସେଠ ଓ ସମ୍ମାନିତ ଅତିଥି ଭାବେ ରିନେସାଁ ଆର୍ଟିଷ୍ଟସ୍ ଏଣ୍ଡ ରାଇର୍ଟସ୍ ଆସୋସିଏସନ (ରାୱା)ର ସଂଯୋଜିକା କଲ୍ୟାଣୀ ଶର୍ମା ଯୋଗ ଦେଇ ସଂଘର କର୍ମକର୍ତ୍ତା ସଦସ୍ୟ ସଦସ୍ୟା, ପ୍ରତିଯୋଗୀ ଓ ଛାତ୍ରୀ ଛାତ୍ରଙ୍କୁ ଉତ୍ସାହିତ କରିବା ସହ ବିଗତ ବର୍ଷରେ ସଂଘ ତରଫରୁ ହାତକୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଏବଂ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ପ୍ରତିଷ୍ଠା ଦିବସ ଅବସରରେ ଡାଏଟ ପରିସରରେ ବିଗତ ଦିନରେ ଲଗାଯାଇଥିବା ଗଛ ଗୁଡିକର ରକ୍ଷଣାବେକ୍ଷଣ କରାଯିବା ସହ ପାଖସାହିର ଅବହେଳିତ ଶିଶୁଙ୍କୁ ଖାତା, ପେନ, ମାସ୍କ ସମେତ ମିଷ୍ଟାନ୍ନ ବିତରଣ କରାଯାଇଥିଲା। ଅନ୍ୟ ଏକ ପଞ୍ଚ ଦିବସୀୟ ଅଭିନବ ତାଲିମ କାର୍ଯ୍ୟକ୍ରମ 'ପବ୍ଲିକ ରିଲେସନ ଏଣ୍ଡ କମ୍ୟୁନିକେସନ ସ୍କିଲ ଅଭିବୃଦ୍ଧି' ନେଇ କଲେଜ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରାଯାଉଥିବା ସଂଯୋଜକ ଲିଙ୍ଗରାଜ ନାୟକ ଏହି ଅବସରରେ ସୂଚନା ଦେଇ ଆଗାମୀ ଦିନରେ ସଂଘ ପକ୍ଷରୁ ହାଇସ୍କୁଲ ଛାତ୍ରୀ ଛାତ୍ରଙ୍କୁ ଭର୍ଚୁଆଲ ମୋଡରେ ମାଗଣାରେ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ। ସମ୍ପାଦକ ଧୀରେନ ଦେହୁରୀ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କେନ୍ଦ୍ରାପଡାସ୍ଥିତ ଡାଏଟର ପୂଜାରାଣୀ ନାୟକ ପ୍ରଥମ ସ୍ଥାନ, ଦେବଗଡ଼ସ୍ଥିତ ଡାଏଟର ସସ୍ମିତା ପ୍ରଧାନ ଦ୍ୱିତୀୟ ସ୍ଥାନ ଓ ଦେବଗଡ କଲେଜର ସୁଜିତ ଖଡିରତ୍ନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ଓ ସାର୍ଟିଫିକେଟ ତାଙ୍କ ଘର ଠିକଣାରେ ପୋଷ୍ଟାଲ ମାଧ୍ୟମରେ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘ କୋଷାଧ୍ୟକ୍ଷ ଦୀପକ ପ୍ରଧାନ, ଲିଙ୍ଗରାଜ ସ୍ୱାଇଁ, ରତ୍ନାକର ସାହୁ, ଗୌରହରି ମାଝୀ, ଭରତ ଦସଭାୟା, ରିତୁ ଭୋଇ, ସିପନ ଜେନା, ଜୁଲି ମହାନ୍ତ, ସୋନାଲି ସାହୁ ଓ ରାଜା ଭୋଇ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସଭା ଶେଷରେ ବରିଷ୍ଠ ମାର୍ଗଦର୍ଶକ ସୁଧାଂଶୁ ଶେଖର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପୂରାତନ ଛାତ୍ରୀ ସ୍ୱର୍ଗତ ଜ୍ୟୋସ୍ନାରାଣୀ ପ୍ରଧାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।

# କୋଭିଡ୍-୧୯ ମୁକାବିଲା ଲାଗି ଏମ୍‌ସିଏଲ୍‌ର ପଦକ୍ଷେପ

ସମ୍ବଲପୁର,୧୧।୫ (ବ୍ୟୁରୋ)

**ପ୍ରଥମ ପର୍ଯ୍ୟାୟରେ ୩୨ କୋଟି ଟଙ୍କା ମଞ୍ଜୁର**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) କୋଭିଡ୍-୧୯ ମୁକାବିଲା ଲାଗି ପ୍ରଥମ ପର୍ଯ୍ୟାୟରେ ୩୨ କୋଟି ଟଙ୍କା ମଞ୍ଜୁର କରିଛି। ଏଥିସହ କୋଇଲା ଉତ୍ପାଦନ ଲାଗି ଗୁରୁତ୍ୱ ଦେଇଛି। ଏ ନେଇ କମ୍ପାନୀ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପି.କେ. ସିହ୍ନା କହିଛନ୍ତି ଯେ, କୋଭିଡ୍-୧୯ର ସମସ୍ତ ନିୟମକୁ କମ୍ପାନୀ ଗ୍ରହଣ କରି କାର୍ଯ୍ୟ କରୁଛି। ପ୍ରତି ମାସ ମହାପ୍ରବନ୍ଧକଙ୍କ ସହ ନଭସଞ୍ଚାର ଜରିଆରେ ସ୍ଥିତି ସମୀକ୍ଷା କରାଯାଉଛି। ଅପରପକ୍ଷେ କମ୍ପାନୀର ଅଧିକାରୀ, କର୍ମଚାରୀ, ଚୁକ୍ତିଭିତ୍ତିକ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦିଆଯାଉଛି। ସମ୍ପ୍ରତି କରୋନାରେ କମ୍ପାନୀର ୧୮ ଜଣ ମୃତ୍ୟୁବରଣ କରିଥିବା ବେଳେ ୪୨୦ ଜଣ ଅଧିକାରୀ ଓ କର୍ମଚାରୀ ସଂକ୍ରମିତ ହୋଇ ଚିକିତ୍ସାଧୀନ ଅଛନ୍ତି ବୋଲି କହିଛନ୍ତି। ଅପରପକ୍ଷେ କାର୍ମିକ ନିର୍ଦ୍ଦେଶକ କେଶବ ରାଓ ରାଜ୍ୟ ସରକାରଙ୍କୁ ପତ୍ର ମାଧ୍ୟମରେ ଅନୁଗୋଳ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ ଜିଲାରେ ଥିବା କମ୍ପାନୀର ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା କେନ୍ଦ୍ର ଖୋଲିବାକୁ ଅନୁରୋଧ କରିଛନ୍ତି। ଫଳରେ କମ୍ପାନୀର ଅଧିକାରୀ, ଶ୍ରମିକ, କର୍ମଚାରୀମାନଙ୍କ ପରିବାର ଓ ଆଖପାଖ ଅଞ୍ଚଳର ଜନସାଧାରଣ ସୁବିଧାରେ ଟିକା ନେଇପାରିବେ। ସୂଚନାଯୋଗ୍ୟ ଯେ, ଗତ ଆର୍ଥିକ ବର୍ଷ ୨୦୨୦-୨୧ରେ କମ୍ପାନୀ ୧୩୫ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲା। ସଂପ୍ରତି ଦେଶରେ ଉତ୍ପାଦନ ହେଉଥିବା କୋଇଲା ମଧ୍ୟରୁ ଏମ୍‌ସିଏଲ୍ ୨୦ ପ୍ରତିଶତ ଉତ୍ପାଦନ କରୁଛି। ରାଜ୍ୟରେ କମ୍ପାନୀ ୧୪୦୫ ଶଯ୍ୟା ବିଶିଷ୍ଟ କୋଭିଡ୍ ଡାକ୍ତରଖାନା ପ୍ରତିଷ୍ଠା କରିବ, ଯେଉଁଥିରେ ୧୯୮ ଆଇସିୟୁ ବେଡ୍ ରହିବ। ଏଥିପାଇଁ ରାଜ୍ୟ ଓ ଜିଲା ପ୍ରଶାସନର ସହଯୋଗିତା ଆବଶ୍ୟକ ରହିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଅପରପକ୍ଷେ କମ୍ପାନୀ ପକ୍ଷରୁ ପ୍ରତିଦିନ ୨୦୦ ଅକ୍ସିଜେନ୍ ସିଲିଣ୍ଡର ଉତ୍ପାଦନ ହେଉଛି, ଯାହାକି ସମ୍ବଲପୁର, ଅନୁଗୋଳ, ସୁନ୍ଦରଗଡ, ଝାରସୁଗୁଡା ଜିଲାର ରୋଗୀମାନଙ୍କୁ ଯୋଗାଇ ଦିଆଯାଉଛି।

# ବନ୍ଧବାହାଲ କୋଭିଡ୍ ହସ୍ପିଟାଲରେ ଶଯ୍ୟା ବୃଦ୍ଧି

ଝାରସୁଗୁଡ଼ା ଅଫିସ,୧୧।୫



ଏମ୍‌ସିଏଲ୍ ବନ୍ଧବାହାଲ କୋଭିଡ୍ ହସ୍ପିଟାଲ।

- ଝାରସୁଗୁଡ଼ାରେ ବଢ଼ିଲା ଆଇସିୟୁ ଶଯ୍ୟା
- ୨ ହସ୍ପିଟାଲରେ ୧୯ ଡାକ୍ତର ନିଯୁକ୍ତି
- ସମ୍ ହସ୍ପିଟାଲ କର୍ତ୍ତୃପକ୍ଷ କରିବେ ପରିଚାଳନା

ଝାରସୁଗୁଡା ଜିଲାରେ କରୋନା ସଂକ୍ରମିତଙ୍କ ଚିକିତ୍ସା ପାଇଁ ମଙ୍ଗଳବଜାରସ୍ଥିତ ଏକମାତ୍ର କୋଭିଡ୍ ହସ୍ପିଟାଲ ଭରସା ହୋଇଛି। ଏପରିସ୍ଥଳେ ଏଠାରେ ଅନୁଷଙ୍ଗିକ ସୁବିଧା ଯଥା ଶଯ୍ୟା, ଆଇସିୟୁ, ଭେଣ୍ଟିଲେଟର, ଅଭିଜ୍ଞ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ଆଦି ନ ଥିବାରୁ ଏହାକୁ ପୂରଣ ପାଇଁ ଦାବି ହୋଇ ଆସୁଥିଲା। ଏହା ସହିତ ଜିଲାରେ ଆଉ ଏକ କୋଭିଡ୍ ହସ୍ପିଟାଲ ଖୋଲିବା ପାଇଁ ଏମ୍‌ପି, ବିଧାୟକ, ଜିଲାର ବୁଦ୍ଧିଜୀବୀମାନେ ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଏ ସମ୍ପର୍କରେ ଜିଲାପାଳ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ବିଚାରକୁ ନେଇ ଏମ୍‌ସିଏଲ୍ ବନ୍ଧବାହାଲ କୋଭିଡ୍ ହସ୍ପିଟାଲରେ ୫୦ଶଯ୍ୟାକୁ ବୃଦ୍ଧିକରାଯାଇ ଶହେ ଶଯ୍ୟା ବିଶିଷ୍ଟ କରାଯାଇଛି। ଏହା ସାଙ୍ଗକୁ ୨୦ ଭେଣ୍ଟିଲେଟ୍‌ର ଆଇସିୟୁ ଶଯ୍ୟା ସ୍ଥାପନ କରାଯାଇଛି। ସେହିପରି ଝାରସୁଗୁଡା କୋଭିଡ୍ ହସ୍ପିଟାଲରେ ୧୦ ଭେଣ୍ଟିଲେଟର ଆଇସିୟୁ ଶଯ୍ୟାକୁ ବୃଦ୍ଧି କରାଯାଇ ୨୦ କରାଯାଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କଲା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ମଙ୍ଗଳବାର ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଏହି ୨ ହସ୍ପିଟାଲରେ କୋଭିଡ୍ ଚିକିତ୍ସା ପାଇଁ ୧୯ଜଣ ପିଜି ଡାକ୍ତର ଓ ୮ଜଣ ଇର୍ଣ୍ଟର୍ନଙ୍କୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏଥିମଧ୍ୟରୁ ୧୨ଜଣ ପିଜି ଡାକ୍ତର ଓ ୫ଜଣ ଇର୍ଣ୍ଟର୍ନ କାର୍ଯ୍ୟରେ ଯୋଗଦେଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ସେ ଆହୁରି କହିଛନ୍ତି ଏହି ୨ କୋଭିଡ୍ ହସ୍ପିଟାଲର ପରିଚାଳନା ଦାୟିତ୍ୱ ସମ୍ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି। ଏ ନେଇ ସେ ଜିଲାବାସୀଙ୍କ ତରଫରୁ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଫଟୋରେ ଖବର





ମଙ୍ଗଳବାର ସମ୍ବଲପୁର ଲକ୍‌ଡାଉନ ଥିବାବେଳେ ଜଣେ ବ୍ୟକ୍ତି ଶିଶୁକୁ କାନ୍ଧରେ ବୋହି ଘର ମୁହାଁ ହେଉଛନ୍ତି। ଲକ୍ଷ୍ମୀଟକିଜ ଛକଠାରେ ଏସ୍‌ପି ଲକଡାଉନ ସ୍ଥିତି ବିଷୟରେ ଆଲୋଚନା କରୁଛନ୍ତି।



ମଙ୍ଗଳବାର ଅଦିନିଆ ବର୍ଷାରେ ଭିଜୁଛି ସମ୍ବଲପୁର ସହର।

## ଆଇଫୋନ ଉତ୍ପାଦନ ୫୦% କମାଇଲା ଫକ୍ସକନ

କରୋନାର ଦ୍ୱିତୀୟ ଲହର ଯୋଗୁ ଭାରତରେ ଆଇଫୋନ ଉତ୍ପାଦନ କରୁଥିବା କମ୍ପାନୀ ଫକ୍ସକନ ଏହାର ଉତ୍ପାଦନକୁ ୫୦% କମାଇଛି। କାରଣ ଏହାର ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ କରୋନା ହୋଇଥିବା ସୂଚନା ମିଳିଛି। ଫଳରେ କମ୍ପାନୀ ଉତ୍ପାଦନ କମାଇଥିବା କହିଛି।

### ସଂକ୍ଷେପରେ

## ରାଜ୍ୟରେ ୩.୪ କୋଟି ମୋବାଇଲ ଉପଭୋକ୍ତା

**ଭୁବନେଶ୍ୱର,୧୧।୫ :** ଚଳିତ ବର୍ଷ ଫେବୃୟାରୀ ସୁଦ୍ଧା ରାଜ୍ୟରେ ମୋବାଇଲ ଉପଭୋକ୍ତାଙ୍କ ସଂଖ୍ୟା ୩.୪ କୋଟି ଟପିଛି। ଭାରତୀୟ ଟେଲିକମ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଡାଟା ମୁତାବକ, ଫେବୃୟାରୀରେ ଓଡ଼ିଶାରେ ୧.୫୬ ଲକ୍ଷ ନୂଆ ମୋବାଇଲ ଗ୍ରାହକ ବଢ଼ିଛନ୍ତି। ରିଲାଏନ୍ସ ଜିଓ ୧.୯୦ ଲକ୍ଷ ମୋବାଇଲ ଗ୍ରାହକ ଯୋଡ଼ିପାରିଛି। ଏହି ସମୟରେ ଏୟାରଟେଲ ୬୬୯୦୮ ଗ୍ରାହକ ଯୋଡ଼ିବାକୁ ସକ୍ଷମ ହୋଇଛି। ଭିଆଇ ୬୪,୯୦୪ ଏବଂ ବିଏସ୍ଏନ୍ଏଲ୍ ୩୫,୮୮୪ ଗ୍ରାହକ ହରାଇଛନ୍ତି। ରାଜ୍ୟରେ ଜିଓ ଗ୍ରାହକଙ୍କ ସଂଖ୍ୟା ୧.୪ କୋଟି ଛୁଇଁଛି। କମ୍ପାନୀ ନିକଟରେ ୪୧% ବଜାର ଅଂଶ ରହିଥିବା ଜଣାପଡିଛି। ସେହିଭଳି ଜାତୀୟ ସ୍ତର କଥା ବିଚାରକୁ ନେଲେ ଜିଓ ୪୨.୬୬ ଲକ୍ଷ ନୂଆ ଗ୍ରାହକ ଯୋଡ଼ିପାରିଛି। ଏହା ପରେ ପରେ ଏୟାରଟେଲ ୩୭.୩ ଲକ୍ଷ ଏବଂ ଭିଆଇ ୬.୫ ଲକ୍ଷ ଗ୍ରାହକ ଯୋଡିଛି। ବିଏସ୍ଏନଏଲ୍ ୩.୬ ଲକ୍ଷ ଗ୍ରାହକ ହରାଇଛି। ଡାଟା ମୁତାବକ, ଫେବୃୟାରୀରେ ସାରା ଦେଶରେ ୮୨.୯୨ ଲକ୍ଷ ନୂଆ ଗ୍ରାହକ ଯୋଡ଼ି ହୋଇଛନ୍ତି।

## ୩୪୧ ପଏଣ୍ଟ ଖସିଲା ସେନ୍ସେକ୍ସ

**ମୁମ୍ବାଇ,୧୧।୫ :** ଗତ ୪ ସେସନ ଧରି ଭଲ କାରବାର ହାସଲ କରିବା ପରେ ଭାରତୀୟ ପୁଞ୍ଜିବଜାରରେ କାରବାର ମଙ୍ଗଳବାର ହ୍ରାସ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ) ସେନ୍ସେକ୍ସ ୩୪୧ ପଏଣ୍ଟ ନିମ୍ନରେ ରହିଛି। ୩୦ ଶେୟାର ବିଶିଷ୍ଟ ସେନ୍ସେକ୍ସ ୩୪୦.୬୦ ପଏଣ୍ଟ (୦.୬୯%) ନିମ୍ନରେ ରହି ୪୯,୧୬୧.୮୧ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍ଇ)ର ନିଫ୍ଟି ୯୧.୬୦ ପଏଣ୍ଟ (୦.୬୧%) ନିମ୍ନରେ ରହିବା ଯୋଗୁ ୧୪,୮୫୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେନ୍ସେକ୍ସରେ କୋଟାକ ବ୍ୟାଙ୍କର କାରବାର ସବୁଠାରୁ ପ୍ରଭାବିତ ସ୍ତରରେ ରହିଛି। ସେହିଭଳି ଏଚ୍ଡିଏଫ୍ସି, ବଜାଜ ଫାଇନାନ୍ସ, ବଜାଜ ଫିନ୍ସର୍ଭ, ଟେକ୍ ମହିନ୍ଦ୍ରା, ହିନ୍ଦୁସ୍ଥାନ ୟୁନିଲିଭର, ଟାଇଟାନ ମଧ କାରବାର କ୍ଷତି ସହିଛନ୍ତି। ଏହାବାଦ ଏନ୍ଟିପିସି, ଓଏନ୍ଜିସି, ପାୱାରଗ୍ରୀଡ୍, ସନ୍ଫାର୍ମା, ଅଲ୍ଟ୍ରାଟେକ୍ ସିମେଣ୍ଟ ଏବଂ ଏସ୍ବିଆଇର ଶେୟାର କାରବାର ଉନ୍ନତ ସ୍ଥିତିରେ ରହିଛି।

# ଦ୍ୱିତୀୟ ଲହର ସହ ୫ଜିର ସମ୍ପର୍କ ନାହିଁ

**ନୂଆଦିଲ୍ଲୀ,୧୧।୫**




୫ଜି ଟେକ୍ନୋଲୋଜି ଟାୱାରର ପରୀକ୍ଷାମୂଳକ ବ୍ୟବହାର କାରଣରୁ କରୋନା ଭୂତାଣୁର ଦ୍ୱିତୀୟ ଲହର ବ୍ୟାପିଥିବା ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ବିଭ୍ରାନ୍ତିକର ସୂଚନା ପ୍ରସାରଣ ହେଉଥିବା ଟେଲିକମ୍ ବିଭାଗର ଦୃଷ୍ଟିଗୋଚର ହୋଇଛି। ବିଭାଗ ପକ୍ଷରୁ ଏକ ପ୍ରେସ୍ ବାର୍ତ୍ତାରେ କୁହାଯାଇଛି, ଏସବୁ ବାର୍ତ୍ତା ସମ୍ପୂର୍ଣ୍ଣ ମିଥ୍ୟା ଏବଂ ବିଭ୍ରାନ୍ତିକର। ଏ ସମ୍ପର୍କିତ ସୂଚନାକୁ ବିଶ୍ୱାସ ନ କରିବାକୁ ବିଭାଗ ପକ୍ଷରୁ ଲୋକଙ୍କୁ କୁହାଯାଇଛି। ଏ ନେଇ ସଚେତନ କରାଯିବା ସହ ଦ୍ୱିତୀୟ ଲହର ସହ ୫ଜି ଟେକ୍ନୋଲୋଜିର କୌଣସି ଭୂମିକା ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ମିଥ୍ୟା ଗୁଜବ ଉପରେ ଦିଗହରା ନ ହେବାକୁ ବିଭାଗ ଲୋକଙ୍କୁ ନିବେଦନ କରିଛି।

୫ଜି ଟେକ୍ନୋଲୋଜି ପରୀକ୍ଷଣ କରାଯିବା ଦ୍ୱାରା ମହାମାରୀ ବ୍ୟାପୁଛି ବୋଲି ଯେଉଁ ସୂଚନା ସୋସିଆଲ ମିଡିଆରେ ଭାଇରାଲ ହେଉଛି ତା'ର କୌଣସି ବୈଜ୍ଞାନିକ ସତ୍ୟତା ନାହିଁ। ଏହାବାଦ ଦେଶର କୌଣସି ସ୍ଥାନରେ ବର୍ତ୍ତମାନ ସୁଦ୍ଧା ୫ଜି ନେଟ୍ୱର୍କର ପରୀକ୍ଷା ଆରମ୍ଭ ମଧ ହୋଇନାହିଁ। ଏଣୁ ୫ଜି ନେଟ୍ୱର୍କ ଏବଂ ପରୀକ୍ଷା କାରଣରୁ କରୋନା ବ୍ୟାପୁଥିବା ଖବର ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଭୁଲ୍। ମୋବାଇଲ ଟାୱାରରୁ ନନ୍ ଆୟୋନାଇଜିଂ ରେଡିଓ ଫ୍ରିକ୍ୱେନ୍ସି ବାହାରିଥାଏ। ଏହାର ଶକ୍ତି କମ୍ ରହିଥିବାରୁ ମଣିଷଙ୍କ ସମେତ କୌଣସି ଜୀବନ୍ତ କୋଷିକାକୁ ଏହା କ୍ଷତି ପହଞ୍ଚାଇବାକୁ ଏହା ସକ୍ଷମ ହୋଇ ନ ଥାଏ।

ଟେଲିକମ୍ ବିଭାଗ ପକ୍ଷରୁ ରେଡିଓ ଫ୍ରିକ୍ୱେନ୍ସି କ୍ଷେତ୍ର ନିମନ୍ତେ ଏକ୍ସପୋଜର ସୀମା ନିର୍ଦ୍ଧାରଣ କରାଯାଇଛି। ଏହା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍ଓ)ର ସୁପାରିସ ଏବଂ ନନ୍ ଆୟୋନାଇଜିଂ ରେଡିଏଶନ ପ୍ରୋଟେକ୍ସନ ଉପରେ ଗଠିତ ଅନ୍ତର୍ଜାତୀୟ କମିଶନର ନିର୍ଦ୍ଧାରିତ ସୀମାଠାରୁ ଦଶଗୁଣା ଅଧିକ କଠୋର।

# ଜୋସେଫ ଜେ. କାଟୋର ଆର୍‌ବିଆଇର ନୂଆ ଇଡି

**ନୂଆଦିଲ୍ଲୀ,୧୧।୫**



ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଜୋସେଫ ଜେ.କାଟୋରଙ୍କୁ ନୂଆ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଇଡି) ଭାବେ ନିଯୁକ୍ତ କରିଛି। ଏହା ପୂର୍ବରୁ ସେ ବ୍ୟାଙ୍କର ବାଙ୍ଗାଲୋର କାର୍ଯ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ। ତାଙ୍କର ୩ ଦଶନ୍ଧିର କାର୍ଯ୍ୟ ଅଭିଜ୍ଞତା ରହିଛି। ଯୋଗାଯୋଗ, ମାନବ ସମ୍ବଳ ପରିଚାଳନା, ଆର୍ଥିକ ଅନ୍ତର୍ଭୁକ୍ତି, ମୁଦ୍ରା ପରିଚାଳନା ଭଳି ବିଭିନ୍ନ କ୍ଷେତ୍ରରେ ସେ କାମ କରିଛନ୍ତି। ନୂଆ ଦାୟିତ୍ୱରେ ସେ ମାନବ ସମ୍ବଳ ପରିଚାଳନା ବିଭାଗ, କର୍ପୋରେଟ ଷ୍ଟ୍ରାଟେଜି, ବଜେଟ ବିଭାଗ ଏବଂ ରାଜଭାଷା ବିଭାଗରେ ମୁଖ୍ୟ ଭାବେ କାମ କରିବେ। କାଟୋର ଇନ୍ଷ୍ଟିଚ୍ୟୁଟ ଅଫ୍ ରୁରାଲ ମ୍ୟାନେଜମେଣ୍ଟରୁ ପୋଷ୍ଟ ଗ୍ରାଜୁଏଟ ଏବଂ ଗୁଜରାଟ ୟୁନିଭର୍ସିଟିରୁ ଆଇନ ଡିଗ୍ରୀ ହାସଲ କରିଛନ୍ତି। ସେହିଭଳି ପେନ୍ସିଲଭାନିଆ ୱାର୍ଟନ ସ୍କୁଲ ଅଫ୍ ବିଜ୍‌ନେସ୍‌ରୁ ଆଡଭାନ୍ସ ମ୍ୟାନେଜମେଣ୍ଟ ପ୍ରୋଗ୍ରାମ ଏବଂ ଇଣ୍ଡିଆନ ଇନ୍ଷ୍ଟିଚ୍ୟୁଟ ଅଫ୍ ବ୍ୟାଙ୍କିଙ୍ଗ୍ ଆଣ୍ଡ ଫାଇନାନ୍ସରୁ ପ୍ରଫେସନାଲ ଡିଗ୍ରୀ ମଧ ହାସଲ କରିଛନ୍ତି।

# ଏଲ୍‌ପିଜି ଡେଲିଭରି ବୟ, ଷ୍ଟାଫ୍‌ଙ୍କୁ କରୋନା ଯୋଦ୍ଧା ଘୋଷଣା ଦାବି

**ଭୁବନେଶ୍ୱର,୧୧।୫**

ସାରା ରାଜ୍ୟରେ କରୋନାର ଭୟାବହତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ମହାମାରୀ ସମୟରେ ଓଡ଼ିଶାବାସୀଙ୍କୁ ଏଲ୍‌ପିଜି ସେବା ଯୋଗାଇ ଦେଇଆସିଛୁ। ଫଳରେ ଘର ଓ ପରିବାର ସହ ରହୁଥିବା ଆମର ଡେଲିଭରି ବୟ ଓ ଷ୍ଟାଫ୍ ଦିନ ତମାମ ବାହାରେ ଅତ୍ୟାବଶ୍ୟକ ସେବା ପ୍ରଦାନ କରୁଛନ୍ତି। ଏଭଳି ଏକ ପରିସ୍ଥିତିରେ ସରକାର ଅନ୍ୟ କେତେକ ସଂସ୍ଥାର କର୍ମକର୍ତ୍ତାଙ୍କୁ କୋଭିଡ୍ ଯୋଦ୍ଧା ଘୋଷଣା ସହ ଟିକା ପ୍ରଦାନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଆମର କର୍ମଚାରୀଙ୍କ ପାଇଁ ସେପରି କିଛି ସୁବିଧା ପ୍ରଦାନ କରାଯାଇ ନ ଥିବାରୁ ଆମ୍ଭେମାନେ ମଧ ଭୟର ବାତାବରଣରେ ଦିନ କାଟୁଛୁ ବୋଲି ଓଡ଼ିଶା ଏଲ୍‌ପିଜି ଡିଷ୍ଟ୍ରିବ୍ୟୁଟର୍ସ ଆସୋସିଏଶନ ପକ୍ଷରୁ ଏଇ ନିକଟରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏଲ୍‌ପିଜି ସେବା ପ୍ରଦାନରେ ଓଡ଼ିଶା ସାରା ଦେଶରେ ୩ୟ ସ୍ଥାନରେ ରହିଛି। ଓଡ଼ିଶାବାସୀଙ୍କୁ ଉନ୍ନତ ସେବା ଓ ଯୋଗାଣ ପାଇଁ ସଂଘ ସମସ୍ତ ପ୍ରାକୃତିକ ବିପଦ ସମୟରେ ସରକାର ଓ ଖାଉଟିଙ୍କ ସହ ଛିଡାହୋଇଛନ୍ତି। ବର୍ତ୍ତମାନ ସମୟରେ ୨୦ ହଜାରରୁ ଊର୍ଦ୍ଧ୍ୱ ଡେଲିଭରି ବୟ ରାଜ୍ୟର ବିଭିନ୍ନ ସ୍ଥାନ ଓ ଜିଲାରେ ସେବା ଯୋଗାଉ ଦେଉଛନ୍ତି। ସେହିଭଳି କରୋନା ମହାମାରୀରେ କିଛି ଡେଲିଭରି ବୟ ସଂକ୍ରମଣରେ ଶିକାର ହୋଇ ମୃତ୍ୟୁବରଣ କରିଥିବା ବେଳେ ଆଉ କେତେଜଣ ମେଡିକାଲରେ ଚିକିତ୍ସା ହେଉଛନ୍ତି। ସେହିଭଳି ଏଲ୍‌ପିଜି ବିତରଣ କେନ୍ଦ୍ରର କର୍ମଚାରୀମାନେ ମଧ ଏହି ମହାମାରୀର ଶିକାର ହୋଇ ଚିକିତ୍ସାରେ ଅଛନ୍ତି ବୋଲି ସଂଘର ସଭାପତି ଲୋପାମୁଦ୍ରା ବକ୍ସିପାତ୍ର ଓ ସଂଘର ସମ୍ପାଦକ ବିଶ୍ୱନାଥ ମୁଖାର୍ଜୀ ଏ ସମ୍ପର୍କରେ ମତବ୍ୟକ୍ତ କରିଛନ୍ତି।

## ଭାକ୍ସିନ ଅଭାବ ନେଇ ବାୟୋକନ ମୁଖ୍ୟଙ୍କ ଉଦ୍‌ବେଗ

**ମୁମ୍ବାଇ,୧୧।୫**

ଦେଶ ମଧ୍ୟରେ କୋଭିଡ୍-୧୯ ଟିକା ଅଭାବ ନେଇ ବାୟୋକନ ଅଧ୍ୟକ୍ଷ କିରନ ମଜୁମଦାର ସ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ପ୍ରସଙ୍ଗରେ ସରକାରଙ୍କ ପକ୍ଷରୁ ସ୍ୱଚ୍ଛତା ଅବଲମ୍ବନ କରାଯାଉ ବୋଲି ସେ ମତ ରଖିଛନ୍ତି। ସେ କହିଛନ୍ତି, ଏହା ହେଲେ ଲୋକମାନେ ଧୈର୍ଯ୍ୟ ରଖି ଅପେକ୍ଷା କରିବେ। ପ୍ରତି ମାସରେ ୭ କୋଟି ଟିକା ଲୋକଙ୍କୁ ଦିଆଯିବା ଲାଗି ବ୍ୟବସ୍ଥା ହେଉଛି। ଏହା କୁଆଡ଼େ ଯାଉଛି ବୋଲି ସେ ପ୍ରଶ୍ନ ଉଠାଉଛନ୍ତି। ସରକାର ଏହାକୁ ନେଇ ଯଦି ସ୍ୱଚ୍ଛତା ଅବଲମ୍ବନ କରିବେ ତେବେ ଏ ନେଇ ଲୋକଙ୍କ ମନରେ କୌଣସି ସନ୍ଦେହ ପ୍ରକାଶ ପାଇବନାହିଁ। ସେହିଭଳି କେବେ ସୁଦ୍ଧା ଟିକା ଉପଲବ୍ଧ ହେବ ସେ ନେଇ ଲୋକଙ୍କୁ ସମୟ ଜଣାଇଦେଲେ ଏହା ମଧ ଲାଭକାରୀ ହେବ। ଉଲ୍ଲେଖଯୋଗ୍ୟ,ଦେଶ ମଧ୍ୟରେ ସିରମ ଇନ୍ଷ୍ଟିଚ୍ୟୁଟ ଏବଂ ଭାରତ ବାୟୋଟେକ ଭଳି କମ୍ପାନୀର ଟିକା ବ୍ୟବହାର ହେଉଛି। ଟିକା ଯୋଗାଣକୁ ତ୍ୱରାନ୍ୱିତ କରିବା ଲାଗି ସରକାର ମଧ କମ୍ପାନୀଗୁଡିକୁ ଅଗ୍ରିମ ଅର୍ଥ ପ୍ରଦାନ କରୁଛନ୍ତି।

# ଅଭିବୃଦ୍ଧି ଆକଳନ ଖସାଇଲେ ମୁଡିସ୍, ନୋମୁରା

**ନୂଆଦିଲ୍ଲୀ,୧୧।୫**




କରୋନା ମହାମାରୀ ସାରା ଦେଶର ଅର୍ଥ ବ୍ୟବସ୍ଥାକୁ ଗଭୀର ଭାବେ ପ୍ରଭାବିତ କରିବା ଯୋଗୁ ରେଟିଂ ଏଜେନ୍ସି ମୁଡିସ୍ ଏବଂ ନୋମୁରା ଭାରତ ବଜାର ଲାଗି ଅଭିବୃଦ୍ଧି ଆକଳନକୁ ଖସାଇଛନ୍ତି। ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ୯.୩% ରହିବ ବୋଲି ମୁଡିସ୍ ଏହାର ରିପୋର୍ଟରେ ପ୍ରକାଶ କରିଛି। କରୋନାର ଦ୍ୱିତୀୟ ଲହର ପ୍ରଭାବ ଆର୍ଥିକ ସୁଧାର କ୍ଷେତ୍ରରେ ଦୀର୍ଘମିଆଦୀ ଭିତ୍ତିରେ ପ୍ରଭାବ ପକାଇବ ବୋଲି ଏହି ଏଜେନ୍ସି କହିଛି। ଏହା ଭାରତର ରେଟିଂକୁ ବିଏଏ୩ ରଖିଛି। ଅପରପକ୍ଷରେ ଆଉଟଲୁକ୍‌କୁ ନେଗେଟିଭ ରଖିଥିବା ଜଣାପଡିଛି। କରୋନା ଯୋଗୁ ଅଭିବୃଦ୍ଧି କ୍ଷେତ୍ରରେ ବିଭିନ୍ନ ପ୍ରତିବନ୍ଧକ, ଉଚ୍ଚ ପରିମାଣର ଋଣ ଏବଂ ଫାଇନାନ୍ସ ସିଷ୍ଟମରେ ଦୁର୍ବଳତା କ୍ରେଡିଟ ପ୍ରୋଫାଇଲ ଉପରେ ଚାପ ପକାଉଥିବା ଏହା କହିଛି। ଚଳିତ ବର୍ଷ ଫେବୃୟାରୀରେ ଏହା ଭାରତର ଅଭିବୃଦ୍ଧିକୁ ନେଇ ପ୍ରଥମେ ଆକଳନ କରିଥିଲା। ଅଭିବୃଦ୍ଧି ୧୩.୭% ରହିବ ବୋଲି ଏହା କହିଥିଲା। ମାତ୍ର ସ୍ଥିତି ବିଗିଡ଼ିଥିବାରୁ ପୂର୍ବର ଆକଳନରେ ଏହା ପରିବର୍ତ୍ତନ କରି ୯.୩%ଖସାଇଥିବା ଜଣାପଡିଛି।

ସେହିଭଳି ଅନ୍ୟ ଏକ ରେଟିଂ ଏଜେନ୍ସି ନୋମୁରା ମଧ ୨୦୨୧-୨୨ରେ ଭାରତର ଅଭିବୃଦ୍ଧି ୧୦.୮%କୁ ଖସିବ ବୋଲି କହିଛି। ପୂର୍ବରୁ ଏହା ୧୨.୬% ରହିବ ବୋଲି ଏହା ଆକଳନ କରିଥିଲା। କରୋନାର ଦ୍ୱିତୀୟ ଲହର ପ୍ରଭାବ ଯୋଗୁ ବଜାର ଚାପଗ୍ରସ୍ତ ହେବାରୁ ଏହା ଆକଳନକୁ ଖସାଇଥିବା କହିଛି।

## ଖେଳ ଖବର

# କ୍ୱାଲିଫାଇଂ ରାଉଣ୍ଡ ଡ୍ର ସ୍ଥଗିତ




**କୁଆଲାଲମ୍ପୁର,୧୧।୫(ପି.ଟି.)**

ଭାରତରେ ଆୟୋଜନ ହେବାକୁ ଥିବା ୨୦୨୨ ଏଏଫ୍‌ସି ମହିଳା ଏସିଆନ କପ୍ କ୍ୱାଲିଫାଇଂ ରାଉଣ୍ଡ ଡ୍ର'କୁ ସ୍ଥଗିତ ରଖାଯାଇଛି। ମେ' ୨୭ ତାରିଖରେ ଏହା ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିଲା। ଭାରତ ସହ ଏସିଆ ମହାଦେଶରେ କୋଭିଡ୍- ୧୯ ମହାମାରୀର ଭୟାବହତାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ (ଏଏଫ୍‌ସି) ଏହି ନିଷ୍ପତ୍ତି ନେଇଛି। ସବୁ ଦଳ, ଖେଳାଳି, ଅଫିସିଆଲ ଓ ଫୁଟ୍‌ବଲ ସମ୍ପର୍କିତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନେବାକୁ ହେଲା ବୋଲି ଏଏଫ୍‌ସି ତରଫରୁ କୁହାଯାଇଛି। ସ୍ଥିତି ଉପରେ ନଜର ରଖାଯାଇଛି ଓ ସମୟ ସୁବିଧା ଦେଖି ଏହି ଟୁର୍ନାମେଣ୍ଟର ତାରିଖ ପରେ ଘୋଷଣା କରାଯିବ।

ଗତ ଜାନୁୟାରୀରେ ଏଏଫ୍‌ସି ମୁଖ୍ୟ ଟୁର୍ନାମେଣ୍ଟର କାର୍ଯ୍ୟସୂଚୀ ଘୋଷଣା କରିଥିଲା ଓ ଏହା ଆସନ୍ତାବର୍ଷ ଜାନୁୟାରୀ ୨୦ରୁ ଫେବୃୟାରୀ ୬ ମଧ୍ୟରେ ଆୟୋଜନ ହେବ ବୋଲି କୁହାଯାଇଥିଲା। ତେବେ ଉଜ୍‌ବେକିସ୍ତାନରେ ଆୟୋଜନ ହେବାକୁ ଥିବା ୨୦୨୨ ମହିଳା ଏଏଫ୍‌ସି ୨୦ ବର୍ଷରୁ କମ୍ ଏସିଆନ କପ୍ ଓ ଇଣ୍ଡୋନେସିଆରେ ଆୟୋଜନ ହେବାକୁ ଥିବା ୨୦୨୨ ଏଏଫ୍‌ସି ୧୭ ବର୍ଷରୁ କମ୍ ମହିଳା ଏସିଆନ କପ୍‌ର କ୍ୱାଲିଫାଇଂ ଡ୍ର ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମେ' ୨୭ରେ ଆରମ୍ଭ ହେବ ବୋଲି କୁହାଯାଇଛି।

## ପାଣ୍ଠି ପାଇଁ ଆନନ୍ଦ ଖେଳିବେ ପ୍ରଦର୍ଶନୀ ମ୍ୟାଚ୍

**ନୂଆଦିଲ୍ଲୀ, ୧୧।୫ (ପି.ଟି.):** କୋଭିଡ୍-୧୯ ଲଢେଇରେ ସାମିଲ ହେବାକୁ ଯାଉଛନ୍ତି ଭାରତୀୟ ଗ୍ରାଣ୍ଡ ମାଷ୍ଟର ତଥା ୫ଥର ବିଶ୍ୱଚାମ୍ପିୟନଶିପ୍ ହାସଲ କରିଥିବା ବିଶ୍ୱନାଥନ ଆନନ୍ଦ। କୋଭିଡ୍ ରିଲିଫ ଫଣ୍ଡ ପାଇଁ ସେ ପାଣ୍ଠି ସଂଗ୍ରହ କରିବେ। ଏଥିପାଇଁ ସେ ଓ ଅନ୍ୟ ୪ ଗ୍ରାଣ୍ଡମାଷ୍ଟର ପ୍ରଦର୍ଶନୀ ମ୍ୟାଚ୍ ଖେଳିବେ। ଏହି ପ୍ରଦର୍ଶନୀ ମ୍ୟାଚ୍ ଗୁରୁବାର ଆୟୋଜନ ହେବ। ଅଂଶଗ୍ରହଣକାରୀ ଖେଳାଳିମାନେ ରେଜିଷ୍ଟ୍ରେଶନ ଫି' ବାବଦରେ ୨୫ ଆମେରିକୀୟ ଡଲାର ପ୍ରଦାନ କରିବେ। ଚେସ୍.କମ୍‌ରେ ଏହି ମ୍ୟାଚ୍‌ର ସିଧା ପ୍ରସାରଣ ହେବ ଓ ଏହି ଅବସରରେ ଡୋନେଶନ ଗ୍ରହଣ କରାଯାଇପାରିବ। ଏହି ମ୍ୟାଚ୍‌ରୁ ପାଖାପାଖି ୧୦,୦୦୦ ଆମେରିକୀୟ ଡଲାର ସଂଗ୍ରହ ହୋଇପାରିବ।

# ସାଉଦି ଆରବରେ ଜୋସୁଆ-ଫ୍ୟୁରି ଲଢ଼େଇ

**ଲଣ୍ଡନ, ୧୧।୫ (ଏପି)**


ଟାଇସନ ଫ୍ୟୁରି | ଆନ୍ଥୋନୀ ଜୋସୁଆ

ୱାର୍ଲ୍ଡ ହେଭିୱେଟ୍ ଟାଇଟଲ ପାଇଁ ବ୍ରିଟେନର ଦୁଇ ବକ୍ସର ଆନ୍ଥୋନୀ ଜୋସୁଆ ଓ ଟାଇସନ ଫ୍ୟୁରିଙ୍କ ମଧ୍ୟରେ ମୁକାବିଲା ସାଉଦି ଆରବରେ ହେବ। ପ୍ରମୋଟର ଏଡି ହିଅର୍ନ ମଙ୍ଗଳବାର ଏ ବିଷୟରେ ସୂଚନା ଦେଇଛନ୍ତି। ଜୋସୁଆଙ୍କ ପ୍ରତିନିଧି ହିଅର୍ନ କହିଛନ୍ତି ଏହି ବାଉଟ୍ ଅଗଷ୍ଟ ୭ କିମ୍ବା ଅଗଷ୍ଟ ୧୪ରେ ହୋଇପାରେ। କିନ୍ତୁ ଯଥାସମ୍ଭବ ଅଗଷ୍ଟ ୧୪ରେ ଏହି ମୁକାବିଲା ଆୟୋଜନ କରାଯାଇପାରେ। କାରଣ ସେତେବେଳକୁ ଟୋକିଓରେ ଅଲିମ୍ପିକ ଗେମ୍ସ ଶେଷ ହୋଇଯାଇଥିବ। ଜୋସୁଆ-ଫ୍ୟୁରି ଲଢେଇକୁ ସମଗ୍ର ବିଶ୍ୱରେ ଲୋକେ ଦେଖିବେ। ସାଉଦି ଆରବରେ ଏହି ଲଢେଇ ହେବ ବୋଲି ଫ୍ୟୁରିଙ୍କ ଯୁକ୍ତରାଷ୍ଟ୍ର ଆମେରିକୀୟ ପ୍ରତିନିଧି ବବ୍ ଅରୁମ୍ ପୂର୍ବରୁ ସୂଚନା ଦେଇଥିଲେ। ଜୋସୁଆ ୨୦୧୯ ଡିସେମ୍ବରରେ ଆଣ୍ଡି ରୁଇଜ୍‌ଙ୍କୁ ପରାସ୍ତ କରି ଡବ୍ଲ୍ୟୁବିଏ, ଆଇବିଏଫ୍ ଓ ଡବ୍ଲ୍ୟୁବିଓ ବେଲ୍ଟ ଛଡ଼ାଇ ଆଣିଥିଲେ। ଏହାପରେ ଜୋସୁଆ ଏକମାତ୍ର ଲଢେଇ ଗତ ଡିସେମ୍ବରରେ କରିଥିଲେ। କୁବ୍ରାଟ ପୁଲେଭଙ୍କୁ ପରାସ୍ତ କରି ସେ ତାଙ୍କ ଟାଇଟଲଗୁଡ଼ିକ ବଜାୟ ରଖିଥିଲେ। ଟ୍ୱିଟରରେ ଫ୍ୟୁରି ଓ ଜୋସୁଆଙ୍କ ମଧ୍ୟରେ ବାକ୍ୟବିନିମୟ ଆରମ୍ଭ ହୋଇଯାଇଛି। ହିଅର୍ନ କହିଛନ୍ତି ଲଢେଇ ଆୟୋଜନ ନେଇ ସମସ୍ତ କାର୍ଯ୍ୟ ଶେଷ ହୋଇଛି। ମାତ୍ର ଏନେଇ ବିଧିବଦ୍ଧ ଦିନ ଘୋଷଣା କରାଯାଇ ନ ଥିବାରୁ ଏହା ଉଭୟ ପକ୍ଷଙ୍କୁ ହତାଶ କରିଛି।

# ଜୁନ୍‌ରେ ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ମୁକାବିଲା

**ଲାଉସେନ,୧୧।୫**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ। ପର୍ଥରେ ଜୁନ୍ ୨୬ ଓ ୨୭ରେ ଲିଗ୍‌ର ଦୁଇଟି ଲେଗ୍‌ରେ ଦୁଇ ପଡୋଶୀ ଦେଶ ମୁହାଁମୁହିଁ ହେବେ ବୋଲି ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ତରଫରୁ ସୂଚନା ଦିଆଯାଇଛି। ଏହି ଦୁଇଟି ଲେଗ୍ ଏପ୍ରିଲରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ଜାରି କରାଯାଇଥିବା ଭ୍ରମଣଜନିତ କଟକଣା ଯୋଗୁ ମୁକାବିଲାକୁ ଜୁନ୍‌କୁ ଘୁଞ୍ଚାଯାଇଛି। ଦୁଇ ଦେଶ ମଧ୍ୟରେ ଖେଳାଯିବାକୁ ଥିବା ପ୍ରୋ ଲିଗ୍ ମ୍ୟାଚ୍‌ଗୁଡିକ ପ୍ରଥମେ ଘୁଞ୍ଚାଯାଇଥିଲା ଓ ଏହା ଏବେ ଅଷ୍ଟ୍ରେଲିଆର ପର୍ଥରେ ଜୁନ ୨୬-୨୭ରେ ଆୟୋଜନ ହେବ ବୋଲି ଏଫ୍‌ଆଇଏଚ୍ ତରଫରୁ କୁହାଯାଇଛି। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ କ୍ୱାରାଣ୍ଟାଇନ୍ ଫ୍ରି ଟ୍ରାଭେଲ ରହିଥିବାରୁ ପ୍ରୋ ଲିଗ୍ ମ୍ୟାଚ୍ ଆୟୋଜନ ନେଇ କୌଣସି ସମସ୍ୟା ନାହିଁ। ଦୁଇ ଦେଶ ମଧ୍ୟରେ ଆୟୋଜନ ହେବାକୁ ଥିବା ଏହି ଡବଲ ହେଡର ଏପ୍ରିଲ ୨୪ ଓ ୨୫ରେ ଆୟୋଜନ ହୋଇଥାନ୍ତା। ତେବେ କରୋନା ପାଇଁ ଏହାକୁ ଘୁଞ୍ଚାଇ ଦିଆଯାଇଛି।




# ହିରୋଶିମା ସଡ଼କରୁ ମଶାଲ ରାଲି ବାତିଲ



**ଟୋକିଓ,୧୧।୫(ଏପି)**

ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବ ଆଉ ମାତ୍ର ୧୦ ସପ୍ତାହ ବାକି ରହିଥିବା ବେଳେ ହିରୋଶିମା ପ୍ରାନ୍ତର ସଡକରୁ ମଶାଲ ରାଲିକୁ ବାତିଲ କରାଯାଇଛି। ଜାପାନରେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଇଥିବାରୁ ଏପରି ନିଷ୍ପତ୍ତି ନିଆଯାଇଛି। ବିନା ରାଲିରେ ଆସନ୍ତା ସପ୍ତାହରେ ଉତ୍ସବ ପାଳନ କରାଯିବ ବୋଲି ହିରୋଶିମା ଗଭର୍ନର ହିଡେହିକୋ ୟୁଜାକି କହିଛନ୍ତି। ଗତ କେତେ ସପ୍ତାହ ମଧ୍ୟରେ ମଶାଲ ରାଲି କାର୍ଯ୍ୟସୂଚୀରେ ଷଷ୍ଠଥର ପାଇଁ ପରିବର୍ତ୍ତନ କରାଯାଇଛି। ରାଲି ଆୟୋଜନ ପୂର୍ବରୁ ଆୟୋଜକମାନେ ସତର୍କ କରାଇଥିଲେ। ମହାମାରୀକୁ ଦୃଷ୍ଟିରେ ରଖି ରାଲି ବିଳମ୍ବ ହେବା ଓ ପରିବର୍ତ୍ତନ ହେବା ଆଶଙ୍କା କରାଯାଉଥିଲା।

ସର୍ବସାଧାରଣ ସଡକରେ ରାଲି ଆୟୋଜନ ହେବ ନାହିଁ। ତେବେ ବିନା ରାଲିରେ କିଭଳି ଉତ୍ସବ ଆୟୋଜନ ହେବ ସେ ନେଇ ଆଲୋଚନା କରୁଛୁ ବୋଲି ୟୁଜାକି କହିଛନ୍ତି। ମାର୍ଚ୍ଚ ୨୫ ତାରିଖରେ ଜାପାନର ଉତ୍ତର ପୂର୍ବାଞ୍ଚଳରେ ରାଲି ଆରମ୍ଭ ହୋଇଥିଲା ଓ ଏହା ଜୁଲାଇ ୨୩ ତାରିଖରେ ଉଦ୍‌ଘାଟନୀ ଉତ୍ସବରେ ଶେଷ ହେବାର କାର୍ଯ୍ୟକ୍ରମ ରହିଥିଲା। ମେ' ୩୧ ତାରିଖ ପର୍ଯ୍ୟନ୍ତ ଟୋକିଓ ଓ ଆଖପାଖ ସ୍ଥାନରେ ଜରୁରିକାଳୀନ ସ୍ଥିତି ଘୋଷଣା କରାଯାଇଛି।

ଜାପାନରେ ଏ ପର୍ଯ୍ୟନ୍ତ କୋଭିଡ୍-୧୯ରେ ୧୧,୦୦୦ ମୃତ୍ୟୁବରଣ କଲେଣି। ଟୋକିଓ ଓ ଜାପାନର ଦ୍ୱିତୀୟ ବୃହତ୍ତମ ସହର ଓସାକାରେ ନୂଆ କେସି ଓ ଭାରିଆଣ୍ଟ ବୃଦ୍ଧି ପାଇବାରେ ମଧ ଲାଗିଛି। ଟୋୟଟା ଓ କୋକା- କୋଲା ଏହି ରାଲିର ପ୍ରାୟୋଜକ ରହିଛନ୍ତି। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଅଧ୍ୟକ୍ଷ ଥୋମାସ ବାକ ମଶାଲର ସ୍ୱାଗତ ପାଇଁ ହିରୋଶିମା ଗସ୍ତ କରିବାର କାର୍ଯ୍ୟକ୍ରମ ଥିଲେ ମଧ ଶେଷରେ ତାକୁ ରଦ୍ଦ କରିଥିଲେ। କରୋନା କେସ୍ ବୃଦ୍ଧି ପାଇବାରେ ଲାଗିଛି। ଏପରିସ୍ଥଳେ ଲୋକମାନେ ସଚେତନ ନ ହେଲେ ଓ ନିଜର ଆଚରଣରେ ସକାରାତ୍ମକ ପରିବର୍ତ୍ତନ ନ ଆଣିଲେ ଜରୁରିକାଳୀନ ସ୍ଥିତି ସୃଷ୍ଟି ହେବ ବୋଲି ୟୁଜାକି କହିଛନ୍ତି।

### ଟୋକିଓ ଅଲିମ୍ପିକ୍ସ

# ଇଂଲଣ୍ଡ ଖେଳାଳି ଆଇପିଏଲ୍‌ର ବାକି ମ୍ୟାଚ୍‌ରେ ସାମିଲ ନ ହୋଇପାରନ୍ତି

**ଲଣ୍ଡନ,୧୧।୫(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଅନିର୍ଦ୍ଦିଷ୍ଟ କାଳ ପାଇଁ ସସ୍‌ପେଣ୍ଡ ହୋଇଛି। ତେବେ ଆଇପିଏଲ୍‌ର ବାକି ମ୍ୟାଚ୍‌ଗୁଡିକ ପୁଣିଥରେ ଆୟୋଜନ ହେଲେ ଇଂଲଣ୍ଡ ଖେଳାଳିମାନେ ଏଥିରେ ସାମିଲ ହୋଇପାରିବେ ନାହିଁ ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଡାଇରେକ୍ଟର ଅଫ୍ କ୍ରିକେଟ ଆଶଲେ ଜାଇଲ୍ସ କହିଛନ୍ତି। ବ୍ୟସ୍ତବହୁଳ ଅନ୍ତର୍ଜାତୀୟ କାର୍ଯ୍ୟସୂଚୀ ପାଇଁ ଏପରି ଆଶଙ୍କା ରହିଛି ବୋଲି ସେ କହିଛନ୍ତି।

ବାୟୋବବଲରେ କୋଭିଡ୍-୧୯ର ଏକାଧିକ ସଂକ୍ରମଣ କାରଣରୁ ଆଇପିଏଲ୍‌କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସସ୍‌ପେଣ୍ଡ କରାଯାଇଥିଲା। ଆଇପିଏଲ୍‌ର ପୁନଃ ଆୟୋଜନ ପାଇଁ ଏବେ ଦୁଇଟି ୱିଣ୍ଡୋ ଉପଲବ୍ଧ। ଗୋଟିଏ ହେଲା ସେପ୍ଟେମ୍ବରର ଦ୍ୱିତୀୟାର୍ଦ୍ଧ ଓ ଟି୨୦ ବିଶ୍ୱକପ୍ (ଅକ୍ଟୋବର-ନଭେମ୍ବର) ମଧ୍ୟରେ। ଅନ୍ୟଟି ହେଲା ନଭେମ୍ବର ମାସର ମଝାମଝି ପରେ। କିନ୍ତୁ ଏହି ଦୁଇ ସମୟ ଅବଧିରେ ଇଂଲଣ୍ଡ କ୍ରିକେଟ ଦଳ ଅନ୍ୟ ସିରିଜ ଖେଳିବାରେ ବ୍ୟସ୍ତ ରହିଥିବ। ସେପ୍ଟେମ୍ବର ଓ ଅକ୍ଟୋବରରେ ଇଂଲଣ୍ଡ ବାଂଲାଦେଶ ଓ ପାକିସ୍ତାନ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ପୁଣି ଟି୨୦ ବିଶ୍ୱକପ୍ ପରେ ଅଷ୍ଟ୍ରେଲିଆ ଆଶେସ ଖେଳିବାରେ ବ୍ୟସ୍ତ ରହିଥିବ। ଆମ ପାଖରେ ଫ୍ୟୁଚର ଟୁର୍ ପ୍ରୋଗ୍ରାମ (ଏଫ୍‌ଟିପି)ର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ରହିଛି ବୋଲି ଜାଇଲ୍ସ କହିଛନ୍ତି। ଆଇପିଏଲ୍‌ର ବିଭିନ୍ନ ଫ୍ରାଞ୍ଚାଇଜ୍‌ରେ ୧୧ଜଣ ଇଂଲଣ୍ଡ କ୍ରିକେଟର ସାମିଲ ରହିଛନ୍ତି। ଟି୨୦ ବିଶ୍ୱକପ୍, ଆଶେସ ଓ ଅନ୍ୟ ହାଇପ୍ରୋଫାଇଲ ଇଭେଣ୍ଟ କାରଣରୁ ଇଂଲଣ୍ଡ ଖେଳାଳି ଆଇପିଏଲ୍ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। ତେବେ ଆଇପିଏଲର ବାକିଥିବା ମ୍ୟାଚ୍‌ଗୁଡିକ ସ୍ଥିରୀକୃତ ହେବା ପରେ ଯାହା କିଛି କୁହାଯାଇପାରିବ। ଅବଶ୍ୟ ଏ ନେଇ କୌଣସି ଅନ୍ତିମ ନିଷ୍ପତ୍ତି ନିଆଯାଇନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।



ଧରିତ୍ରୀ DHARITRI
ବୁଧବାର, ୧୨ ମେ, ୨୦୨୧



ବଲିଉଡ ଗାୟିକା ନେହା କକ୍କରଙ୍କ ବିବାହକୁ ମାତ୍ର ୬ ମାସ ହୋଇଛି। ଏବେ ସ୍ୱାମୀ ରୋହନପ୍ରୀତ ସିଂଙ୍କ ସହ ତାଙ୍କର ଝଗଡା ଆରମ୍ଭ ହୋଇଛି। ନେହା ନିଜେ ସୋସିଆଲ ମିଡିଆରେ ଏହାର ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ଦୁହେଁ ପରସ୍ପରକୁ ମାରୁଥିବା ଦେଖାଯାଇଛି। ପ୍ରକୃତ କଥା ହେଉଛି ନେହା କକ୍କର ଏବଂ ରୋହନପ୍ରୀତ ସିଂଙ୍କ ଯୋଡି ପୁଣି ଥରେ ଧମାଲ୍ କରିବାକୁ ଯାଉଛନ୍ତି। ନେହା ଇନଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରି ତାଙ୍କର ଆଗାମୀ ମ୍ୟୁଜିକ ଭିଡିଓ 'ଖାଡ ତେନୁ ମେଁ ଦାସା'ର ଝଲକ ଦେଖାଉଛନ୍ତି। ଏହି ଭିଡିଓରେ ଦୁହେଁ ମାରପିଟ୍ କରୁଥିବା ଦେଖାଯାଉଛି। ପ୍ରଶଂସକ ମାନେ ଭିଡିଓ ଦେଖି ମଜାଳିଆ ମନ୍ତବ୍ୟ ଦେଉଛନ୍ତି।



# ମହାମାରୀରେ ମନେପଡ଼ନ୍ତି

## ଅନ୍ତର୍ଜାତୀୟ ନର୍ସ ଦିବସ

ଇଂ. ଶକ୍ତି ପ୍ରସାଦ ଦାସ



ଆଧୁନିକ ନର୍ସିଂର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟିଙ୍ଗେଲ୍‌ଙ୍କ ଜନ୍ମତିଥି ମେ' ୧୨କୁ ୧୯୭୪ରୁ ପ୍ରତିବର୍ଷ 'ଅନ୍ତର୍ଜାତୀୟ ନର୍ସ ଦିବସ' ଭାବେ ପାଳନ କରାଯାଇ ଆସୁଛି। ଏହି ଅବସରରେ କରୋନା ମହାମାରୀ ପରିପ୍ରେକ୍ଷୀରେ ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସମାନଙ୍କର ଅବଦାନ ଏବଂ ସେମାନଙ୍କ ପ୍ରତି ସମାଜ ତଥା ଦେଶର ଦୃଷ୍ଟିକୋଣ କଥା ମନକୁ ଆସୁଛି । କରୋନା ମହାମାରୀକୁ ମୁକାବିଲା କରିବାରେ ନର୍ସମାନେ ସବୁବେଳେ ଆଗ ଧାଡ଼ିରେ ରହିଛନ୍ତି। ଗବେଷକମାନେ ପ୍ରୟୋଗଶାଳାରେ ଏବଂ ନିଦାନ ଅନୁଶୀଳନରେ ଭୂତାଣୁ ସହିତ ଯୁଦ୍ଧ କରୁଥିବାବେଳେ, ନର୍ସମାନେ ଏହି ଭୂତାଣୁ ବହନ କରୁଥିବା ଅସଂଖ୍ୟ ରୋଗୀଙ୍କ ସେବାରେ ରହିଛନ୍ତି। ଆମ ଦେଶର ସ୍ୱାସ୍ଥ୍ୟସେବାକୁ ଉଭୟ ପରିମାଣ ଓ ଉତ୍କର୍ଷତା ଦୃଷ୍ଟିରୁ ଶୀର୍ଷରେ ପହଞ୍ଚାଇବାକୁ ହେଲେ ନର୍ସିଂ କର୍ମଚାରୀଙ୍କର ବୃତ୍ତିଗତ ଅବସ୍ଥା ବିଷୟରେ ଗମ୍ଭୀରତାର ସହ ବିଚାର କରିବା ଆବଶ୍ୟକ। ନର୍ସଙ୍କ ସଂଖ୍ୟା ଦୃଷ୍ଟିରୁ ୧୩୩ଟି ବିକାଶଶୀଳ ଦେଶ ମଧ୍ୟରେ ଭାରତ ୭୫ ତମ ସ୍ଥାନରେ ରହିଛି। ଏବେ ସୁଦ୍ଧା ଭାରତରେ ତାଲିମପ୍ରାପ୍ତ ନର୍ସମାନଙ୍କର ଘୋର ଅଭାବ ରହିଛି। ୨୦୨୦ରେ କରୋନା ମହାମାରୀ ଆସିବା ପୂର୍ବରୁ ଦେଶରେ ୨ନିୟୁତ ନର୍ସ ଅଭାବ ଥିବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତଥ୍ୟ(୨୦୧୯) କୁହେ। ଭାରତରେ ପ୍ରତି ୧୦୦୦ ଜନସଂଖ୍ୟାରେ ୨.୧, ଇଟାଲି ଏହା ୫.୮ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ୮.୫ ଜଣ ନର୍ସ ଉପଲବ୍ଧ। ଆଧୁନିକ ଔଷଧୀୟ ଉପଚାର ପାଇଁ ଯୁଗୋପଯୋଗୀ ନର୍ସିଂ କୌଶଳର କାର୍ଯ୍ୟାଭ୍ୟାସ, ସ୍ୱୀକୃତ ମଡେଲ ଓ ନିୟମାବଳୀ ଇତ୍ୟାଦି ଉପରେ ଧ୍ୟାନ ଦେବାକୁ ହେବ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସମାଜରେ ଏହି ପେସାକୁ ମର୍ଯ୍ୟାଦା ଦେବା ସହିତ ସ୍ୱାସ୍ଥ୍ୟସେବାରେ ଶ୍ରେଣୀବଦ୍ଧ ପଦବୀ ଢାଞ୍ଚାରେ ନର୍ସିଂ ବୃତ୍ତିକୁ ନ୍ୟାୟୋଚିତ ସମ୍ମାନ ଦେବା ପାଇଁ ବ୍ୟବସ୍ଥାକୁ ସଜାଡ଼ିବାକୁ ପଡ଼ିବ।

ଭାରତରେ ଚିକିତ୍ସା ବିଜ୍ଞାନ ବହୁ ଆଗକୁ ଯାଇଥିବାବେଳେ ନର୍ସିଂ ଶିକ୍ଷା ସେହି ଅନୁଯାୟୀ ଅଗ୍ରଗତି କରିନାହିଁ। ଭାରତରେ ନର୍ସିଂ ଶିକ୍ଷା ୧୯୪୭ର ଭାରତୀୟ ନର୍ସିଂ ଆକ୍ଟ ଦ୍ୱାରା ପରିଚାଳିତ ; ଯାହା ୧୯୪୮ରେ ସଂଶୋଧିତ ହୋଇଥିଲା। ବର୍ତ୍ତମାନର ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ଦେଖି ନର୍ସିଂ ପାଠ୍ୟକ୍ରମକୁ ସଂଶୋଧନ କରିବା ଆବଶ୍ୟକ। ଆମ ଦେଶରେ ନର୍ସମାନେ ଉଭୟ କାର୍ଯ୍ୟକ୍ଷେତ୍ରରେ ଓ ନୀତି ପ୍ରଣୟନ କ୍ଷେତ୍ରରେ ଖୁବ୍ କମ୍ ନେତୃତ୍ୱ ନେଉଛନ୍ତି। କେତେକେ ନର୍ସ ପ୍ରଶାସନିକ ସ୍ତରରେ ନେତୃତ୍ୱ ନେଇପାରିବେ ; ଆଉ କେତେକେ ନୀତି ପ୍ରଣୟନ ଓ ଅନ୍ୟାନ୍ୟ ସ୍ଥାନରେ ପ୍ରତିନିଧିତ୍ୱ କରିପାରିବେ। ନର୍ସିଂରେ ଗବେଷଣା ଓ ବିକାଶ କାର୍ଯ୍ୟାଭ୍ୟାସର ସୁଯୋଗ ମଧ୍ୟ ରହିବା ଜରୁରୀ। ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି(ଏଫ୍‌ଆଇସିସିଆଇ) ଏହି କ୍ଷେତ୍ରକୁ ସଶକ୍ତ କରିବା ପାଇଁ କେତେକ ପରାମର୍ଶ ଦେଇଛନ୍ତି। ଏହି ସୁପାରିସଗୁଡ଼ିକ ମୁଖ୍ୟତଃ ନୀତିଗତ ସଂସ୍କାର, ମାନବ ସମ୍ବଳ ବିକାଶ, ନର୍ସିଂ କାର୍ଯ୍ୟାଭ୍ୟାସ ଓ ଶିକ୍ଷାକୁ ମଜଭୁତ କରିବା ଉପରେ ଆଧାରିତ। ସେଥିମଧ୍ୟରୁ କେତେକ ହେଉଛି ଡାକ୍ତରୀ ଶିକ୍ଷା ସହିତ ନର୍ସିଂ ଶିକ୍ଷାକୁ ମୁଖ୍ୟ ସ୍ରୋତକୁ ଆଣିବା, ସାଧାରଣ ପ୍ରବେଶିକା ପରୀକ୍ଷା, ଭାରତୀୟ ନର୍ସିଂ ଆକ୍ଟର ସମୀକ୍ଷା ଓ ଆବଶ୍ୟକ ସଂଶୋଧନ, ଏକ ନର୍ସିଂ କାର୍ଯ୍ୟାଭ୍ୟାସ ଅଧିନିୟମ ଆଣିବା, ଆୟଗତ ପାର୍ଥକ୍ୟ ହ୍ରାସ କରିବା, ଡାକ୍ତରଖାନାରେ ନର୍ସ-ରୋଗୀ ଅନୁପାତରେ ଉନ୍ନତି ଆଣିବା, ନେତୃତ୍ୱ ନେବାପାଇଁ ନର୍ସମାନଙ୍କୁ ଶିକ୍ଷା ଦେବା, ନର୍ସିଂ କ୍ଷେତ୍ରରେ ବ୍ୟବସ୍ଥିତ ଗବେଷଣା ପାଇଁ ବିନିଯୋଗ ଓ ପ୍ରୋତ୍ସାହନ ଇତ୍ୟାଦି। ଏଥିପାଇଁ ନର୍ସମାନଙ୍କୁ ଅଧିକ କାର୍ଯ୍ୟଦକ୍ଷ କରିବାକୁ ପଡ଼ିବ। ନର୍ସିଂ ଛାତ୍ରୀଛାତ୍ରଙ୍କ ନିକଟରେ ଆଧୁନିକ କାର୍ଯ୍ୟ-କୌଶଳ ପ୍ରଣାଳୀ ଉପଲବ୍ଧ କରିବାକୁ ହେବ। ନର୍ସିଂ ଆସୋସିଏଶନ୍ ଏବଂ ଅନ୍ୟାନ୍ୟ ବୃତ୍ତିଗତ ସଂସ୍ଥାଗୁଡ଼ିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ନିବିଡ଼ ସହଯୋଗିତାର ସହ କାର୍ଯ୍ୟ କରିବା ଆବଶ୍ୟକ। ସ୍ୱାସ୍ଥ୍ୟସେବା ସଂସ୍ଥାଗୁଡ଼ିକ ଉପଲବ୍ଧ ମାନବ ସମ୍ବଳର କାର୍ଯ୍ୟାଭ୍ୟାସକୁ ସମୟ ସହିତ ସଂସ୍କାରିତ କରିବାର ଅଛି।

**ଶ୍ରୀଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର, ମୋ: ୯୪୩୭୧୬୪୬୧୧**

**ବିବାହ ଶୁଭେଚ୍ଛା**



**ସୁଶାନ୍ତ ସହିତ ଝରଣା**

ଗ୍ରାମ: ତୋଟାପଡା, ବେଗୁନିଆ, ଜି: ବାଲେଶ୍ୱର

ଆଜି ତା୧୨।୦୫।୨୦୨୧ରିଖ ବୁଧବାର ତୁମ ଦୁହିଁଙ୍କ ଶୁଭ ବିବାହ ଉପଲକ୍ଷେ ଆମ୍ଭର ଅନେକ ଶୁଭେଚ୍ଛା। ଜଗତରନାଥ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପାଦପଦ୍ମରେ ନିବେଦନ କରୁଅଛୁ ତୁମର ଦାମ୍ପତ୍ୟ ଜୀବନ ଦୀର୍ଘସ୍ଥାୟୀ ଏବଂ ଚଲାପଥ ସୁଖମୟ ହେଉ।

-:ଶୁଭେଚ୍ଛା ସହ:- ପୁତ୍ରର ପିତା-ମାତା, ଭଉଣୀ: ସସ୍ମିତା, ରଶ୍ମିତା, ଭିଣୋଇ: ଦେବେନ୍ଦ୍ର ଓ ରାଜେଶ୍, କନ୍ୟାର ମାତା, ବଡ଼ଭାଇ: ଦିଲ୍ଲୀପ ତଥା ସମସ୍ତ ବନ୍ଧୁବାନ୍ଧବ ।

ଧ-୨୦୬୯୮

**ଜନ୍ମଦିନ ଶୁଭେଚ୍ଛା**



(ଛୋଟୁ)

**ଶ୍ରୀମାନ୍ ଅଂଶୁମାନ୍ ମହାନ୍ତି**

ଆଜି ତୋର ପବିତ୍ର ୮ମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା, ସେ ତୋତେ ଦୀର୍ଘାୟୁ କରିବା ସହିତ ତୋ ଚଲାପଥ କୁସୁମିତ କରନ୍ତୁ ।

-:ଶୁଭେଚ୍ଛା ସହ:-

ବାବା, ମାମା, ଜେଜେବାପା, ଜେଜେମା, ଅଜା, ଆଈ, ବଡ଼ବାପା, ବଡ଼ମା, ସାନ ବଡ଼ବାପା, ଅପା, ପିଉସା, ଭାଇ, ଭଉଣୀ, ମାମୁ, ମାଈଁ ଓ ପରିବାରବର୍ଗ ।

ଧ-୨୦୬୯୫

## ଯୁବପିଢ଼ିଙ୍କ ପ୍ରେରଣା ରାଜବିନ୍ଦର



**ଅମୃତସର:** ବିଦେଶରେ ଚାକିରି ଆଉ ମୋଟା ଅଙ୍କର ଦରମା। ଏହି ଇଚ୍ଛା କାହାର ବା ନ ଥାଏ ! କିନ୍ତୁ କିଛି ଲୋକ ଏପରି ଥାଆନ୍ତି ଯେଉଁମାନେ ଚାକିରି କରି ଅନ୍ୟର ଅଧୀନ ହେବାକୁ ଚାହାନ୍ତି ନାହିଁ। ସେଥିପାଇଁ ତ ଆମେରିକାରେ ଚାକିରି ଛାଡି ଏବେ ଚାଷ କରୁଛନ୍ତି ରାଜବିନ୍ଦର, ଆଉ ସ୍ୱାଭିମାନର ସହିତ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ପଞ୍ଜାବ ଲୁଧିଆନାର ମେଗା ସହରରେ ରାଜବିନ୍ଦର ସିଂହ ଧାଲିୱାଲ ଆମେରିକାର ଏକ କମ୍ପାନୀରେ ଚାକିରି କରିଥିଲେ। କିନ୍ତୁ ସେ ନିଜେ କିଛି କରିବା ଇଚ୍ଛା କରି ଗାଁକୁ ଆସି ତାଙ୍କର ୨୨ ଏକର ଜମିରେ ଅର୍ଗାନିକ ଚାଷ ଆରମ୍ଭ କରିଥିଲେ। ଏଥିରେ ସେ ବେଶ୍ ସଫଳ ହୋଇପାରିଛନ୍ତି। ତାଙ୍କର ସମସ୍ତ ଉତ୍ପାଦନକୁ ସେ ନିଜେ ହିଁ ମାର୍କେଟିଂ କରିଥାନ୍ତି। କାହିଁକିନା ଅର୍ଗାନିକ ଫସଲର ମୂଲ୍ୟ ସମସ୍ତେ ଦେଇପାରନ୍ତି ନାହିଁ ଏମିତିକି ମଣ୍ଡିରେ ମଧ୍ୟ ଅର୍ଗାନିକ ଜିନିଷର ମୂଲ୍ୟ ଅଧିକ ହୋଇ ନ ଥାଏ। ଏବେ ସେ ଲେମ୍ବୁ, ଆଳୁ, ଅଙ୍ଗୁର ଏବଂ ପ୍ରାୟ ସମସ୍ତ ପ୍ରକାରର ପନିପରିବା ଚାଷ କରୁନ୍ତି। ଧାନ ଚାଷ ଫଳରେ ଜଳସ୍ତର ବହୁତ କମ୍ ହୋଇଯିବ ଭାବି ସେ ଏହି ଚାଷ କରୁନାହାନ୍ତି। କିନ୍ତୁ ଅନ୍ୟ ସମସ୍ତ ଫସଲ ଅର୍ଗାନିକ ହୋଇଥିବାରୁ ବର୍ତ୍ତମାନ ସମୟରେ ପ୍ରାୟ ସବୁ ବର୍ଗର ଲୋକେ ଖୁବ୍ ପସନ୍ଦ କରୁଛନ୍ତି ଏବଂ ଉଚିତ୍ ଦାମ୍ ଦେଇ କିଣି ନେଉଛନ୍ତି। ରାଜବିନ୍ଦର ଏବେ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରି ସ୍ଥାନୀୟ ଅଞ୍ଚଳରେ ଯୁବପିଢିଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

## ସୋନୁ ହୁଅନ୍ତୁ ପ୍ରଧାନମନ୍ତ୍ରୀ



ରାକ୍ଷୀ ସାୱନ୍ତ

**ମୁମ୍ବାଇ:** ବିଗ୍‌ବସ୍ ୧୪ର ପ୍ରତିଯୋଗୀ ତଥା ବଲିଉଡର ଡ୍ରାମା କୁଇନ୍ ଭାବେ ପରିଚିତ ରାକ୍ଷୀ ସାୱନ୍ତ ପ୍ରାୟତଃ ନିଜ ମନ୍ତବ୍ୟ ପାଇଁ ଚର୍ଚ୍ଚାରେ ଥାନ୍ତି। ସୋସିଆଲ ମିଡିଆରେ ରାକ୍ଷୀଙ୍କ ଭିଡିଓ ଭାଇରାଲ ହୋଇଥାଏ। ନିକଟରେ ସେ ଏପରି ମନ୍ତବ୍ୟ ଦେଇ ଚର୍ଚ୍ଚାକୁ ଆସିଛନ୍ତି। କରୋନା ସମୟରେ ଲୋକଙ୍କୁ ସାହାଯ୍ୟ କରୁଥିବା ଅଭିନେତା ସୋନୁ ସୁଦ ଏବଂ ସଲମାନ ଖାନଙ୍କୁ ଦେଶର ପ୍ରଧାନମନ୍ତ୍ରୀ କରିବାକୁ ସେ ଦାବି କରିଛନ୍ତି। ରାକ୍ଷୀଙ୍କ ଏହି ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ସେ କହିଛନ୍ତି ଯେ, ସୋନୁ ସୁଦ କିମ୍ବା ସଲମାନ ଖାନଙ୍କୁ ଦେଶର ପ୍ରଧାନମନ୍ତ୍ରୀ କରାଯିବା ଉଚିତ। କାରଣ ସେମାନେ ପ୍ରକୃତ ହିରୋ ଅଟନ୍ତି। କରୋନା ଭଳି କଠିନ ପରିସ୍ଥିତିରେ ଗତବର୍ଷ ପ୍ରବାସୀମାନଙ୍କ ପାଇଁ ଭଗବାନ ସାଜିଥିବା ସୋନୁ ସୁଦ ଏବେ ଘାତକ ଦ୍ୱିତୀୟ ଲହରରେ ଲୋକଙ୍କୁ ସବୁ ପ୍ରକାର ସହାୟତା ଯୋଗାଇବାରେ ବ୍ୟସ୍ତ ରହିଛନ୍ତି। ଏଥି ସହିତ ସଲମାନ ଖାନ ୨୫ ହଜାର ବଲିଉଡ କର୍ମଚାରୀଙ୍କୁ ସାହାଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସଲମାନ୍ ଖାନ ଚଳଚ୍ଚିତ୍ର ଶିଳ୍ପ କଳାକାର, ଟେକ୍ନିସିଆନ, ଷ୍ଟଣ୍ଟମ୍ୟାନ ଏବଂ ସ୍ପଟ ବଏ ସମେତ ୨୫ ହଜାର କର୍ମଚାରୀଙ୍କ ଆକାଉଣ୍ଟରେ ୧୫୦୦ ଟଙ୍କା ଜମା କରିବେ ବୋଲି ରାକ୍ଷୀ କହିଛନ୍ତି।

## କେମିତି ରହିବ ଆଜିର ପାଗ

ରାଜ୍ୟ- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଦିନର ସର୍ବାଧିକ ତାପମାତ୍ରା ୪ରୁ ୫ ଡିଗ୍ରୀ ବୃଦ୍ଧି ପାଇପାରେ।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବା ସହ କିଛି ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ବୁଧବାର ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୭ | ୨୬.୧ |
| ଚାନ୍ଦବାଲି | ୩୫.୪ | ୨୪.୪ |
| କଟକ | ୩୪.୨ | ୨୪.୮ |
| ପାରାଦୀପ | ୩୨.୮ | ୨୯.୦ |
| ଭୁବନେଶ୍ୱର | ୩୬.୧ | ୨୭.୪ |
| ଗୋପାଳପୁର | ୩୩.୦ | ୨୭.୮ |
| ପୁରୀ | ୩୪.୮ | ୨୯.୦ |
| ଅନୁଗୋଳ | ୩୩.୭ | ୨୬.୬ |
| ବାରିପଦା | ୩୪.୨ | ୨୫.୫ |
| ଝାରସୁଗୁଡ଼ା | ୩୦.୪ | ୨୨.୨ |
| କେନ୍ଦୁଝର | ୩୦.୮ | ୨୨.୮ |
| ସମ୍ବଲପୁର | ୨୮.୮ | ୨୪.୦ |
| ସୁନ୍ଦରଗଡ଼ | ୩୯.୦ | ୨୦.୫ |
| ହୀରାକୁଦ | ୨୮.୩ | ୧୯.୯ |
| ତାଳଚେର | ୩୫.୩ | ୨୫.୫ |
| ଭବାନୀପାଟଣା | ୩୫.୫ | ୨୭.୫ |
| ବଲାଙ୍ଗୀର | ୩୮.୩ | – |
| କୋରାପୁଟ | ୩୨.୦ | ୨୧.୦ |
| ଫୁଲବାଣୀ | ୩୧.୦ | ୨୧.୦ |
| ଟିଟିଲାଗଡ଼ | ୩୩.୫ | ୨୮.୩ |
| ମାଲକାନଗିରି | ୩୭.୦ | ୨୪.୫ |
| ସୋନପୁର | ୩୩.୬ | ୨୬.୨ |
| ଦାରିଙ୍ଗିବାଡ଼ି | – | ୨୧.୫ |
| ନୟାଗଡ଼ | ୩୪.୫ | ୨୪.୦ |
| ବୌଦ୍ଧ | ୩୨.୫ | ୨୬.୦ |
| ଛତ୍ରପୁର | ୩୪.୩ | ୨୭.୫ |
| ପାରଳାଖେମୁଣ୍ଡି | ୩୮.୦ | ୨୫.୫ |
| ରାୟଗଡ଼ା | – | – |

ଡିଗ୍ରୀ ସେଲ୍‌ସିୟସ୍

## ହ୍ୟାଣ୍ଡ ବ୍ୟାଗ୍‌ର ଦାମ୍ ୨୮ ଲକ୍ଷ



**ନୂଆଦିଲ୍ଲୀ:** ହ୍ୟାଣ୍ଡବ୍ୟାଗର ଦାମ୍ ୨୮ ଲକ୍ଷରୁ ଅଧିକ। ଏକଥା ଶୁଣି ଯେକେହି ବି ଆଶ୍ଚର୍ଯ୍ୟ ହୋଇଯିବ। କିନ୍ତୁ ଏମିତି ଏକ ବ୍ୟାଗ ଏବେ ଇଣ୍ଟରନେଟରେ ଭାଇରାଲ ହେବାରେ ଲାଗିଛି। ଇଣ୍ଟରନେଟରେ ଭାଇରାଲ ହେଉଥିବା ଏହି ଦାମୀ ବ୍ୟାଗଟି ହେଉଛି ଫ୍ରେଞ୍ଚ ଲଗଜୁରୀ ବ୍ରାଣ୍ଡ ଲୁଇସ୍ ଭୁଇଟନର। ଏରୋପ୍ଲେନ୍ ଆକୃତିର ଏହି ବ୍ୟାଗଟି ଇଣ୍ଟରନେଟରେ ୨୮,୬୭,୦୪୬ ଟଙ୍କାରେ ବିକ୍ରି ହେଉଛି। ଏହି ନୂଆ ବ୍ରାଣ୍ଡର ବ୍ୟାଗଟି ଏହିବର୍ଷ ୨୦୨୧ର ନୂଆ କଲେକ୍ସନଭାବେ ବଜାରକୁ ଆସିଛି। ହ୍ୟାଣ୍ଡବ୍ୟାଗର ମୂଲ୍ୟ ସତେଯେମିତି ଏକ ପ୍ରକୃତ ଏରୋପ୍ଲେନ ବୋଲି ଅନେକ ସୋସିଆଲ ମିଡିଆରେ କେତେଜଣ ମତ ଦେଇଛନ୍ତି। ଏତେ ଅଧିକ ଦାମରେ କେବି ବି ହ୍ୟାଣ୍ଡବ୍ୟାଗ କିଣିବେ ନାହିଁ ବୋଲି ଲୋକେ କମେଣ୍ଟ କରୁଛନ୍ତି। ତେଣୁ ବ୍ୟାଗକୁ ନେଇ ବିଭିନ୍ନ ଖବର ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279, 7656825022
Retamunda, Bhatigaon, Baragarh

ରାଜ୍ୟ ଖବର

## ଶ୍ମଶାନରୁ ଫେରି ପୁଣି ଚିକିତ୍ସିତ ହେଲେ ଯୁବକ

ସମ୍ବଲପୁର,୧୧।୫ (ବ୍ୟୁରୋ)





ସମ୍ବଲପୁରର ବୁର୍ଲାସ୍ଥିତ ଭିମ୍‌ସାରରେ ଚିକିତ୍ସା ଅବହେଳାକୁ ନେଇ ଅନେକ ସମୟରେ ଅଭିଯୋଗ ହୋଇଆସୁଛି। ଅକ୍ସିଜେନ୍ ଷ୍ଟକ୍ ଥାଇ ମଧ୍ୟ ରୋଗୀଙ୍କୁ ଦିଆଯାଉ ନାହିଁ। ଏହି କାରଣରୁ ୨ ଦିନରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ଏହି ଘଟଣାକୁ ଭିମ୍‌ସାର କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି। ଅଧୀକ୍ଷକ ପ୍ରଫେସର ଡା. ଲାଲମୋହନ ନାୟକ କହିଛନ୍ତି, ବର୍ତ୍ତମାନ ମେଡିକାଲରେ ୧୦୬୦ ବଡ ଓ ୧୩୦୦ ଛୋଟ ଅକ୍ସିଜେନ ସିଲିଣ୍ଡର ମହଜୁଦ ରହିଛି। ସେହିପରି ମଙ୍ଗଳବାର ଭିମ୍‌ସାରରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକଙ୍କୁ ମୃତ ଘୋଷଣା ପରେ ଶ୍ମଶାନକୁ ନିଆଯାଇଥିଲା। ହେଲେ ସେଠାରେ ପରିବାର ବର୍ଗ ଜୀବିତ ଜାଣିବା ପରେ ପୁଣି ଭିମ୍‌ସାରକୁ ଚିକିତ୍ସା ପାଇଁ ଆଣିଥିଲେ। ଏ ସମ୍ପର୍କରେ ଅଧୀକ୍ଷକ ନାୟକ କହିଛନ୍ତି ଯେ, ଏଭଳି ଘଟଣା ଭିମ୍‌ସାରରେ ହୋଇନାହିଁ। ଜଣଙ୍କ ମୃତ୍ୟୁ ହେଲା ପରେ ପ୍ରାୟ ଅଧଘଣ୍ଟା କାଗଜପତ୍ର ପ୍ରକ୍ରିୟା କରାଯାଇଥାଏ। ଜୀବିତଙ୍କୁ ମୃତ ଘୋଷଣା କରାଯାଇ ନ ଥାଏ। ଭିମ୍‌ସାରକୁ ବଦ୍‌ନାମ କରିବା ପାଇଁ ଏହା ଏକ ଚକ୍ରାନ୍ତ।

### ଭିମ୍‌ସାରରେ ଅକ୍ସିଜେନ ଅଭାବରୁ ରୋଗୀ ମୃତ୍ୟୁ

ମିଳିଥିବା ଖବର ଅନୁସାରେ ବରଗଡ ଜିଲାର ଜଣେ ୪୦ ବର୍ଷିୟ ଯୁବକ ସଂକ୍ରମିତ ହୋଇ ଭିମ୍‌ସାର କୋଭିଡ୍ ମେଡିକାଲରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ସକାଳୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଶାସନ ପକ୍ଷରୁ ବୁର୍ଲାର ଶ୍ମଶାନରେ ମୃତଦେହ ସତ୍କାର ପାଇଁ ନିଆଯାଇଥିଲା। ସେଠାରେ ପରିବାର ବର୍ଗ ମଧ୍ୟ ଉପସ୍ଥିତ ଥିଲେ। ଯୁବକଙ୍କୁ ଚୁଲିରେ ରଖାଯାଇଥିଲା। ପୂଜାବିଧି ପରେ ଅଗ୍ନି ସଂଯୋଗ କରିବା ସମୟରେ ପରିବାରର ଜଣେ ସଦସ୍ୟ ଯୁବକ ଜୀବିତ ଥିବା ସନ୍ଦେହ କରିଥିଲେ। ପରେ ପାଖକୁ ଯିବାରୁ ଯୁବକ ଜୀବିତ ଥିବା ଜାଣିପାରିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଭିମ୍‌ସାରକୁ ଆଣି ଚିକିତ୍ସା କରାଯାଇଥିଲା। ପରିବାର ବର୍ଗ ଏ ନେଇ କୌଣସି ଥାନାରେ ଅଭିଯୋଗ କରିନାହାନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ନିର୍ଲଜ୍ଜ ଗୀତ ଗାଏ**
**ଅତି ପୋଡ଼ାମୁହାଁ ନାଚି ଯାଏ।**

ଲୋକମାନଙ୍କର ବିଶ୍ୱାସ, ବେସରମ ଲୋକହିଁ ନାଚ ତାମସାରେ ମାତିଥାଏ। ପରୋକ୍ଷରେ ଯେଉଁମାନଙ୍କ ମୁହଁରେ ଲାଜ ସରମ ବୋଲି କିଛି ନ ଥାଏ ସେମାନଙ୍କୁ କହି କିଛି ଲାଭ ମିଳି ନ ଥାଏ। ଅଳାଜୁକ ଭାବେ ସେମାନେ ଯାହା ନାହିଁ ତାହା କରିବସୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅତି ସେରନ୍ତାରେ ସେରନ୍ତା**
**ଝିଅ କାନ୍ଦେନା**
**ଚାଉଳ ପଛକେ ଖାଇବା**
**ଭାତ ରାନ୍ଧେନା।**

କିଛି ବ୍ୟକ୍ତି ଅପେକ୍ଷାକୃତ ସ୍ତ୍ରୀ କୁ ଅଧିକ ମୁଣ୍ଡରେ ବସେଇଥାନ୍ତି। ସ୍ତ୍ରୀ କିଛି କାମଦାମ କଲେ ଦେହକୁ କଷ୍ଟ ହେବ ଜାଣି ମନ ଊଣା କରିଥାନ୍ତି। ଭାତ ରାନ୍ଧିବା ସମୟ ସାପେକ୍ଷ, ଚାଉଳ ପାଛୁଡ଼ି ଧୋଇ ହାଣ୍ଡିରେ ବସେଇବା କଷ୍ଟକର। ଫଳସ୍ୱରୂପ ଯାହିତାହି ଖାଇ ଚଳେଇନେବାନେଇ ପରାମର୍ଶ ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱ କୁସୁମ ସ୍ୱାଇଁ
ସ୍ୱାମୀ: ସ୍ୱ ଧୀରେନ୍ ସ୍ୱାଇଁ
ଗ୍ରାମ: ପାଟପୁର, କୁଜଙ୍ଗ, ଜଗତ୍‌ସିଂହପୁର
ଆବିର୍ଭାବ: ତା୦୩।୦୫।୧୯୫୪
ତିରୋଧାନ: ତା୧୨।୦୫।୨୦୨୦

ଦେଖୁ ଦେଖୁ ଏକବର୍ଷ ବିତିଗଲା। ଏତେଶୀଘ୍ର ତୁମେ ଚାଲିଗଲ ବିଶ୍ୱାସ ହେଉନାହିଁ। ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ଚିର ପାଥେୟ ହେଉ। ତୁମେ ଯେଉଁଠି ଥାଅ ଶାନ୍ତି ଓ ଆନନ୍ଦରେ ଥାଅ। ତୁମ ଆତ୍ମା ଶାନ୍ତିରେ ରହୁ, ଏତିକି ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ।

-:ଶ୍ରଦ୍ଧାଞ୍ଜଳି ସହ:-
ପୁତ୍ର: ରମେଶ, ପୁତ୍ରବଧୂ: ଚିନ୍ମୟୀ, ନାତୁଣୀ: ରିତା, କନ୍ୟା: ଅନ୍ନପୂର୍ଣ୍ଣା, ଜ୍ୱାଇଁ: ଯଶୋବନ୍ତ, ନାତି: ଅଂଶୁମାନ

ଧ-୨୦୬୯୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଦାମୋଦର ରାଉତ
ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ
ଲାଲସିଂ, ଭଞ୍ଜନଗର, ଗଞ୍ଜାମ
ଆବିର୍ଭାବ: ୧୦।୦୬।୧୯୫୧
ତିରୋଧାନ: ୦୨।୦୫।୨୦୨୧

ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛୁ। ତୁମର ଅନାବିଳ ସ୍ନେହ, ପରୋପକାରିତା ତଥା ସଂସ୍କାର ଆମମାନଙ୍କ ପାଇଁ ଚିରକାଳ ଆଦର୍ଶ ହୋଇ ରହିଥାଉ।

-:ଶୋକସନ୍ତପ୍ତ:-
ସ୍ତ୍ରୀ, ପୁତ୍ର, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ପରିବାର ଓ ବନ୍ଧୁବର୍ଗ ।

ଧ-୨୦୬୯୩

# ବାଇଗଣରେ ରୋଗ ପୋକ ଦମନ



**ବା**ଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଚା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମିଲି ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।

# ଫଳ ବଗିଚା ଲାଗି ଜମି ପ୍ରସ୍ତୁତି



**ଆ**ମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିଲାଗି ନିମ୍ନ ପରିମାପର ଗାତ ଖୋଳି କିଛିଦିନ ସକାଶେ ଛାଡ଼ି ଦିଅନ୍ତୁ । ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା: ଆମ୍ବ ଓ ସପେଟା – ୧ ମି. x ୧ ମି. x ୧ ମି., ନଡ଼ିଆ – ୧ ମି. x ୧ ମି. x ୧ ମି. , କଦଳୀ – ୦.୫ ମି. x ୦.୫ ମି. x ୦.୫ ମି. , କମଳା/ଲେମ୍ବୁ – ୦.୫ ମି. x ୦.୫ ମି. x ୦.୫ ମି. , ବରକୋଳି – ୦.୫ ମି. x ୦.୫ ମି. x ୦.୫ ମି. । ଗାତ ଖୋଳି ଉପର ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ । ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବର ଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ । ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ।

# ଅଧିକ ଅମଳକ୍ଷମ ଅମୃତଭଣ୍ଡା ପାଇଁ...



ଡ. ପରେଶ କୁମାର ପଣ୍ଡା



**ଅ**ଧିକ ଅମଳକ୍ଷମ ଅମୃତଭଣ୍ଡା ପାଇଁ ଚାଷ କୌଶଳକୁ ପରିବର୍ତ୍ତନ କରାଯାଇପାରେ। ସେଥିପାଇଁ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେଇପାରନ୍ତି।

-ଅମୃତଭଣ୍ଡା ତଳିଘରା ପାଇଁ ଏକର ପ୍ରତି ୧୦୦ରୁ ୧୨୦ ଗ୍ରାମ୍ ମଞ୍ଜି ଦରକାର ପଡିଥାଏ। ମଞ୍ଜି ବୁଣିବାର ଏକ ମାସ ପୂର୍ବରୁ ତଳି ଘରା ପ୍ରସ୍ତୁତ କରିଦିଅନ୍ତୁ। ତା'ସହ ଘାସକୁ ଉତ୍ତମ ଭାବେ ବାଛି ଦିଅନ୍ତୁ। ତଳି ଘରା ପଟି ୩ ମି. ଲମ୍ବ x ୧ ମି. ଓସାର x ୧୦ସେ.ମି. ଉଚ୍ଚ ହୋଇଥିବା ଆବଶ୍ୟକ। ମଞ୍ଜିକୁ ୧ ସେ.ମି. ଗଭୀର ଓ ୧୦ସେ.ମି. ବ୍ୟବଧାନରେ ବୁଣନ୍ତୁ। ବୁଣିବା ପରେ ତା' ଉପରେ ପତଳା ଆସ୍ତରଣର ଝୁରା ଖତ ପ୍ରୟୋଗ କରାଯାଏ। ଆହୁରି ମଧ୍ୟ ପ୍ଲାଷ୍ଟିକ ଟ୍ରେ'ରେ ଖାଲମାନଙ୍କରେ ଖତ ଦେଇ ବିହନ ବୁଣା ଯାଇପାରେ।

-ଗଛ ବହଳିଆ ଦେଖି ଅନ୍ୟ ପଟି କିମ୍ବା ପ୍ଲାଷ୍ଟିକ ମୁଣାକୁ ସ୍ଥାନାନ୍ତରଣ କରାଯାଇପାରେ। ପ୍ରାୟ ଦୁଇ ମାସ ବେଳକୁ ୧୫-୨୦ସେ.ମି. ଉଚ୍ଚତା ବିଶିଷ୍ଟ ଗଛ ହୋଇଗଲେ ସେଗୁଡ଼ିକୁ ରୋପଣ ନିମନ୍ତେ ଉପଯୁକ୍ତ ହୋଇଥାଏ। ରୋପଣର ଏକ ସପ୍ତାହ ପୂର୍ବରୁ ତଳି ଘରାରେ ପାଣି ଦେବା ବନ୍ଦ କରାଯାଏ, ଯାହାଦ୍ୱାରା ଗଛ ବଳୁଆ ହୋଇଥାଏ।

-ମୁଖ୍ୟ ଜମିରେ ଜଳ ନିଷ୍କାସନ ଓ ବାହାରର ଅଧିକ ପବନ ଦାଉରୁ ରକ୍ଷା ସାଧନ ବ୍ୟବସ୍ଥା ରହିଥିବା ଦରକାର। ଗଛ ଲଗାଇବା ନିମିତ୍ତ ୬୦ସେମି x ୬୦ସେମି x ୬୦ସେମି ଆୟତନ ବିଶିଷ୍ଟ ଗର୍ତ୍ତ ୧୫ଦିନ ପୂର୍ବରୁ ଖୋଳାଯାଇଥାଏ। ତହିଁରେ ଗାତ ପ୍ରତି ଉପର ସ୍ତରର ମୃତ୍ତିକା ସହ ୨୦ କିଗ୍ରା ଶଢ଼ା ଗୋବର ଖତ + ଏକ କିଗ୍ରା ନିମ୍ବ/କରଞ୍ଜ ପିଡିଆ + ଏକ କିଗ୍ରା ହାଡଗୁଣ୍ଡ/ମାଛ ଗୁଣ୍ଡ ଭରି ଦିଆଯାଏ।

-ଗଛ ରୋପଣ ଫେବୃୟାରୀ-ମାର୍ଚ୍ଚ, ଜୁନ୍-ଜୁଲାଇ ଓ ଅକ୍ଟୋବର-ନଭେମ୍ବର ମାସରେ କରାଯାଏ। ଧାଡିକୁ ଧାଡି ଓ ଗଛକୁ ଗଛ ଦୂରତା ସାଧାରଣତଃ ୧.୮ ମିଟର x ୧.୮ ମିଟର (ଅର୍ଥାତ୍ ୬ ଫୁଟ x ୬ ଫୁଟ)ରଖାଯାଏ।

-ମୁଖ୍ୟ ଜମିରୁ ପ୍ରାଥମିକ ଅବସ୍ଥାରେ ଗଭୀର ଚାଷ କରି ଘାସ ନିୟନ୍ତ୍ରଣ କରାଯାଏ। ଘାସ ନିୟନ୍ତ୍ରଣ ଲାଗି ଅମୃତଭଣ୍ଡା ସହ ମକା, ହରଡ, ଅନ୍ୟ ଡାଲିଜାତୀୟ, ଆଳୁ, ପିଆଜର ଅନ୍ତଃଫସଲ ନିଆଯାଇପାରେ।

-ଉତ୍ତମ ପରାଗସଙ୍ଗମ ଘଟାଇବା ନିମନ୍ତେ ଫଳ ବଗିଚାରେ ୧୦ ପ୍ରତିଶତ ପୁରୁଷ ଗଛ ରଖିବା ଦରକାର। ଉଭୟ ଲିଙ୍ଗୀ ଗଛରୁ ଉତ୍ତମ ଗୁଣବତ୍ତା ବିଶିଷ୍ଟ ଫଳ ମିଳିଥାଏ। ପୁରୁଷ ଗଛ କାଢ଼ିବାର ଥିଲେ ଦୁର୍ବଳିଆ ଓ ରୋଗାକ୍ରାନ୍ତ ପୁରୁଷ ଗଛଗୁଡିକୁ ପ୍ରଥମେ ଅଲଗା କରାଯାଏ।

-ରୋପଣର ୪-୬ ମାସ ବେଳକୁ ଗଛରେ ଫୁଲ ଆସିଥାଏ। ସମାନ ଆକାରର ବଜାର ଚାହିଦାକୁ ଦେଖି ଫଳ ପାଇବା ନିମନ୍ତେ ଫଳକୁ ମଝିରେ ମଝିରେ ତୋଳି ନେଇ ପତଳା ରଖାଯାଏ।

-ବର୍ଷାଜଳ ଜମିରେ ନ ରହିବା ଓ ଗଛ ସଳଖ ରହିବା ନିମନ୍ତେ ଗଛ ମୂଳ ଚାରିପଟେ ୩୦ସେମିର ଗୋଲାକାର ମାଟି ଟେକି ଦିଆଯାଏ।

-ଏହି ଫସଲ ଅଧିକ ଖାଦ୍ୟ ନେଇଥାଏ। ୩ ସେମି x ୧ ମି. ପଟି ପ୍ରତି ତଳି ଘରାରେ ୨୦ କିଗ୍ରା ଝୁରା ଖତ ଦେଇ ମାସକର ଗଛଗୁଡିକୁ ତରଳ ସାର (୧୦ : ୧୦: ୧୦ ଅଥବା ଡିଏପି ୨୨ କିଗ୍ରା + ୟୁରିଆ ୧୩ କିଗ୍ରା + ପଟାସ ସାର ୧୭ କିଗ୍ରା ଅନୁରୂପ) ପ୍ରୟୋଗ କରାଯାଏ। ଉଭୟ ଜୈବିକ ଓ ରାସାୟନିକ ସାର ସହ ଅଣୁସାର ପ୍ରୟୋଗ କଲେ ଭଲ ଅମଳ ମିଳିଥାଏ।

-ଜଳ କ୍ଲିଷ୍ଟତା ଅବସ୍ଥାରେ ବନ୍ଧ୍ୟାତ୍ୱ ବୃଦ୍ଧି ପାଇଥାଏ। କିନ୍ତୁ ଜଳ ବହୁଳତାରେ ଚେର ପଚା ବଢ଼ିଯାଏ। ବଗିଚାରେ ସିଞ୍ଚନ କିମ୍ବା ବୁନ୍ଦା ଜଳସେଚନ ଦିଆଯାଇପାରେ।

-ଛୋଟ ଗଛଗୁଡିକୁ ପ୍ରଚଣ୍ଡ ରୌଦ୍ର ତାପରୁ ରକ୍ଷା କରିବା ଆବଶ୍ୟକ।

-ପାକଶାଳା ବଗିଚା କିମ୍ବା ଛାତ ଉପରେ ଅମୃତଭଣ୍ଡାର ବାମନ କିସମ– ପୁଷାଡ୍ୱାର୍ଫ ଓ ପୁଷା ନନ୍ହାକୁ ନେଇ ଦକ୍ଷିଣ ପଶ୍ଚିମ ପଟରୁ ଏକ ଧାଡିରେ ଗଛକୁ ଗଛ ତିନି ଫୁଟ ଦୂରତାରେ ରଖି ଚାଷ କରାଯାଇପାରିବ। ଗଛ ବଢ଼ିବା ପାଇଁ ୩୦ ସେମି ଉଚ୍ଚର ମୃତ୍ତିକା ଦରକାର। ୩୬ ବର୍ଗ ଫୁଟ ମୃତ୍ତିକା ପାଇଁ ୨୦ କିଗ୍ରା ଶଢ଼ା ଗୋବର ଖତ + ଏକ କିଗ୍ରା ନିମ୍ବ/କରଞ୍ଜ ପିଡିଆ+ ହାଡ ଗୁଣ୍ଡ/ସିଙ୍ଗିଲ ସୁପର ସାର ପ୍ରୟୋଗ କରାଯାଏ। ପରିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ହାରାହାରି ଗଛ ପ୍ରତି ୨୫ କିଗ୍ରା ଫଳ ମିଳିବାକୁ ହିସାବକୁ ନେଇ ଗଛ ସଂଖ୍ୟା ରଖାଯାଇପାରେ।

"ପାକଶାଳା ବଗିଚା କିମ୍ବା ଛାତ ଉପରେ ଅମୃତଭଣ୍ଡାର ବାମନ କିସମ– ପୁଷାଡ୍ୱାର୍ଫ ଓ ପୁଷା ନନ୍ହାକୁ ନେଇ ଦକ୍ଷିଣ ପଶ୍ଚିମ ପଟରୁ ଏକ ଧାଡିରେ ଗଛକୁ ଗଛ ତିନି ଫୁଟ ଦୂରତାରେ ରଖି ଚାଷ କରାଯାଇପାରିବ। ଗଛ ବଢ଼ିବା ପାଇଁ ୩୦ ସେମି ଉଚ୍ଚର ମୃତ୍ତିକା ଦରକାର।"

-ସହକାରୀ କୃଷି ଅଧିକାରୀ,
ଭୁବନେଶ୍ୱର
ମୋ : ୭୨୦୫୦୯୬୦୮୦

# ଗେଣ୍ଡୁଫୁଲରେ ସାର ପ୍ରୟୋଗ

**ଗେ**ଣ୍ଡୁଫୁଲ ଚାଷ କରୁଥିଲେ ଏଥିରେ ସାର ପ୍ରୟୋଗ ପ୍ରତି ନଜର ଦେବା ଦରକାର। ଏକର ପ୍ରତି ଶେଷ ଓଡ଼ ଚାଷ ସମୟରେ ଅନୁମୋଦିତ ୪୦ କେଜି ଯବକ୍ଷାରଜାନର ଅଧା, ୮୦ କେଜି ଫସ୍‌ଫରସ୍ ଓ ୮୦ କେଜି ପଟାସ୍ ସାର



ବ୍ୟବହାର କରନ୍ତୁ। ଗେଣ୍ଡୁ ଗଛରେ ହେଲିଓଥିସ୍ ଏବଂ ଆମେରିକୀୟ ପତ୍ର, ସୁଡଙ୍ଗକାରୀ ପୋକ ତଥା ଅଷ୍ଟପଦୀ ଲାଗିବାର ଆଶଙ୍କା ଅଛି। ଏଥିପାଇଁ ଏକର ପ୍ରତି ୪୦୦ ମିଲି ଏଣ୍ଡୋସଲ୍‌ଫାନ୍ ଏବଂ ଅଷ୍ଟପଦୀ ଦମନ ପାଇଁ ଏକର ପ୍ରତି ୬୦୦ ମିଲି ଡିକୋଫଲ୍ ସ୍ପ୍ରେ କରନ୍ତୁ। ଗେଣ୍ଡୁ ଫୁଲର ଉନ୍ନତ କିସମ ବିହନ ମଧ୍ୟରେ ରହିଛି –ଆଫ୍ରିକାନ୍ ଜାଏଣ୍ଟ୍ ଡବଲ ୟେଲୋ, ଡବଲ ଅରେଞ୍ଜ, ଫ୍ରେଞ୍ଚ୍ କିସମ ସେରାକୋଲା, ଏନ୍‌କା ୟେଲୋ ଓ ଏନ୍‌କା ଗୋଲ୍‌ଡ। ଏକର ପ୍ରତି ୬୦୦ ଗ୍ରାମ୍ ବିହନ ବ୍ୟବହାର କରନ୍ତୁ କିମ୍ବା ଗଛଖଣ୍ଡରୁ ଚାରା ପ୍ରସ୍ତୁତ କରି ଧାଡିକୁ ଧାଡି ୩୦ରୁ ୪୦ ସେମି ଓ ଗଛକୁ ଗଛ ୩୦ ସେମି ବ୍ୟବଧାନରେ ରଖନ୍ତୁ।

# ରଜନୀଗନ୍ଧା ସମ୍ପର୍କରେ...



**ର**ଜନୀଗନ୍ଧା ଲଗାଇବା ପୂର୍ବରୁ ଏକର ପ୍ରତି ୮୦କି.ଗ୍ରା ଯବକ୍ଷାରଜାନ, ୮୦କିଗ୍ରା ଫସଫରସ ଓ ୮୦କି.ଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡିକୁ ୨.୫ସେ.ମି ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କେ.ଜି ନିମ୍ବପିଡିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡିକୁ ଲଗାଇବା ପୂର୍ବରୁ ଚେରଗୁଡିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି ଓ କନ୍ଦାକୁ କନ୍ଦା ୩୦ସେ.ମି ବ୍ୟବଧାନରେ ଲଗାନ୍ତୁ। କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର, କୋଏମ୍ବାଟୋର ସିଙ୍ଗଲ ଓ ସୁହାସିନି (ଡବଲ)ଆଦି ରଜନୀଗନ୍ଧାର ଉନ୍ନତ କିସମ ଚୟନ କରିପାରନ୍ତି।

# ଧାନ ଫସଲରେ କଟୁ କୀଟନାଶକର ବିକଳ୍ପ

ଡ. ବିଷ୍ଣୁ ଚରଣ ଜେନା



**ବ**ହୁ ଦିନରୁ ଓଡ଼ିଶାର ଚାଷୀମାନେ ଧାନ ଫସଲକୁ ନିଜର ଜୀବନ ଜୀବିକା ରୂପେ ଗ୍ରହଣ କରିଆସୁଛନ୍ତି। ସେଥିରୁ ଉପାର୍ଜିତ ଅର୍ଥକୁ ବିନିଯୋଗ କରି ନିଜ ନିଜର ପରିବାରର ସମସ୍ତ ଖର୍ଚ୍ଚ ତୁଲାଇଥାଆନ୍ତି। ମନୁଷ୍ୟ ଯେପରି ଧାନ ଫସଲ ଉପରେ ନିର୍ଭରଶୀଳ ପୋକ ବା କୀଟମାନେ ମଧ୍ୟ ସେହିପର ଧାନ ଫସଲ ପ୍ରତି ନିର୍ଭରଶୀଳ। ସେମାନଙ୍କ କବଳରୁ ଫସଲକୁ ରକ୍ଷା କରିବା ପାଇଁ ଚାଷୀମାନେ ଫସଲରେ କଟୁ କୀଟନାଶକ ପ୍ରୟୋଗ କରନ୍ତି। ଏହା ଯୋଗୁଁ ବାୟୁମଣ୍ଡଳ ଦୂଷିତ ହେଲା, ଖାଦ୍ୟଦ୍ରବ୍ୟରେ କିଛି ପରିମାଣର କୀଟନାଶକ ମିଳିଲା। ମନୁଷ୍ୟମାନେ ରୋଗାକ୍ରାନ୍ତ ହେଲେ। ତେଣୁ କୃଷି ବୈଜ୍ଞାନିକମାନେ ବିକଳ୍ପ ବ୍ୟବସ୍ଥା ଆପଣେଇବାକୁ ଚାଷୀମାନଙ୍କୁ ପରାମର୍ଶ ଦେଉଛନ୍ତି। ଉକ୍ତ ନିବନ୍ଧରେ ସେ ସମ୍ବନ୍ଧରେ କିଛି ତଥ୍ୟ ପ୍ରଦାନ କରାଯାଉଛି।

ଗ୍ରୀଷ୍ମ ଋତୁରେ ଧାନ ହେବାକୁ ଥିବା ଜମିକୁ ଭଲଭାବେ ଚାଷ କରି ସେଥିରୁ ସମସ୍ତ ପ୍ରକାରର ଘାସ ବା ତୃଣ ବାହାର କରି ପୋଡ଼ିଦିଅନ୍ତୁ। ରୋଗପୋକ ନିରୋଧକ କିସମ ଓ ମଝିଆଳୀ ଧାନ ନିର୍ବାଚନ କରି ଚାଷ କରନ୍ତୁ। ଢ଼ିପ ଜମି ପାଇଁ ଖଣ୍ଡଗିରି, ଉଦୟଗିରି, ଲଳିତଗିରି, ଗୌରୀ, ଲଲାଟ, ଫାଲଗୁନା ଓ ପାରିଜାତ ଇତ୍ୟାଦି ନିର୍ବାଚନ କରନ୍ତୁ। ଖାଲ ଜମି ପାଇଁ ମହାନଦୀ, ଇନ୍ଦ୍ରାବତୀ, ପ୍ରାଚୀ, ରାମଚଣ୍ଡୀ, ଗାୟତ୍ରୀ, ପାଣିଧାନ, କଞ୍ଚନ, ତୁଳସୀ, ଉର୍ବଶୀ, ମୋତି ଓ ଉପହାର ନିର୍ବାଚନ କରନ୍ତୁ। ବନ୍ୟାପ୍ଲାବିତ ଅଞ୍ଚଳ ପାଇଁ ବାୟାହୁଣ୍ଡା ଓ ଚମ୍ପେଇଶିଆଳୀ ଚାଷ କରନ୍ତୁ। ସ୍ନେହ ଧାନ ଗନ୍ଧିପୋକ ଉପଦୃତ ଅଞ୍ଚଳରେ ଚାଷ କରନ୍ତୁ।

**ଧାନ ରୋଇବା ଏବଂ ପରବର୍ତ୍ତୀ ଯତ୍ନ:** ଧାନ ରୋଇବା ସମୟରେ ତଳି ବିଡ଼ାର ଅଗ୍ରଭାଗରୁ ୦୧ ସେଣ୍ଟିମିଟର କାଟି ରୁଅନ୍ତୁ। ଏହାଦ୍ୱାରା ଧାନ ଗଛକୁ କାଣ୍ଡବିନ୍ଧାର ସ୍ତ୍ରୀ ପୋକଟି ଧାନ ଗଛର ଅଗ୍ର ଭାଗରେ ଅଣ୍ଡା ଦେଇପାରେ ନାହିଁ। ଧାନ ରୋଇବା ସମୟରେ ଧାଡ଼ିକୁ ଧାଡ଼ି ୨୦ ସେଣ୍ଟିମିଟର ଓ ଗଛକୁ ଗଛ ୧୫ ସେଣ୍ଟିମିଟର ବ୍ୟବଧାନରେ ରୁଅନ୍ତୁ। କିଆରିରେ ଅତ୍ୟଧିକ ପାଣି ରଖନ୍ତୁ ନାହିଁ। ଅଳ୍ପ କିଛି ଦିନ ବ୍ୟବଧାନରେ ଧାନଜମିକୁ ଶୁଖିଲା ରଖିଲେ କାଣ୍ଡବିନ୍ଧା, କାହାଲିଆ, ଧଳା ପିଠିଆ ଓ ମାଟିଆଗୁଣ୍ଡି ପୋକମାନଙ୍କର ପ୍ରାଦୁର୍ଭାବ ହ୍ରାସ ହୁଏ। ଧାନ ଜମିରେ ଥିବା ସମସ୍ତ ତୃଣ ଓପାଡ଼ି ନଷ୍ଟ କରି ଦିଅନ୍ତୁ। ଧାନ ଜମିରେ ଗଦା କରି ରଖନ୍ତୁ ନାହିଁ। କାରଣ ତୃଣ ଗଦା ତଳେ ଝିଣ୍ଟିକାମାନେ ଅଣ୍ଡା ଦିଅନ୍ତି। ଧାନ କିଆରିରେ କିଛି କାଜୁ ବାଦାମ ଡାଳ ଓ କିଆ ଡାଳ ପୋତନ୍ତୁ। କିଆ ଡାଳରେ କ୍ଷତିକାରକ ପୋକମାନଙ୍କର ଶତ୍ରୁ ପୋକ ଯଥା ବୁଢିଆଣି ଓ ଭଅଁରମାନେ ବସାବାନ୍ଧି ରୁହନ୍ତି ଓ କ୍ଷତିକାର ପୋକମାନଙ୍କୁ ଖାଆନ୍ତି। ଧାନ ଜିମରେ ପୀତକାଣ୍ଡ ବିନ୍ଧା ପୋକ ଗଛରେ ବସିବାର ଦେଖାଦେଲେ ସଙ୍ଗ ଆକର୍ଷକ ଯନ୍ତା ୮ରୁ ୧୦ଟି ଏକ ଏକର ଜମିରେ ପୋତନ୍ତୁ ଏବଂ ପୀତ କାଣ୍ଡବିନ୍ଧା ପୋକକୁ ପରଦିନ ସଂଗ୍ରହ କରି ମାରି ଦିଅନ୍ତୁ। ଧାନ ଜମିର ହିଡରେ ହିଡ କଟି କରନ୍ତୁ। ଏହା ଦ୍ୱାରା ହିଡ ତଳେ ଥିବା ଝିଣ୍ଟିକାର ଅଣ୍ଡାକୁ ନଷ୍ଟ କରି ଦିଆଯାଏ। ଧାନ ଜମିରେ ୬୦ କିଲୋ ଯବକ୍ଷାରଜାନ, ସୁପର ୩୦ କିଲୋ ଏବଂ ପଟାସ ୩୦ କିଲୋ ଅଢେଇ ଏକର ଧାନ ଜମିରେ ପ୍ରୟୋଗ କରନ୍ତୁ। ଧାନ ଜମି ନିକଟରେ ଆଲୋକ ଯନ୍ତା ବ୍ୟବହାର କରନ୍ତୁ। ପୀତ କାଣ୍ଡବିନ୍ଧା ପୋକକୁ ବିନାଶ କରିବା ପାଇଁ ଟ୍ରାଇକୋଗ୍ରାମା ନାମ ପରାଶ୍ରୟୀ କୀଟକୁ ଏକ ଏକର ଫସଲରେ ୨୦,୦୦୦ କୀଟ ଛାଡନ୍ତୁ। ଏହା ବ୍ୟତୀତ ନିମ୍ବଜାତ କୀଟନାଶକ ଯଥା ଅଚ୍ୟୁକ, ନିମ୍ବିସଡନ, ନିମାଡାଳ, ମାରଗୋ ସାଇଡ ଓକେ, ମାର୍ଗୋସାଇଡସିକେ, ନିମଗୋଲଡ ଆଦି ଫସଲ କିଆରିରେ ପ୍ରୟୋଗ କରନ୍ତୁ। ଦିନେ ଛାଡି ଦିନେ ଧାନ ଫସଲକୁ ପର୍ଯ୍ୟବେକ୍ଷଣ କରି ଅନ୍ୟାନ୍ୟ ସମସ୍ୟାକୁ ଦୂର କରନ୍ତୁ।



-ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ
ଓୟୁଏଟି, ଭୁବନେଶ୍ୱର

# ଆଖୁରେ ଜଳ ନିଷ୍କାସନ

**ଆ**ଖୁ ଚାଷ କରାଯାଇଥିବା ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ। ଫସଲ ୩-୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ। ସଅଳ କାଣ୍ଡବିନ୍ଧା ପୋକର ଦମନ ଲାଗି ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଡର୍ମା ଜାପୋକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ପ୍ରୋଫେନୋଫସ୍ କିମ୍ବା ୫୦୦ ଲିଟର ପାଣିରେ ୫୦୦ ଗ୍ରାମ୍ ଏସିଫେଟ୍ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ଔଷଧ ପ୍ରୟୋଗ କରାଯାଇପାରେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ମେ ୧୨/୨୦୨୧ Sambalpur, Wednesday, May 12/ 2021

# ଖେଳାଳିଙ୍କୁ ବିସିସିଆଇର ଚେତାବନୀ

ICC WORLD TEST CHAMPIONSHIP

BOARD OF CONTROL FOR CRICKET IN INDIA

- ରିପୋର୍ଟ ନେଗେଟିଭ୍ ନ ଆସିଲେ ଇଂଲଣ୍ଡ ଗସ୍ତରୁ ବାଦ୍
- ମେ' ୧୯ ସୁଦ୍ଧା ମୁମ୍ବାଇରେ ବାୟୋ-ବବଲରେ ପ୍ରବେଶ କରିବାକୁ ନିର୍ଦ୍ଦେଶ
- ସମସ୍ତେ କୋଭିଶିଲ୍ଡ ଟିକାର ପ୍ରଥମ ଡୋଜ୍ ନେବାକୁ ପରାମର୍ଶ
- ଇଂଲଣ୍ଡରେ ଦ୍ୱିତୀୟ ଡୋଜ୍‌ର ବ୍ୟବସ୍ଥା କରିବ ବିସିସିଆଇ
- ଜୁନ୍ ୨ରେ ଭାରତୀୟ ଦଳ ଇଂଲଣ୍ଡ ଗସ୍ତ କରିବ

ନୂଆଦିଲ୍ଲୀ, ୧୧।୫

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଏବଂ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ସିରିଜ ପାଇଁ ଭାରତୀୟ ଦଳ ପ୍ରସ୍ତୁତ ହେଉଛି। ନିକଟରେ ଟିମ୍ ଇଣ୍ଡିଆ ଖେଳାଳିମାନେ ଇଂଲଣ୍ଡ ଗସ୍ତରେ ଯିବେ। ମାତ୍ର ବାୟୋ-ବବଲରେ ସଂକ୍ରମଣ ଯୋଗୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଅଧାରୁ ସ୍ଥଗିତ ରହିବା ଘଟଣାକୁ ଦୃଷ୍ଟିରେ ରଖି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଖେଳାଳିମାନଙ୍କୁ ଚେତାବନୀ ଦେଇଛି। ମୁମ୍ବାଇରେ ଏକତ୍ରିତ ହେବାପରେ ଯେଉଁ ଖେଳାଳିଙ୍କର ପଜିଟିଭ୍ ରିପୋର୍ଟ ଆସିବ ସେମାନେ ଗସ୍ତରୁ ବାଦ୍ ପଡ଼ିବେ। କିଛି ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ଚାର୍ଟର୍ଡ ବିମାନର ବ୍ୟବସ୍ଥା କରାଯିବ ନାହିଁ ବୋଲି ବିସିସିଆଇ ପକ୍ଷରୁ ସ୍ପଷ୍ଟକରି ଦିଆଯାଇଛି। ଭାରତୀୟ ଦଳର ଖେଳାଳି, ସେମାନଙ୍କ ପରିବାର ଏବଂ ସପୋର୍ଟ ଷ୍ଟାଫ୍ ୨ ଥର ନେଗେଟିଭ୍ ହେଲେ ଯାଇ ମୁମ୍ବାଇ ଯାଇପାରିବେ। ଏହାଦ୍ୱାରା ସଂକ୍ରମଣହୀନ ବ୍ୟକ୍ତିମାନେ ହିଁ ବାୟୋ-ବବଲରେ ପ୍ରବେଶ କରିପାରିବେ। ମୁମ୍ବାଇରେ ପହଞ୍ଚିବା ପାଇଁ ଖେଳାଳିମାନେ ବିମାନ କିମ୍ବା କାର୍ ବ୍ୟବହାର କରିପାରିବେ। ଏହା ସେମାନଙ୍କ ପସନ୍ଦ ଅନୁସାରେ ହୋଇପାରିବ। ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ କୋଭିଶିଲ୍ଡ ଟିକା ନେବାକୁ ପରାମର୍ଶ ଦିଆଯାଇଛି। ଫଳରେ ସେମାନେ ଏହାର ଦ୍ୱିତୀୟ ଡୋଜ୍ ଇଂଲଣ୍ଡରେ ନେଇପାରିବେ। କେହି କୋଭାକ୍ସିନ ନ ନେବାକୁ ନିର୍ଦ୍ଦେଶ ରହିଛି।

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବା ପାଇଁ ଭାରତୀୟ ଦଳ ଜୁନ୍ ୨ରେ ଇଂଲଣ୍ଡ ଗସ୍ତ କରିବା ସମ୍ଭାବନା ରହିଛି। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଏହି ମୁକାବିଲା ହେବ। ଏହାପରେ ଏକମାସର ବ୍ୟବଧାନ ପରେ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ ଆରମ୍ଭ ହେବ। ଏହାକୁ ଦୃଷ୍ଟିରେ ରଖି ମେ' ୧୯ ସୁଦ୍ଧା ବାୟୋ-ବବଲରେ ପ୍ରବେଶ କରିବାକୁ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ପରାମର୍ଶ ଦିଆଯାଇଛି। ମୁମ୍ବାଇରେ ଖେଳାଳିମାନେ ୮ରୁ ୧୨ ଦିନ କଟାଇବା ପରେ ସାଉଥାମ୍ପଟନ ଅଭିମୁଖେ ଯାତ୍ରା କରିବେ। ଜୁନ୍ ୧୮ରୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଆରମ୍ଭ ହେବ। ଭାରତରେ ବାୟୋ-ବବଲରେ ରହିଲେ ଖେଳାଳିମାନଙ୍କୁ ୟୁନାଇଟେଡ କିଙ୍ଗଡମ୍‌ରେ କଠୋର କ୍ୱାରାଣ୍ଟାଇନକୁ ଏଡ଼ାଇ ପାରିବେ। କେତେକ ଖେଳାଳି ୮-୯ ମାସ ଧରି ବବ୍‌ଲ୍ ଏବଂ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ଖେଳାଳିମାନଙ୍କୁ ଗୋଟିଏ ବାୟୋ-ବବଲରୁ ଆଉ ଗୋଟିଏ ବାୟୋ-ବବଲ ପରିବେଶକୁ ନେବାପାଇଁ ବିସିସିଆଇ ଯୋଜନା କରିଛି। ସେଥିପାଇଁ ଇଂଲଣ୍ଡ ଯିବା ପୂର୍ବରୁ ମୁମ୍ବାଇରେ ବ୍ୟବସ୍ଥା କରାଯାଇଛି।

ତେବେ ଭାରତୀୟ ଦଳ କିପରି ଇଂଲଣ୍ଡ ଯିବ ତାହା ସ୍ପଷ୍ଟ ହୋଇନାହିଁ। ପୂର୍ବରୁ ଭାରତ ଦୁବାଇ ବାଟଦେଇ ଅଷ୍ଟ୍ରେଲିଆ ଗସ୍ତ କରିଥିଲା। ମାତ୍ର ଏଥର ସେପରି ହେବା ସମ୍ଭାବନା ନାହିଁ। ଦେଶରେ କରୋନା ସଂକ୍ରମଣ ବୃଦ୍ଧି ଯୋଗୁ ୟୁକେ ସରକାର ଭାରତକୁ ଲାଲ୍ ତାଲିକାଭୁକ୍ତ କରିଛନ୍ତି। କୌଣସି ବିଦେଶୀ ୟୁକେ ସୀମାରେ ପ୍ରବେଶ କଲେ ୧୪ ଦିନିଆ କଠୋର ଆଇସୋଲେଶନ ନିୟମ ମାନିବାକୁ ବାଧ୍ୟ। ଏ ସମ୍ପର୍କରେ ବିସିସିଆଇ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ ସହିତ ଆଲୋଚନା ଜାରି ରଖିଛି। ଯେହେତୁ ଭାରତୀୟ ଖେଳାଳିମାନେ ମୁମ୍ବାଇ ବାୟୋ-ବବଲରୁ ଯିବେ ୟୁକେରେ କ୍ୱାରାଣ୍ଟାଇନ୍‌କୁ ୭ ଦିନକୁ ହ୍ରାସ କରିବାକୁ ବିସିସିଆଇ ଚାହୁଁଛି। ଖେଳାଳିମାନେ କୋଭିଶିଲ୍ଡର ପ୍ରଥମ ଡୋଜ୍ ନେଇଯିବା ପାଇଁ ସମସ୍ତ ସଦସ୍ୟଙ୍କୁ ବିସିସିଆଇ ପରାମର୍ଶ ଦେଇଛି। ଇଂଲଣ୍ଡରେ ଦ୍ୱିତୀୟ ଡୋଜ୍‌ର ବ୍ୟବସ୍ଥା ବିସିସିଆଇ ପକ୍ଷରୁ କରାଯିବ।




ମଙ୍ଗଳବାର କରୋନା ଟିକା ନେବା ଅବସରରେ ଟିମ୍ ଇଣ୍ଡିଆ ଖେଳାଳି ଯଶପ୍ରୀତ୍ ବୁମ୍‌ରା ଓ ଦୀନେଶ କାର୍ତ୍ତିକ।

# ବେଲ୍‌ଗ୍ରେଡ୍‌ରେ ହେବ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍

**ଲାଉସାନେ, ୧୧।୫ (ପି.ଟି.):** ସର୍ବିୟାର ବେଲ୍‌ଗ୍ରେଡ୍ ସହରରେ ଆସନ୍ତା ଅକ୍ଟୋବର ୨୬ରୁ ନଭେମ୍ବର ୬ ପର୍ଯ୍ୟନ୍ତ ପୁରୁଷ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ (ଆଇବା) ପକ୍ଷରୁ ମଙ୍ଗଳବାର ଏହା ଘୋଷଣା କରାଯାଇଛି। ଏହି ଇଭେଣ୍ଟ ପ୍ରକୃତରେ ଭାରତରେ ହେବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ଗତବର୍ଷ ଆୟୋଜକ ଫି' ଦାଖଲ କରିବାରେ ବିଫଳ ହେବାରୁ ଏହି ଅଧିକାର ହରାଇବାକୁ ପଡ଼ିଥିଲା। ପରେ ଆୟୋଜନ ଅଧିକାର ସର୍ବିୟାକୁ ଦିଆଯାଇଥିଲା। ସର୍ବିୟା ରାଷ୍ଟ୍ରପତି ଆଲେକ୍‌ସାଣ୍ଡର ଭୁସିକ୍ ସ୍ଥାନୀୟ ଆୟୋଜକ କମିଟି ମୁଖ୍ୟ ହୋଇଥିବାରୁ ଇଭେଣ୍ଟର ସଫଳ ଆୟୋଜନ ଉପରେ ଗୁରୁତ୍ୱ ଦେଉଛନ୍ତି। ଆଇବା ପୁରୁଷ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ସମଗ୍ର ବିଶ୍ୱର ବକ୍ସରମାନଙ୍କ ଲାଗି ଏକ ପ୍ଲାଟ୍‌ଫର୍ମ। ଏଥିରେ ଅଂଶଗ୍ରହଣ କରିବା ଦ୍ୱାରା ସେମାନେ ନିଜର ଦକ୍ଷତା ପରଖିପାରିବେ ବୋଲି ଏହାର ସଭାପତି ଉମାର କ୍ରେମ୍‌ଲେଭ୍ ପ୍ରକାଶ କରିଛନ୍ତି।

# କ୍ରୋଏସିଆ ଗଲା ଭାରତୀୟ ଶୁଟିଂ ଦଳ

**ନୂଆଦିଲ୍ଲୀ, ୧୧।୫ (ପି.ଟି.):** ଅଲିମ୍ପିକ ଯୋଗ୍ୟତା ହାସଲ କରିଥିବା ଭାରତୀୟ ଶୁଟିଂ ଦଳ ମଙ୍ଗଳବାର ଅଢେଇ ମାସ ଟୁର୍‌ରେ କ୍ରୋଏସିଆ ଗସ୍ତ କରିଛି। ଦଳ ସେଠାରେ ଟ୍ରେନିଂ ନେବା ସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। ଟୋକିଓ ଗେମ୍ସ ପାଇଁ ଦଳର ଏହା ଶେଷ ପ୍ରସ୍ତୁତି ବୋଲି ବିବେଚନା କରାଯାଉଛି। ଏହି ଦଳରେ ୯ କୋଚ୍ ବ୍ୟତୀତ ୧୩ଜଣ ରାଇଫଲ ଓ ପିସ୍ତଲ ଶୁଟର ରହିଛନ୍ତି। କ୍ରୋଏସିଆ ରାଜଧାନୀ ଜାଗ୍ରେବରେ ଭାରତୀୟ ଦଳ ଏକ ଟ୍ରେନିଂ କ୍ୟାମ୍ପରେ ଯୋଗଦେବ। ସେଠାରୁ ଓସିଜିକ୍ ଯାଇ ୟୁରୋପିଆନ ଚାମ୍ପିୟନଶିପ୍ (ମେ' ୨୦ରୁ ଜୁନ୍ ୬) ଏବଂ ପରେ ମିଳିତ ଆଇଏସଏସ୍‌ଏଫ୍ ବିଶ୍ୱକପ୍ (ଜୁନ୍ ୨୨ରୁ ଜୁଲାଇ ୩)ରେ ଭାଗ ନେବ। ଅନ୍ୟପକ୍ଷରେ ଅଲିମ୍ପିକ ଯୋଗ୍ୟତା ହାସଲ କରିଥିବା ଦୁଇ ସ୍କିଟ୍ ଶୁଟର ଅଙ୍ଗଦ ବୀର ସିଂ ବାଜୱା ଓ ମୈରାଜ ଖାଁ ଇଟାଲିରେ ତାଲିମ ନେବେ। କ୍ରୋଏସିଆର କୋଭିଡ୍ ପ୍ରୋଟୋକଲ ଅନୁସାରେ ଟ୍ରେନିଂ ଆରମ୍ଭ ପୂର୍ବରୁ ଭାରତୀୟ ଦଳ ବାଧ୍ୟତାମୂଳକ କ୍ୱାରାଣ୍ଟାଇନ୍‌ରେ ରହିବେ।




# ଅଲିମ୍ପିକ୍ସରେ ଭାଗ ନେଇ ନ ପାରନ୍ତି ନାଡାଲ

ରୋମ୍, ୧୧।୫ (ଏପି)

ଜାପାନରେ ଯଦି କରୋନା ମହାମାରୀ ନିୟନ୍ତ୍ରଣ ବାହାରକୁ ଚାଲିଯାଏ ତେବେ ବିଶ୍ୱର ନମ୍ବର ୩ ଟେନିସ ଖେଳାଳି ରାଫାଲ ନାଡାଲ ଏଥିରେ ଅଂଶଗ୍ରହଣ ନ କରିପାରନ୍ତି ବୋଲି କହିଛନ୍ତି। ଅଲିମ୍ପିକ ଗେମ୍ସକୁ ସେ ସବୁବେଳେ ଅଗ୍ରାଧିକାର ଦେଇ ଆସିଛନ୍ତି। କରୋନା ମହାମାରୀ ଦେଖା ଦେବା ପ୍ରାୟ ଦେଢ଼ ବର୍ଷ ହୋଇଗଲାଣି। ବର୍ତ୍ତମାନ ଅନିଶ୍ଚିତ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଆସନ୍ତା ୬ ମାସ ପାଇଁ ସେ ଆଗୁଆ ତାଙ୍କ ଯୋଜନା ପ୍ରସ୍ତୁତ କରିପାରୁ ନାହାନ୍ତି। ତାଙ୍କୁ ୩୫ବର୍ଷ ବୟସ ହେଲାଣି କୌଣସି ଟୁର୍ନାମେଣ୍ଟ ଆରମ୍ଭ ହେବାର ଅଳ୍ପ କିଛି ଦିନ ପୂର୍ବରୁ ସେତେବେଳର ମାନସିକ ଓ ଶାରୀରିକ ଅବସ୍ଥା ବିଚାରକୁ ନେଇ ତାଙ୍କୁ ନିଷ୍ପତ୍ତି ନେବାକୁ ପଡୁଛି। ସ୍ପାନିଶ ପ୍ରଫେସନାଲ ଟେନିସ ଖେଳାଳି ନାଡାଲ ବର୍ତ୍ତମାନ ଏଠାରେ ଇଟାଲିଆନ ଓପନ ଖେଳିବାକୁ ଆସିଛନ୍ତି।

# 'ରିଷ୍ଟ ସ୍ପିନରଙ୍କ ଅନୁପସ୍ଥିତି ଚିନ୍ତାଜନକ ହୋଇପାରେ'

ନୂଆଦିଲ୍ଲୀ,୧୧।୫(ପି.ଟି.)




ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନ୍‌ଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ କୌଣସି ରିଷ୍ଟ ସ୍ପିନର ସ୍ଥାନ ପାଇ ନ ଥିବାରୁ ପାକିସ୍ତାନ ପୂର୍ବତନ ଲେଗ୍ ସ୍ପିନର ଡାନିଶ କାନେରିଆ ଚିନ୍ତାବ୍ୟକ୍ତ କରିଛନ୍ତି। ଏହା ଭାରତ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଯୁବ ରିଷ୍ଟ ସ୍ପିନର ରାହୁଲ ଚହର ସାମିଲ ହୋଇଥିଲେ ଭାରତର ବୋଲିଂ ଆଟାକ ଆହୁରି ଶକ୍ତିଶାଳୀ ହୋଇଥାନ୍ତା ବୋଲି କାନେରିଆ କହିଛନ୍ତି।

ଇଂଲଣ୍ଡରସାଉଥାମ୍ପଟନଠାରେ ଡବ୍ଲ୍ୟୁଟିସି ଫାଇନାଲ ଜୁନ୍ ୧୮ରୁ ଆରମ୍ଭ ହେବ। ଭାରତ ମଧ୍ୟ ଏହି ହାଇପ୍ରୋଫାଇଲ ମ୍ୟାଚ୍ ସହ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଦଳ ଘୋଷଣା କରିଥିଲା। ଏହି ସିରିଜ ଅଗଷ୍ଟ ୪ରୁ ଆରମ୍ଭ ହେବ। ଘୋଷିତ ଭାରତୀୟ ଦଳ ନିଶ୍ଚିତ ଭାବେ ଶକ୍ତିଶାଳୀ। ତେବେ ଏହି ଦଳରେ କୌଣସି ରିଷ୍ଟ ସ୍ପିନର ସ୍ଥାନ ନ ପାଇବା ଆଶ୍ଚର୍ଯ୍ୟଜନକ ବୋଲି ସେ ମନ୍ତବ୍ୟ ଦେଇଛନ୍ତି। ଦଳରେ ଅଭିଜ୍ଞ ରବିଚନ୍ଦ୍ରନ ଅଶ୍ୱିନ, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ ଓ ରବୀନ୍ଦ୍ର ଜାଡେଜାଙ୍କ ଭଳି ବିଶ୍ୱସ୍ତରୀୟ ସ୍ପିନର ରହିଛନ୍ତି। ଇଂଲଣ୍ଡ ଜଳବାୟୁରେ ଲେଗ୍ ବ୍ରେକ୍ ବୋଲର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାନ୍ତି ବୋଲି ସେ କହିଛନ୍ତି। ସିଜନ ଆରମ୍ଭ ହେଲେ ଉଇକେଟରେ ଆର୍ଦ୍ରତା ରହିଥାଏ। ଦ୍ରୁତ ବୋଲରମାନଙ୍କ ପାଇଁ ସୁବିଧାଜନକ ସ୍ଥିତି ରହିଥିଲେ ମଧ୍ୟ ଲେଗ୍ ସ୍ପିନରମାନେ ମଧ୍ୟ ସଫଳତା ପାଇଥାନ୍ତି। ଦୀପକ ଚହର ଦଳରେ ସାମିଲ ହୋଇଥିଲେ ନିଶ୍ଚିତ ଭାବେ ଇଂଲଣ୍ଡରେ ଭଲ ପ୍ରଦର୍ଶନ କରିଥାନ୍ତେ। ନ୍ୟୁଜିଲାଣ୍ଡ ଦଳରେ ଇସ୍ ସୋଧିଙ୍କ ଭଳି ଲେଗ୍ ସ୍ପିନର ରହିଛନ୍ତି। ଚହରଙ୍କ ଉଚ୍ଚତା ଓ ବୋଲିଂ ଶୈଳୀ ବେଶ୍ ଆକର୍ଷଣୀୟ ବୋଲି ୪୦ ବର୍ଷୀୟ କାନେରିଆ କହିଛନ୍ତି। ଗୁଗ୍‌ଲି, ଫ୍ଲିପର ପକାଇବା ସହ ୨୧ ବର୍ଷୀୟ ଚହର ଭଲ ଲେଗ୍ ସ୍ପିନ ମଧ୍ୟ ପକାଇଥାନ୍ତି।

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ**

ଭାରତ ଟେଷ୍ଟରେ ଭଲ ପ୍ରଦର୍ଶନ କରୁଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ବିପକ୍ଷରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। ରିଷଭ ପନ୍ତ ଭଲ ଖେଳିଥିଲେ ମଧ୍ୟ ଅଜିଙ୍କ୍ୟ ରାହାନେ ଓ ଚେତେଶ୍ୱର ପୂଜାରା ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ବୋଲରଙ୍କୁ ନେଇ ଟେଷ୍ଟରେ ବିଜୟ ହାସଲ କରାଯାଇଥାଏ। ଦଳରେ ୫ଜଣ ବିଶ୍ୱସ୍ତରୀୟ ବୋଲର ଥିଲେ ୨୦ଟି ଉଇକେଟ ଅକ୍ତିଆର କରିହେବ ଓ ମ୍ୟାଚ୍ ଜିତିବାରେ କୌଣସି ଅସୁବିଧା ରହିବ ନାହିଁ ବୋଲି କାନେରିଆ କହିଛନ୍ତି।

# ଅଧିନାୟକ ଦୌଡ଼ରେ ଧାୱନ, ପାଣ୍ଡ୍ୟା

ନୂଆଦିଲ୍ଲୀ, ୧୧।୫ (ପି.ଟି.)



ହାର୍ଦ୍ଦିକ ପାଣ୍ଡ୍ୟା



ଶିଖର ଧାୱନ

ଜୁଲାଇରେ ଶ୍ରୀଲଙ୍କା ବିପକ୍ଷ ହ୍ୱାଇଟ-ବଲ୍ ଟୁର୍ ପାଇଁ ଶ୍ରେୟାସ ଆୟାର ଯଦି ଫିଟ୍ ନ ରୁହନ୍ତି ତେବେ ଭେଟେରାନ ଓପନର ଶିଖର ଧାୱନ କିମ୍ବା ଅଲରାଉଣ୍ଡରରୁ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ ବନିଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ମଧ୍ୟରୁ ଜଣେ କେହି ଅଧିନାୟକତ୍ୱ ଭାର ଗ୍ରହଣ କରିବେ। ଜୁଲାଇ ମାସ ଦ୍ୱିତୀୟ ଭାଗରେ ହେବାକୁ ଥିବା ଟୁର୍‌ରେ ଭାରତର ସୀମିତ ଓଭର ସ୍ପେଶାଲିଷ୍ଟମାନେ ଶ୍ରୀଲଙ୍କାରେ ତିନୋଟି ଅନ୍ତର୍ଜାତୀୟ ଟି୨୦ ଓ ସମାନ ସଂଖ୍ୟକ ଅନ୍ତର୍ଜାତୀୟ ଟି୨୦ ଖେଳିବ। ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଭଳି ଷ୍ଟାର ଖେଳାଳି ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ଲାଗି ସେତେବେଳେ ଇଂଲଣ୍ଡରେ ଥିବେ। ଶ୍ରୀଲଙ୍କା ଟୁର୍ ବେଳକୁ ଶ୍ରେୟାସ ଫିଟ୍ ଥିବେ କି ନା ଏ ପର୍ଯ୍ୟନ୍ତ ତାହା ସ୍ପଷ୍ଟ ହୋଇନାହିଁ। ଆଘାତପ୍ରାପ୍ତ ଶ୍ରେୟାସଙ୍କ କାନ୍ଧରେ ଅସ୍ତ୍ରୋପଚାର ହୋଇଛି। ସେ ରିହାବିଲିଟେଶନରେ ଅଛନ୍ତି। ଶ୍ରୀଲଙ୍କା ଟୁର୍ ବେଳକୁ ଯଦି ଶ୍ରେୟାସ ଉପଲବ୍ଧ ହୁଅନ୍ତି ତେବେ ସେ ଅଧିନାୟକ ହେବା ସ୍ୱାଭାବିକ ବୋଲି ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତା ନାମ ଗୋପନ ସର୍ତ୍ତରେ ପ୍ରକାଶ କରିଛନ୍ତି। ତାତ୍ତ୍ୱିକ ଦୃଷ୍ଟିକୋଣରୁ ଅଧିନାୟକ ପଦବୀ ପାଇଁ ଦୁଇ ପ୍ରାର୍ଥୀଙ୍କ ମଧ୍ୟରୁ ୩୫ବର୍ଷୀୟ ଧାୱନ ମୁଖ୍ୟ ଦାବିଦାର। ଗତ ଦୁଇଟି ସିଜନରେ ଆଇପିଏଲ୍‌ରେ ତାଙ୍କ ପ୍ରଦର୍ଶନ ପ୍ରଭାବୀ ରହିଛି। ଅନ୍ୟପକ୍ଷରେ ଜୁନିୟର ପାଣ୍ଡ୍ୟାଙ୍କୁ ଅନ୍ୟତମ ସଫଳ ମ୍ୟାଚ ବିଜୟୀ ଖେଳାଳି ବିବେଚନା କରାଯାଉଛି। ସିଲେକ୍ସନ ପାଇଁ ଉପଲବ୍ଧ ସମସ୍ତ ଖେଳାଳିଙ୍କ ମଧ୍ୟରେ ଧାୱନ ସବୁଠାରୁ ସିନିୟର। ଭାରତ ପାଇଁ ସେ ସବୁଠାରୁ ଭଲ ପ୍ରଦର୍ଶନ କରି ଆସୁଛନ୍ତି। ଅନ୍ୟପକ୍ଷରେ ଜଣେ ହ୍ୱାଇଟ୍ ବଲ୍ ମ୍ୟାଚ ବିଜୟୀ ଭାବେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଏଡାଇ ଦେଇହେବ ନାହିଁ। ତାଙ୍କର ଲମ୍ବା ଭବିଷ୍ୟତ ଅଛି। ଅତିରିକ୍ତ ଦାୟିତ୍ୱ ଦିଆଗଲେ ହୁଏତ ସେ ଅଧିକ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିପାରନ୍ତି। ଇଂଲଣ୍ଡ ଟୁର୍‌କୁ ଲକ୍ଷ୍ୟ ରଖି ପାଣ୍ଡ୍ୟାଙ୍କୁ ଇଂଲଣ୍ଡ ବିପକ୍ଷ ୪ ମ୍ୟାଚ ବିଶିଷ୍ଟ ଘରୋଇ ସିରିଜରେ ଖେଳାଯାଇଥିଲା। ଏହାଦ୍ୱାରା ତାଙ୍କ ବୋଲିଂ ୱାର୍କଲୋଡ୍ ବୃଦ୍ଧିପାଇବ ବୋଲି ଆଶା କରାଯାଇଥିଲା। କିନ୍ତୁ ଯାହା ଦେଖାଗଲା ସେ ନିକଟ ଭବିଷ୍ୟତରେ ଟି୨୦ ଅବା ଦିନିକିଆ ଫର୍ମାଟରେ ଗୋଟିଏ କିମ୍ବା ଦୁଇ ଓଭରରୁ ଅଧିକ ବୋଲିଂ କରିବାରେ ସକ୍ଷମ ହେବେ ନାହିଁ। ପିଠିରେ ଅସ୍ତ୍ରୋପଚାର ପରଠାରୁ ହାର୍ଦ୍ଦିକ ଆଉ ପୂର୍ବଭଳି ବୋଲିଂ କରିପାରୁନାହାନ୍ତି। ଇଞ୍ଜୁରି ପୂର୍ବରୁ ସେ ମିଡିୟମ ଫାଷ୍ଟ ବୋଲର ଥିଲେ। କିନ୍ତୁ ବର୍ତ୍ତମାନ ଲଗାତର ଘଣ୍ଟାପ୍ରତି ୧୩୫ କିଲୋମିଟର ବେଗରେ ବୋଲିଂ କରିବା ତାଙ୍କ ପକ୍ଷେ ସମ୍ଭବପର ନୁହେଁ। କାରଣ ଏହାଦ୍ୱାରା ତାଙ୍କ ପିଠିରେ ଯନ୍ତ୍ରଣା ହୋଇପାରେ। ତେଣୁ ସେ ବର୍ତ୍ତମାନ ମ୍ୟାଚ୍ ଫିନିଶିଂ ଦାୟିତ୍ୱ ତୁଲାଇବା ଉପରେ ବିଶେଷ ଧ୍ୟାନ ଦେବେ।

**ଶ୍ରୀଲଙ୍କା ଗସ୍ତ ପାଇଁ ଦାବିଦାର ଖେଳାଳି**

ପୃଥ୍ୱୀ ଶ', ଶିଖର ଧାୱନ, ଦେବଦତ୍ତ ପଡ଼ିକାଲ, ସୂର୍ଯ୍ୟକୁମାର ଯାଦବ, ଇଶାନ କିଶନ, ସଞ୍ଜୁ ସାମସନ, ମନୀଷ ପାଣ୍ଡେ, ଋତୁରାଜ ଗାଏକ୍ୱାଡ, ହାର୍ଦ୍ଦିକ ପାଣ୍ଡ୍ୟା, କ୍ରୁନାଲ ପାଣ୍ଡ୍ୟା, ରାହୁଲ ଟେୱାଟିଆ, ଶିବମ୍ ଦୁବେ, ବିଜୟ ଶଙ୍କର, ଭୁବନେଶ୍ୱର କୁମାର, ଦୀପକ ଚହର, ନବଦୀପ ସଇନୀ, ହର୍ଶଲ ପଟେଲ, ଖଲିଲ ଅହମଦ, ଜୟଦେବ ଉନାଡକଟ, ଚେତନ ସାକାରିୟା, ବରୁଣ ଚକ୍ରବର୍ତ୍ତୀ, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଗନ୍ଧମାର୍ଦ୍ଦନ ପାହାଡତଳି ଅଞ୍ଚଳରେ ହାତୀପଲ

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ଅଞ୍ଚଳରେ ହାତୀ ଉପଦ୍ରବ ଦେଖାଦେଇଛି। ୩ଟି ହାତୀ ଗତ ସୋମବାର ଖପ୍ରାଖୋଲ ରେଞ୍ଜ ଅନ୍ତର୍ଗତ ହରିଶଙ୍କର, ନୂଆପାଲି, ସାପମୁଣ୍ଡ, ନୂଆପାଲି, ହନୁପାଲି ଗ୍ରାମରେ ଥିବା କଦଳୀ ବଗିଚାରେ ବ୍ୟାପକ କ୍ଷତି କରିଛନ୍ତି। ଏଥିସହିତ କେତେକ ଚାଷୀଙ୍କ ପାଚିଲା ଅବସ୍ଥାରେ ଥିବା ରବିଧାନକୁ ଖାଇଥିବା ଅଭିଯୋଗ ହୋଇଛି । ବନବିଭାଗ ପକ୍ଷରୁ ଦୁଇଟି ଦଳ ଗଠନ କରି ହାତୀର ଗତିବିଧି ଉପରେ ନଜର ରଖାଯାଇଛି। ଏ ନେଇ ରେଞ୍ଜର ଶ୍ରୀବସ୍ତ କୁମୁରାଙ୍କୁ ପଚାରିବାରୁ ହାତୀ ଯାତାୟତ କରୁଥିବା ଅଞ୍ଚଳର ଲୋକଙ୍କୁ ରାତ୍ର ସମୟରେ ଘରୁ ନ ବାହାରିବା ପାଇଁ ଡାକବାଜି ଯନ୍ତ୍ର ମାଧମରେ ସଚେତନ କରାଯାଇଥିବା କହିଛନ୍ତି।

## ସଂକ୍ଷେପରେ

### ବୌଦ୍ଧ ଜିଲାରୁ ୧୫୨ କରୋନା ପଜିଟିଭ ଚିହ୍ନଟ

**ବୌଦ୍ଧ,୧୧।୫(ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ମଙ୍ଗଳବାର ୧୫୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବୌଦ୍ଧ ଏନ୍‌ଏସିରୁ ୧୯ ଜଣ, ବୌଦ୍ଧ ବ୍ଲକରୁ ୩୮, ହରଭଙ୍ଗା ବ୍ଲକରୁ ୬୮ ଓ କଣ୍ଟାମାଳ ବ୍ଲକରୁ ୨୭ ଜଣ ଚିହ୍ନଟ ହୋଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୨୯୧୧ ଜଣ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ଆହୁରି ୧୮୯୬ ଜଣ ସକ୍ରିୟ ରୋଗୀ ଚିକିତ୍ସାଧୀନ ଅଛନ୍ତି। ସରକାରୀ ହିସାବରେ କରୋନା ସଂକ୍ରମିତ ମୃତକଙ୍କ ସଂଖ୍ୟା ୧୫ ରହିଛି।

### ଥମୁନି ଗ୍ରାମାଞ୍ଚଳ ସଂକ୍ରମଣ

**ଜାମଟିକ୍ରା, ୧୧।୫ (ଡି.ଏନ.ଏ)** ଅତାବିରା ବ୍ଲକରେ ଦିନକୁ ଦିନ ଗ୍ରାମାଞ୍ଚଳ ସଂକ୍ରମଣ ଦ୍ରୁତଗତିରେ ବୃଦ୍ଧି ପାଉଛି। ଗୋଟିଏ ଗାଁରୁ ୧୦ରୁ ୨୦ ଜଣ ସଂକ୍ରମିତ ଚିହ୍ନଟ ହେଉଥିବାରୁ ଏହା ପ୍ରଶାସନର ଚିନ୍ତା ବଢ଼ାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର କରୋନା ରିପୋର୍ଟ ଅନୁସାରେ ମଙ୍ଗଳବାର ଏହି ବ୍ଲକରୁ ୪୨ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ବର୍ତ୍ତମାନ ବ୍ଲକରେ ଆକ୍ରାନ୍ତଙ୍କ ସଂଖ୍ୟା ୭୧୩ରେ ପହଞ୍ଚିଛି। ଏଥିରୁ ବାବେବିରାରୁ ୨, ଚକୁଳିଫାର୍ମ ୩, ଭୂର୍ଷିପାଲି ୪, ଲାଦରପାଲି ୧୦, ଅତାବିରା ୫ ଏବଂ ଜାଙ୍ଗେଡ, ମନାପଡା, କୁମେଲସିଂହା, ତାଲପଦରଟିକ୍ରା, କାଦୋବାହାଲ, ଲସ୍ତଲା, ସିନ୍ଧୁରବାହାଲରୁ ଜଣେ ଲେଖାଏଁ ଓ ଦେବାହାଲରେ ୪ଜଣ ଆକ୍ରାନ୍ତ ରହିଛନ୍ତି । ସେହିପରି ଅତାବିରା ବ୍ଲକରେ କରୋନାରେ ୬ ଜଣଙ୍କ ମୃତ୍ୟୁ ଘଟିଛି।

### ଲୋଇସିଂହା: ୧୬ ପଜିଟିଭ ଚିହ୍ନଟ

**ଲୋଇସିଂହା, ୧୧।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ମଙ୍ଗଳବାର ୧୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ବ୍ଲକର ବାଞ୍ଜିପାଲି, ବୁର୍ଡା, ଗଡଶଙ୍କର ଡୁଙ୍ଗରିପାଲି, କୁଶମେଲ ଓ ସରଗାଡରୁ ଜଣେ ଲେଖାଏ, ତଲିଉଡାରରୁ ୩ ଓ କୁଶଙ୍ଗରୁ ୮ଜଣ ରହିଛନ୍ତି। ଅପରପକ୍ଷେ ବ୍ଲକରେ ଏପ୍ରିଲରୁ ୧୧ ମେ ପର୍ଯ୍ୟନ୍ତ ୩୫୩୦ଜଣ ପରୀକ୍ଷଣ କରିଥିବା ବେଳେ ସେଥିମଧ୍ୟରୁ ୪୩୧ ଜଣ ଚିହ୍ନଟ ହୋଇଛନ୍ତି। ୨୩୨ଜଣ ସୁସ୍ଥ ହୋଇ ସାରିଲେଣି। ମଙ୍ଗଳବାର ସୁଦ୍ଧା ବ୍ଲକରେ ୧୯୯ ଜଣ ସକ୍ରିୟ ଆକ୍ରାନ୍ତ ରହିଥିବା ପିଏଚଓ ରମେଶ ସାହୁଙ୍କ ସୂତ୍ରରୁ ଜଣାପଡିଛି।

### ବାଉଁଶୁଣୀ ଦୈନିକ ବଜାର ହାଇସ୍କୁଲ ପଡ଼ିଆକୁ ସ୍ଥାନାନ୍ତର

**ବାଉଁଶୁଣୀ,୧୧।୫(ଡି.ଏନ.ଏ.):** ବୌଦ୍ଧ ଜିଲା ବାଉଁଶୁଣୀ ଛକ ନିକଟରେ ବହୁ ଦିନରୁ ବସୁଥିବା ଦୈନିକ ବଜାରକୁ ପୁନର୍ବାର ହାଇସ୍କୁଲ ପଡିଆ ନିକଟକୁ ମଙ୍ଗଳବାର ଠାରୁ ସ୍ଥାନାନ୍ତର କରାଯାଇଛି । ଗତବର୍ଷ ମଧ କରୋନା ପାଇଁ ପଡିଆ ପାଖକୁ ବଜାର ଉଠାଯାଇଥିଲା ଓ କରୋନା ସଂକ୍ରମଣ କମିବା ପରେ ପୂର୍ବ ସ୍ଥାନ ଛକ ନିକଟକୁ ଆସିଥିଲା । ପୂର୍ବ ସ୍ଥାନରେ ସ୍ଥାନାଭାବ ହେତୁ ବିକ୍ରେତା ଓ କ୍ରେତାମାନଙ୍କ ମଧ୍ୟରେ ସାମାଜିକ ଦୂରତା ରକ୍ଷା ହେଉ ନ ଥିଲା ।

### ଟିଟିଲାଗଡ଼ କରୋନା ପରୀକ୍ଷା କେନ୍ଦ୍ରରେ ଅବ୍ୟବସ୍ଥା

**ଟିଟିଲାଗଡ, ୧୧।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ସହରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ଚାଲିଛି। ବ୍ୟାପକ ସଂକ୍ରମଣକୁ ଦୃଷ୍ଟିରେ ରଖି ସହରର ମଧଭାଗରେ ଥିବା ସରକାରୀ ଚିକିତ୍ସାଳୟର ପରିସରରେ ଥିବା କରୋନା ପରୀକ୍ଷା କେନ୍ଦ୍ରକୁ ପୌର ପରିଷଦର କଲ୍ୟାଣ ମଣ୍ଡପକୁ ସ୍ଥାନାନ୍ତର କରାଯାଇଛି। ଡାକ୍ତରଙ୍କ ପ୍ରେସକିପସନ ସହ ଦିନକୁ ମାତ୍ର ୫୦ ଜଣଙ୍କ ଟେଷ୍ଟ ସକାଳ ୭ ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ କରାଯାଇଛି। ହେଲେ ସହରରେ ଗୋଟିଏ ମାତ୍ର ଟେଷ୍ଟିଂ ସେଣ୍ଟର୍ ହୋଇଥିବାରୁ ଏଠାରେ ସକାଳୁ ଲୋକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ଏହି ଧାଡ଼ିରେ ବୟସ୍କ ବ୍ୟକ୍ତି, ମହିଳା ଓ ରୋଗୀ ପ୍ରବଳ ଗ୍ରୀଷ୍ମ ପ୍ରବାହ ମଧରେ ଦୀର୍ଘ ସମୟ ଧରି ଠିଆ ହୋଇ ରହୁଛନ୍ତି । ହେଲେ ଏମାନଙ୍କ ପାଇଁ ଛାୟାର ବ୍ୟବସ୍ଥା କରାଯାଇ ନାହିଁ। ଏପରିକି ପାନୀୟ ଜଳ ଓ ବରିଷ୍ଠ ନାଗରିକଙ୍କ ବସିବା ପାଇଁ ବେଞ୍ଚଟିଏ ମଧ ନାହିଁ । ୫୦ ଜଣଙ୍କ ପରୀକ୍ଷଣ ପରେ ଅବଶିଷ୍ଟ ଲୋକେ ନିରାଶରେ ଫେରି ପୁଣି ପରଦିନ ଆସି ଧାଡ଼ି ବାନ୍ଧୁଛନ୍ତି । ସହରର ମଧ ଭାଗରେ ଥିବା ଏହି କରୋନା ପରୀକ୍ଷାକେନ୍ଦ୍ରର ଅବ୍ୟବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଗାଁ ଗାଁରେ ଲୋକେ ଜ୍ୱରରେ ଆକ୍ରାନ୍ତ

**ଅମରପାଲି,୧୧।୫(ଡି.ଏନ.ଏ.)**

**ବୀରମହାରାଜପୁର ବ୍ଲକ**
- କରୋନା ଭୟ, ଯାଉନାହାନ୍ତି ଡାକ୍ତରଖାନା
- ଭ୍ରାମ୍ୟମାନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଦାବି

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଅଧିକାଂଶ ଗ୍ରାମରେ ଏବେ ବହୁ ଲୋକ ଜ୍ୱର, କାଶ ଓ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି । ସେମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ନ ପାଇ ଘରେ ପଡି ରହୁଥିବା ଦେଖିବାକୁ ମିଳିଛି। କରୋନା ଭୟରେ ଡାକ୍ତରଖାନା ଯାଉ ନ ଥିବାରୁ ପରିସ୍ଥିତି ସଙ୍ଗୀନ ହେବାରେ ଲାଗିଛି। ବିଶେଷ କରି ବ୍ଲକର ଉପାନ୍ତ ଅଞ୍ଚଳରେ ଅଧିକ ଲୋକ ଜ୍ୱରରେ ଆକ୍ରାନ୍ତ ଥିବା ଜାଣିବାକୁ ମିଳିଛି। ସେମାନେ ଔଷଧ ଆଣି ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଜ୍ୱର ନ ଛାଡି ଗୁରୁତର ହେଲେ ବାଧ ହୋଇ ଡାକ୍ତରଖାନା ଯାଉଛନ୍ତି। କରୋନାରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଲୋକେ ଘୃଣା ଦୃଷ୍ଟିରେ ଦେଖୁଥିବାରୁ ଜ୍ୱରରେ ପୀଡିତ ଲୋକେ କରୋନା ପରୀକ୍ଷା କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏପରି କି କରୋନା ଲକ୍ଷଣ ଥିବା ଲୋକେ ପରୀକ୍ଷା ନ କରି ଘରେ ରହିଯାଉଛନ୍ତି। ତେଣୁ ଆଗକୁ କରୋନା ବ୍ୟାପିବା ସହିତ ଗୋଷ୍ଠୀ ସଂକ୍ରମଣ ହେବାର ଆଶଙ୍କା ରହିଛି। ଗାଁଗୁଡିକରେ ଜ୍ୱର, କାଶ ହେଲେ ଅଙ୍ଗନୱାଡି କର୍ମୀ, ଆଶାକର୍ମୀଙ୍କୁ ଲୋକେ ସଠିକ ତଥ୍ୟ ଦେଉନାହାନ୍ତି। ଗାଁ ଗାଁରେ ଥିବା କରୋନା ପରିଚାଳନା କମିଟି କେବଳ କାଗଜକଲମରେ ସୀମିତ ରହୁଛି। ଉକ୍ତ କମିଟି ଗ୍ରାମରେ କୌଣସି ବ୍ୟକ୍ତିଙ୍କୁ ଜ୍ୱର, କାଶ ହୋଇ କରୋନା ଲକ୍ଷଣ ଦେଖାଯାଉଥିଲେ ସେମାନଙ୍କୁ କରୋନା ପରୀକ୍ଷା କରିବା ପାଇଁ ଡାକ୍ତରଖାନା ପଠାଇବା କଥା । ମାତ୍ର ଉକ୍ତ କମିଟି ଠିକ ଭାବେ କାର୍ଯ୍ୟ ନ କରିବା ଯୋଗୁ କରୋନା ପରୀକ୍ଷା ଆଶାଜନକ ଭାବେ ହୋଇପାରୁ ନାହିଁ। ବ୍ଲକର ପିତାମହୁଲ ଗ୍ରାମରେ ଶତାଧିକ ଲୋକ ଅଜଣା ରୋଗରେ ଆକ୍ରାନ୍ତ ଥିବା ନେଇ ଶ୍ରୀକାନ୍ତ କର୍ମୀ ନାମକ ଜଣେ ସ୍ୱେଚ୍ଛାସେବୀ ସାମାଜିକ ଗଣମାଧ୍ୟମ ଜରିଆରେ ସୁବର୍ଣ୍ଣପୁର ଜିଲାପାଳଙ୍କୁ ଜଣାଇ ବିହିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ବ୍ଲକର ବୀରମହାରାଜପୁର ସମେତ ସୁବଳୟା, ମୁର୍ଷୁଣ୍ଡୀ ଓ ଠେଙ୍ଗୋ ଡ୍ୟାମଠାରେ ସରକାରୀ ଡାକ୍ତରଖାନା ଅଛି । ଏହାସହିତ ଅମରପାଲି, ଲୁଡୁରପଙ୍କ ଓ ଖଣ୍ଡହତାରେ ଆୟୁର୍ବେଦିକ ଚିକିତ୍ସାଳୟ ଅଛି। ତଥାପି ଲୋକେ ଡାକ୍ତରଖାନାକୁ ଯିବାକୁ ଅମଙ୍ଗ ହେଉଛନ୍ତି। ଏହି କାରଣରୁ ପ୍ରତ୍ୟେକ ଗ୍ରାମରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଜିଲା ପରିଷଦ ସଦସ୍ୟା ଗାୟତ୍ରୀ ପାଣିଗ୍ରାହୀ ସୁବର୍ଣ୍ଣପୁର ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସ୍ୱାସ୍ଥ୍ୟ ଅଧିକାରୀମାନେ ପ୍ରତି ଗ୍ରାମକୁ ଯାଇ ରକ୍ତ ପରୀକ୍ଷା କରି ଔଷଧ ଦେବା ସହିତ ପ୍ରତି ଗ୍ରାମରେ କରୋନା ପରୀକ୍ଷା ବ୍ୟବସ୍ଥା କରିବା ପାଇଁ ସେ ଦାବି କରିଛନ୍ତି।

## କରୋନା ପ୍ରତିହତ ପାଇଁ ଯଜ୍ଞ



କରୋନା ପ୍ରତିହତ ପାଇଁ ମାତୃଛାୟାରେ ଯଜ୍ଞକାର୍ଯ୍ୟ ଚାଲିଛି।

**ବରଗଡ଼ ଅଫିସ୍,୧୧।୫**

ମହାମାରୀ କରୋନା ସଂକ୍ରମଣ ଯୋଗୁ ଅନେକ ଲୋକଙ୍କ ଜୀବନହାନି ହେଉଛି। ଏହାକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ବରଗଡ଼ ସହର ଉପକଣ୍ଠ ମାତୃଛାୟା, ବାନପ୍ରସ୍ଥରେ ଏକ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ମୁଖ୍ୟ ଦେବଦତ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ହୋଇଥିବା ଏହି ଯଜ୍ଞାନୁଷ୍ଠାନରେ ଗାୟତ୍ରୀ ଦେବୀଙ୍କ ମନ୍ତ୍ରପାଠ, ହରିନାମ ଉଚ୍ଚାରଣ, ବିଭିନ୍ନ ଦେବାଦେବୀ, ପ୍ରକୃତିରାଣୀ, ପରିବେଶର ଶାନ୍ତି ପାଇଁ ଆହୂତି ଦିଆଯାଇଥିଲା। ଅନୁଷ୍ଠାନର ସମସ୍ତ ଅନ୍ତେବାସୀ ଯଜ୍ଞକାର୍ଯ୍ୟରେ ସାମିଲ ହୋଇଥିବା ବେଳେ ଲବଙ୍ଗ ସାହୁ, ସଙ୍ଗୀତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଝଡ଼ତୋଫାନ: ଉଡିଗଲା ସ୍କୁଲ ଆଜବେଷ୍ଟସ

**ବଘିଆପଡା,୧୧।୫(ଡି.ଏନ.ଏ.)**



କାଳବୈଶାଖୀରେ ବଘିଆପଡା ବ୍ରିଗେଡ ସ୍କୁଲ ଘର ଭାଙ୍ଗିପଡିଛି ।

ମଙ୍ଗଳବାର ସକାଳେ ବୌଦ୍ଧ ଜିଲାର ବଘିଆପଡା ଅଞ୍ଚଳରେ ଝଡତୋଫାନ ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହାର ପ୍ରଭାବରେ ବଘିଆପଡା, ସାଲେସିଂ, ଦୁର୍ଗାପ୍ରସାଦ,କନକପୁର, ମେଣ୍ଡିମାଳ ଅଞ୍ଚଳରେ ବହୁ ଚାଳ ଘର ସହ ଆଜବେଷ୍ଟସ ଘର ଭାଙ୍ଗି ଯାଇଛି । ଏହାଛଡା ବାଇଗଣ, ଟମାଟୋ, ଭେଣ୍ଡି, ଜହ୍ନି, କଖାରୁ, ତରଭୁଜ ଫସଲ ନଷ୍ଟ ହୋଇଛି। ବିଶେଷ କରି ପିଆଜ ଚାଷ ଅଧିକ କ୍ଷତିଗ୍ରସ୍ତ ହୋଇଛି । ବଘିଆପଡା ଠାରେ ଥିବା ଓଡିଶା ବ୍ରିଗ୍ରେଡ ସ୍କୁଲ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ବହୁ ସଂଖ୍ୟକ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯିବା ସହ ତାର ଛିଣ୍ଡି ପଡିଛି । ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଦେବାକୁ ଦାବି ହେଉଛି । ବୌଦ୍ଧ ଜିଲାର ତାପମାତ୍ରା ୪୦ ଡିଗ୍ରୀ ରହୁଥିବା ବେଳେ ମଙ୍ଗଳବାର ସକାଳେ କାଳବୈଶାଖୀ ଯୋଗୁ ପାଗ ବଦଳି ଯାଇଛି।

## ୧ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

**ବିଦ୍ୟୁତ୍ ସଂସ୍ପର୍ଶରେ ମୃତ ଘଟଣା**

**ବରଗଡ଼ ଅଫିସ୍,୧୧।୫**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅଧୀନ ରୁଚିଦାରେ ୨୦୧୯ ଜୁଲାଇ ୧୨ରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୋସାଇଁ ସୁନାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ଭବାନୀପାଟଣାର ସାମାଜିକ କର୍ମୀ ଦିଲୀପ କୁମାର ଦାଶ ଜାତୀୟ ମାନବାଧିକାର ଆୟୋଗଙ୍କୁ ଫେରାଦ ହୋଇ କ୍ଷତିପୂରଣ ଯୋଗାଇ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ନିବେଦନ କରିଥିଲେ। ଏନ୍‌ଏଚ୍‌ଆରସି ଏ ନେଇ ଏକ ମାମଲା (ନଂ.୨୫୪୮/୧୮/୧୭/୨୦୧୯) ପଞ୍ଜୀକୃତ କରି ତଦନ୍ତ କରିବା ସହିତ ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ, ଶକ୍ତି ବିଭାଗର ସଚିବ ଏବଂ ବରଗଡ଼ ଏସ୍‌ପିଙ୍କୁ ନୋଟିସ କରି ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ପଷ୍ଟୀକରଣ ପାଇବା ପରେ ଏନ୍‌ଏଚ୍‌ଆରସି ତାକୁ ଅନୁଧ୍ୟାନ କରି ବିଦ୍ୟୁତ ବିଭାଗର ଅବହେଳାରୁ ଗୋସାଇଁଙ୍କ ମୃତ୍ୟୁ ହୋଇଥିବା ହୃଦୟଙ୍ଗମ କରି ମୃତକଙ୍କ ପରିବାରକୁ ୧ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଘଟଣାଦିନ ଛେଳି ଚରାଇବାକୁ ଯାଇଥିବାବେଳେ ଗୋସାଇଁ ଝୁଲନ୍ତା ୧୧କେ.ଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁମୁଖରେ ପଡ଼ିଥିଲେ ।

## ଏସ୍‌ଡିଏମ୍‌ଓଙ୍କ ବଦଳି, ଆଟେଣ୍ଡାଣ୍ଟ ନିଲମ୍ବିତ

**ବଲାଙ୍ଗୀର ଅଫିସ, ୧୧।୫**

**ଲାଞ୍ଚ କାରବାର ଭିଡିଓ ଭାଇରାଲ**

ବଲାଙ୍ଗୀର ଜିଲା ପାଟଣାଗଡ ଉପଖଣ୍ଡସ୍ତରୀୟ ହସ୍ପିଟାଲର ଉପଖଣ୍ଡ ଚିକିତ୍ସାଧିକାରୀ (ଏସ୍‌ଡିଏମ୍‌ଓ) ଡା. ବାଚସ୍ପତି ଦାଶ ରୋଗୀଙ୍କ ଅସ୍ତ୍ରୋପଚାର ବାବଦକୁ ୨୦ ହଜାର ଟଙ୍କା ମାଗୁଥିବା ଭିଡିଓ କିଛିଦିନ ତଳେ ଭାଇରାଲ ହୋଇଥିଲା। ସେହିପରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲର ଅସ୍ଥିଶଲ୍ୟ ବହିର୍ବିଭାଗ ଆଟେଣ୍ଡାଣ୍ଟ ସଚ୍ଚିକାନ୍ତ ମିଶ୍ର ଜଣେ ରୋଗୀଙ୍କ ଗୋଡରେ ବ୍ୟାଣ୍ଡେଜ୍ କରିବା ପରେ ତାଙ୍କୁ ଟଙ୍କା ମାଗୁଥିବା ଭିଡିଓ ଭାଇରାଲ ହୋଇଥିଲା । ଏହି ଭିଡିଓ ଭାଇରାଲ ଘଟଣା ପରେ ସିଡିଏମ୍‌ଓ ଡା ଭୀମ ସାହୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବକ ପାଟଣାଗଡ ଏସ୍‌ଡିଏମ୍‌ଓ ଡା ଦାଶଙ୍କୁ ପାଟଣାଗଡରୁ ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟକୁ ବଦଳି କରାଯାଇ ଏସଂକ୍ରାନ୍ତରେ ସ୍ପଷ୍ଟୀକରଣ ମଗାଯାଇଛ। ସେହିପରି ଆଟେଣ୍ଡାଣ୍ଟ ମିଶ୍ରଙ୍କୁ ଚାକିରିରୁ ନିଲମ୍ବିତ କରିଥିବା ସିଡିଏମ୍‌ଓ ଡା ସାହୁ ସୂଚନା ଦେଇଛନ୍ତି ।

## ଗର୍ଭସ୍ଥଳୀ ଟ୍ୟୁମର ସଫଳ ଅସ୍ତ୍ରୋପଚାର

**ବରଗଡ଼ ଅଫିସ୍,୧୧।୫**

ବରଗଡ଼ ସହର ସ୍ଥିତ ପୁରୋହିତ ଜେନେରାଲ ହସ୍ପିଟାଲରେ ଗର୍ଭସ୍ଥଳୀ ଟ୍ୟୁମରର ସଫଳ ଅସ୍ତ୍ରୋପଚାର ହୋଇଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ବଲାଙ୍ଗୀର ଜିଲା ଟିଟିଲାଗଡ଼ ଅଞ୍ଚଳର ଜଣେ ମହିଳା ଗତ ୩ତାରିଖରେ ଉକ୍ତ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କ ଗର୍ଭସ୍ଥଳୀରେ ଏକ ସର୍ଭାଇବାଲ ଫାଇବ୍ରଏଡ୍ ଟ୍ୟୁମର ରହିଥିବା ଜଣାପଡ଼ିଥିଲା। ଗତ ୫ତାରିଖରେ ଏହାର ସଫଳ ଅସ୍ତ୍ରୋପଚାର ହୋଇଥିଲା ଏବଂ ଟ୍ୟୁମରର ଓଜନ ୯କି.ଗ୍ରା ୬୦୦ ଗ୍ରାମର ବୋଲି ଉକ୍ତ ହସ୍ପିଟାଲ ମୁଖ୍ୟ ତଥା ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡା. ରାମକୃଷ୍ଣ ପୁରୋହିତ ସୂଚନା ଦେଇଛନ୍ତି। ଡା. ପୁରୋହିତଙ୍କ ସମେତ ଡା. ରୂପମ ସରକାର, ଡା. ଜୟ ଗୋପାଳ ଶର୍ମା, ଡା. ଦେବଜାନୀ ମେହେର ପ୍ରମୁଖ ଅସ୍ତ୍ରୋପଚାର କାର୍ଯ୍ୟ ସମ୍ପାଦନ କରିଥିଲେ। ଡା. ଏସ. କେ ନିଶ୍ଚେତକ ଦେଇଥିଲେ। ଅସ୍ତ୍ରୋପଚାର ପରେ ସମ୍ପୃକ୍ତ ମହିଳାଙ୍କ ପେଟର ଆକାର, ଓଜନ କମି ଯାଇଥିବାରୁ ସେ ଖୁସି ଏବଂ ସୁସ୍ଥ ଅଛନ୍ତି ବୋଲି ଡା. ପୁରୋହିତ କହିଛନ୍ତି। ମହିଳା ଜଣକ ଏବେ ମଧ୍ୟ ଉକ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି।

## ବଜ୍ରପାତରେ ବଡ଼ ଯାଆ ମୃତ, ସାନ ଗୁରୁତର

**ବଲାଙ୍ଗୀର ଅଫିସ, ୧୧।୫**

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ କୁଟୁମଡୋଲା ନିକଟ ବରକାନୀ ଗାଁରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଆହତ ମହିଳାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ହଠାତ୍ ପାଣିପାଗ ପରିବର୍ତ୍ତନ ସହ ପ୍ରଚଣ୍ଡ ଘଡଘଡି ବର୍ଷା ସହ ବଜ୍ରପାତ ହୋଇଥିଲା । ଏତିକି ବେଳକୁ ବରକାନୀ ଗାଁର ପାଣିବୁଡି ମେଶ୍ରା (୬୫) ଓ ତାଙ୍କ ଯାଆ ଭୂମିସୂତା ମେଶ୍ରା (୫୫) ଗାଧୋଇବା ପାଇଁ ଗାଁ ବନ୍ଧକୁ ବାହାରିଥିଲେ। ପ୍ରଚଣ୍ଡ ବଜ୍ରପାତ ଯୋଗୁଁ ବଡଯାଆ ପାଣିବୁଡି ଘଟଣାସ୍ଥଳରେ ଟଳି ପଡିଥିଲେ ଓ ସାନଯାଆ ଭୂମିସୂତା ସେଠାରେ ଗୁରୁତର ଅବସ୍ଥାରେ ପଡିଥିଲେ। ଖବର ପାଇ ପରିବାର ଲୋକେ ଓ ଗ୍ରାମବାସୀ ଗୁରୁତର ଭୂମିସୂତାଙ୍କୁ ସେଠାରୁ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇଥିଲେ । ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ସଦର ପୋଲିସ ପାଣିବୁଡିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

## ମାଗଣା ରେମ୍‌ଡିସିଭିର ଇଞ୍ଜେକ୍ସନ ଯୋଗାଣ

**ବରଗଡ଼ ଅଫିସ୍,୧୧।୫**

କରୋନା ଭୂତାଣୁ ପ୍ରତିହତ ପାଇଁ ଉଦ୍ଦିଷ୍ଟ ରେମଡ଼ିସିଭର ଇଞ୍ଜେକ୍ସନ ଖୋଲା ବଜାରରେ ବିକ୍ରି ହୋଇ ପାରିବ ନାହିଁ ଏବଂ ସରକାର ଏହାକୁ ମାଗଣାରେ ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ବରଗଡ଼ର କିଶୋରୀ ନର୍ସିଂହୋମକୁ ୨୧ଡୋଜ୍, ତୋରା ମିଶନ ହସ୍ପିଟାଲକୁ ୧୮ଡୋଜ୍, ସାଇ ମଲ୍ଟି ସ୍ପେଶାଲିଟି ହସ୍ପିଟାଲକୁ ୪୮ଡୋଜ୍, ସାଇକୃପା ନର୍ସିଂହୋମକୁ ୨୮ଡୋଜ୍ ଏବଂ ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲକୁ ୫୦ଡୋଜ୍ ରେମଡ଼ିସିଭର ଇଞ୍ଜେକ୍ସନ ଯୋଗାଇ ଦିଆଯାଇଛି ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି। ଗତ ୬ ତାରିଖରୁ ଏହା ଯୋଗାଇ ଦିଆଯାଇଛି ଏବଂ କୋଭିଡ୍ ଆକ୍ରାନ୍ତମାନେ ଏହାଦ୍ୱାରା ଉପକୃତ ହେବେ ବୋଲି ଦାଶ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

**URGENTLY REQUIRED**
Electronic Breaker n Drill Operator, Cor Cutter RCC cutting Operator, Waterproofing known workers having all type grouting knowledge. All rounder Masson n Labourers on salary basis or wages basis. Whatsapp full photo n cv
9090732020, 9238482524

**REQUIRED**
Marketing Executives (M/F) 20 Nos. for all Odisha, Civil Engineer (F/M), Architect, Supervisor, Office Asst. Manager Male, Lady PA (Btech/ Diploma/ MBA/ BBA), Peon male. Send your cv n photo to rggroups2@gmail.com or call / whatsapp 9090732020, 9238482524, 9090964245.

**ସୁରଟ, ଗୁଜରାଟ ପାଇଁ କର୍ମଚାରୀ ଆବଶ୍ୟକ**
ପ୍ରତିଷ୍ଠିତ ଲାବୋରେଟୋରି ଟେକ୍ନୋଲୋଜି କମ୍ପାନୀ ପାଇଁ ନିମ୍ନଲିଖିତ ଯୋଗ୍ୟତା ସହିତ ଟେକ୍ନିକାଲ୍ କର୍ମଚାରୀ ଆବଶ୍ୟକ । ରହିବା ଓ ଖାଇବା ସୁବିଧା କମ୍ପାନୀରେ ଉପଲବ୍ଧ ଅଛି ।
ଶିକ୍ଷା: 12 ଉତ୍ତୀର୍ଣ୍ଣ ଏବଂ କମ୍ପ୍ୟୁଟର ଜ୍ଞାନ ରହିଥିବା ଆବଶ୍ୟକ
ଭାଷା: ହିନ୍ଦୀ ଜାଣିଥିବା ଆବଶ୍ୟକ (ଇଂରାଜୀ ବେସିକ୍)
ଯୋଗାଯୋଗ: +91-9587764892; ନିଜର ବାୟୋଡାଟା techcompany2021@gmail.comରେ ପଠାନ୍ତୁ




ଘର ପାଇଁ ଜଣେ ଭଦ୍ର ହିନ୍ଦୁ ମହିଳା କେୟାରଟେକର ଆବଶ୍ୟକ ।
ବୟସ: ସର୍ବନିମ୍ନ ୧୮ ବର୍ଷ ଏବଂ
ଶିକ୍ଷା: ୯ମରୁ ଗ୍ରାଜୁଏଟ୍ ।
କଲ୍: 9238482524, 8895182524

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019
File Ref No: AIIMS/BBSR/EE (AC&R)/55/2020/17 Dated: 10th May 2021
**NOTICE INVITING E-TENDER**
The All India Institute of Medical Sciences (AIIMS), Bhubaneswar invites e-Tender for **"Supply, Installation, Testing and Commissioning of Air conditioning System for UPS Rooms at AIIMS HOSPITAL, BBSR"**.Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.nic.in.**
Sd/-
Executive Engineer (AC&R)
AIIMS, Bhubaneswar

## କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଆଶିଷ ଦାସଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୧୧।୫**



କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଆଶିଷ ଦାସ

ବଲାଙ୍ଗୀର କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଆଶିଷ ଦାସ(୪୫)ଙ୍କ ମଙ୍ଗଳବାର ସକାଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। କିଛିଦିନ ତଳେ ସେ କରୋନାରେ ସଂକ୍ରମିତ ଚିହ୍ନଟ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗ ଖବର ପାଇବା ପରେ ବଲାଙ୍ଗୀର ଜିଲା ପ୍ରଶାସନ, କୃଷି ବିଭାଗ କର୍ମଚାରୀ ଓ ଚାଷୀ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ଦୀର୍ଘବର୍ଷ ହେଲା ବଲାଙ୍ଗୀର କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକଭାବେ ଦାସ ଅତ୍ୟନ୍ତ ସଫଳତାର ସହ କାର୍ଯ୍ୟ କରିଆସୁଥିଲେ । ଜଣେ ଉଦୟୀମାନ କୃଷି ବୈଜ୍ଞାନିକଭାବେ ତାଙ୍କର ଗଭୀର ଜ୍ଞାନ ରହିଥିଲା । ବିଶେଷ ଜଳସେଚନ ସୁବିଧା ନଥିବା ବଲାଙ୍ଗୀର ଜିଲାରେ କିଭଳି ଚାଷୀମାନେ ଅଧିକ ଉପାର୍ଜନକ୍ଷମ ଚାଷ କରି ଆର୍ଥିକ ଦିଗରୁ ସ୍ୱାବଲମ୍ବୀ ହେବେ ସେଦିଗରେ ସେ କାର୍ଯ୍ୟକରି ଚାଷୀଙ୍କୁ ଉତ୍ସାହିତ କରୁଥିଲେ। ତାଙ୍କର ସ୍ତ୍ରୀ ଓ ପୁଅ, ଝିଅ ଅଛନ୍ତି । ଭୁବନେଶ୍ୱର ଠାରେ ତାଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି ।

## ଚୋରି ଘଟଣାରେ ୨ ଗିରଫ

**ସୋନପୁର,୧୧।୫(ନି.ପ୍ର.)**

ସୋନପୁର ପୋଲିସ ସହରର ମାଳିପଡାସ୍ଥିତ ସୁଦର୍ଶନ ସାହୁ(୪୪)ଙ୍କ ଘରୁ ଚୋରି ଘଟଣାରେ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ଥନାପତିପଡାର ରାମ କୁମାର ଶର୍ମା(୩୩) ଓ ମାଳିପଡାର ଭରତ ଜେନା(୪୫) । ରାମ କୁମାର ଓ ଭରତ ମାଳିପଡାର ସୁଦର୍ଶନଙ୍କ ନିର୍ମାଣାଧୀନ ନୂତନ ଘରୁ ମୋଟର ପମ୍ପ, ମାର୍ବଲ କଟର ମେଶିନ, ଡ୍ରିଲ ମେଶିନ, ବିଦ୍ୟୁତ୍ ତାର ଓ ଘର ନିର୍ମାଣ ଉପକରଣ ଗତ ମଙ୍ଗଳବାର ରାତିରେ ଚୋରି କରିଥିଲେ। ସୁଦର୍ଶନଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ ହୋଇଥିଲା ।

No. L-16

**DIRECTORATE OF AGRICULTURE & FOOD PRODUCTION, ODISHA, BHUBANESWAR**

**EXPRESSION OF INTEREST (EOI)**

**For Engagement of Agencies for Comprehensive Action Plan from Production to Marketing of Crops under Crop Diversification Programme.**

Expression of Interest (EOI) is invited by the Directorate of Agriculture & Food Production, Odisha, Bhubaneswar from the experienced and interested organizations/Agencies for Engagement in Preparation & implementation of Comprehensive Action Plan from Production to Marketing of Crops, under Crop Diversification Programme. The interested organization/agencies should offer their sealed EOI by **28.5.2021 up to 3.30 PM**. Which will be opened on the same day in the presence of the person concerned /their authorized persons at 5.00 PM. The EOI document including the details of terms and conditions etc will have to be downloaded from the official website of **www.odisha.gov.in/ agrisnetodisha.ori.nic.in** from **14.5.2021 to 1.00 PM of 28.05.2021**. The Directorate shall not be responsible for any delay /difficulties /inaccessibility of the down loading facilities for any reason whats so ever.

The EOI must be delivered in written form to the undersigned in the below mentioned address by speed post /registered post in closed envelope super scribed as "EOI for Professional agency for Crop Diversification Programme" from 14.5.2021 to 28.05.2021 up to 3.30 PM.

The authority is not responsible for any sort of postal delay etc. The authority reserves the right to cancel/reject any or all the EOI without assigning any reason there of.

Sd/-
Director of Agriculture &
Food Production, Odisha

OIPR-01034/11/0001/2122

**NOTIFIED AREA COUNCIL, ASKA**
**e-Procurement Notice**
BID IDENTIFICATION NO.- ASKA NAC/ SANITATION WORK/ 03/2021
TENDER CALL NOTICE NO. - 1095 / NAC/ 2021, DATED- 10.05.2021
08/05/2021 TENDER ID- 2021-ORULB-68320-1

Bid documents consisting of specification, the schedule of quantities and the set of terms & conditions of contract and other necessary documents can be seen in the govt. website i.e. www.tendersorissa.gov.in

1. Nature of work : Sanitation work as mentioned in website.
2. No. of works: 01 No.
3. Bid value: Rs.45,83,784 (Fourty five lakh eight three thousand seven hundered eighty four).
4. Period of completion: 1 year ( 12 months).
5. Date and time of availability of the bid documents in the portal from Dt.11.05.2021 from 10.00 A.M. to 27.05.2021 by 5.00 P.M.
6. Last date / time for receipt of bid in the portal : Dt.27.05.2021 by 5.00 P.M.
7. Last date & time of receiving of documents relating of tender off-line: 29.05.2021 by 5.00 P.M.
8. Bids received online shall be opened on Dt.31.05.2021 after 11.30 A.M. onwards.
9. Name and address of the officer inviting bid - Executive Officer, NAC, Aska (Ganjam).
10. Further details can be seen from the procurement portal: **www.tendersorissa.gov.in.**

Sd./- Executive Officer, N.A.C., Aska

## ବିଦ୍ୟୁତ ସଂସ୍ପର୍ଶରେ ଆସି ୨ଛେଳି ମୃତ

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଅନ୍ତର୍ଗତ ତୁର୍ଲା ଗାଁରେ ବାଡା ନ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ଲାଗି ଦୁଇଟି ଛେଳିଙ୍କ ମୃତ୍ୟୁ ହୋଇଛି। କ୍ଷତିଗ୍ରସ୍ତ ଚାଷୀଙ୍କ ନାମ ଅର୍ଜୁନ ବାରିହା। ମଙ୍ଗଳବାର ଗାଁମୁଣ୍ଡରେ ଚରୁଥିବା ବେଳେ ଟ୍ରାନ୍ସଫର୍ମରରେ ଲାଗି ଯିବାରେ ଛେଳିଦୁଇଟ ଘଟଣାସ୍ଥଳରେ ମରିଯାଇଥିଲେ। ଛେଳି ପାଳି ଗୁଜୁରାଣ ମେଣ୍ଟାଉଥିବା ଛେଳି ମାଲିକଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

# ଧୋଇନେଲା କାଳବୈଶାଖୀ

**ବରଗଡ଼ ଅଫିସ୍,୧୧।୫**

- ଚାଷୀଙ୍କ ଅମଳ ଧାନ ଭିଜିଗଲା
- କ୍ଷେତ, ଖଳାରେ ଧାନ ନଷ୍ଟ
- ଟୋକନ ଅବଧି ହ୍ରାସରୁ ଅସନ୍ତୋଷ
- ଚାଷୀଙ୍କୁ ଘାରିଲା ଧାନ ବିକ୍ରି ଚିନ୍ତା


ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାରେ ଚାଷୀଙ୍କ ଧାନ ଭିଜିଯାଇଛି।

କାଳବୈଶାଖୀ ଏବେ ବରଗଡ଼ ଜିଲା ଚାଷୀଙ୍କ ଦୁଃଖ ବଢ଼ାଇ ଦେଇଛି। ତୁହାକୁ ତୁହା ବର୍ଷା ଯୋଗୁ ରବିଧାନ ଅମଳ ଓ ସଂଗ୍ରହ ପ୍ରଭାବିତ ହୋଇଛି। ମଙ୍ଗଳବାର ପୂର୍ବାହ୍ନ ୮ଟାରୁ ଦୀର୍ଘ ସମୟ ଧରି ଜିଲାରେ ପ୍ରବଳ ଝଡ଼ବର୍ଷା ଲାଗି ରହିଥିଲା। ଫଳରେ ଚାଷୀଙ୍କ ଅମଳ ଧାନ ଧୋଇ ହୋଇଯାଇଛି। ସେହିପରି କ୍ଷେତରେ ପଡ଼ିଥିବା ପେଟାଧାନ ଏବଂ ଅମଳକ୍ଷମ ଅବସ୍ଥାରେ ଥିବା ଧାନଗଛ ଢ଼ଳି ପଡ଼ି ନଷ୍ଟ ହୋଇଛି। ଅମଳ ଆରମ୍ଭରୁ କାଳବୈଶାଖୀ ଏଭଳି ଦାଉ ସାଧିବାରୁ ଚାଷୀଙ୍କ ଚିନ୍ତା ବଢ଼ି ଯାଇଛି। ଅନ୍ୟପଟେ ଧାନ କିଣାବିକା ପ୍ରକ୍ରିୟା ଶିଥିଳ ହୋଇଛି। ମଙ୍ଗଳବାର ଧାନ ସଂଗ୍ରହ ପ୍ରକ୍ରିୟାକୁ ସପ୍ତାହେ ପୂରିଛି। ହେଲେ ଜିଲାର ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନ ମଣ୍ଡି ଗୁଡ଼ିକୁ ୯୦ହଜାର ୬୨୩ ପ୍ୟାକେଟ୍ ଧାନ ଆସି ଥିବାବେଳେ ସେଥିରୁ ୮୪ହଜାର ୭ ପ୍ୟାକେଟ୍ ବିକ୍ରି ହୋଇଛି । ସେହିପରି ବରଗଡ଼ ଆରଏମ୍‌ସି ଅଧୀନ ଅଡ଼ଗାଁ, କୁରୁଆଁ, ନୂଆ ଗୁଡ଼େଶିରା, କଳାପାଣି, ତୋରା, ବେହେରା ଏବଂ ନୂଆ ସରସରା ମଣ୍ଡିର ଅନେକ ଚାଷୀଙ୍କୁ ଟୋକନ ମିଳି ନ ଥିବାରୁ ସେମାନେ ମଣ୍ଡିକୁ ଧାନ ଆଣି ପାରି ନ ଥିବା କହିଛନ୍ତି ।

ବରଗଡ଼ ଜିଲାରେ ଗତ ୫ତାରିଖରୁ ରବିଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲାଯାଇଛି। ଆରମ୍ଭରୁ ଟୋକନ କଟକଣା ଯୋଗୁ ଧାନକ୍ରୟ ପ୍ରକ୍ରିୟା ମନ୍ଥର ହୋଇପଡ଼ିଛି। ରବିବାର ଆକସ୍ମିକ ବର୍ଷା ହେବାରୁ ଜିଲାର ବରଗଡ଼, କଳାପାଣି, ବରାହଗୋଡ଼ା, ଭେଡ଼େନ, ଅତାବିରା ଆଦି ଅଞ୍ଚଳର ଚାଷୀଙ୍କ ଅମଳ ଧାନ କ୍ଷତିଗ୍ରସ୍ତ ହୋଇଥିଲା। ଏହାର ଦିନକ ପରେ ଚାଷୀଙ୍କ ଧାନ ଉପରେ ସୋମବାର ଦୋହରା ମାଡ଼ ହୋଇଛି। ଏଥର ଭଲ ଧାନ ଅମଳ ହୋଇଥିଲେ ସୁଦ୍ଧା ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ ସହିତ ସମସ୍ତ ଚାଷୀଙ୍କୁ ତୁରନ୍ତ ଟୋକନ ପ୍ରଦାନ କରା ନ ଗଲେ ମଣ୍ଡିକୁ ଧାନ ଆସିବାରେ ବିଳମ୍ବିତ ହେବ ଏବଂ କ୍ଷେତ, ଖଳାରେ ପଡ଼ି ନଷ୍ଟ ହେବା ଆଶଙ୍କା ରହିଛି। ବର୍ତ୍ତମାନ ଲକ୍‌ଡାଉନ କଟକଣା ଚାଲିଥିବାବେଳେ ଟୋକନ ଅବଧିକୁ ବୃଦ୍ଧି କରିବା ବଦଳରେ ଏହାକୁ ମାସକରୁ ୧୫ଦିନକୁ ଖସାଇ ଦେବା ଧାନ ସଂଗ୍ରହ ପ୍ରକ୍ରିୟାରେ ଆଉ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି । ଲକ୍‌ଡାଉନ, ଶଟ୍ ଡାଉନ କଟକଣା ଯୋଗୁ ଏଥର କୃଷି ଶ୍ରମିକଙ୍କ ଅଭାବ ପରିଲକ୍ଷିତ ହୋଇଛି। ସେହିପରି ଜିଲାରେ ସେତେମାତ୍ରାରେ ହାର୍ଭେଷ୍ଟର ମେଶିନ ମଧ୍ୟ ନାହିଁ। ଫଳରେ ଧାନ ଅମଳରେ ତାହା ବାଧକ ସାଜିଛି ଏବଂ ଅମଳ କାର୍ଯ୍ୟ ଯେଭଳି ଜୋର୍ ଧରିବା କଥା, ତାହା ଏଥର ହୋଇନାହିଁ। ଏଭଳି ସ୍ଥିତିରେ ଟୋକନ ଅବଧିକୁ ବୃଦ୍ଧି କରିବାକୁ ଦାବି ହୋଇଛି। ବରଗଡ଼ ବ୍ଲକ ଗାଇସିମା ଗ୍ରାମର ଚାଷୀ ନିରଞ୍ଜନ ପ୍ରଧାନ କହିଛନ୍ତି, କିଛି ଚାଷୀଙ୍କୁ ଟୋକନ ମିଳିଛି। ମାତ୍ର ସେମାନଙ୍କ ଧାନ ଅମଳ ହୋଇପାରିନାହିଁ। କୃଷି ଶ୍ରମିକ ଅଭାବ, ବର୍ଷା ଯୋଗୁ ଧାନ ଅମଳ ପ୍ରଭାବିତ ହେଉଛି। ଏଭଳି କ୍ଷେତ୍ରରେ ଟୋକନ ଅବଧି ସରିଯିବା ସହିତ ଧାନବିକ୍ରିରୁ ଚାଷୀ ବଞ୍ଚିତ ହେବା ଆଶଙ୍କା ରହିଥିବା ସେ କହିଛନ୍ତି। ବରଗଡ଼ ଆରଏମ୍‌ସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ କହିଛନ୍ତି, ଧାନକୁ ସୁରକ୍ଷିତ ରଖିବା ପାଇଁ ମଣ୍ଡି ଗୁଡ଼ିକରେ ପର୍ଯ୍ୟାପ୍ତ ଗୋଦାମ ରହିଛି। ଅସ୍ଥାୟୀ କେନ୍ଦ୍ର ଗୁଡ଼ିକରେ ତାରପୋଲିନ ବ୍ୟବସ୍ଥା ମଧ୍ୟ କରାଯାଇଛି।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଯୁବତୀଙ୍କ ମୃତ୍ୟୁ

**ନୂଆପଡ଼ା ଅଫିସ,୧୧।୫:** ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନୂଆପଡା ଜିଲା କୋମନା ବ୍ଲକ ତରବୋଡ ଗାଁର ଯୁବତୀ ରୁକ୍ମଣୀ ସୁନାନୀ (୨୪)ଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ସକାଳ ୭ଟା ସମୟରେ ଗାଧୋଇବା ପରେ ଓଦା କପଡା ଶୁଖାଇବା ପାଇଁ ରୁକ୍ମଣୀ ଘର ଅଗଣାକୁ ଯାଇଥିଲେ । ଓଦା କପଡା ଶୁଖାଉଥିବା ବେଳେ ତା ଆଗ ପଟେ ଗୃହରେ ଲାଗିଥିବା ବିଦ୍ୟୁତ୍ ତାର ଛିଣ୍ଡି ରହିଥିଲା। ଓଦା କପଡା ସେହି ତାର ସଂସ୍ପର୍ଶରେ ଆସିବାରୁ ରୁକ୍ମଣୀ ଗୁରୁତର ଆହତ ହୋଇ ଅଚେତ ଅବସ୍ଥାରେ ପଡି ରହିଥିଲେ। ପରିବାର ଲୋକେ ଦେଖି ତାଙ୍କୁ ଉଦ୍ଧାର କରି ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୂଆପଡା ସଦାର ଥାନା ଅଧିକାରୀ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ଶବ ବ୍ୟବଚ୍ଛେଦ କରିବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

### ବୋଲେରୋ ଓଲଟି ଜଣେ ମୃତ, ୫ ଆହତ

**କେସିଙ୍ଗା, ୧୧।୫ (ଡି.ଏନ.ଏ.):** ମଙ୍ଗଳବାର ଅପରାହ୍ନ ୪ଟାରେ କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅଧୀନ ଅମାଠ ନିକଟରେ ଏକ ବୋଲେରୋ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫ଜଣ ଆହତ ହୋଇଥିବା ଜଣାପଡିଛି। ମୃତକ ହେଲେ ହସନ ଶେଖ (୩୫)। ଗୁରୁତର ଆହତ ୫ଜଣଙ୍କୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦୁଇ ଜଣଙ୍କ ଅବସ୍ଥା ଅତିସଙ୍କଟାପନ୍ନ ଥିବାରୁ ତାଙ୍କୁ ଭବାନୀପାଟଣାକୁ ସ୍ଥାନାନ୍ତରିତ କରାଯାଇଛି। ପଶ୍ଚିମବଙ୍ଗରୁ ୬ଜଣ କେନ୍ଦୁପତ୍ର ବ୍ୟବସାୟ ପାଇଁ କୋରାପୁଟ ଓ ଜୟପୁରକୁ ଯାଇଥିଲେ। କୋରାପୁଟରୁ କାମ ସାରି ବୋଲେରୋ (ନଂ.ଓଡି୧୦ଏଚ- ୭୯୧୬)ରେ କେସିଙ୍ଗା ସହର ଦେଇ ପଶ୍ଚିମବଙ୍ଗକୁ ଫେରୁଥିଲେ। ଏହି ସମୟରେ ଅମାଠ ଗ୍ରାମ ନିକଟରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ୨୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ହଠାତ ଓଲଟି ପଡ଼ିବାରୁ ଘଟଣାସ୍ଥଳରେ ହସନଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଆହତ ୫ଜଣଙ୍କୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଗ୍ରାମବାସୀଙ୍କଠାରୁ ଖବର ପାଇ କେସିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

### ଶିକ୍ଷକଙ୍କୁ କୋଭିଡ୍ ଯୋଦ୍ଧା ମାନ୍ୟତା ପାଇଁ ବିଧାୟକଙ୍କ ଚିଠି

**ଖଡିଆଳ, ୧୧।୫ (ଡି.ଏନ.ଏ.):** ଶିକ୍ଷକଙ୍କୁ କୋଭିଡ୍ ଯୋଦ୍ଧା ଘୋଷଣା ଏବଂ ଆବଶ୍ୟକ ସାମଗ୍ରୀ ଯୋଗାଣ କରି କୋଭିଡ୍ ଦାୟିତ୍ୱ ପ୍ରଦାନ କରିବାକୁ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ପତ୍ର ଲେଖି ଜଣାଇଛନ୍ତି। ଶିକ୍ଷକମାନେ ଦେଶ ଏବଂ ରାଜ୍ୟର ଉତ୍ତମ ନାଗରିକ ସୃଷ୍ଟି କରିବାର ବିନ୍ଧାଣୀ ଅଟନ୍ତି। ତେଣୁ ତାଙ୍କୁ କୋଭିଡ୍ ଦାୟିତ୍ୱରେ ସାମିଲ କରିବା ପୂର୍ବରୁ ଆବଶ୍ୟକ ଘୋଷଣା ଏବଂ ସାମଗ୍ରୀ ପ୍ରଦାନ କରିବାକୁ ବିଧାୟକ ଅନୁରୋଧ କରିଛନ୍ତି।

### ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସାନିଟାଇଜ

**ବାଉଁଶୁଣୀ,୧୧।୫ (ଡି.ଏନ.ଏ.):** ବୌଦ୍ଧ ବ୍ଲକ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତ୍ୟେକ ଦିନ ରୋଗୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏଭଳି ସ୍ଥିତିରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଆଗୁଆ ପଦକ୍ଷେପ ସ୍ୱରୂପ ବାଉଁଶୁଣୀ ଦମକଳ କେନ୍ଦ୍ର ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରିସରକୁ ବିଶୋଧନ କରାଯାଉଛି ।

## ଖଳାରେ ଭିଜିଲା ଅମଳ ଧାନ

**ନର୍ଲା, ୧୧।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ଅଞ୍ଚଳ ବିଭିନ୍ନ ଗାଁରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ କାଳବୈଶାଖି ବର୍ଷା ଏବଂ ପବନ ହୋଇଥିଲା। ଚାଷୀମାନେ ଖାରଟିଆ ଚାଷ ଅମଳ କରି ଖଳାରେ ରଖିଥିବା ବେଳେ ବର୍ଷାରେ ଭିଜି ଯାଇଛି। ଚାଷୀମାନଙ୍କ ବିଶେଷ ଭାବେ କ୍ଷତି ହୋଇଛି। ପବନ ଯୋଗୁ ବିଦ୍ୟୁତ ସେବା ବନ୍ଦ ହୋଇଥିଲା। ପ୍ରକାଶ ଯେ, ଗତ କିଛି କେତେ ଦିନ ହେବ ନର୍ଲା ଅଞ୍ଚଳରେ ସନ୍ଧ୍ୟା ସମୟରେ କାଳବୈଶାଖି ବର୍ଷା ଓ ପବନ ହେବାରୁ ୮ରୁ ୧୦ ଘଣ୍ଟା ବିଦ୍ୟୁତ୍ ସେବାରୁ ଲୋକେ ବଞ୍ଚିତ ହେଉଛନ୍ତି ।

## ଛିଣ୍ଡିଲା ତାର, ବିଦ୍ୟୁତ ସରବରାହ ବ୍ୟାହତ

**ଅତାବିରା, ୧୧।୫ (ଡି.ଏନ.ଏ)**

ବରଗଡ ଜିଲା ଅତାବିରା ଓ ଭେଡେନ ବ୍ଲକ ଅଞ୍ଚଳରେ ମଙ୍ଗଳବାର ସକାଳ ୧୦ଟାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ କାଳବୈଶାଖି ଜନିତ ପ୍ରବଳ ବର୍ଷା ହୋଇଛି। ଝଡବତାସରେ ତାର ଛିଣ୍ଡିଯିବାରୁ ବିଦ୍ୟୁତ ସରବରାହ ବନ୍ଦ ରହିଛି। ଫଳରେ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ହଠାତ ବର୍ଷା ହେବାରୁ ମଣ୍ଡି ଗୁଡିକରେ ଥିବା ଧାନ ଭିଜିଯାଇଛି। ସେହିପରି ଚାଷୀମାନେ ଅମଳ କରି ଖଳା, ରାସ୍ତାରେ ଶୁଖାଇଥିବା ଧାନ ମଧ ଭିଜି ନଷ୍ଟ ହୋଇଛି। ତେବେ କାଳବୈଖାଖି ବର୍ଷା ଯୋଗୁ ଲୋକେ ତାତିରୁ ନିସ୍ତାର ପାଇଛନ୍ତି। ଅତାବିରା ଏନଏସି, ବ୍ଲକ ଅଞ୍ଚଳରେ ଡ୍ରେନ ଗୁଡିକ ସଫେଇ କରାଯାଇ ନ ଥିବାରୁ ଡ୍ରେନ ପାଣି ଘର ଭିତରକୁ ପଶିଯାଇଛି ।

## କ୍ଷେତରେ ଲୋଟିଲା ଧାନ ଫସଲ

**ସୋନପୁର,୧୧।୫(ନି.ପ୍ର.)**

**କ୍ଷୟକ୍ଷତି ରିପୋର୍ଟ ମଗାଯାଇଛି: ଜିଲା ମୁଖ୍ୟ କୃଷି ଅଧିକାରୀ**

ସୁବର୍ଣ୍ଣପୁର ଜିଲାରେ ରବିଧାନ ଅମଳ କେତେକ ସ୍ଥାନରେ ଆରମ୍ଭ ହୋଇଗଲାଣି। ଆସନ୍ତା ୧୭ତାରିଖରୁ ମଣ୍ଡିରେ ଧାନ ସଂଗ୍ରହ ଆରମ୍ଭ ହେବ। ଏଭଳି ସ୍ଥିତିରେ ମଙ୍ଗଳବାର ପୂର୍ବାହ୍ନରେ ଝଡ ବର୍ଷା ଯୋଗୁ ଚାଷୀଙ୍କ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଛି। ବିଭିନ୍ନ ସ୍ଥାନରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଛି। ବିନିକା-ରାମପୁର ରାସ୍ତାର ସିଂଘିଯୁବା ନିକଟରେ ଗଛ ଭାଙ୍ଗି ରାସ୍ତାରେ ପଡିଛି। ଅନ୍ୟପକ୍ଷେ ଦୀର୍ଘ ଦୁଇଘଣ୍ଟା ଧରି ବର୍ଷା ଓ ପବନ ଲାଗି ରହିବାରୁ ଜିଲାର ବିଭିନ୍ନ ସ୍ଥାନରେ ଚାଷୀଙ୍କ ଧାନ ଭିଜି ଯାଇଛି। ମଣ୍ଡିକୁ ନେବା ପୂର୍ବରୁ ଧାନଓଦା ହୋଇଯିବା ଚାଷୀଙ୍କୁ ଚିନ୍ତାରେ ପକାଇଛି। ତେବେ କମ୍ ସଂଖ୍ୟକ ଚାଷୀ ଧାନ ଅମଳ କରିଥିବା ବେଳେ ଅଧିକାଂଶ ଚାଷୀ କ୍ଷେତରୁ ଧାନ ଅମଳ କରିନାହାନ୍ତି। ଧାନ ଗଛ ବର୍ଷାମାଡରେ ତଳେ ପଡି ଯାଇଥିବା ଦେଖିବାକୁ ମିଳିଛି। ଆଗକୁ ଖରା ନ ହେଲେ ଓ ଝଡବର୍ଷା ଲାଗି ରହିଲେ ଚାଷୀ ଅଧିକ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି।

ଏହି ଜିଲାରେ ୬୧ହଜାର ୩୪୪ ହେକ୍ଟର ଜମିରେ ରବି ଚାଷ କରାଯିବାକୁ ଲକ୍ଷ୍ୟ ଥିଲା। ତନ୍ମଧ୍ୟରୁ ୨୭ ହଜାର ୯୦୦ ହେକ୍ଟର ଜମିରେ ଧାନ ଚାଷ, ୧୧ହଜାର ହେକ୍ଟର ଜମିରେ ପନିପରିବା ଏବଂ ବାକି ଜମିରେ ଡାଲି ଜାତୀୟ ଓ ଅନ୍ୟାନ୍ୟ ଚାଷ ହୋଇଛି। ଅମଳ ସମୟରେ ମଙ୍ଗଳବାର ଝଡ ବର୍ଷା ଯୋଗୁ ଚାଷ ପ୍ରଭାବିତ ହୋଇଛି। ବିଶେଷ କରି ପବନ ଯୋଗୁଁ ଚାଷୀ ଅଧିକ କ୍ଷତି ସହିଛନ୍ତି। ହୀରାକୁଦ କମାଣ୍ଡ ଏରିଆରେ ଥିବା ବିନିକା ଓ ଡୁଙ୍ଗୁରିପାଲି ବ୍ଲକରେ ଧାନ ଅମଳ ଆରମ୍ଭ ହୋଇଯାଇଛି। ବୀରମହାରାଜପୁର, ଉଲୁଣ୍ଡା, ତରଭା ଓ ସୋନପୁର ବ୍ଲକ ଅଞ୍ଚଳରେ ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ବହୁ ଚାଷୀ ଧାନ ଚାଷ କରିଛନ୍ତି। ଧାନ ସବୁ ପାଚି ଅମଳଯୋଗ୍ୟ ହେଲାଣି। କିନ୍ତୁ ଧାନ ଗଛଗୁଡିକ ତଳେ ପଡିଯିବା ଯୋଗୁଁ ଅମଳ କମିବ। ସେହିପରି ପାଚିଲା ଧାନ ଓଦା ହୋଇଥିବାରୁ ବିକ୍ରି ସମୟରେ ଚାଷୀ କଟ୍‌ନି ଛଟ୍‌ନିର ଶିକାର ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ଝଡବର୍ଷାଜନିତ କ୍ଷୟକ୍ଷତି ରିପୋର୍ଟ ସମସ୍ତ ୬ଟି ବ୍ଲକକୁ ମଗାଯାଇଛି। ଏହି ରିପୋର୍ଟ ତାଙ୍କର ହସ୍ତଗତ ହୋଇନାହିଁ। ଜିଲାରେ ମାତ୍ର ୫% ଜମିରୁ ରବି ଧାନ ଅମଳ ହୋଇଥିବାରୁ ବିଶେଷ କ୍ଷତି ହୋଇ ନ ଥିବା ପଟ୍ଟନାୟକ କହିଛନ୍ତି।

## ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୫ ଅମ୍ଳଜାନ ସିଲିଣ୍ଡର


୨୫ ଅମ୍ଳଜାନ ସିଲିଣ୍ଡର ପ୍ରଦାନ କରାଯାଉଛି।

**ନୂଆପଡ଼ା ଅଫିସ,୧୧।୫**

ନୂଆପଡା ଜିଲା ସିନାପାଲି ବ୍ଲକ ଅଞ୍ଚଳବାସୀଙ୍କ ପକ୍ଷରୁ ୨୫ଟି ଅମ୍ଳଜାନ ସିଲିଣ୍ଡର ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଦାନ କରାଯାଇଛି। ସିନାପାଲି ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ତଥା ସାମାଜିକ କର୍ମୀମାନେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜିଲା ପରିଷଦ ପ୍ରିୟରଞ୍ଜନ ମେହେରଙ୍କ ସଭାପତିତ୍ୱରେ ଜିଲାପାଳ ସ୍ୱାଧାଦେବ ସିଂଙ୍କ ମାଧ୍ୟମରେ ୨୫ଟି ଅମ୍ଳଜାନ ସିଲିଣ୍ଡର ପ୍ରଦାନ କରାଯାଇଛି। ସିନାପାଲି ବନାଞ୍ଚଳ ଅଧିକାରୀ ବିମଳ ପ୍ରକାଶ ଟୋକନା, ସିନାପାଲି ବ୍ଲକ କୃଷି ଅଧିକାରୀ ସୁଧାଂଶୁ ମେହେର, ଜିଲା ସାମ୍ବାଦିକ ସଂଘ ଉପସଭାପତି ଅଜିତ କୁମାର ଯୋଷୀ, ସ୍ୱର ସଂଗମ କଳାପରିଷଦ, ହନୁମାନ କ୍ଲବ, ସାମାଜିକ କର୍ମୀ ପ୍ରଦୀପ ଜୈନ, ସିନାପାଲି ସରପଞ୍ଚ ସୀତାରାମ ମେହେର, ଲମ୍ବୋଦର ମେହେର, ବ୍ୟାବସାୟୀ ଲିଲୁ ଅଗ୍ରୱାଲ, ମଖାପଦର ସରପଞ୍ଚ ବଳଦେବ ମଝି ପ୍ରମୁଖ ପ୍ରଦାନ କରିଛନ୍ତି। ଏହି ବଦାନ୍ୟ ବ୍ୟକ୍ତିମାନେ ସହଯୋଗର ହାତ ବଢାଇଥିବାରୁ ସିନାପାଲି ଅଞ୍ଚଳବାସୀ ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି। ଜିଲାପାଳ ସିନାପାଲି ଗସ୍ତରେ ଯାଇ ବିଭିନ୍ନ କୋଭିଡ୍ କେୟାର କେନ୍ଦ୍ର ବୁଲି ଆକ୍ରାନ୍ତଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ।

## ଗାଁରୁ ହଟିଲେ ପୋଲିସ ଫୋର୍ସ

**ଜଗନ୍ନାଥ ମନ୍ଦିର ବିବାଦ ଘଟଣା**

**ଅତାବିରା, ୧୧।୫ (ଡି.ଏନ.ଏ)**

ବରଗଡ ଜିଲା ଭେଡେନ ଥାନା ରୁଷୁଡା ଫାଣ୍ଡି ଅଧୀନ ଉଦେପୁର ଜଗନ୍ନାଥ ମନ୍ଦିର ବିବାଦ ଘଟଣାରେ ଗାଁରେ ଶାନ୍ତି ବଜାୟ ରଖିବା ପାଇଁ ଏପ୍ରିଲ ୬ରୁ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ପୋଲିସ ଫୋର୍ସ ଗାଁରେ ଡେରା ପକାଇ ପରିସ୍ଥିତି ଅନୁଧ୍ୟାନ କରୁଥିଲେ । ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ପ୍ରଶାସନ ପୋଲିସ ଫୋର୍ସକୁ ଗାଁରୁ ହଟାଇ ନେଇଛି। ସୂଚନାଯୋଗ୍ୟ, ଉଦେପୁର ଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବା ୪ ଏକର ୭୨ ଡେସିମିଲ ଜମିକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ଏହାପରେ ସମ୍ବଲପୁର ଦେବୋତ୍ତର ବିଭାଗର ଜଣେ ଅଧିକାରୀ ଗାଁକୁ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ନୂତନ ଟ୍ରଷ୍ଟ ଗଠନ କରିଥିଲେ। ମନ୍ଦିର ନାମରେ ଜମି ଥାଇ ମଧ୍ୟ ପୂର୍ବତନ ପୂଜକ ତଥା ଅନ୍ୟମାନେ ଠିକ୍ ଭାବେ ମନ୍ଦିର ରକ୍ଷଣାବେକ୍ଷଣ କରୁ ନ ଥିଲେ। ଫଳରେ ଗ୍ରାମବାସୀ ଜଗନ୍ନାଥ ମନ୍ଦିର ଜମିକୁ ଦଖଲ କରିବା ପରେ ବିବାଦ ଆରମ୍ଭ ହୋଇଥିଲା।

## ବୌଦ୍ଧରେ କାଳବୈଶାଖୀ

**ବାଉଁଶୁଣୀ,୧୧।୫(ଡି.ଏନ.ଏ.)**

ମଙ୍ଗଳବାର ସକାଳ ପ୍ରାୟ ୯ଟା ସମୟରେ ବୌଦ୍ଧ ଜିଲାର ବିଭିନ୍ନ ଅଞ୍ଚଳରେ ଝଡତୋଫାନ ହୋଇଯାଇଛି । ପ୍ରାୟ ଘଣ୍ଟାଏ ଧରି ମୂଷଳ ଧାରାରେ ବର୍ଷା ସାଙ୍ଗକୁ ଜୋରରେ ପବନ ହୋଇଥିଲା। ପବନରେ କେତେକ ସ୍ଥାନରେ ଚାଳ ଘର ଛପର ଉଡି ଯାଇଥିବା ବେଳେ ଗଛ ଡାଳ ଭାଙ୍ଗି ପଡିଛି। ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ରବି ଧାନ ଚାଷ କିଛି ପରିମାଣରେ କ୍ଷତିଗ୍ରସ୍ତ ହୋଇଛି। ଏହାଛଡା ଲକ୍‌ଡାଉନ ଯୋଗୁ ସକାଳେ ଖୋଲିଥିବା ବଜାରରେ ବିକ୍ରି ବଟା ପ୍ରଭାବିତ ହୋଇଛି । ଲୋକେ ପରିବା କିଣିବାକୁ ଯାଇ ବର୍ଷାରେ ଭିଜି ଘରକୁ ଫେରିବା ଦେଖିବାକୁ ମିଳିଥିଲା। ବହୁ ସ୍ଥାନରେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି । ଗତ କିଛି ଦିନ ହେବ ଦିନର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିଲା । ଲୋକେ ପ୍ରଚଣ୍ଡ ଖରାରେ ଆଉଟୁ ପାଉଟୁ ହେଉଥିଲେ । ହେଲେ ଆଜିର ଅଦିନିଆ ବର୍ଷା କିଛିଟା ଆଶ୍ୱସ୍ତି ଆଣି ଦେଇଛି।


ବାଉଁଶୁଣୀରେ ପବନ ସହ ବର୍ଷା ହେଉଛି।

## କୁବୁରିମହୁଲ-ବରଘାଟି ରାସ୍ତାର ଶିଳାନ୍ୟାସ

**ଦେଓଗାଁ,୧୧।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଅନ୍ତର୍ଗତ କୁବୁରିମହୁଲରୁ ବରଘାଟି ରାସ୍ତା ନବୀକରଣର ଭିତ୍ତିପ୍ରସ୍ତର ସ୍ଥାପନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୩କୋଟି ୨୮ଲକ୍ଷ ଟଙ୍କାରେ ୯ କିଲୋମିଟର ଲମ୍ବ ଏହି ରାସ୍ତାର ଉନ୍ନତୀକରଣ ହେବ । ଭିଡିଓ କନଫରେନ୍ସି ଜରିଆରେ ବିଧାୟକ ନରସିଂହ ମିଶ୍ର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକଙ୍କ ଆରଡି ପ୍ରତିନିଧି ରାମଜୀ ଚୌଧୁରୀ, ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, ଜିଲା ସେବାଦଳ ମୁଖ୍ୟ ଅସିତ ମିଶ୍ର, ଶୁଭ୍ରାଂଶୁ ଶେଖର ପଣ୍ଡା, ଠିକାଦାର ବିଷନଲାଲ ଅଗ୍ରୱାଲ, ସୁଶୀଲ କୁମାର ନାଗ ପ୍ରମୁଖ ଉପସ୍ଥିତ ଥିଲେ ।


ବରଘାଟି ରାସ୍ତା ଉନ୍ନତିକରଣର ଭିତ୍ତିପ୍ରସ୍ତର କରାଯାଉଛି।

## ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ

**ଜାମଟିକ୍ରା, ୧୧।୫ (ଡି.ଏନ.ଏ)**

ବରଗଡ ଜିଲା ଅତାବିରା ଏନଏସି ବଜରଙ୍ଗପଡାରେ ବାସ କରନ୍ତି ହାଡୁ ମେହେର (୫୫)। ପରିବାର କହିଲେ ସ୍ତ୍ରୀ ଲକ୍ଷ୍ମୀ (୫୦), ତିନି ଝିଅ ଏବଂ ଏକମାତ୍ର ପୁଅ ନବୀନ (୧୩)। ନବୀନ ଅଷ୍ଟମ ଶ୍ରେଣୀରେ ପଢୁଛନ୍ତି ଏବଂ ସେ ଜଣେ ଦିବ୍ୟାଙ୍ଗ। ୭୫ ଭାଗ ଦିବ୍ୟାଙ୍ଗ ପ୍ରମାଣପତ୍ର ତାଙ୍କର ରହିଛି। ଅତାବିରା ଏନଏସିରେ ଅନେକ ଥର ସେ ଭତ୍ତା ପାଇଁ ଆବେଦନ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ମିଳିନାହିଁ। ଏ ସମ୍ପର୍କରେ ଏନଏସିକୁ ଯୋଗାଯୋଗ କରିବାରୁ ତାଙ୍କ ଫର୍ମ ଜିଲାପାଳ ଅଫିସକୁ ପଠାଯାଇଛି ବୋଲି ଉତ୍ତର ମିଳୁଛି। ଅନ୍ୟପଟେ ହାଡୁ ଜଣେ ଗରିବ। ସେ ଦୀର୍ଘ ୩୦ ବର୍ଷ ହେଲା ଝାରସୁଗୁଡା ଜିଲା ବଇଁଶିମାଳ ଗ୍ରାମରୁ ଅତାବିରାକୁ ଆସି ରହୁଛନ୍ତି ଏବଂ ଅନ୍ୟର ମୂଲ ଲାଗି ପରିବାର ଚଳାଉଛନ୍ତି। ଜମିବାଡି କିଛି ନାହିଁ। ସରକାରୀ ସହାୟତା କହିଲେ କେବଳ ୨୦ କେଜି ଚାଉଳ। ବଡ ଝିଅ ନଳିନୀ ମାଟ୍ରିକ ପାସ୍ କରିଥିଲେ ମଧ୍ୟ ଅର୍ଥାଭାବ ଯୋଗୁ କଲେଜରେ ନାମ ଲେଖାଇ ପାରୁନାହାନ୍ତି। ଘର ଖଣ୍ଡିଏ ନାହିଁ। ଭଙ୍ଗା କୁଡିଆରେ ୬ ପ୍ରାଣୀ କୁଟୁମ୍ବ ମୁଣ୍ଡଗୁଞ୍ଜି ରହୁଛନ୍ତି। ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ଦେଲେ ଭଲ ହୁଅନ୍ତା ବୋଲି ହାଡୁ କହିଛନ୍ତି।


ଭଙ୍ଗା ଘର ଆଗରେ ହାଡୁଙ୍କ ପରିବାର।